

ଇରାନକୁ ଟ୍ରମ୍ପଙ୍କ ପ୍ରଶଂସା

ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 352 ଭାଗ ୩୩ | ସଂଖ୍ୟା ୩୫୨ | Wednesday 18 March 2026 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର ୧୮ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ଗୃହରେ ଏସ୍‌ସିବି ଅଗ୍ନିକାଣ୍ଡ ତାତି

## ବିରୋଧୀଙ୍କ ହଟ୍ଟଗୋଳ, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି / ଚାଲି ପାରିଲାନି ବିଧାନସଭା

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ଏସ୍‌ସିବି ମେଡିକାଲ କଲେଜରେ ଘଟିଥିବା ଅଗ୍ନିକାଣ୍ଡରେ ୧୨ ଜଣଙ୍କ ମୃତ୍ୟୁ ଘଟଣାରେ ଆଜି ବିଧାନସଭା ପ୍ରଥମାର୍ଦ୍ଧ ଅଚଳ କରିଛନ୍ତି ବିରୋଧୀ। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ତୁରନ୍ତ ଇସ୍ତଫା ଓ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ଦାବିରେ ବିରୋଧୀ ଗୃହରେ ପ୍ରବଳ ହଟ୍ଟଗୋଳ ହୋଇଛି। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ପ୍ରଥମାର୍ଦ୍ଧରେ ଗୃହ ମାତ୍ର ୨୨ ମିନିଟ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ କରିଥିଲେ।

ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ହାତରେ ପୋଷ୍ଟର ଧରି ଗୃହର ମଧ୍ୟଭାଗକୁ ଆସିଥିଲେ। କଂଗ୍ରେସ ବିଧାୟକମାନେ ସମାନ ପ୍ରସଙ୍ଗକୁ ନେଇ ଗୃହରେ ନାରାବାଜି କରିଥିଲେ। ଏହି ସମୟରେ ବିଧାୟକ ଅମର ନାୟକଙ୍କ ଏକ ତାରକା ପ୍ରଶ୍ନର ଉତ୍ତର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅନୁପସ୍ଥିତିରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ରଖୁଥିଲେ ହେଁ ବିରୋଧୀଙ୍କ ହୋହାଲ୍ଲା ଯୋଗୁଁ ତା' ଶୁଣାଯାଇ ନଥିଲା। ବିରୋଧୀଙ୍କ ହଟ୍ଟଗୋଳ କାରଣରୁ ଗୃହ ବାରମ୍ବାର ମୁଲତବୀ ହୋଇଥିଲା। ଶୂନ୍ୟକାଳରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗଙ୍କ ଇସ୍ତଫା ଦାବି କରିଥିଲେ। ଏଥିସହ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପାଇଁ ମଧ୍ୟ ଦାବି କରିଥିଲେ। କଂଗ୍ରେସ ମଧ୍ୟ ଅନୁରୂପ କ୍ଷତିପୂରଣ ରାଶି ଦାବି କରିଥିଲା। ବାଚସ୍ପତି ଉଭୟ ଦଳର ସଦସ୍ୟଙ୍କୁ ନିଜ ନିଜ ଆସନକୁ ଫେରିଯିବାକୁ ନିବେଦନ କରିଥିଲେ ହେଁ ସେମାନେ ଶୁଣିନଥିଲେ। ଶୂନ୍ୟକାଳରେ ହଟ୍ଟଗୋଳ ମଧ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ ଏସସିବି ଦୁର୍ଘଟଣା ସଂକ୍ରାନ୍ତରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ ଏହି ଅଗ୍ନି ଦୁର୍ଘଟଣା ଅତି ଦୁଃଖଦାୟକ। ଦୁର୍ଘଟଣା ଘଟିବା ମାତ୍ରେ ଟ୍ରମା କେୟାର ସେଣ୍ଟରର ପ୍ରଥମ ମହଲା ଆଇସିୟୁ ଓ ପାଖାପାଖି ୱାର୍ଡରେ ଥିବା ୨୩ ଜଣ ରୋଗୀଙ୍କୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିଥିଲେ। ସମସ୍ତଙ୍କୁ ଅନ୍ୟ ଆଇସିୟୁ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିଲା। ଟ୍ରମା କେୟାର ସେଣ୍ଟରରେ ଥିବା ୭ ଜଣ ରୋଗୀଙ୍କର ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୱାର୍ଡ ଓ ଆଇସିୟୁକୁ ➪ପୃଷ୍ଠା-୬



### ଆଫଗାନିସ୍ତାନ ହସ୍ପିଟାଲ୍‌କୁ ପାକିସ୍ତାନର ଟାର୍ଗେଟ୍

# ୪୦୦ ମୃତ, ୨୫୦ ଆହତ



କାବୁଲ୍,୧୭।୩(ସଂଚାର ବ୍ୟୁରୋ): ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଗତକାଲି ପାକିସ୍ତାନ ପକ୍ଷରୁ ଏକ ବଡ଼ ଧରଣର ଆକ୍ରମଣ କରାଯାଇଛି। ଏଠାକାର ଏକ ହସ୍ପିଟାଲ୍ ଉପରେ ପାକିସ୍ତାନ ଆକାଶ ମାର୍ଗରୁ ଆକ୍ରମଣ କରିବା ଫଳରେ ପାଖାପାଖି ୪୦୦ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏନେଇ ଆଫଗାନିସ୍ତାନର ତାଲିବାନ୍ ସରକାର ଏପରି ଏକ ଦାବି କରିଥିବା ବେଳେ ପାକିସ୍ତାନ ପକ୍ଷରୁ କିନ୍ତୁ ଏହାକୁ ଅସ୍ୱୀକାର କରାଯାଇଛି। ଆଫଗାନିସ୍ତାନ ସରକାରଙ୍କ ଏପରି ଅଭିଯୋଗକୁ ପାକିସ୍ତାନ ଭିତ୍ତିହୀନ ବୋଲି କହିଛି। ଅନ୍ୟପକ୍ଷରେ ଉକ୍ତ ଆକ୍ରମଣରେ ହସ୍ପିଟାଲର ଏକ ବଡ଼ ଅଂଶ ନଷ୍ଟ ହୋଇଥିବା ତାଲିବାନ୍ ସରକାର ପକ୍ଷରୁ କୁହାଯାଇଛି। ଏଥିସହ ଏହି ଘଟଣାରେ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି। ➪ପୃଷ୍ଠା-୬

### କ୍ରସ ଭୋଟିଂ ପରେ ଆରମ୍ଭ ହେଲା କାର୍ଯ୍ୟାନୁଷ୍ଠାନ

# ୬ ବିଜେଡି ବିଧାୟକଙ୍କୁ ନୋଟିସ୍



ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ଗତକାଲି ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ଓ ବିଜେଡିର ମିଳିତ ପ୍ରାର୍ଥୀ ବିରୋଧରେ କ୍ରସ ଭୋଟିଂ କରିଥିବା ବିଧାୟକଙ୍କ ବିରୋଧରେ ଦଳୀୟ କାର୍ଯ୍ୟାନୁଷ୍ଠାନର ପ୍ରକ୍ରିୟା ଆରମ୍ଭ ହୋଇଛି। କଂଗ୍ରେସ ୩ ଜଣ ବିଧାୟକଙ୍କୁ ଦଳରୁ ନିଲମ୍ବିତ କରିଥିବା ବେଳେ ସେମାନଙ୍କୁ ବହିଷ୍କାର ପାଇଁ ଏଆଇସିସିକୁ ଅନୁରୋଧ କରାଯାଇଛି। ଏଥିସହ ବିଧାନସଭାରେ ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କଠାରେ ଲିଖିତ ଭାବେ ଦାବି କରିଛନ୍ତି ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ। ସେପଟେ ବିଜେଡି ସମ୍ପୂର୍ଣ୍ଣ ଭାବେ ନ୍ୟାୟିକ ବ୍ୟବସ୍ଥା ଭିତରେ ବଡ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଚଳାଇଛି।କ୍ରସ ଭୋଟିଂ କରିଥିବା ନବ କିଶୋର ମଲ୍ଲିକ, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ,

**୩ କଂଗ୍ରେସ ବିଧାୟକ ନିଲମ୍ବିତ**

**ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଦାବି**

ଚକ୍ରମଣି କହଁର, ସୁବାସିନୀ ଜେନା ଓ ରମାକାନ୍ତ ଭୋଇଙ୍କ ବିରୋଧରେ ବଡ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ଆଜି ଦଳର କ୍ରସ ଭୋଟିଂ କରିଥିବା ୬ ଜଣ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ତା'ର ଉତ୍ତର ମାଗିଛି ଦଳ। ଏଥିସହ ଦଳର ଶୃଙ୍ଖଳା ଓ ନିର୍ଦ୍ଦେଶର ଅବମାନନା କରି ସେମାନେ ନିଜ ଆଡୁ ଦଳର ସଦସ୍ୟ ପଦରୁ ଓହରିଯାଇଥିବାରୁ ସେମାନଙ୍କ ବିରୋଧରେ ଆଇନଗତ ଓ ସାମ୍ବିଧାନିକ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯିବ ନାହିଁ, ସେନେଇ ସେମାନଙ୍କଠାରୁ ସ୍ପଷ୍ଟୀକରଣ ମଗାଯାଇଛି। ଆସନ୍ତା ତିନି ଦିନ ମଧ୍ୟରେ ଅର୍ଥାତ ୨୦ ତାରିଖ ସନ୍ଧ୍ୟା ୫ ସୁଦ୍ଧା ସେମାନେ ➪ପୃଷ୍ଠା-୬

### ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା

# ଆକ୍ରମଣାତ୍ମକ ରାଜନୀତି ନୁହେଁ, ଜନହିତ ପାଇଁ ପରିଚିତ



**ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ: ମୁଖ୍ୟମନ୍ତ୍ରୀ**

**କଠିନ ସ୍ଥିତିରେ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ଚାଲୁଥିଲେ: ମନମୋହନ**

**ବିଜେପି ପଞ୍ଚନିଷ୍ଠର ସାଧକ ଓ ଅନ୍ତ୍ୟୋଦୟର ବାହକ ଥିଲେ: ସମୀର**

**ଉନ୍ମୋଚିତ ହେଲା 'ଡାକ୍ତର ବାବୁ' ପୁସ୍ତକର ଓଡ଼ିଆ ଓ ହିନ୍ଦୀ ସଂସ୍କରଣ**

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ଡାକ୍ତର ଦେବେନ୍ଦ୍ର ପ୍ରଧାନ ଓଡ଼ିଶା ବିଜେପିର ଭୀଷ୍ମ ପିତାମହ ଥିଲେ। ସେ କେବଳ ଜଣେ ରାଜନେତା ନଥିଲେ, ବରଂ ଜଣେ ସ୍ପଷ୍ଟବାଦୀ, ସରଳ ଓ ନିରାଡ଼ମ୍ବର ବ୍ୟକ୍ତିତ୍ୱ ଥିଲେ। ଯାହା କହୁଥିଲେ, କରୁଥିଲେ; ମିଛ ପ୍ରତିଶ୍ରୁତି ଦେଉନଥିଲେ। ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ସେ ଚାଲୁଥିବାର ବିରଳ ମଣିଷ ଥିଲେ ବୋଲି ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭାରେ କହିଛନ୍ତି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ।

ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ଥାନୀୟ ଓୟୁଏଟି କ୍ୟାମ୍ପସରେ ଏକ ଭାବପୂର୍ଣ୍ଣ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ଗରିମାମୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ, ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତି ସଭାପତି ସମୀର ମହାନ୍ତି ଉପସ୍ଥିତ ଥିଲେ। ଉତ୍ସବ ପ୍ରାରମ୍ଭରେ ସ୍ୱର୍ଗତ ପ୍ରଧାନଙ୍କ ଜୀବନୀ ଓ ଆଦର୍ଶ ଉପରେ ➪ପୃଷ୍ଠା-୬

### ଏୟାରପୋର୍ଟ ଛକରେ ତୁମୂଳ କାଣ୍ଡ

## ଅଟୋ ସଂଘ ମଧ୍ୟରେ ଉତ୍ତେଜନା

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ଏୟାର ପୋର୍ଟ ଛକରେ ଆଜି ସନ୍ଧ୍ୟାରେ ତୁମୂଳ କାଣ୍ଡ ହୋଇଛି। ଅନଲାଇନ ଓ ଅଫଲାଇନ ଅଟୋ ସେବାକୁ ନେଇ ଦୁଇ ଅଟୋ ସଂଘ ପରସ୍ପର ଉପରେ ଆକ୍ରମଣ କରିଛନ୍ତି। ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ ନିକଟରେ ଏକ ଅନଲାଇନ ଅଟୋ ଷ୍ଟାଣ୍ଡ କରିବା ନେଇ ଏହି ବିବାଦ ସୃଷ୍ଟି ହୋଇଥିଲା। ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତୀ ନିକଟରେ ଏହି ଅଟୋ ଷ୍ଟାଣ୍ଡକୁ ବିମାନ ବନ୍ଦରର ଅନଲାଇନ ଅଟୋ ସଂଘ ବିରୋଧ କରିଥିବା ଜଣାପଡ଼ିଛି। ଏହାକୁ ନେଇ ପ୍ରଥମେ କଥା କଟାକଟି ଓ ପରେ ଦୁଇ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିଥିଲେ। ସୂଚନା ପାଇ ପୁଲିସର ଏକାଧିକ ପାଟ୍ରୋଲିଂ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ଗଣ୍ଡଗୋଳରେ ସମ୍ପୃକ୍ତ ଉଭୟ ପକ୍ଷର ଏକାଧିକ ଅଟୋ ଚାଳକଙ୍କୁ ପୁଲିସ ଅଟକ ରଖିଥିବା ବେଳେ ଦୁଇ ପକ୍ଷର ଅନ୍ୟମାନେ ଫେରାର୍ ହୋଇଯାଇଛନ୍ତି। ଏଥିସହ ପୁଲିସ କିଛି ସମୟ ପାଇଁ ଏୟାରପୋର୍ଟ ଛକରେ ମାର୍ଚ୍ଚଫାଷ୍ଟ କରିଥିଲା।



### ୧୪୫ତମ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି ବୈଠକ

# ଆଉ ୨୩ ଶିଳ୍ପକୁ ମଞ୍ଜୁରୀ

**୪୫୧୦ କୋଟି ନିବେଶ ଲକ୍ଷ୍ୟ**



**ସୃଷ୍ଟି ହେବ ୧୦,୧୨୨ ନିଯୁକ୍ତି ସୁଯୋଗ**

**ପୂର୍ବୋଦୟ ମିଶନର ଗ୍ରୋଥ ଇଞ୍ଜିନ ହେବ ଓଡ଼ିଶା**

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ପୂର୍ବୋଦୟ ମିଶନରେ ଓଡ଼ିଶାକୁ ପୂର୍ବ ଭାରତର ଗ୍ରୋଥ ଇଞ୍ଜିନ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୫ତମ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ୨୩ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏହିସବୁ ପ୍ରକଳ୍ପରେ ୪୫୧୦ କୋଟି ୬୫ ଲକ୍ଷ ଟଙ୍କାର ନିବେଶ ହେବା ସହ ୧୦ ହଜାର ୧୨୨ ଜଣ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଏହିସବୁ ପ୍ରକଳ୍ପ ରାଜ୍ୟର ଅର୍ଥନୈତିକ ବିକାଶରେ ସହଯୋଗ କରିବା ସହ ଦେଶର ପ୍ରମୁଖ ଶିଳ୍ପ ଡେଷ୍ଟିନେସନ୍ ଭାବେ ରାଜ୍ୟକୁ ପ୍ରତିଷ୍ଠିତ କରିବ ବୋଲି ସରକାର ଆଶା ରଖିଛନ୍ତି। ନିଯୁକ୍ତିଭିତ୍ତିକ ଶିଳ୍ପ ସାଙ୍ଗକୁ ରାଜ୍ୟର ସବୁ ଅଞ୍ଚଳରେ ସମାନ୍ତରାଳ ଭାବେ ଶିଳ୍ପର ବିକାଶକୁ ଫୋକସରେ ରଖି ଏହିସବୁ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଆଜି ମଞ୍ଜୁରୀପ୍ରାପ୍ତ ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ରସାୟନ, ପୋଷାକ, ବୟନ, ଔଷଧ, ମେଡିକାଲ ଉପକରଣ, ଉତ୍ପାଦନ, ବୈଦ୍ୟୁତିକ ଉପକରଣ ଏବଂ ଆଲୁମିନିୟମ ଓ ଧାତବ୍ୟ ଆନୁଷଙ୍ଗିକ ଶିଳ୍ପ। ଏହି ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ବଲାଙ୍ଗୀର, କଟକ, ଜଗତସିଂହପୁର, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଆଦି ୧୧ଟି ଜିଲ୍ଲାରେ ପ୍ରତିଷ୍ଠା ହେବ।


ପ୍ରଥମ ଥର ପାଇଁ ସେଞ୍ଚୁରୀ ପ୍ଲାଏଉଡ୍ ପକ୍ଷରୁ କୋରାପୁଟରେ ୮୭୦ କୋଟି ୮୨ ଲକ୍ଷର ପୁଞ୍ଜି ନିବେଶରେ ଏକ କାଠ ସାମଗ୍ରୀ ଉତ୍ପାଦନ କାରଖାନା ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ଦକ୍ଷିଣ ଓଡ଼ିଶାରେ ହଜାରେରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରସାୟନ କ୍ଷେତ୍ରରେ ପିଡିଲାଇଟ ପକ୍ଷରୁ ମଧ୍ୟ ବାଲେଶ୍ୱରରେ ➪ପୃଷ୍ଠା-୬

### ବିଜୁ-ନବୀନ ଇନସ୍ପିରେସନାଲ ଟ୍ରଷ୍ଟ ବିବାଦ

# ସେବା ପାଇଁ ନବୀନଙ୍କ ମାନସ ସନ୍ତାନ

**ନିଜ ଆକାଉଣ୍ଟରୁ ଲକ୍ଷେ ଦେଇ ପଞ୍ଜିକରଣ ସୂଚନା**

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ରାଜ୍ୟସଭା କ୍ରସ ଭୋଟିଂ ସହ ଏବେ ରାଜ୍ୟ ରାଜନୀତିରେ ଆଉ ଏକ ଘଟଣାକୁ ନେଇ ଚହଳ ସୃଷ୍ଟି ହୋଇଛି। ବିଜୁ-ନବୀନ ଇନସ୍ପିରେସନାଲ ଫାଉଣ୍ଡେସନର ଗଠନ ଓ ଏହାର ଉଦ୍ଦେଶ୍ୟକୁ ନେଇ କିଛି ପୂର୍ବତନ ବିଜେଡି ନେତା ମିଡିଆରେ ହଇଚଇ କରୁଛନ୍ତି। ଏହି ଫାଉଣ୍ଡେସନକୁ ନେଇ ତିଳକୁ ତାଳ କରାଯାଉଛି ବୋଲି ବିଜେଡିର ➪ପୃଷ୍ଠା-୬



Print Date :- 08-May-2025 Proofing Number : 2025/11/3743
Type Of Deed Trust - 64

| | Party Name and Address | Party Type | Photo | FingerPrint | Signature |
|---|---|---|---|---|---|
| 1 | NAVEEN PATNAIK BIJU NAVEEN INSPIRATIONAL FOUNDATION , , , Delhi, - ,Pan No: ,Age | AUTH | | | |
| 2 | V. KARTHIKEYA PANDIAN BIJU NAVEEN INSPIRATIONAL FOUNDATION , , , Delhi, - ,Pan No: ,Age | TRU | | | V.K.Pandian |
| 3 | ASHOK KUMAR PARIJA BIJU NAVEEN INSPIRATIONAL FOUNDATION , , , Delhi, - ,Pan No: ,Age | TRU | | | |
| 4 | DR. SANTRUPT MISRA BIJU NAVEEN INSPIRATIONAL FOUNDATIO , , , Delhi, - ,Pan No: ,Age | TRU | | | |

The Executants Have Admitted The Execution
Stamp No. 3 at On Dated 08-May-2025 11:56:29 am


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

NURSING PROGRAMMES
- B.Sc. (Nursing) (Basic)
- B.Sc. (Nursing) (Post Basic)
- M.Sc. (Nursing)

APPROVAL & RECOGNITIONS
- Approved by UGC, ONMRC and INC
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 15th Best in University Category
- 15th Best in Medical Category
- 09th Best in Dental Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


### କ୍ରସ୍ ଭୋଟିଂରେ କଂଗ୍ରେସ ସର୍ବାଧିକ କ୍ଷତିଗ୍ରସ୍ତ

# ବ୍ୟାରିକେଡ୍ ଭାଙ୍ଗୁଥିବା ଦଳ ଏବେ ବିଜେଡିର ବି' ଟିମ୍

**ବିଧାନସଭାରେ ସଂଖ୍ୟା କମିଲା, ରାଜରାସ୍ତାରେ କମିବ ଜୋଶ୍**

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ରାଜ୍ୟସଭା କ୍ରସ ଭୋଟିଂରେ ଯଦି କିଏ ସବୁଠାରୁ କ୍ଷତିଗ୍ରସ୍ତ ବୋଲି ପ୍ରଶ୍ନ କରାଯିବ, ତା'ହେଲେ ତାହାର ଧାଡ଼ିକିଆ ଉତ୍ତର ହେବ କଂଗ୍ରେସ। କାରଣ ୨୦୨୪ ନିର୍ବାଚନ ଓ ନୂଆପଡ଼ା ଉପନିର୍ବାଚନ ପରେ କଂଗ୍ରେସ ଯେଉଁ ବଳ ନେଇ ଆଗକୁ ବଢୁଥିଲା ବିଜେଡି ସହ ମେଣ୍ଟ କରି ଦଳ ତାକୁ ପାଣିରେ ପକାଇଦେଲା। ଦଳର ଦୁଇ ଚେହେରା ସୋଫିଆ ଫିର୍ଦ୍ଦୋସ ଓ ରମେଶ ଜେନାଙ୍କ ନିଲମ୍ବନ ପରେ କଂଗ୍ରେସ ଏକପ୍ରକାର ନିର୍ବାଚନର ପୂର୍ବାବସ୍ଥାକୁ ଫେରିଥିବା ନେଇ ଆଲୋଚନା ହେଉଛି। ଏଥିସହ ଓଡ଼ିଶା କଂଗ୍ରେସ ନିଜକୁ ବିଜେଡିର ବି' ଟିମ୍ ବୋଲି ନୂଆ ପରିଚୟ ସୃଷ୍ଟି କଲା। ଏହାଦ୍ୱାରା କଂଗ୍ରେସ ଦୁଇ ବର୍ଷରେ ଯେତିକି ଚର୍ଚ୍ଚାକୁ ଆସି ନ ଥିଲା, ଏବେ ତା'ଠାରୁ ଅଧିକ ନିନ୍ଦିତ ହେଉଛି। ଆଜି ବିଧାନସଭାରେ ମଧ୍ୟ ଏସସିବିରେ ଅଗ୍ନିକାଣ୍ଡ ଘଟଣାକୁ ନେଇ ବିଜେଡି ସହ ହାତ ମିଳାଇ କଂଗ୍ରେସ ନିଜର ଅସ୍ତିତ୍ୱ ହରାଇଦେଉଛି। ମୁଖ୍ୟ ବିରୋଧୀ ଦଳ ଭାବେ ବିଜେଡି ଆଗରେ ରହୁଥିଲା ବେଳେ କଂଗ୍ରେସ ଶଙ୍ଖର ଲାଙ୍ଗୁଡ଼ ହୋଇଯିବ ବୋଲି ଚର୍ଚ୍ଚା ହେଉଛି।



୨୦୨୪ ନିର୍ବାଚନ ପରେ ଦଳ ଆଶାଠାରୁ ଅଧିକ ଆସନ ପାଇଥିଲା। ଦଳର ୧୪ ଜଣ ବିଧାୟକ ବିଧାନସଭାକୁ ଆସିଥିଲେ। ଏମାନଙ୍କ ମଧ୍ୟରେ ଥିଲେ କଟକରୁ ଯୁବନେତ୍ରୀ ସୋଫିଆ ଫିର୍ଦ୍ଦୋସ ଓ ଗଞ୍ଜାମରୁ ରମେଶ ଜେନା। ତେବେ ଏହି ଦୁଇ ନେତାଙ୍କ ସହ ଅଭିଜ୍ଞ ➪ପୃଷ୍ଠା-୬

## ଜମ୍ମୁ-କାଶ୍ମୀରରେ ଓଡ଼ିଆ ବୋହୂଙ୍କୁ ହତ୍ୟା ଅଭିଯୋଗ

**ରାଜନଗର,୧୭।୩ (ସଂଚାର ବ୍ୟୁରୋ):** ଜମ୍ମୁ-କାଶ୍ମୀରରେ ଓଡ଼ିଆ ବୋହୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି | ସ୍ୱାମୀ, ନଣଦ, ଭିଣୋଇ ମିଳିମିଶି ହତ୍ୟା କରିଥିବା ନେଇ ମୃତ ଝିଅର ବାପା ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ମହାକାଳପଡା ଥାନା ଅନ୍ତର୍ଗତ ବସୁଆପଲ୍ଲୀ ଗାଁର ରାଧାଶ୍ୟାମ ସାହୁଙ୍କ ଝିଅ ସ୍ୱର୍ଣ୍ଣଲତା ସାହୁ (୨୫ ବର୍ଷ) ୫ ବର୍ଷ ତଳେ ରାଜନଗର ଥାନା ଅନ୍ତର୍ଗତ ଚକିବାଙ୍କ ଗାଁର ନିରଞ୍ଜନ ରାଉତଙ୍କ ପୁଅ ମିଥୁନ କୁମାର ରାଉତଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଅଳଙ୍କାର, ଆସବାସପତ୍ର ଓ ନଗଦ ଟଙ୍କା ଦିଆଯାଇଥିଲା। ତାଙ୍କର ୪ ବର୍ଷର ଗୋଟିଏ ଝିଅ ଅଛି। ମିଥୁନ ଜମ୍ମୁ କାଶ୍ମୀରରେ ପାଣି ପାଇପ ଠିକାଦାର ଭାବେ ସେଠାରେ କାମ କରନ୍ତି। ଜ୍ୱାଇଁ, ଝିଅ, ନତୁଣୀଙ୍କ ସହିତ ଜ୍ୱାଇଁଙ୍କ ଭଉଣୀ ଓ ଭିଣୋଇ ସେଠାରେ ସାଙ୍ଗ ହୋଇରୁହନ୍ତି। ସେଠାରେ ସେମାନେ ମିଳିମିଶି ତାଙ୍କ ଝିଅଙ୍କୁ ଅଧିକ ଯୌତୁକ ଦାବି କରି ନିର୍ଯ୍ୟାତନା ଦେଇଥାନ୍ତି। ୧୬ ତାରିଖ ଦିନ ସକାଳେ ଜମ୍ମୁ କାଶ୍ମୀର ପୁଲିସ ତାଙ୍କୁ ଫୋନ କରି ଝିଅ ମରିଯାଇଥିବା ସୂଚନା ଦେଇଥିଲେ। ସ୍ୱାମୀ, ନଣଦ, ଭିଣୋଇ ମିଳିମିଶି ତାଙ୍କ ଝିଅକୁ ହତ୍ୟା କରିଛନ୍ତି ବୋଲି ଆଜି ରାଜନଗର ଥାନାରେ ରାଧାଶ୍ୟାମ ସାହୁ ସୂଚନା ଦେଇଛନ୍ତି। ଘଟଣା ଜମ୍ମୁ କାଶ୍ମୀରରେ ଘଟିଥିବାରୁ ପୁଲିସ ଅଭିଯୋଗ ରଖିଥିଲେ ମଧ୍ୟ ମାମଲା ରୁଜୁ କରିନାହିଁ।

## ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ, ଗ୍ୟାସ ସିଲିଣ୍ଡର ଜବତ



**କେନ୍ଦ୍ରାପଡ଼ା,୧୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାରେ ଚଢାଉ କରି ବେଆଇନ ଭାବେ ରଖିଥିବା ଗ୍ୟାସ ସିଲିଣ୍ଡରକୁ ଜବତ କରିବା ସହିତ ଜରିମାନା ଆଦାୟ କରାଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପୋହଳ ଛକ ଠାରେ ଥିବା ଏକ ହୋଟେଲ ରେ ଚଢାଉ କରି ୪ ଗୋଟି ଗ୍ୟାସ ସିଲିଣ୍ଡର ଜବତ କରିବା ସହିତ ଜରିମାନା ଆଦାୟ କରାଯାଇଛି । କେନ୍ଦ୍ରାପଡା ଜିଲ୍ଲପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଯୋଗାଣ ଓ ବେସାମରିକ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରୀତମ ଦାସ ପୁନମ ଜେନା, ଦେବଶ୍ରୀ ମାର୍ଥା, ସ୍ୱରୂପ ଦାସ, ପୁଷ୍ପଲତା ଗାଣ, ଓମକାର ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ ।

## ଚୋରାମଦ ଜବତ, ୮ ଗିରଫ




**କେନ୍ଦ୍ରାପଡ଼ା,୧୭।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ଓ କେନ୍ଦ୍ରାପଡ଼ା ସଦର ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଅଧଖଣ୍ଡମଥାସାହି ଗ୍ରାମର ସାଗର ମଳିକ(୨୯)ଙ୍କ ଠାରୁ ୪୨ ଲିଟର ବିଦେଶୀ ମଦ ସମେତ ଏକ ଗୋଟି ମୋଟର ସାଇକେଲ, ନୂଆଗାଓଁ ଗ୍ରାମର ଅଧିକାରୀ ସାମଲ(୩୨)ଙ୍କ ଠାରୁ ୩୧ ଲିଟର ବିଦେଶୀମଦ ସମେତ ଏକ ଗୋଟି ମୋଟରସାଇକେଲ, ନିଳକଣ୍ଠପୁର ଗ୍ରାମର ଅଜୟ କୁମାର ସ୍ୱାଇଁ(୨୪)ଙ୍କ ଠାରୁ ୪୫ ଲିଟର ଦେଶୀମଦ ସମେତ ଏକ ଗୋଟି ମୋଟର ସାଇକେଲ, ଶ୍ୟାମସୁନ୍ଦରପୁର ଗ୍ରାମର ମିନା ଦାସ(୩୧)ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ, ଜମଧର ଗ୍ରାମର ବିଜୟ ଗିରି(୩୫)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ରାଜନଗର ଗ୍ରାମର ସୁଶାନ୍ତ କୁମାର ମଳିକ(୩୧)ଙ୍କ ଠାରୁ ୨୨ ଲିଟର ବିଦେଶୀ ମଦ, ରାଧାମଳିପୁର ଗ୍ରାମର ମୁ ମାଇତୀ(୩୯)ଙ୍କ ଠାରୁ ୧୪ ଲିଟର ଦେଶୀ ମଦ, ବଘାମାରି ଗ୍ରାମର ବିଜୟ ଗିରି(୨୪)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ୩ ଗୋଟି ମୋଟର ସାଇକେଲ ସମେତ ସମୁଦାୟ୨୩୦ ଲିଟର ବିଦେଶୀ ଓ ଦେଶୀ ଚୋରାମଦ ଜବତ କରାଯାଇ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର



**ଡେରାବିଶ,୧୭।୩(ସଂଚାର ବ୍ୟୁରୋ):** ବସୂପୁର ପଞ୍ଚାୟତ ଅନ୍ତର୍ଗତ ଭାଣ୍ଡିଲୋ ଗ୍ରାମର ମହେନ୍ଦ୍ର ମଳିକ(୪୮)ଙ୍କ ମୃତଦେହ ଆଜି ସକାଳରେ ଝୁଲନ୍ତା ଅବସ୍ଥାରେ ଏକ ଚାଖୁଣ୍ଡା ଗଛରୁ ଉଦ୍ଧାର କରାଯାଇଛି । ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ସନ୍ଦେହ ନେଇ ପରିବାର ଲୋକେ ସଦର ଥାନାରେ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ ମହେନ୍ଦ୍ର ମଳିକ ସହିତ ସେହି ଗ୍ରାମର କାଳନ୍ଦୀ ମହାନ୍ତି ନାମକ ବ୍ୟକ୍ତିର କିଛି ସମୟ ପୂର୍ବରୁ ଗୁରୁତର ଝଗଡ଼ା ହୋଇଥିଲା। ଆଜି ବଡ଼ି ସକାଳୁ ମହେନ୍ଦ୍ରଙ୍କୁ ଗଛରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ସଦର ଥାନାକୁ ଖବର ଦେଇଥିଲେ। ପରେ ଘଟଣାସ୍ଥଳରେ ସଦର ପୁଲିସ ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣା ସ୍ଥଳରୁ ମୃତ ଦେହ ଉଦ୍ଧାର କରିବା ସହ ଝୁଲନ୍ତା ମୃତଦେହରୁ ନମୁନା ଏବଂ ଝଗଡ଼ା ସ୍ଥଳରୁ ରକ୍ତ ନମୁନା ସହ ମହେନ୍ଦ୍ର ପିନ୍ଧିଥିବା ଚପଲ ଆଦି ଜବତ କରି ତଦନ୍ତ କାର୍ଯ୍ୟ ଆଗକୁ ନେଇଥିବା ସୂଚନା ମିଳିଛି । ଏଥିସହିତ ମୃତ ଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ।

### ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥ

# ନିମ୍ନମାନର କାମ ଯୋଗୁଁ ଭୁଶୁଡ଼ି ପଡ଼ିଲା

**କେନ୍ଦ୍ରାପଡ଼ା, ୧୭।୩ (ସଂଚାର ବ୍ୟୁରୋ):** ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥ ରାସ୍ତା ନିମ୍ନମାନର କାର୍ଯ୍ୟ ହେତୁ ଭୁଷୁଡି ପଡିଥିବା ଦେଖାଯାଇଛି। ଏହି ଜାତୀୟ ରାଜପଥର ଶ୍ୟାମସୁନ୍ଦରପୁରଗଡା ନିକଟସ୍ଥ ରାସ୍ତାର ପ୍ରାୟ ୨ଶହ ମିଟରରୁ ଉର୍ଦ୍ଧ୍ୱ ନବନିର୍ମିତ ରାସ୍ତା ନିମ୍ନମାନର କାର୍ଯ୍ୟ କରାଯାଇଥିବା ଯୋଗୁଁ ଭୁଷୁଡି ପଡିଛି । ସେହି ରାସ୍ତାଦେଇ ଯାଉଥିବା ପଥଚାରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।



ରାସ୍ତା ଭୁଷୁଡି ପଡିଥିବା ଦେଖି ସ୍ଥାନୀୟ ଲୋକମାନେ ଏହାର ପ୍ରତିବାଦ କରିବା ସହ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଜିଲ୍ଲାପାଳ ଶ୍ରୀ ଆୟାର ଘଟଣା ସମ୍ପର୍କରେ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ ଯୋଗାଯୋଗ କରିବା ସହ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି । ପ୍ରାୟ ୪ହଜାର କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମାଣଧିନ ଥିବା ଏହି ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାର ନିର୍ମାଣ କାର୍ଯ୍ୟକୁ ତଦାରଖ କରିବାରେ ଆବଶ୍ୟକ ଦୃଷ୍ଟି ଦେଉନଥିବା ଦେଖାଯାଇଛି। ଫଳରେ ଠିକାସଂସ୍ଥାର ଯେଉଁ କର୍ମଚାରୀମାନେ ଏହି ରାସ୍ତା ନିର୍ମାଣାଧିନ ଦାୟୀତ୍ୱରେ ଅଛନ୍ତି ସେମାନେ ମନଇଛା କାର୍ଯ୍ୟ କରୁଛନ୍ତି। ଏତଦବ୍ୟତିତ ଏହି ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବାରୁ ରାସ୍ତାର ସ୍ଥାୟୀତ୍ୱ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ନିର୍ମାଣଧିନ ରାସ୍ତା ଭୁଷୁଡିବା ସମ୍ପର୍କରେ ଠିକାସଂସ୍ଥାର ଇଂ ଦୀପକ ସେନ କହିଛନ୍ତି ଯେ ଏହାର ତଦନ୍ତ କରାଯିବ ଓ ଦାୟୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ପାଇଁ ମାଷ୍ଟର ଟ୍ରେନରଙ୍କୁ ତାଲିମ



**କେନ୍ଦ୍ରାପଡ଼ା,୧୭।୩(ସଂଚାର ବ୍ୟୁରୋ):** ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ- ୨୦୨୬ ଅବସରରେ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର ତାଲିମ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି କ୍ରୀଡା ଓ ଯୁବ ସେବା ବିଭାଗର ସହଯୋଗରେ ଆୟୋଜିତ ହେଉଥିବା ବେଳେ ଜିଲ୍ଲାର ବିଭିନ୍ନ ଅଳରୁ ଯୁବ ପ୍ରତିଭାମାନଙ୍କୁ ଚୟନ କରି ସେମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ଦେବା ଏହାର ମୂଳ ଉଦ୍ଦେଶ୍ୟ । ଏଥିରେ ଦୌଡକୁଦ ଭଲିବଲ, ଖୋକ ଆଦି କ୍ରୀଡାରେ ପ୍ରତିଭା ଚୟନ କରାଯିବ । ବ୍ଲକସ୍ତରରେ ଚୟନ ହୋଇ କ୍ରୀଡାବୀତ ମାନେ ଜିଲ୍ଲାସ୍ତରକୁ ଆସିବେ । ଏହି ତାଲିମ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ଅକମାଲ ଅଲ୍ଲୀଙ୍କ ସମେତ ବିଭିନ୍ନ ବ୍ଲକର କ୍ରୀଡା ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ ।

## ତେରଗାଁ ପ୍ରାଥମିକ କୃଷି ସମବାୟ ସମିତି ବିରୋଧରେ ଚାଷୀଙ୍କ ପ୍ରତିବାଦ

### ପଡ଼ିରହିଛି ହଜାର ହଜାର କୁଇଣ୍ଟାଲ ଧାନ



**ମହାକାଳପଡ଼ା,୧୭।୩(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତେର ଗାଁ ପ୍ରାଥମିକ କୃଷି ସମବାୟ ସମିତି ଲିଃ ସମ୍ମୁଖରେ ଚାଷୀମାନଙ୍କ ହଜାର ହଜାର କୁଇଣ୍ଟାଲ ଧାନ ଦୀର୍ଘ ଦିନ ଧରି ପଡ଼ି ରହିଛି। ଟାର୍ଗେଟ ଥିବା ସତ୍ତ୍ୱେ ମିଲର ମାନେ ଆସୁନଥିବାରୁ ଧାନ ଉଠି ପାରୁନାହିଁ। ବହୁଦିନ ଧରି ବାହାରେ ଧାନ ପଡ଼ି ରହିଥିବାରୁ ଧାନ ନଷ୍ଟ ହେବାର ଆଶଙ୍କା ରହିଛି। ସେପଟେ ତୁହାକୁ ତୁହା ଆସୁଥିବା ଅଦିନିଆ ବର୍ଷା ଚାଷୀଙ୍କ ମୁଣ୍ଡରେ ଚଡ଼କ ପକାଇଛି। ସୋସାଇଟି କର୍ମଚାରୀ ମଧ୍ୟ ଅସହଯୋଗ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଏନେଇ ଆଜି ଚାଷୀମାନେ ମିଳିତ ଭାବରେ ସୋସାଇଟିରେ ନାରାବାଜି କରିବା ସହ ପ୍ରଶାସନ ଉପରେ ବର୍ଷିଛନ୍ତି। ଯଦି ଦୁଇଦିନ ମଧ୍ୟରେ ଧାନ ନଉଠେ ତେବେ ଗଦା ହୋଇ ରହିଥିବା ଧାନରେ ନିଆଁ ଲଗାଇଦେବାକୁ କହିଛନ୍ତି। ଏନେଇ କେନ୍ଦ୍ରାପଡ଼ା ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ସହିତ ଯୋଗାଯୋଗ କରିବାରୁ ମିଲର ମାନଙ୍କୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଓ ଟାର୍ଗେଟ ଅନୁଯାୟୀ ପର୍ଯ୍ୟାୟକ୍ରମେ ସମସ୍ତ ଚାଷୀଙ୍କ ଧାନ କ୍ରୟ କରାଯିବ ବୋଲି ସେ କହିଛନ୍ତି।

## ଦେବେନ୍ଦ୍ରଙ୍କୁ ଦେବଦୂତ ସମ୍ମାନ




**କେନ୍ଦ୍ରାପଡ଼ା,୧୭।୩ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲାର ବାରିପଦା ବ୍ଲକରେ ବିଡ଼ିଓ ଭାବରେ କାର୍ଯ୍ୟରତ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ଦେବଦୂତ ସମ୍ମାନରେ ସମ୍ମାନିତ କରାଯାଇଛି। ଦେବେନ୍ଦ୍ର ଜଣେ ସରକାରୀ ଅଧିକାରୀ ହୋଇ ମଧ୍ୟ ତାଙ୍କ ବ୍ଲକର ବିଭିନ୍ନ ପଞ୍ଚାୟତର ଭିନ୍ନ ଭିନ୍ନ ଗ୍ରାମକୁ ପରିଭ୍ରମଣ କରିଥାନ୍ତି । ପ୍ରକୃତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ସଠିକ ଆବଶ୍ୟକୀୟଙ୍କୁ ଚାଉଳ ପ୍ରଦାନ, ଗୃହ ନଥିବା ଅଭାବିଙ୍କୁ ନୂତନ ଘର ପ୍ରଦାନ କରି ସେ ଏବେ ସାରା ଓଡିଶାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ।

ଏଥିସହିତ ନିଜ ଅର୍ଥରେ ଗରିବ ପିଲାଙ୍କୁ ବସ୍ତ୍ର ଓ ଖାଦ୍ୟ ପ୍ରଦାନ, ଗରିବ ମା'ମାନଙ୍କୁ ବସ୍ତ୍ର ପ୍ରଦାନ ଓ ଗ୍ରୀଷ୍ମ ଦିନରେ ରକ୍ତଦାନ ଶିବିର କରି ସାରା ଓଡିଶାରେ ମୟୁରଭଞ୍ଜର ଦେବଦୂତ ସାଜିଛନ୍ତି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ। ଏହି ମହାନ ସେବା ମନୋଭାବକୁ ସମ୍ମାନ ଜଣାଇ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି, ଟ୍ରଷ୍ଟ ର କର୍ମକର୍ତ୍ତା ଗୌରାଙ୍ଗ ନାୟକ, ତପନ କୁମାର ନାଥ, ରାକେଶ ବଳ, ଦେବେନ୍ଦ୍ର ନାୟକ ଓ ହୃଷିକେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ମଟର ସାଇକେଲ ଚୋରି, ଥାନାରେ ଅଭିଯୋଗ

**କେନ୍ଦ୍ରାପଡ଼ା,୧୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଫକିରାବାଦ ଗ୍ରାମର ଜନ ଗହଳିପୂର୍ଣ୍ଣ ସ୍ଥାନରୁ ଏକ ହିରୋହଣ୍ଡା ମଟର ସାଇକେଲ ଚୋରି ହୋଇ ଯାଇଥିବା ନେଇ ସେକ ସଦାକତ ଉଲ୍ଲା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ତାଙ୍କ ଘର ସମ୍ମାରେ ରଖିଥିବା ମଟର ସାଇକେଲକୁ କେହି ନେଇ ଯାଇଛି। ସିସି କ୍ୟାମେରାରୁ ମୋଟରସାଇକେଲ ଚୋରି ଘଟଣା ଜଣାପଡିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି ।

## ବିଜେଡିରୁ ଦୁଇ ସମିତି ସଭ୍ୟଙ୍କ ଇସ୍ତଫା

### ଅରବିନ୍ଦ ମହାପାତ୍ରଙ୍କ ନିଲମ୍ବନ ପରେ ଇସ୍ତଫା ଦେଲେ

**ଗରଦପୁର,୧୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ରାଜନୈତିକ ମଞ୍ଚରେ ଏକ ନୂଆ ପରିସ୍ଥିତି ସୃଷ୍ଟି ହୋଇଛି । ବିଜୁ ଜନତା ଦଳ (ବିଜେଡି)ରୁ ଦୁଇଜଣ ସମିତି ସଭ୍ୟ ତାଙ୍କର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି ।

ଗରଦପୁର ସମିତି ଅଞ୍ଚଳର ବନ୍ତଳା ଗ୍ରାମପଞ୍ଚାୟତର ସମିତି ସଭ୍ୟ ବ୍ରଜ କିଶୋର ସାହୁ ଓ ତେଣ୍ଡାକୁଡା ଗ୍ରାମପଞ୍ଚାୟତର ଜୟତଳଙ୍କ ଗ୍ରାମର ସମିତି ସଭ୍ୟ ବାସୁଦେବ ବେହେରା ତାଙ୍କ ଅଲଗା ଅଲଗା ପତ୍ର ମାଧ୍ୟମରେ ଏହି ଇସ୍ତଫା ଦେଇଛନ୍ତି । ଦୁଇଜଣ ତାଙ୍କର ଇସ୍ତଫା ପତ୍ରରେ ବ୍ୟକ୍ତିଗତ କାରଣ ଦର୍ଶାଇ ଦଳର ପ୍ରାଥମିକ ସଦସ୍ୟ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା କଥା ଉଲ୍ଲେଖ କରିଛନ୍ତି । ସେମାନେ ଜିଲ୍ଲା ବିଜେଡି ସଭାପତିଙ୍କୁ ତାଙ୍କର ଇସ୍ତଫା ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ।

ଏହି ଅଚାନକ ଇସ୍ତଫାକୁ ନେଇ ସ୍ଥାନୀୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋରଦାର ହୋଇଛି । ତଥାପି, ଏହା ପଛରେ କୌଣସି ଅନ୍ୟ କାରଣ ରହିଛି କି ନାହିଁ ସେନେଇ ସ୍ପଷ୍ଟ ସୂଚନା ମିଳିନି । ଆଗାମୀ ଦିନରେ ଏହାର ପ୍ରଭାବ ସ୍ଥାନୀୟ ରାଜନୀତିରେ କେମିତି ପଡ଼ିବ, ସେଥିପାଇଁ ସମସ୍ତଙ୍କ ଦୃଷ୍ଟି ରହିଛି ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟସୂଚୀ

**କେନ୍ଦ୍ରାପଡା,୧୭।୩(ସଂଚାର ବ୍ୟୁରୋ):** ଜନସାଧାରଣଙ୍କ ଅଭିଯୋଗର ଶୀଘ୍ର ଓ କାର୍ଯ୍ୟକାରୀ ସମାଧାନ ପାଇଁ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରାମ ପଞ୍ଚାୟତ ସ୍ତରରେ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଉଛି। ଏହି ଶୁଣାଣି କାର୍ଯ୍ୟକ୍ରମ ୧୮.୦୩.୨୦୨୬ ଓ ୨୫.୦୩.୨୦୨୬ ତାରିଖରେ ଜିଲ୍ଲାର ବିଭିନ୍ନ ବ୍ଲକର ନିର୍ଦ୍ଦିଷ୍ଟ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହେବ।

୧୮.୦୩.୨୦୨୬ ତାରିଖରେ ଆଳି ବ୍ଲକର ସାନସିଧା, ରାଜନଗର ବ୍ଲକର ବାଘମାରି, ରାଜକନିକା ବ୍ଲକର କଟାନବାନିଆ, ପଟ୍ଟାମୁଣ୍ଡାଇ ବ୍ଲକର ସଞ୍ଜରିଆ, ମହାକାଳପଡା ବ୍ଲକର ଖରିନାସି, ମାର୍ଶାଘାଇ ବ୍ଲକର ଡୁମୁକା, ଗରଦପୁର ବ୍ଲକର ବଙ୍ଗାଳପୁର,ଡେରାବିଶ ବ୍ଲକର ବସପୁର ଓ କେନ୍ଦ୍ରାପଡା ବ୍ଲକର ଘାଗରା ଗ୍ରାମ ପଞ୍ଚାୟତରେ ଶୁଣାଣି ଅନୁଷ୍ଠିତ ହେବ।

ସେହିପରି ୨୫.୦୩.୨୦୨୬ରେ ଆଳି ବ୍ଲକର ଡିମିରିପାଳ, ରାଜନଗର ବ୍ଲକର କେରୁଆପାଳ, ରାଜକନିକା ବ୍ଲକର ଚରପଡା, ପଟ୍ଟାମୁଣ୍ଡାଇ ବ୍ଲକର ଚନ୍ଦନନଗର, ମହାକାଳପଡା ବ୍ଲକର ଜଦୁପୁର, ମାର୍ଶାଘାଇ ବ୍ଲକର ଜମାପାରା, ଗରଦପୁର ବ୍ଲକର ତେଣ୍ଡାକୁଡା , ଡେରାବିଶ ବ୍ଲକର ବେନିପୁର ଓ କେନ୍ଦ୍ରାପଡା ବ୍ଲକର ଆଏବା ଗ୍ରାମ ପଞ୍ଚାୟତରେ ଏହି ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ।

ଏହି ଶୁଣାଣି ଶିବିରରେ ଜିଲ୍ଲା ଓ ବ୍ଲକ ସ୍ତରର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣି ତତକ୍ଷଣ ସମାଧାନ ପାଇଁ ପଦକ୍ଷେପ ନେବେ। ଏହି ଅବସରରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ଲୋକମାନଙ୍କୁ ନିଜ ଅଭିଯୋଗ ସହ ଉପସ୍ଥିତ ହୋଇ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଏସସିବି ଅଗ୍ନିକାଣ୍ଡରେ ମୃତକଙ୍କ ପରିବାର ସହ କଥା ହେଲେ ବିଧାୟକ



**ମହାକାଳପଡ଼ା,୧୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ପେଟଛେଲା ପଞ୍ଚାୟତ ସରୁମୁହିଁ ଗ୍ରାମର ମେନକା ରାଉତ ଏସସିବି ମେଡିକାଲର ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ସୋମବାର ସକାଳୁ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ଏହି ଅଗ୍ନିକାଣ୍ଡରେ ମେନକାଙ୍କ ଦେହାନ୍ତ ହୋଇଯାଇଛି। ସରକାର ଏହି ଘଟଣାରେ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏମିତି ଦୁଃଖଦ ସମୟରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ କାର୍ଯ୍ୟକର୍ତ୍ତା ଚନ୍ଦ୍ରକାନ୍ତ ସ୍ୱାଇଁଙ୍କ ଜରିଆରେ ମୃତକଙ୍କ ପରିବାର ସହିତ ଫୋନ୍ ଯୋଗେ କଥା ହୋଇ ସମବେଦନା ଜଣାଇବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କିପରି କରାଯାଇ ପାରିବ ସେ ସମ୍ପର୍କରେ ମଧ୍ୟ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି।

## ପୂର୍ତ୍ତ ବିଭାଗର ନିମ୍ନମାନର କାର୍ଯ୍ୟ, ଦୁର୍ନୀତିର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି




**ଆଳି,୧୭।୩ (ସଂଚାର ବ୍ୟୁରୋ):** ରାସ୍ତାର ଉନ୍ନତି କରଣ କାର୍ଯ୍ୟ ନାମରେ କୋଟି କୋଟି ଟଙ୍କା ଚଳୁ ବୋଲି ଅଭିଯୋଗ କରିବା ସହ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ସୂଚନା ଅଧିକାର କର୍ମୀ। ଅଭିଯୋଗ ମୁତାବକ ପାଞ୍ଚ ଦଫା ଦାବି ପୂରଣ କରାନଗଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ମଧ୍ୟ ଦେଉଛନ୍ତି। ଏହିଭଳି କିଛି ସାଙ୍ଘାତିକ ଅଭିଯୋଗ କରି ଚେତାବନୀ ଦେଇଛନ୍ତି ଓଡ଼ିଶା ସୂଚନା ଅଧିକାର ଅଭିଯାନ ସଂଗଠନର କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର କର୍ମୀମାନେ ।

ଅଭିଯୋଗ ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ପୂର୍ତ୍ତ ବିଭାଗ ଦ୍ୱାରା ୯ କୋଟି ଏକୋଇଶି ଲକ୍ଷ ଖର୍ଚ୍ଚ କରାଯାଇ ଆଳି ଠାରୁ ମହୁ ସାଢେ଼ ୮ କିଲୋମିଟର ରାସ୍ତାର ଉନ୍ନତି କରଣ କାର୍ଯ୍ୟକୁ ଅତି ନିମ୍ନମାନର କରି, ବ୍ୟାପକ ଦୁର୍ନୀତି କରାଯାଇ କୋଟି କୋଟି ଟଙ୍କା ହରିଲୁଟ କରାଯାଇଥିବା ନେଇ କ୍ରାଇମବ୍ରାଞ୍ଚ ନିକଟରେ ଲିଖିତ ଅଭିଯୋଗ କରି ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଇ ହୋଇଥିବା ଦୁର୍ନୀତି ବାରମ୍ବାର ଲିଖିତ ଅଭିଯୋଗ ହୋଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ତୁରନ୍ତ କ୍ରାଇମବ୍ରାଞ୍ଚ୍ ତଦନ୍ତ କରାଯାଇ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଜିଲ୍ଲା ଶାଖାର କର୍ମୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟଙ୍କ ସମେତ ବିଶ୍ୱଜିତ୍ ତରାଇ ,ଚନ୍ଦନ ଦାସ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀ କରି ଦାବି କରିଛନ୍ତି । ଯଦି ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି ।

### ବ୍ଲକ ପରିସରରୁ ଆମ୍ବ ଗଛ କାଟିବା ଘଟଣା

## ବିଡିଓଙ୍କୁ ବନ ବିଭାଗର ଚିଠି



**ରାଜନଗର,୧୭।୩ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କ୍ୟାମ୍ପସରେ ଥିବା ବିରାଟକାୟ ଫଳନ୍ତି ଆମ୍ବ ଗଛକୁ ବେଆଇନ ଭାବେ କାଟି ଦିଆଯିବା ଘଟଣାରେ ଆକ୍ସନ ମୋଡକୁ ଆସିଛି ବନବିଭାଗ। ବନବିଭାଗ ଅଧିକାରୀ ବ୍ଲକ କ୍ୟାମ୍ପସରେ ପହଞ୍ଚି ଗତକାଲି କଟାଯାଇଥିବା ଗଛକୁ ଜବତ କରିଥିବା ବେଳେ ଆଜି ରେଞ୍ଜ ଅଫିସର ରାଜନଗର ବିଡିଓଙ୍କୁ ଚିଠି ଲେଖିଛନ୍ତି | କେଉଁ ପରିସ୍ଥିତି ଓ ବିନା ଅନୁମତିରେ କିଏ ଗଛ କାଟିଲା ସେ ନେଇ ତଦନ୍ତ କରି ଜଣାଇବାକୁ ଚିଠିରେ ଦର୍ଶାଯାଇଛି | ଚିଠିର ଉତ୍ତର ମିଳିବା ବନ ବିଭାଗ ପକ୍ଷରୁ ମାମଲା କରାଯାଇ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ଜଣାପଡିଛି। ରାଜନଗର ବ୍ଲକର ପାନୀୟଜଳ ବିଭାଗ ପଛପଟେ ବିରାଟକାୟ ଆମ୍ବ ଗଛ ଦୀର୍ଘ ବର୍ଷ ହେଲା ଥିଲା। ଚଳିତ ବର୍ଷ ଆମ୍ବ ବହୁ ଅଧିକ ହୋଇଥିଲା। ମାତ୍ର ରବିବାର ଦିନ ଏହି ଫଳନ୍ତି ଆମ୍ବ ଗଛକୁ କାଟି ଦିଆଯାଇଥିଲା। ଏନେଇ ଖବର ପାଇବା ପରେ ରାଜନଗର ଡିଏଫଓ ଭରଦରାଜ ଗାଓଁଙ୍କର ବେଆଇନ ଭାବେ କଟାଯାଇଥିବା ଗଛକୁ ଜବତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫରେଷ୍ଟର ବିଜଯ କୁମାର ପାତ୍ର, ଫରେଷ୍ଟ ଗାର୍ଡ ତ୍ରିଦୀପ ପ୍ରଧାନ ବ୍ଲକ କ୍ୟାମ୍ପସରେ ପହଞ୍ଚି ଗଛକୁ ଜବତ କରିଥିଲେ। ଆଜି ରାଜନଗର ବିଡିଓଙ୍କୁ ରାଜନଗର ରେଞ୍ଜ କାର୍ଯ୍ୟଳୟ ପକ୍ଷରୁ ଚିଠି କରାଯାଇଛି।

# ବଡ଼କ୍ଷୀର ପଞ୍ଚାୟତରେ ବଢୁଛି ଚୋରା ମଦ ବ୍ୟବସାୟ

**ନିଶ୍ଚିନ୍ତକୋଇଲି,୧୭।୩ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ଅଧିନ ନିଶ୍ଚିନ୍ତକୋଇଲି ଥାନା, ନେମାଳ ଥାନା, ନରେନ୍ଦ୍ରପୁର ଫାଣ୍ଡି ଅଧିନରେ ରହିଥିବା ସମସ୍ତ ପଞ୍ଚାୟତରେ ଚୋରା ମଦ ବ୍ୟବସାୟୀମାନେ ମଦ ଦୋକାନର ପସରା ମେଲାଇଛନ୍ତି। ଏପରିକି ଏହି ବ୍ଲକ ଅଞ୍ଚଳରେ ରହିଥିବା ସରକାରୀ ବିଦେଶୀ ଠିପି ବନ୍ଦ ମଦ ଦୋକାନରୁ ଏହି ବ୍ୟବସାୟୀମାନେ ମଦ କିଣି ନେଇ ସମସ୍ତ ପଞ୍ଚାୟତର ଗଳିକନ୍ଦି ମଧ୍ୟରେ ଛୋଟ ଛୋଟ ଚାଳି, ଟୁଙ୍ଗି, ଗାଡ଼ି ମଧ୍ୟରେ ଭର୍ତ୍ତି କରି ମଦ ବିକ୍ରୟ କରୁଥିବା ଜଣାଯାଇଛି। ଯାହାଫଳରେ ଦିନକୁ ଦିନ ଏହି ଚୋରା ମଦ ବ୍ୟବସାୟୀଙ୍କ ଠାରୁ ମଦ୍ୟପାନ କରି ଗ୍ରାମାଞ୍ଚଳର ଯୁବପିଢ଼ୀ, ବିଦ୍ୟାଳୟ ଓ କଲେଜର ପିଲାମାନେ ମାତାଲ ହୋଇ ନିଜର ହିତାହିତ ଜ୍ଞାନ ହରାଇ ବହୁ ଅନୈତିକ କାର୍ଯ୍ୟ କରିବାକୁ ପଛାଉ ନାହାଁନ୍ତି। ଏପରିକି ମଦ୍ୟପାନ କରି ଅତ୍ୟନ୍ତ ଖରାପ ବ୍ୟବହାର କରୁଥିବାରୁ ଗାଁ



ଅବକାରୀ ବିଭାଗର କାର୍ଯ୍ୟାନୁଷ୍ଠାନ ନେଇ ସନ୍ଦେହ

ଗଣ୍ଡାରେ ଅଶାନ୍ତିକର ପରିବେଶ ସୃଷ୍ଟି ହେଉଛି। ଗାଁଗହଳିର ମହିଳାମାନେ ଭୟଭୀତ ଅବସ୍ଥାରେ ଜୀବନଯାପନ କରୁଛନ୍ତି।

ତେବେ ଏହିଭଳି ମଦ ବ୍ୟବସାୟୀ ମାନଙ୍କ ପାଇଁ ଆଜି ଗାଁ ଗାଁରେ ମଦ୍ୟପଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯାହାର ଏକ ନଗ୍ନ ନମୁନା ଦେଖିବାକୁ ମିଳିଛି ବଡ଼କ୍ଷୀର ପଞ୍ଚାୟତ ଧଳପଡ଼ା ଗ୍ରାମରେ। ଏହି ଗ୍ରାମର ଜନୈକ ବ୍ୟକ୍ତି ସ୍ଥାନୀୟ ଆଖପାଖ ମନ୍ଦିର, ବଜାର ଛକ ମୁଣ୍ଡରେ ଖୋଲମଖୋଲା ଭାବେ ଚୋରା ମଦ ବ୍ୟବସାୟର ଆଡ୍ଡା ଖୋଲି ଚୋରା ମଦ ବ୍ୟବସାୟ କରୁଥିବାର ଅଭିଯୋଗ ହୋଇଛି। ଗତ କିଛି ବର୍ଷ ପୂର୍ବରୁ ମଧ୍ୟ ଏହି ଗ୍ରାମର ଜନୈକ ବ୍ୟକ୍ତି ମଦ ବ୍ୟବସାୟଙ୍କ ଠାରୁ ମଦ୍ୟପାନ କରି ଯୁବକ ମୃତ୍ୟୁବରଣ କରିଥିଲେ, ଯାହାକୁ ନେଇ ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ମହିଳାମାନେ ସମ୍ପୃକ୍ତ ମଦ ବ୍ୟବସାୟୀଙ୍କ ଦୋକାନ ଘରକୁ ପୋଡ଼ାଜଳା କରିଥିଲେ। ବଡ଼କ୍ଷୀର ପଞ୍ଚାୟତରେ ଚୋରା ମଦ ବିକ୍ରି କରିବାରେ ସମ୍ପୂର୍ଣ୍ଣ ରୋକ ଲଗାଇବାକୁ ପ୍ରଶାସନ ନିକଟରେ ଦାବି ରଖିଥିଲେ।

କିନ୍ତୁ କିଛି ବର୍ଷ ନବିତୁଣୁ ପୁର୍ନବାର ଉକ୍ତ ବ୍ୟକ୍ତି ଜଣକ ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗର ଅସାଧୁ ଅଧିକାରୀ ଓ କର୍ମଚାରୀଙ୍କୁ ମୋଟା ଅଙ୍କର ହାତଗୁଞ୍ଜା ଦେଇ ଖୋଲମଖୋଲା ଭାବେ ମଦ ବ୍ୟବସାୟ କରୁଥିବାର ଅଭିଯୋଗ ହୋଇଛି। ଏପରିକି ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ କାର୍ଯ୍ୟାଳୟ ଅଧିନରେ ବିଭିନ୍ନ ଗାଁ ଗଣ୍ଡା ଛକ ବଜାରରେ ଖୋଲମଖୋଲା ଭାବେ ଚୋରା ମଦ ବିକ୍ରି ହେଉଥିଲେ ମଧ୍ୟ ଅବକାରୀ ବିଭାଗ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉନାହିଁ। ଯାହାଫଳରେ ମଦ ବ୍ୟବସାୟ ଏଠି ଏକ କୁଟୀର ଶିଳ୍ପରେ ପରିଣତ ହେଲାଣି। ଅବକାରୀ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି ପ୍ରସଙ୍ଗ

## ସମାଧାନ ପାଇଁ କୁଳପତିଙ୍କ ପ୍ରୟାସ

**ସତ୍ୟବାଦୀ, ୧୭/୩ (ସଂଚାର ବ୍ୟୁରୋ):** ଦୀର୍ଘଦିନରୁ ଲାଗିରହିଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର ମୌଳିକ ଅବ୍ୟବସ୍ଥାକୁ ନେଇ ଛାତ୍ର ଆନ୍ଦୋଳନ ତେଜିବା ପରେ ସମାଧାନ ପାଇଁ ସୋମବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। କୁଳପତି ଶତ୍ରୁଘ୍ନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଛାତ୍ରାଛାତ୍ରୀମାନେ କର୍ତ୍ତୃପକ୍ଷଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ବାରମ୍ବାର ଛାତ୍ରଛାତ୍ରୀଙ୍କ ଅଭିଯୋଗକୁ ଅଣଦେଖା କରାଯିବାରୁ ସେମାନେ ବାଧ୍ୟ ହୋଇ ଆନ୍ଦୋଳନତ୍ମକ ପନ୍ଥା ଆପଣେଇଥିବା କହିଛନ୍ତି।

ଓଡ଼ିଆ ଭାଷା ସାହିତ୍ୟରେ ଅଧିକ ଜ୍ଞାନ ଆହରଣ ଲକ୍ଷ୍ୟରେ ସେମାନେ ଗର୍ବର ସହ ଏଠାରେ ନାମ ଲେଖାଇଥିଲେ। ମାତ୍ର ସରକାର ଆମ୍ବ ଦେଖାଇ ଆମ୍ବେଡା ଦେବା ଭଳି ପରିସ୍ଥିତି ହୋଇଥିବା ଏମାନେ ଅଭିଯୋଗ କରିଛନ୍ତି। ନାଁ ଅଛି ଅଧ୍ୟବଶ୍ୟ ସୁବିଧା ନାଁ ଛାତ୍ରାବାସରେ ରହିବାର ମୌଳିକ ସୁବିଧା। ଦିନକୁ ଦିନ ସମସ୍ୟା ବଢୁଛି ସିନା ସମାଧାନ ନେଇ କୌଣସି ପଦକ୍ଷେପ ନିଆ ନ ଯିବା ସେମାନଙ୍କ ମନୋବଳକୁ ଭାଙ୍ଗି ଦେଉଛି। ଆରମ୍ଭ ଦିନରୁ ଏଠାରେ ଆବଶ୍ୟକ ଅଧ୍ୟାପକ, କର୍ମଚାରୀ ଏପର୍ଯ୍ୟନ୍ତ ନିଯୁକ୍ତ ହୋଇପାରିଲେନି। ସମ୍ପୂର୍ଣ୍ଣ ବିଶ୍ୱବିଦ୍ୟାଳୟ ପାଇଁ ଜଣେ ମାତ୍ର ସୁରକ୍ଷା କର୍ମୀ କେବଳ ଫାଟକ ପାଖରେ ନିୟୋଜିତ ଅଛନ୍ତି। ପାଠାଗାର ନିର୍ମାଣ ହୋଇଛି କିନ୍ତୁ ଶିକ୍ଷାଦାନ କ୍ଷେତ୍ରରେ ସହାୟକ ହେଉଥିବା ପୁସ୍ତକ କିମ୍ବା ସମ୍ବାଦପତ୍ର ରଖାଯାଉ ନାହିଁ। ଖବରକାଗଜଟିଏ ମଧ୍ୟ ମଗାଯାଉନି। ଟିଭି କିମ୍ବା ଇଣ୍ଟରନେଟ୍ ସୁବିଧା ନାହିଁ। ଅବସର ସମୟରେ ଖେଳସାମଗ୍ରୀ ନାହିଁ କି ଖେଳିବା ପାଇଁ ପରିବେଶ ବି ନାହିଁ। ବିଶୁଦ୍ଧ ପାନୀୟ ଜଳ ଟିକେ ବି ସ୍ୱପ୍ନ। ଯୋଉ ପାଣି ଆସୁଛି ସେଥିରେ ପୋକ ଓ ଶିଉଳି ଆସୁଛି ବୋଲି କହିଛନ୍ତି।

### ମୟୂରଭଞ୍ଜ ଜିଲ୍ଲା ଘୂର୍ଣ୍ଣିଝଡ଼ ପରିସ୍ଥିତିର ସମୀକ୍ଷା କଲେ ମନ୍ତ୍ରୀ

# ତ୍ୱରିତ ସହାୟତା ଯୋଗାଇଦେବାକୁ ନିର୍ଦ୍ଦେଶ

**ଗୃହ ନିର୍ମାଣ ଓ ରିଲିଫ୍ କ୍ୟାମ୍ପ ପାଇଁ ଦିଆଯାଇଛି ୫.୭୦ କୋଟି**

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ଘୂର୍ଣ୍ଣିଝଡ଼ ପରିସ୍ଥିତି ଓ କ୍ଷୟକ୍ଷତି ସମ୍ପର୍କରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ଗତ ୧୫ ତାରିଖରେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବ୍ଲକରେ ଭୟାବହ ଘୂର୍ଣ୍ଣିବାତ୍ୟା ଯୋଗୁଁ ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳ ପ୍ରଭାବିତ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ତ୍ୱରିତ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଇଛି। ଅସୁସ୍ଥତା ସତ୍ତ୍ୱେ ରାଜସ୍ୱ ମନ୍ତ୍ରୀ ସାଧାରଣ ଜନତାଙ୍କ ସେବାକୁ ପ୍ରାଥମିକତା ଦେଇ ବୈଠକରେ ଉପସ୍ଥିତ ରହି ରାଜ୍ୟ ସରକାର ପ୍ରଭାବିତ ଲୋକଙ୍କ ସୁରକ୍ଷା ନିମନ୍ତେ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଥିବା ସହ ଏପ୍ରକାର ବିପର୍ଯ୍ୟୟ ପରିସ୍ଥିତିକୁ ଗୁରୁତର ସହ ବିଚାର କରି ସମସ୍ତ ତ୍ୱରିତ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରିଲିଫ ସେଣ୍ଟରଗୁଡ଼ିକର ସୁପରିଚାଳନା ନିଶ୍ଚିତ କରିବା ସହ ବିପର୍ଯ୍ୟୟରେ ପ୍ରଭାବିତ ୯ଟି ଗ୍ରାମ ପାଇଁ ୯ ଅଧିକାରୀଙ୍କୁ ନୋଡାଲ୍ ଅଫିସର୍ ଭାବେ ଦାୟିତ୍ୱ ଦିଆଯାଇଛି। ସେମାନଙ୍କୁ ଯଥାଶୀଘ୍ର କ୍ଷୟକ୍ଷତିର ଆକଳନ ସହ କ୍ଷତିପୂରଣ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପରିଚାଳନା କାର୍ଯ୍ୟ ଜାରି ରହିଛି।

ଏନେଇ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁସାରେ, ଭୟାବହ ଘୂର୍ଣ୍ଣିଝଡ଼ରେ କରଞ୍ଜିଆ ବ୍ଲକ୍ର ୫ଟି ପଞ୍ଚାୟତ ଓ ୯ଟି ଗ୍ରାମ ପ୍ରଭାବିତ ହୋଇଛନ୍ତି। ମୋଟ ୩,୨୧୭ ଲୋକ ଏଥିରେ ପ୍ରଭାବିତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ୨୨୦୦ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି। ୬ଟି ରିଲିଫ୍ ସେଣ୍ଟର ଖୋଲାଯାଇ ପ୍ରଭାବିତଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ସେହିପରି ଏହି ଘୂର୍ଣ୍ଣିଝଡ଼ରେ ୫୧୨ଟି ଘର କ୍ଷତିଗ୍ରସ୍ତ ହୋଇଛି। ରିଲିଫ୍ କାର୍ଯ୍ୟରେ ଆବଶ୍ୟକତା ଅନୁଯାୟୀ ପଲିଥିନ୍ ବଣ୍ଟନ କରାଯାଇଛି। ପ୍ରଭାବିତ ଅଞ୍ଚଳରେ ୨ଟି ଡାକ୍ତରୀ ଟିମ୍ ନିୟୋଜିତ ଅଛନ୍ତି। ୪ଟି ଅଗ୍ନିଶମ ଦଳ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ପାଣି ଟ୍ୟାଙ୍କର ଓ ବୋତଲ ମାଧ୍ୟମରେ ପାନୀୟ ଜଳ ଯୋଗାଣ ଅବ୍ୟାହତ ରହିଛି। ଗତ ୧୫ ତାରିଖ ରାତିରୁ ପ୍ରଭାବିତ ଲୋକଙ୍କୁ ନିୟମିତ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ସେହିପରି ଏବେ କ୍ଷୟକ୍ଷତିର ମୂଲ୍ୟାୟନ କାର୍ଯ୍ୟ ଜାରି ଚାଲିଛି। ଗତକାଲି ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ମାଧ୍ୟମରେ ପ୍ରାୟ ୫ କୋଟି ୭୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏହି ଅର୍ଥ ପ୍ରଭାବିତ ଅଞ୍ଚଳରେ ଗୃହ ନିର୍ମାଣ, ବସ୍ତ୍ର ଓ ବାସନକୁସନ ଯୋଗାଣ ଏବଂ ରିଲିଫ୍ କ୍ୟାମ୍ପ ପରିଚାଳନାରେ ବିନିଯୋଗ ହେଉଛି। ଆଜିର ସମୀକ୍ଷା ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସ୍ୱତନ୍ତ୍ର ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ୍, ଯୁଗ୍ମ ସ୍ୱତନ୍ତ୍ର ରିଲିଫ୍ କମିଶନର, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ କେନ୍ଦ୍ରାଞ୍ଚଳ ଆରଡ଼ିସି, ମୟୂରଭଞ୍ଜ ଜିଲ୍ଲାପାଳ ଓ ତାଙ୍କ ଟିମ୍ ଆଭାସୀରେ ଯୋଗଦେଇଥିଲେ।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ଆସିଲା ମାର୍ଗଦର୍ଶିକା

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ଅସାଧାରଣ ବର୍ଷା ଓ ଅନିୟମିତ ଜଳବାୟୁ ଯୋଗୁଁ ଗ୍ରୀଷ୍ମ ଋତୁରେ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବା ଆଶଙ୍କା କରିଛି। ଏହାଛଡ଼ା ବଡ଼ ବଡ଼ କୋଠା, ପ୍ରଶସ୍ତ ରାସ୍ତା ଓ ସୌରତାପ ଶକ୍ତି ଶୋଷଣ କରୁଥିବା ଭିତ୍ତିଭୂମି ଯୋଗୁଁ ସହରାଞ୍ଚଳବାସୀ ଗ୍ରୀଷ୍ମ ଋତୁରେ ଦହଗଞ୍ଜ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି ଏକ ବିସ୍ତୃତ ଏସଓପି (ମାର୍ଗଦର୍ଶିକା) ଜାରି କରାଯାଇଛି। ଏହାକୁ କଡ଼ାକଡ଼ି ପାଳନ କରିବା ସହ ସମସ୍ତ ପୌରାଞ୍ଚଳ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ସମସ୍ତ ସହରାଞ୍ଚଳରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ଜଳ ଯୋଗାଣ ପାଇପଲାଇନଗୁଡ଼ିକୁ ସଠିକ୍ କାର୍ଯ୍ୟକ୍ଷମ ଅବସ୍ଥାରେ ରଖାଯିବା ଉଚିତ। ଏ ସଂକ୍ରାନ୍ତ କୌଣସି ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ ସମାଧାନ କରାଯିବା ଦରକାର। ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜରୁରୀକାଳୀନ ପଦକ୍ଷେପ ନେବା, ପାନୀୟ ଜଳ ଯୋଗାଣ ପାଇଁ ବିଭିନ୍ନ ସ୍ଥାନରେ ଟ୍ୟାଙ୍କର ନିୟୋଜିତ କରିବା ସହ ଆବଶ୍ୟକ ସ୍ଥଳେ ଅତିରିକ୍ତ ଟ୍ୟାଙ୍କର ନିୟୋଜିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ସମସ୍ତ ନଳକୂପ/ହ୍ୟାଣ୍ଡ ପମ୍ପକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବା ସହ ମରାମତି ପାଇଁ ଯଥାଂଶ ପ୍ରସ୍ତୁତ ରଖିବା ଦରକାର। ନିୟନ୍ତ୍ରଣ କକ୍ଷଗୁଡ଼ିକ ଯଥାରୀତି ଖୋଲାଯିବା ସହ ଜଳ ଅଭାବ ନେଇ ହେଉଥିବା ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ କରିବାକୁ କୁହାଯାଇଛି। ତା'ଛଡ଼ା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଥିବା ଗ୍ରୀଷ୍ମ ଲହରୀ ସତର୍କତାକୁ ନିୟମିତ ଟ୍ରାକ୍ କରିବା, ପୌରାଞ୍ଚଳରେ ସ୍ୱେଚ୍ଛାସେବୀ ସଂଗଠନ ମାଧ୍ୟମରେ ରାସ୍ତାକଡ଼, ଛକ, ସରକାରୀ କାର୍ଯ୍ୟାଳୟ, ବସ୍ଷ୍ଟାଣ୍ଡ, ରେଳଷ୍ଟେସନ, ବଜାର ଆଦିରେ ଅଧିକ ଜଳ କିଓସ୍କ ଖୋଲିବାକୁ ମାର୍ଗଦର୍ଶିକାରେ କୁହାଯାଇଛି।

### ଏସ୍‌ସିବିରେ ଅଗ୍ନିକାଣ୍ଡ ଘଟଣା

## ଆହତଙ୍କୁ ଭେଟିଲେ ଭକ୍ତ ଓ ବିଜୟ

କଟକ,୧୭।୩(ସଂଚାର ବ୍ୟୁରୋ): କଟକ ଏସସିବି ମେଡିକାଲ ଟ୍ରମା ଆଇସିୟୁ ଗତକାଲି ଘଟିଥିବା ଅଗ୍ନିକାଣ୍ଡରେ ରୋଗୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ବେଳେ ସେମାନଙ୍କୁ ଆଜି ଭେଟିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ ଓ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର।

ଶ୍ରୀ ଦାସ ଏହି ଅଘଟଣ ପାଇଁ ପରିଚାଳନାଗତ ଅବ୍ୟବସ୍ଥାକୁ ଦାୟୀ କରିବା ସହ ଏସସିବି ଅଧୀକ୍ଷକଙ୍କୁ ସମାଲୋଚନା କରିଛନ୍ତି। ଏପରି ଏକ ସଙ୍ଗିନ ଘଟଣାରେ କେଉଁଥିପାଇଁ ଏସସିବି କର୍ତ୍ତୃପକ୍ଷ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି ବୋଲି ଶ୍ରୀ ଦାସ ପ୍ରଶ୍ନ କରିବା ସହ ବୋଧହୁଏ ଅଧୀକ୍ଷକ ନିଜକୁ ମୁଖ୍ୟମନ୍ତ୍ରୀଙ୍କଠୁ ବି ଉପରେ ବୋଲି ଭାବୁଥିବା କହିଛନ୍ତି। ସେ କହିଛନ୍ତି ଯେ ଏସସିବି ମେଡିକାଲର ଆଇସିୟୁ ଅନେକ ବର୍ଷ ତଳୁ କାର୍ଯ୍ୟକ୍ଷମ ହୋଇଛି। କିନ୍ତୁ ଏହାର ପରିଚାଳନା ସଠିକ୍ ଢଙ୍ଗରେ ହେଉନାହିଁ।

ତେଣୁ ଅଗ୍ନିକାଣ୍ଡ ଭଳି ଅଘଟଣ ଘଟିଲା, ଯେଉଁଥିରେ ୧୨ ଜଣ ନିରୀହ ରୋଗୀଙ୍କ ଜୀବନ ଗଲା। ତେଣୁ ଏସ୍‌ସିବିରେ ପ୍ରତ୍ୟେକ ଆଇସିୟୁ ଫେଲ୍ ମାରିଛି ବୋଲି ସେ ଅଭିଯାଗ କରିଛନ୍ତି। ଏଥିସହ ଏପରି ଏକ ଅଘଟଣରେ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେବା ସହ ଦାୟୀ ଅଧିକାରୀଙ୍କୁ ଗିରଫ କରିବା ଏବଂ ମୃତକଙ୍କ ପରିବା ପାଇଁ କୋଟିଏ ଲେଖାଏଁ କ୍ଷତିପୂରଣ ଘୋଷଣା କରିବାକୁ ଶ୍ରୀ ଦାସ ଦାବି କରିଛନ୍ତି।

ସେହିପରି ଶ୍ରୀ ମହାପାତ୍ର ଏପରି ଏକ ଅଘଟଣ ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ହସ୍ପିଟାଲର ଅଗ୍ନି ନିର୍ବାପନ ବ୍ୟବସ୍ଥା ଓ ସୁରକ୍ଷା ପ୍ରୋଟୋକଲ୍ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ଆଇସିୟୁ ପରି ସମ୍ବେଦନଶୀଳ ୟୁନିଟ୍‌ରେ ସୁରକ୍ଷାର ଅଭାବ ଅତ୍ୟନ୍ତ ଚିନ୍ତାଜନକ ବିଷୟ। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଆବଶ୍ୟକ। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଆଗାମୀ ଦିନରେ ଯେପରି ଏପରି ଅଘଟଣର ପୁନରାବୃତ୍ତି ନ ଘଟିବ, ସେଦିଗରେ ଯତ୍ନବାନ ହେବାକୁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି।

## କୁରୁଜଙ୍ଗର ପ୍ରଥମ ମହିଳା ସରପଞ୍ଚଙ୍କ ପରଲୋକ

ପୁରୀ,୧୭।୩(ସଂଚାର ବ୍ୟୁରୋ): କୁରୁଜଙ୍ଗ ପଞ୍ଚାୟତର ପ୍ରଥମ ପୂର୍ବତନ ମହିଳା ସରପଞ୍ଚ ତଥା ବିଶିଷ୍ଟ ସମାଜସେବୀ ସୂର୍ଯ୍ୟମଣି ମହାପାତ୍ରଙ୍କର ଆଜି ପରଲୋକ ହୋଇଛି। ଆଜି ଭୋର ସମୟରେ ସେ ତାଙ୍କ ନିଜସ୍ୱ ବାସଭବନରେ ୯୪ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଜଣେ ମହିୟସୀ, ଦୟାଳୁ ଓ ପରୋପକାରୀ ମହିଳା ଭାବେ ସେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ସେ ତାଙ୍କ ସମାସ୍କନ୍ଧ ବୟସର ଶେଷ ପିଢ଼ିର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଚାରି ପୁଅ ପ୍ରଫୁଲ୍ଲ କୁମାର ମହାପାତ୍ର, ତ୍ରିଭୁବନ, ପ୍ରମୋଦ ଓ ପ୍ରସନ୍ନ, ଚାରି ବୋହୂ ସ୍ୱର୍ଣ୍ଣଲତା, ମଞ୍ଜୁବାଳା, ବନ୍ଦନା ଓ ମୀରା, ଝିଅ ପ୍ରମିଳାଙ୍କ ସମେତ ନାତିନାତୁଣୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସମଗ୍ର କୁରୁଜଙ୍ଗ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଶତାଧିକ ଶ୍ରଦ୍ଧାଳୁ ଓ ଗ୍ରାମବାସୀ ତାଙ୍କ ବାସଭବନରେ ପହଞ୍ଚି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଏକ ଶୋକାକୁଳ ପରିବେଶରେ ତାଙ୍କ ପାର୍ଥିବ ଶରୀର ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଭଳି ଜଣେ ଆଦର୍ଶ ଜନପ୍ରତିନିଧିଙ୍କୁ ହରାଇ ସ୍ଥାନୀୟ ଅଞ୍ଚଳବାସୀ ଜଣେ ଅଭିଭାବକଙ୍କୁ ହରାଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

### ଗ୍ରୀଷ୍ମ ପ୍ରବାହ ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା

## ଖୁଆଡ଼ରେ ଲଗାଯିବ କୁଲର୍ ଓ ଫ୍ୟାନ୍

**ବରଫ ରଖାଯିବ, ଥଣ୍ଡାଜାତୀୟ ଖାଦ୍ୟ ବି ଦିଆଯିବ**

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ଗ୍ରୀଷ୍ମ ପ୍ରବାହକୁ ନେଇ ପ୍ରସ୍ତୁତ ନନ୍ଦନକାନନ କର୍ତ୍ତୃପକ୍ଷ। ଆଗାମୀ ଦିନରେ ହେବାକୁ ଥିବା ଭୀଷଣ ଗ୍ରୀଷ୍ମ ପ୍ରବାହରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଥିବା ପଶୁପକ୍ଷୀଙ୍କୁ କିପରି ସୁରକ୍ଷା ଦିଆଯାଇପାରିବ ଓ ସେମାନଙ୍କ ଉପରେ ଯେପରି ଗ୍ରୀଷ୍ମ ପ୍ରବାହର ବିଶେଷ ପ୍ରଭାବ ନ ପଡ଼ିବ, ସେଥିପାଇଁ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ପ୍ରାଣୀ ଉଦ୍ୟାନରେ ଥିବା ୩୨୮ଟି ଖୁଆଡ଼କୁ ଥଣ୍ଡା ରଖାଯିବାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି କର୍ତ୍ତୃପକ୍ଷ। ଏହିସବୁ ଖୁଆଡ଼ରେ ରହୁଛନ୍ତି ୧୭୮ ପ୍ରଜାତିର ୪୧୫୦ ଜୀବଜନ୍ତୁ। ପ୍ରତି ଖୁଆଡ଼ରେ ଶୀତଳ ବାତାବରଣ ସୃଷ୍ଟି କରିବା ସକାଶେ ବାଉଁଶ ତାଟି ଓ ନଡ଼ାଛପର କରାଯାଇଛି। ଗରମ ଅଧିକ ହେଲେ ଖୁଆଡ଼ରେ ବରଫ ମଧ୍ୟ ରଖାଯିବ। ସେହିପରି ଖାଦ୍ୟ ଆକାରରେ ଅଧିକାଂଶ ତୃଣଭୋଜି ଜୀବଜନ୍ତୁଙ୍କୁ କାକୁଡ଼ି ଓ ତରଭୁଜ ପରି ଥଣ୍ଡା ଦ୍ରବ୍ୟ ଦିଆଯିବ। ବାଘ, ସିଂହ ଭଳି ମାଂସାସୀ ପ୍ରାଣୀମାନଙ୍କୁ ଭିନ୍ନ ଉପାୟରେ ମାଂସକୁ ବରଫ କରି ଖାଇବାକୁ ଦିଆଯିବ। ଏହାଛଡ଼ା ପାଣି କୁଣ୍ଡକୁ ଥଣ୍ଡା ରଖିବା ପାଇଁ ତା' ଉପରେ ତାଟି ପକାଯିବ। ହାତୀଶାଳରେ ପାଣିର ଭିନ୍ନ ବ୍ୟବସ୍ଥା କରାଯାଇଛି। ଖୁଆଡ଼ରେ ସ୍ପ୍ରିଙ୍କଲର ସାହାଯ୍ୟରେ ହାତୀ ଉପରେ ପାଣି ସିଞ୍ଚନ କରାଯିବ। ବିଦେଶୀ ଜନ୍ତୁଙ୍କ ମଧ୍ୟରେ ସିମ୍ପାଞ୍ଜୀ, ହୁଲକ ଗିବନ, ବିଦେଶୀ ମାଙ୍କଡ଼ ଓ ବଜ୍ରକାପ୍ତାଙ୍କ ଖୁଆଡ଼ରେ କୁଲର ଓ ଫ୍ୟାନ ଲଗାଯିବ।

### କଟକକୁ ଫେରିଲା ପୁସ୍ତକ ମେଳା, ୨୦ରୁ 'କଟକ ସାହିତ୍ୟ ସରୋବର'

## ମହାନଦୀ କୂଳରେ ଭ୍ରମଣ ସହ ଜମିବ ବହି କିଣାବିକା ଆସର

- ପ୍ରଥମ ଥର ସିଏମ୍‌ସି ଆୟୋଜ କରିବ ଜିଲ୍ଲାସ୍ତରୀୟ ପୁସ୍ତକ ମେଳା
- ପୁସ୍ତକ ଦାନ ପାଇଁ ଇଚ୍ଛୁକ ବ୍ୟକ୍ତି ଓ ଅନୁଷ୍ଠାନ ପାଇଁ ସ୍ୱତନ୍ତ୍ର ଷ୍ଟଲ୍

କଟକ,୧୭।୩(ସଂଚାର ବ୍ୟୁରୋ): ରାଜ୍ୟର ସାଂସ୍କୃତିକ ରାଜଧାନୀ କଟକକୁ ବହୁ ବର୍ଷ ପରେ ଫେରୁଛି ପୁସ୍ତକ ମେଳା। ରାଜ୍ୟ ସଂସ୍କୃତି ବିଭାଗ, କଟକ ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆସନ୍ତା ମାର୍ଚ୍ଚ ୨୦ ତାରିଖ ଶୁକ୍ରବାରରୁ ବାଲିଯାତ୍ରା ପଡ଼ିଆରେ ଆରମ୍ଭ ହେଉଛି କଟକ ପୁସ୍ତକ ମେଳା। ପ୍ରଥମ ସଂସ୍କରଣରେ ଏହାର ନାଁ ରହିଛି 'କଟକ ସାହିତ୍ୟ ସରୋବର'। ୧୮୦ଟି ଷ୍ଟଲରେ ଚାଲିବ ପୁସ୍ତକ କିଣାବିକାର ଆସର। ଜାତୀୟ ଓ ରାଜ୍ୟର ବହୁ ପ୍ରତିଷ୍ଠିତ ଏବଂ ପୁରାତନ ପ୍ରକାଶକ, ସାହିତ୍ୟିକ, ପୁସ୍ତକ ବିକ୍ରେତା ଏଥିରେ ସାମିଲ ହେବାକୁ ସହମତି ପ୍ରକାଶ କରିଛନ୍ତି । କଟକର ଐତିହ୍ୟ, କୀର୍ତ୍ତିରାଜି ଓ ସଂସ୍କୃତିକୁ ସାଇତି ରଖିବା ପାଇଁ ଏକ ପୁସ୍ତିକା 'କଟକ କଲଚୁରାଲ୍ ପାସପୋର୍ଟ'ର ପରିକଳ୍ପନା କରାଯାଇଛି। ଆଜି ଏହି ଅବସରରେ ସିଏମସି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ମହାନଗର ନିଗମର ମେୟର ଶ୍ରୀ ସୁବାସ ସିଂହ ଗଣମାଧ୍ୟମକୁ ସମ୍ବୋଧିତ କରି ସିଏମସିର ଏଭଳି ଏକ ଅନନ୍ୟ ପ୍ରୟାସ ସଂପର୍କରେ ଅବଗତ କରାଇଥିଲେ। ଜ୍ଞାନ ଓ ଶିକ୍ଷାର ପ୍ରସାର ସହ କଟକରେ ସାଂସ୍କୃତିକ ବୁଦ୍ଧିମତାକୁ ଅଧିକ ସୁଦୃଢ଼ କରିବା ପାଇଁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। ଦୀର୍ଘ ବର୍ଷ ପରେ କଟକକୁ ପୁସ୍ତକମେଳା ଫେରିଥିବାରୁ ସମସ୍ତେ ବେଶ୍ ଉତ୍ସାହିତ ଥିବା ମେୟର କହିଛନ୍ତି। ରାଜ୍ୟରେ ଅଧିକାଂଶ ପ୍ରତିଷ୍ଠିତ ପ୍ରକାଶନୀ କଟକରେ ରହିଛି। ଦୈନିକ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀମାନେ ଏହି ମେଳାରେ ପରିବାର ସହ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଛି।

### ନିଲମ୍ବିତ ବିଧାୟକଙ୍କୁ ମୋକିମଙ୍କ ଆହ୍ୱାନ

## ଗୋଟିଏ ପ୍ଲାଟଫର୍ମରେ ସାମିଲ ହୁଅନ୍ତୁ

କଟକ,୧୭।୩(ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ ହୋଇଥିବା ବିଧାୟକଙ୍କୁ ବଡ଼ ଆହ୍ୱାନ ଦେଇଛନ୍ତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ। ଗୋଟିଏ ପ୍ଲାଟଫର୍ମରେ ସମସ୍ତେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ଝିଅ ସୋଫିଆକୁ କଂଗ୍ରେସ ଦଳ ଅଣଦେଖା କରୁଥିଲା। ବିଶେଷ କରି ମୋତେ ବହିଷ୍କାର ପରେ ତାକୁ ଅଣଦେଖା କରାଯାଉଥିବା ବୋଲି ସେ ଅନୁଭବ କରୁଥିଲେ। କଟକରେ କାହାକୁ ଦଳରେ ମିଶାଇଲେ ବି ଜଣାଉନଥିଲେ,ଏପରିକି ଦଳର ମହିଳା କାର୍ଯ୍ୟକ୍ରମକୁ ମଧ୍ୟ ତାକୁ ଡାକୁନଥିଲେ ବୋଲି କହିଛନ୍ତି ମୋକିମ । ଯଦି ତାଙ୍କୁ ଦଳ ବହିଷ୍କାର କରେ ତେବେ ସେ ଓଡ଼ିଶା ଜନତା କଂଗ୍ରେସ ପାଇଁ କାମ କରିବେ ବୋଲି ମୋକିମ କହିଛନ୍ତି। ସେହିଭଳି ଦଳୀୟ ହ୍ୱିପ୍ ଲକ୍ଷ୍ମଣରେଖା ଡେଇଁବାରୁ ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ମଧ୍ୟ କଂଗ୍ରେସରୁ ନିଲମ୍ବିତ ହୋଇଛନ୍ତି। ତେଣୁ ଯେଉଁମାନେ କଂଗ୍ରେସରୁ ନିଲମ୍ବିତ ହୋଇଛନ୍ତି କିମ୍ବା ଅନ୍ୟ ଦଳରୁ କାର୍ଯ୍ୟାନୁଷ୍ଠାନ ଅପେକ୍ଷାରେ ଅଛନ୍ତି ସେମାନେ ଓଡ଼ିଶା ଜନତା କଂଗ୍ରେସ ସହ ହାତ ମିଳାଇବାକୁ ମୋକିମ ଆହ୍ୱାନ ଦେଇଛନ୍ତି।

### ଜନଗଣନା ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ସହ ମୁଖ୍ୟ ସଚିବଙ୍କ ଆଲୋଚନା

## ସମୟାନୁସାରେ କାର୍ଯ୍ୟ ସମ୍ପାଦନ ପାଇଁ ପରାମର୍ଶ

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମଧ୍ୟରେ ଭାରତୀୟ ଜନଗଣନା-୨୦୨୭ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଆଲୋଚନା କରାଯାଇଥିଲା। ରାଜ୍ୟର ସମସ୍ତ ଜିଲ୍ଲାପାଳ ଓ ମହାନଗର ନିଗମର ଆୟୁକ୍ତ ତଥା ପ୍ରମୁଖ ଜନଗଣନା ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ମୁଖ୍ୟ ଶାସନ ସଚିବ ଜନଗଣନା ଭଳି ଜାତୀୟ ମହାନ କାର୍ଯ୍ୟରେ ସକ୍ରିୟ ଭାବେ ସାମିଲ ହୋଇ ନ୍ୟସ୍ତ ଥିବା କାର୍ଯ୍ୟଗୁଡ଼ିକୁ ସମୟାନୁସାରେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ।

ବୈଠକରେ ରାଜ୍ୟ ଜନଗଣନା ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ ଭାରତୀୟ ଜନଗଣନା-୨୦୨୭ ର ପ୍ରଥମ ପର୍ଯ୍ୟାୟର ଗୃହ ଗଣନା ଓ ଗୃହ ତାଲିକା ପ୍ରସ୍ତୁତିର ବିବରଣୀ ଉପସ୍ଥାପନ କରିଥିଲେ। ଓଡ଼ିଶାରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଗୃହଗଣନା ଓ ଗୃହ ତାଲିକା କାର୍ଯ୍ୟକ୍ରମ ଆସନ୍ତା ମାସ ୧୬ରୁ ଆରମ୍ଭ ହୋଇ ମେ' ୧୫ ପର୍ଯ୍ୟନ୍ତ ଚାଲିବ। ସେହିପରି ଏପ୍ରିଲ୍ ୧ରୁ ୧୫ ତାରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ ସ୍ୱ-ଗଣନାର ବ୍ୟବସ୍ଥା ରହିଛି। ଏହି ଅବସରରେ ଶ୍ରୀ କଲ୍ୟାଣ ଜିଲ୍ଲାମାନଙ୍କରେ ସାମ୍ପ୍ରତିକ କାର୍ଯ୍ୟର ସ୍ଥିତି ଉପରେ ଆଲୋକପାତ କରିଥିଲେ।

### ବେଦାନ୍ତ ଆଲୁମିନିୟମ ଜାମଖାନି କୋଇଲା ଖଣିର ରେକର୍ଡ

## ହାତେଇଲା ୪ଟି ବିଭାଗରେ ସର୍ବଶ୍ରେଷ୍ଠ ପୁରସ୍କାର

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ସମ୍ବଲପୁରରେ ଆୟୋଜିତ ବାର୍ଷିକ ଖଣି ସୁରକ୍ଷା ପକ୍ଷ ପୁରସ୍କାର ସମାରୋହରେ ନିଜର ସୁରକ୍ଷା ନେତୃତ୍ୱକୁ ପ୍ରଦର୍ଶିତ କରିଛି। ଜାମଖାନି କୋଇଲା ଖଣି ସାମଗ୍ରିକ ଭାବେ ଶ୍ରେଷ୍ଠ ଖଣି ପୁରସ୍କାର ହାସଲ କରିବା ସହ ଠିକାଦାର ବର୍ଗରେ ପ୍ରଥମ ପୁରସ୍କାର ପାଇଛି। ସେହିପରି ସୁରକ୍ଷା ପରିଚାଳନା ଯୋଜନା ଓ ଖଣି ଆଲୋକୀକରଣ ବର୍ଗରେ ମଧ୍ୟ ଜାମଖାନି କୋଇଲା ଖଣି ପ୍ରଥମ ସ୍ଥାନ ଅଧିକାର କରି ୪ଟି ବିଭାଗରେ ସର୍ବଶ୍ରେଷ୍ଠ ବିବେଚିତ ହୋଇଛି।

ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଆୟୋଜିତ ହୋଇଆସୁଥିବା ଏହି ପୁରସ୍କାର ସମଗ୍ର ଅଞ୍ଚଳରେ ଖଣି ସୁରକ୍ଷାର ସର୍ବୋଚ୍ଚ ଉତ୍କର୍ଷତା ଓ ପ୍ରତିବଦ୍ଧତାର ମାନକକୁ ସ୍ୱୀକୃତି ପ୍ରଦାନ କରିଥାଏ। ବେଦାନ୍ତ ଆଲୁମିନିୟମର ଜାମଖାନି କୋଇଲା ଖଣିର ମୁଖ୍ୟ ପରିଚାଳନା ଅଧିକାରୀ ବିବେକ ଉପଲନଚିୱାର, ଟିମ୍ ଜାମଖାନି ଓ ଏମଡିଓ ଅଂଶୀଦାରଙ୍କ ସହ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଜଣେ ଆଇଏସ୍‌ଓ ପର୍ଯ୍ୟବେକ୍ଷକ ଓ ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀଙ୍କ ସମେତ ୧୦ ଜଣ ବିଷୟ ବିଶେଷଜ୍ଞଙ୍କୁ ନେଇ ଗଠିତ ବାହ୍ୟ ଏଏମ୍‌ଏସ୍‌ଏଫ୍ ଦଳ ଦ୍ୱାରା ବ୍ୟାପକ ସୁରକ୍ଷା ଯାଞ୍ଚ କରାଯାଇଥିଲା।

# ଧିରେ ଧିରେ ବିଗୁଡ଼ୁଛି ରାଜଧାନୀ ପରିମଳ

ଭୁବନେଶ୍ୱର,୧୭।୩: ରାଜଧାନୀର ପରିମଳ ବ୍ୟବସ୍ଥା ଧିରେ ଧିରେ ବିଗିଡିବାରେ ଲାଗିଛି। ସଫେଇ ଦାୟିତ୍ୱ ନେଇଥିବା ବେସରକାରୀ ସଂସ୍ଥାମାନେ ମନମୁଖୀ କାର୍ଯ୍ୟ ଚଳାଇଥିବାରୁ ଏଭଳି ସ୍ଥିତି ଉପୁଜିଛି। ରାଜଧାନୀରେ ଥିବା ୬୭ଟି ୱାର୍ଡ ମଧ୍ୟରୁ ଅଧିକାଂଶର ସଫେଇ ଦାୟିତ୍ୱରେ ଏକାଧିକ ଘରୋଇ ସଂସ୍ଥା ରହିଛନ୍ତି। ଟେଣ୍ଡର ଜରିଆରେ ସଫେଇ କାମ ହାତେଇଥିବା ଏହି ସଂସ୍ଥାମାନେ ସ୍ଥାନୀୟ ଯୁବକମାନଙ୍କୁ ସୁପରଭାଇଜର ପଦବୀରେ ନିଯୁକ୍ତି ଦେଉଥିବାବେଳେ ଆବଶ୍ୟକତା ଠାରୁ ଢେର କମ୍ ସଫେଇ କର୍ମଚାରୀରେ କାମ ଚଳାଇ ନେଉଛନ୍ତି। ଯେଉଁ ରାସ୍ତାରେ ଝାଡୁ ମାରିବାପାଇଁ ୩/୪ ଜଣ ଦରକାର, ସେଠାରେ ଗୋଟିଏ ଲୋକରେ କାମ ଚଳାଇ ନେଉଛନ୍ତି। ଫଳରେ କେଉଁଠି ଦିନ ୧୦ଟା ପର୍ଯ୍ୟନ୍ତ ରାସ୍ତାରେ ଝାଡୁ ବାଜୁନାହିଁ ତ ଆଉ କେଉଁଠି ଦିନ ଦିନ ଧରି ଝାଡୁ ମରାଯାଉନି ଅଳିଆ ଉଠୁନି। ସ୍ଥାନୀୟ ଯୁବକ ସୁପରଭାଇଜର ଥିବାରୁ ଲୋକେ ଏ ନେଇ ଅଭିଯୋଗ କରିବାକୁ ପଛାଉଛନ୍ତି।

ଘରୋଇ ସଂସ୍ଥାମାନେ କାମପାଇଥିବା ଅଧିକାଂଶ ୱାର୍ଡରେ ଏଭଳି ସ୍ଥିତି। ୱାର୍ଡ ଦାୟିତ୍ୱରେ ଥିବା ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟରମାନେ ସବୁ ଦେଖି ନଦେଖିଲା ଭଳି ରହୁଛନ୍ତି। ଅଧିକାଂଶ ଘରୋଇ ସଂସ୍ଥାର ସୁପରଭାଇଜରମାନଙ୍କ ସହିତ ହାତ ମିଳାଇଛନ୍ତି। ଘରକୁ ଘର ବର୍ଜ୍ୟ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ହେଉଥିବାବେଳେ ଝାଡୁମରା କାର୍ଯ୍ୟ କିନ୍ତୁ ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଅବସ୍ଥା ଏଭଳି ହୋଇଛି ଯେ ଘରୋଇ ସଂସ୍ଥାକୁ ତାଗିଦ କରିବାପାଇଁ ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟରମାନେ ଭୟ କରୁଛନ୍ତି। ସ୍ଥାନୀୟ ଲୋକେ ମଧ୍ୟ ୱାର୍ଡ ଅଫିସର ଓ ସାନିଟାରୀ ଇନ୍ସପେକ୍ଟରମାନଙ୍କର ଦେଖା ଦର୍ଶନ ପାଉନଥିବାରୁ କାହା ନିକଟରେ ଅଭିଯୋଗ କରିବେ ତାହା ଜାଣିପାରୁ ନାହାନ୍ତି।

ଅଧିକାଂଶ ୱାର୍ଡରେ ସଫେଇ କାର୍ଯ୍ୟ ଏଭଳି ଢଙ୍ଗରେ ଚାଲୁଥିବାବେଳେ ବିଏମସିର ଅଧିକାରୀମାନଙ୍କ ନିକଟରେ ଅଭିଯୋଗ ପହଞ୍ଚୁନାହିଁ। ସଫେଇ ଠିକା କାର୍ଯ୍ୟ ନେଇଥିବା ସଂସ୍ଥା ଯଦି ସ୍ଥାନୀୟ ଲୋକଙ୍କ ଠାରୁ ନିୟମିତ ଭାବେ ଲିଖିତ ଆକାରରେ ମତାମତ ସଂଗ୍ରହ କରନ୍ତା ଓ ଏହାକୁ ବିଏମ୍‌ସି ଅଫିସରମାନେ ଯାଞ୍ଚ କରନ୍ତେ ତେବେ ଏଭଳି ସ୍ଥିତି ଉପୁଜନ୍ତା ନାହିଁ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ନିକଟରେ ବିଏମ୍‌ସି ପକ୍ଷରୁ ଟାଇଲ ବିଛାଯାଇଥିବା ସମସ୍ତ କନଜରଭେନ୍ସିଂଗୁଡିକୁ ସଫାକରାଯିବ ବୋଲି ଘୋଷଣା କରାଯାଇଥିଲା। ହେଲେ ସେହି ଘୋଷଣା ଏବେ ଘୋଷଣାରେ ରହିଯାଇଛି। ଅନେକ ସ୍ଥାନରେ କନଜରଭେନ୍ସିଂଗୁଡିକ ଅଳିଆ ଆବର୍ଜନାରେ ଭର୍ତ୍ତି ହେଲାଣି। ୱାଟକୋ ପକ୍ଷରୁ ଡ୍ରେନଗୁଡିକ ସଫା କରାଯାଇ ମାଟି, ବାଲି ଆଦିକୁ କନଜର୍ଭେନ୍ସିଂ ଟାଇଲ ଉପରେ ଗଦା କରାଯାଉଛି। ଠିକାଦାରମାନେ ଏହାକୁ ଉଠାଉନାହାନ୍ତି। କନଜର୍ଭେନ୍ସି ସଫେଇ ଦାୟିତ୍ୱରେ ଥିବା କର୍ମଚାରୀ ଏହା ୱାଟ୍‌କୋର ଅଳିଆ ବୋଲି କହି ପଳାଇଯାଉଛନ୍ତି। କନଜର୍ଭେନ୍ସି ସଫେଇ ନାଁରେ ଏବେ ହରିଲୁଟ୍ ଚାଲିଥିବା ଅଭିଯୋଗ ଆସିଲାଣି। ବିଏମସିର ବଡ଼ ବଡ଼ ଅଧିକାରୀଙ୍କଠାରୁ ଆରମ୍ଭ କରି ୱାର୍ଡ ଅଫିସର୍ ଓ ସାନିଟାରୀ ଇନ୍ସପେକ୍ଟର୍‌ମାନେ ନିୟମିତ ଭାବେ ୱାର୍ଡ ବୁଲି ଲୋକଙ୍କ ମତାମତ ଲୋଡ଼ିଲେ ପରିମଳ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ଆଶା କରାଯାଉଛି। (ତଥ୍ୟ)

### ଡେଲାଙ୍ଗରେ ବୋମା ବିସ୍ଫୋରଣ

## ଛିଣ୍ଡିଲା ଯୁବକଙ୍କ ପାପୁଲି

ପିପିଲି,୧୭।୩(ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅଧୀନସ୍ଥ ଏକ ଜଙ୍ଗଲରେ ମଙ୍ଗଳବାର ଅଘଟଣ ଘଟିଛି। ବୋମା ଭିଡୁଥିବା ବେଳେ ବିସ୍ଫୋରଣ ଘଟି ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି।

ଏହି ବିସ୍ଫୋରଣରେ ଯୁବକଙ୍କ ହାତ ପାପୁଲି ଛିଣ୍ଡିଯାଇଥିବା ବେଳେ ଉକ୍ତ ଯୁବକଙ୍କ ଘର ଡେଲାଙ୍ଗ କୁଆପଦା ଅଞ୍ଚଳରେ ବୋଲି ଜଣାପଡ଼ିଛି। ପ୍ରଥମେ ଯୁବକଙ୍କୁ ଡେଲାଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live



ସମ୍ପାଦକୀୟ

SANCHAR
ସଂଚାର

୪

ବୁଧବାର ୧୮ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର

Wednesday 18 March 2026, Bhubaneswar


# କ୍ରସ ଭୋଟିଂ:ଗଣତନ୍ତ୍ରକୁ ବିପଦ

ମାର୍ଚ୍ଚ ୧୬, ୨୦୨୬ – ଓଡ଼ିଶା ବିଧାନସଭାରେ ରାଜ୍ୟସଭା ନିର୍ବାଚନ ହୋଇଥିଲା । ଚାରିଟି ଆସନ ପାଇଁ ପାଞ୍ଚ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଘଟଣାଟି ରାଜନୈତିକ ବିସ୍ଫୋରଣର ରୂପ ନେଇଥିଲା । ବିଜେଡି ଓ କଂଗ୍ରେସ ବିଧାୟକମାନେ ଦଳୀୟ ହ୍ୱିପ ଅମାନ୍ୟ କରି କ୍ରସ



ଭୋଟ ଦେଇଥିଲେ। ତିନି କଂଗ୍ରେସ୍ ବିଧାୟକ (ରମେଶ ଜେନା, ଦଶରଥି ଗମାଙ୍ଗ, ସୋଫିଆ ଫିର୍ଦୌସ୍) ଓ ଆଠ ବିଜେଡି ବିଧାୟକ (ସୌଭିକ ବିଶ୍ୱାଳ, ଚକ୍ରମଣି କହଁର, ଦେବୀ ରଂଜନ ତ୍ରିପାଠୀ, ନବ କିଶୋର ମଲ୍ଲିକ, ରମାକାନ୍ତ ଭୋଇ ପ୍ରମୁଖ) ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଜିତାଇ ଦେଇଥିଲେ। ଫଳରେ ବିଜେପି ଦୁଇଟି ଆସନ ସହ ତୃତୀୟଟି ମଧ୍ୟ ହାତରେ ଆସିଥିଲା। ଏଭିତରେ କଂଗ୍ରେସ ବିଧାୟକଙ୍କୁ ବେଙ୍ଗାଲୁରୁ ପାଞ୍ଚ କୋଟି ଟଙ୍କାର ଲୋଭ ଦେଖାଯାଇଥିବା ଅଭିଯୋଗ ଉଠିଥିଲା । କ୍ରସ ଭୋଟିଂ ଅଭିଯୋଗରେ କଂଗ୍ରେସ ତିନି ବିଧାୟକଙ୍କୁ ନିଲମ୍ବିତ କରିଛି। ଏହି ଘଟଣା ପୁଣି ଥରେ ପ୍ରଶ୍ନ ଉଠାଇଛି – କ୍ରସ୍ ଭୋଟିଂ ଗଣତନ୍ତ୍ରର ସ୍ୱାଧୀନତା ନା କେବଳ ଘୋଡ଼ା ବେପାରର ନୂଆ ରୂପ ?

କ୍ରସ୍ ଭୋଟିଂର କିଛି ସୁବିଧା ଅଛି। ପ୍ରଥମତଃ, ଏହା ବିଧାୟକଙ୍କୁ ଦଳୀୟ ବନ୍ଧନରୁ ମୁକ୍ତି ଦେଇ ବିବେକ ଅନୁସାରେ ଭୋଟ୍ ଦେବାର ସୁଯୋଗ ପ୍ରଦାନ କରେ। ରାଜ୍ୟସଭା ନିର୍ବାଚନ ଅପ୍ରତ୍ୟକ୍ଷ ହୋଇଥିବାରୁ ବିଧାୟକମାନେ ନିଜ ବିଚାରରେ ଉତ୍ତମ ପ୍ରାର୍ଥୀଙ୍କୁ ବାଛିପାରନ୍ତି। ଦଳୀୟ କେନ୍ଦ୍ରୀକରଣ ଓ ଅନ୍ଧ ଅନୁଗତ୍ୟ କମ ହୁଏ। ଇତିହାସରେ ଏହି ପ୍ରକ୍ରିୟା ଅନେକ ସମୟରେ ଯୋଗ୍ୟ ବ୍ୟକ୍ତିଙ୍କୁ ରାଜ୍ୟସଭାକୁ ପଠାଇଛି। ଓଡ଼ିଶାର ପ୍ରସଙ୍ଗରେ ଦିଲୀପ ରାୟଙ୍କ ପରି ଅଭିଜ୍ଞ ନେତା ନିର୍ବାଚିତ ହେବା ଏହାର ଏକ ଉଦାହରଣ । ଏହା ରାଜନୀତିରେ ପ୍ଲୁରାଲିଜମ୍ ଆଣେ ଓ ଏକଦଳୀୟ ଆଧିପତ୍ୟକୁ ଚ୍ୟାଲେଞ୍ଜ କରେ । ଯଦି ବିଧାୟକମାନେ ସଚେତନ ହୁଅନ୍ତି, ତେବେ ଏହା ଗଣତନ୍ତ୍ରକୁ ମଜବୁତ କରିପାରେ ।

କିନ୍ତୁ ଅସୁବିଧା ଅନେକ ଅଧିକ। ପ୍ରଥମ ଓ ମୁଖ୍ୟ ଅସୁବିଧା ହେଉଛି ଦଳୀୟ ଶିଷ୍ଟାଚାରର ସମ୍ପୂର୍ଣ୍ଣ ଅବମାନନା କରିବା। ବିଧାୟକମାନେ ଭୋଟରଙ୍କ ପ୍ରତିନିଧି ହୋଇଥିବାରୁ ଦଳ ଯେଉଁ ଆଭିମୁଖ୍ୟ ନିର୍ଦ୍ଧାରଣ କରେ, ତାହା ଲଙ୍ଘନ କରିବା ବିଶ୍ୱାସଘାତକତା। ଏଥରେ ବେଙ୍ଗାଲୁରୁ ପାଞ୍ଚ କୋଟି ଟଙ୍କାର ଲୋଭ ଦେଖାଯାଇଥିଲା ବୋଲି ଅଭିଯୋଗ ହୋଇଛି । ଏହା ରାଜନୀତିକୁ କେବଳ ଟଙ୍କା ଓ କ୍ଷମତାର ଖେଳ କରି ଦେଇଛି । ଘୋଡ଼ା ବେପାର, ମନିପାୱାର ଓ ଲୁଚାଚୁପି ବଢ଼ିଯାଏ । ଆଣ୍ଟି ଡିଫେକ୍ସନ୍ ଆଇନ୍ ଏଠାରେ ଲାଗୁ ନ ହେବା ଏକ ବଡ଼ ଲୁପ୍‌ହୋଲ୍। ଫଳରେ ବିରୋଧୀ ଦଳର ଏକତା ଭାଙ୍ଗି ଯାଏ ଓ ସରକାରୀ ଦଳ ଅନ୍ୟାୟ ଭାବେ ଲାଭବାନ୍ ହୁଏ। ଓଡ଼ିଶାରେ ବିଜେପି ତିନିଟି ଆସନ ପାଇବା ଏହାର ଉଦାହରଣ । ଏହା ଭୋଟରଙ୍କ ମଣ୍ଡେଟ୍‌କୁ ଅପମାନିତ କରେ ଓ ରାଜ୍ୟସଭାକୁ ଏକ ବ୍ୟବସାୟୀକ ବୋର୍ଡ କରି ଦେଇପାରେ। ଦୀର୍ଘକାଳୀନ ଦୃଷ୍ଟିରୁ ଏହା ଦଳଗଠନ ଦୁର୍ବଳ କରେ ଓ ରାଜନୈତିକ ଅସ୍ଥିରତା ବଢ଼ାଏ।

ଓଡ଼ିଶା ରାଜନୀତିର ଇତିହାସ ଦେଖିଲେ ଏହା ନୂଆ ନୁହେଁ । ପୂର୍ବରୁ ମଧ୍ୟ ଏପରି ଘଟଣା ଘଟିଛି। କିନ୍ତୁ ଏଥରେ ସ୍ପଷ୍ଟ ହୋଇଛି ଯେ ରାଜ୍ୟସଭା ନିର୍ବାଚନର ପ୍ରକ୍ରିୟା ସୁଧାର ଆବଶ୍ୟକ। ହ୍ୱିପ୍‌କୁ କଡ଼ାକଡ଼ି କରିବା, ଗୋପନୀୟ ଭୋଟିଂର ସ୍ଥାନରେ ଖୋଲା ଭୋଟିଂ ବିଚାର କରିବା କିମ୍ବା ରାଜ୍ୟସଭାକୁ ପ୍ରତ୍ୟକ୍ଷ ନିର୍ବାଚନ କରିବା ପରି ପ୍ରସ୍ତାବ ଉଠାଇବା ଉଚିତ। ଓଡ଼ିଶା ପରି ରାଜ୍ୟରେ ଯେଉଁଠାରେ ବିଜେଡି ଓ କଂଗ୍ରେସ ଏକତା କରି ବିଜେପିକୁ ପ୍ରତିରୋଧ କରୁଥିଲେ, ସେଠାରେ କ୍ରସ୍ ଭୋଟିଂ ସେହି ଏକତାକୁ ଭାଙ୍ଗିଲା। ଏହା କେବଳ ଏକ ଦଳର ଲାଭ ନୁହେଁ, ଗୋଟିଏ ଗଣତାନ୍ତ୍ରିକ ବ୍ୟବସ୍ଥାର କ୍ଷତି।

ଶେଷରେ କହିବାକୁ ହେଲେ, କ୍ରସ୍ ଭୋଟିଂ ଯଦି ବିବେକ ଓ ଯୋଗ୍ୟତା ଆଧାରରେ ହୁଏ ତେବେ ସ୍ୱାଗତଯୋଗ୍ୟ। କିନ୍ତୁ ଟଙ୍କା ଓ ଲୋଭର ପ୍ରଭାବରେ ହେଲେ ଏହା ଗଣତନ୍ତ୍ରର କଳଙ୍କ। ଓଡ଼ିଶା ସରକାର ଓ ରାଜନୈତିକ ଦଳଗୁଡ଼ିକୁ ଏହି ପ୍ରସଙ୍ଗରେ ଗମ୍ଭୀରତାର ସହ ଚିନ୍ତା କରିବାକୁ ପଡ଼ିବ। ନଚେତ ରାଜ୍ୟସଭା ଯାହା ରାଜ୍ୟର ପ୍ରତିନିଧିତ୍ୱ କରିବାର ଥିଲା, ତାହା କେବଳ ଏକ କ୍ଷମତାର ମାଟି କଣ୍ଢେଇ ହୋଇ ରହିବ। ସ୍ୱଚ୍ଛ, ନିର୍ଭୟ ଓ ନୈତିକ ରାଜନୀତି ହିଁ ଓଡ଼ିଶାର ଉନ୍ନତିର ମୂଳ ମନ୍ତ୍ର ।

# ଆତ୍ମ ସଂଯମତାର ମାସ ପବିତ୍ର ରମଜାନ


ଅମତୁସ ଶାଫି


ଇସଲାମୀ ଚନ୍ଦ୍ର ପଞ୍ଜିକାର ନବମ ମାସ ହେଉଛି ପବିତ୍ର ରମଜାନ। ଏହା ଅତ୍ୟନ୍ତ ପବିତ୍ର ଓ ଆନନ୍ଦର ମାସ। ରମଜାନର ଅଭିନନ୍ଦନ ପାଇଁ ବର୍ଷକ ପୂର୍ବରୁ ସ୍ୱର୍ଗପୁରକୁ ସାଜ-ସଜା କରାଯାଇଥାଏ। ସ୍ୱର୍ଗ କହିଥାଏ ହେ ପ୍ରଭୁ ପବିତ୍ର ରମଜାନ ମାସରେ ତୋର ଭକ୍ତମାନଙ୍କୁ ମୋ ପାଇଁ ସ୍ୱତନ୍ତ୍ର କରିଦେ। ପୈଗମ୍ବର ହଜରତ ମୁହମ୍ମଦଙ୍କ ଜୀବନାଦର୍ଶରେ ଏହା ଦେଖିବାକୁ ମିଳିଥାଏ ଯେ ରମଜାନ ମାସ ଆସିବାର ଦୁଇ ମାସ ପୂର୍ବରୁ ସେ ଏ ପ୍ରାର୍ଥନା କରିଥାନ୍ତି ଯେ ହେ ପ୍ରଭୁ ଆମକୁ ଆମ ଜୀବନରେ ପୁଣିଥରେ ଏହି ପବିତ୍ର ମାସ ରମଜାନକୁ ଆସିବାକୁ ଦିଅ। ନିଶ୍ଚିତରେ ଏ ପବିତ୍ର ମାସ ରମଜାନ ଆମ ଜୀବନରେ ଆଗମନ କରିବାକୁ ଯାଉଛି। ଏ ପବିତ୍ର ମାସର ଆଗମନ ପୂର୍ବରୁ ଆମ ଗହଣରୁ ଅନେକ ସାଙ୍ଗ-ସାଥି, ବନ୍ଧୁ-ବାନ୍ଧବ ଓ ପରିଜନମାନେ ଇହଲୀଳା ସମ୍ବରଣ କରିସାରିଲେଣି। ପୈଗମ୍ବର ହଜରତ ମୁହମ୍ମଦ କହିଥିଲେ ଶୁଣ! ଶୁଣ ! ତୁମ ନିକଟକୁ ପବିତ୍ର ରମଜାନର ଆଗମନ ହୋଇଛି। ଏ ମାସ ଅତ୍ୟନ୍ତ ପବିତ୍ର ମାସ। ଯାହାର ଉପବାସ ପ୍ରଭୁ ତୁମ ଉପରେ ଧାର୍ଯ୍ୟ କରିଛନ୍ତି। ଏହି ମାସରେ ସ୍ୱର୍ଗର ସମସ୍ତ ଦ୍ୱାର ଖୋଲିଦିଆ ଯାଇଥାଏ। ଏବଂ ନର୍କର ସମସ୍ତ ଦ୍ୱାର ବନ୍ଦ କରିଦିଆଯାଏ। ଖଳ ପ୍ରକୃତିର ସଇତାନକୁ ବାନ୍ଧି ଦିଆଯାଏ। ଏ ମାସରେ ଏପରି ଏକ ଶୌଭାଗ୍ୟଶାଳୀ ରାତ୍ରି ଆସିଥାଏ, ଯାହା ହଜାର ରାତ୍ରି ଠାରୁ ଶ୍ରେଷ୍ଠ। ଯେକେହି ଏହାର ସମୃଦ୍ଧିରୁ ବଞ୍ଚିତ ରହିଲା, ଜାଣିନିଅ ସେ ଲକ୍ଷଚ୍ୟୁତ, ପଥଭ୍ରଷ୍ଟ, ଅବହେଳିତ ଏବଂ ଅସଫଳ ରହିଲା। ନବିଶ୍ରେଷ୍ଠ ହଜରତ ମୁହମ୍ମଦ କହିଛନ୍ତି, ସେହି ବ୍ୟକ୍ତି ବଡ଼ ହତଭାଗା ଯାହାର ଜୀବନରେ ବାପ-ମା ମିଳିଲେ ଏବଂ ସେ ତାଙ୍କର ସେବା ଓ ସତ୍କାର କରି ସ୍ୱର୍ଗ ପ୍ରାପ୍ତ କରିପାରିଲା ନାହିଁ। ସେହିଭଳି ହତଭାଗା ସେହି ବ୍ୟକ୍ତି ଯିଏ ନିଜ ଜୀବନରେ ପବିତ୍ର ରମଜାନକୁ ପାଇଲା ଏବଂ ସେ ପ୍ରଭୁଙ୍କ ଉପାସନା ଓ ରୋଜା ରଖି ନିଜ ପାପ କ୍ଷମା କରିପାରିଲା ନାହିଁ।

ଏହି ପବିତ୍ର ମାସରେ ଉପାସନା ଗୃହରେ ଭକ୍ତଙ୍କ ସମାଗମ ବଢ଼ିବାକୁ ଲାଗିଥାଏ। ବର୍ଷସାରା ନିଦ୍ରାରେ ହଜିଯାଇଥିବା ହୃଦୟ ଏହି ମାସ ଆସିବା କ୍ଷଣି ଜାଗି ଉଠିଥାଏ। ପ୍ରତ୍ୟେକ ମୁଣ୍ଡ ପ୍ରଭୁଙ୍କ ଛାମୁରେ ନତମସ୍ତକ ହେବାକୁ ଲାଗିଯାଏ। ରାତ୍ରି ଅନିଦ୍ରା ହେବାକୁ ଲାଗିଥାଏ। ପବିତ୍ର କୋରାନ ପାଠର ଧ୍ୱନି ସର୍ବତ୍ର ଗୁଞ୍ଜରିତ ହୋଇଉଠେ। ସତେ ଯେପରି ସାଂସାରିକ କାମ ଧନ୍ଦା ମାନ୍ଦା ହେବାକୁ ଲାଗିଯାଏ। ଆଧ୍ୟାତ୍ମିକ ବଜାର ଏବେ ଗରମ ହେବାକୁ ଲାଗିଥାଏ। ଈଶ୍ୱରଙ୍କ ଆଶୀର୍ବାଦ ଓ କରୁଣାର ନଦୀ ଏବେ ପ୍ରବାହିତ ହେବାକୁ ଲାଗିଥାଏ। କ୍ଷମା ଓ ମୋକ୍ଷର କାରବାର ହେବାକୁ ଲାଗିଥାଏ। ଏସବୁ ଦୃଶ୍ୟ ଦେଖି ଦେବଦୂତଗଣ ଖୁସି ହୋଇଥାନ୍ତି। ସଇତାନ ଏଭଳି ପବିତ୍ର ପରିବେଶର ଜାଗାକୁ ଛାଡ଼ି ଚାଲିଯାଇଥାନ୍ତି।

ଏହି ମାସ ବିଶ୍ୱବାସୀଙ୍କ ପାଇଁ ଆତ୍ମଶୁଦ୍ଧି, ଧୈର୍ଯ୍ୟ, ତ୍ୟାଗ, ଭକ୍ତି ଓ ମାନବସେବାର ଏକ ବିଶେଷ ଅବସର ଆଣିଥାଏ। ରମଜାନ କେବଳ ଉପବାସ ରଖିବାର ମାସ ନୁହେଁ, ବରଂ ଆତ୍ମାକୁ ପବିତ୍ର କରି ପ୍ରଭୁଙ୍କ ସହ ନିକଟତା ଲାଭ କରିବାର ଏକ ଆଧ୍ୟାତ୍ମିକ ପ୍ରଶିକ୍ଷଣ। ଉପବାସ ଆମକୁ ଆତ୍ମ ନିୟନ୍ତ୍ରଣତା, ସହନଶୀଳତା, ନମ୍ରତା, ପ୍ରଭୁଭକ୍ତି, ପାପରୁ ଦୂରତା ଶିଖାଇଥାଏ। ଏହା ସହ ମିଥ୍ୟା, କପଟ, ଝଗଡ଼ା, ଖରାପ ଚିନ୍ତା ଓ ଅନ୍ୟାୟରୁ ମଧ୍ୟ ଦୂରେଇ ରଖିଥାଏ। ଏହି ରମଜାନ ମାସର ସର୍ବଶ୍ରେଷ୍ଠ ମହିମା ହେଉଛି, ଏହି ମାସରେ ପବିତ୍ର କୋରାନ ସମଗ୍ର ଜଗତବାସୀଙ୍କ କଲ୍ୟାଣ ଓ ସଂସ୍କାର ପାଇଁ ଅବତୀର୍ଣ୍ଣ ହୋଇଥିଲା। ପବିତ୍ର କୋରାନ ମନୁଷ୍ୟକୁ ସତ୍ୟ, ନ୍ୟାୟ ଓ ଶାନ୍ତିର ପଥ ଦେଖାଇଥାଏ। ପବିତ୍ର କୋରାନରେ ସମସ୍ତ ସମସ୍ୟାର ସମାଧାନ ରହିଛି।

ଆଜିର ବ୍ୟସ୍ତ ଓ ଭୌତିକବାଦୀ ଜୀବନରେ ରମଜାନ ଆମକୁ ସ୍ମରଣ କରାଇଥାଏ ଯେ ମନୁଷ୍ୟ କେବଳ ଭୌତିକ ସୁଖ ପାଇଁ ନୁହେଁ ବରଂ ସେ ନୈତିକତାର ଚରମ ସୀମାରେ ପହଞ୍ଚି ପ୍ରଭୁଭକ୍ତ ହୋଇ ପାରିଥାଏ। ଆଧ୍ୟାତ୍ମିକ ଶାନ୍ତି ହିଁ ପରମ ଶାନ୍ତି। ଏହା ଅଧିକ ମୂଲ୍ୟବାନ। ସମାଜ ସେବା ହିଁ ସତ୍ୟଧର୍ମ। ମାନବ ସେବା ହିଁ ମାଧବ ସେବା। ପବିତ୍ର ରମଜାନ ମନୁଷ୍ୟକୁ ନୂତନ ଜୀବନ ଆରମ୍ଭ କରିବାର ସୁଯୋଗ ଦେଇଥାଏ। ଏକ ମାସର ଘୋର ତପସ୍ୟା ଓ ପ୍ରଶିକ୍ଷଣ ତାକୁ ଆଧ୍ୟାତ୍ମିକ ସଫଳତା ଓ ସମାଜରେ ଭଦ୍ର ବ୍ୟକ୍ତି ରୂପେ ପରିଚିତ କରାଇଥାଏ। ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦ କୁହନ୍ତି, ପବିତ୍ର ରମଜାନ ଆମକୁ ନମାଜ ପାଠରେ ନିୟମିତତା, ପବିତ୍ର କୋରାନ ସହ ଗଭୀର ସଂପର୍କ ସ୍ଥାପନ କରିବା, ମାନବ ସେବା କରିବା, ଦୟାଭାବ ପ୍ରଦର୍ଶନ କରିବା, ଆତ୍ମସଂଯମତା, ଉଦାରତା, ସହନଶୀଳତା, ସମନ୍ୱୟତା, ସଜାଗତା, ସକ୍ଷମତା, ସାହାସିକତା ଏବଂ ସତ୍ୟତାର ଶିକ୍ଷା ଦେଇଥାଏ। ଆସନ୍ତୁ ଆମେ ସଭିଏଁ ରମଜାନର ସତ୍ୟ ଆତ୍ମାକୁ ବୁଝିବା ସହ ଆମ ଜୀବନକୁ ଧାର୍ମିକ, ନୈତିକ, ଆଧ୍ୟାତ୍ମିକ, ସୁଖ ଓ ସୁନ୍ଦର ଭାବେ ଗଢ଼ିବା। ଏହାହିଁ ଆମର କାମନା।


ମଙ୍ଗଳାବାଗ-କଟକ, ମୋବାଇଲ୍:୯୭୯୨୨୨୫୦୫୭


# ଓଡ଼ିଶାର ଯୁବଶକ୍ତିଙ୍କ ସମ୍ଭାବନା ଓ ଆଶାର ଦିଗ୍‌ଦର୍ଶନ




ମନସିଜ୍ ଦାସ


ଓଡ଼ିଶାର ଯୁବପିଢ଼ିଙ୍କ ସ୍ୱପ୍ନ ଅନେକ। ଏଠି ସାଧନ ଅଛି, ସମ୍ଭାବନା ବି ରହିଛି। ଏଠାରେ ଭରପୁର ଭିତ୍ତିଭୂମି ରହିଛି। ଶ୍ରମଶକ୍ତି ଅଛି, ଯୁବ ଶକ୍ତି ବି ରହିଛି। ହେଲେ ଉଡ଼ାଣରେ ଇନ୍ଧନ ଭରିବା ପାଇଁ ଆବଶ୍ୟକ ଏକ ଉପଯୁକ୍ତ ଯୁବନୀତି। ସରକାର ଯୁବପିଢ଼ିଙ୍କୁ ଉତ୍କର୍ଷର ଶିଖରରେ ପହଞ୍ଚାଇବା ପାଇଁ ଉଦ୍ୟମ କରୁଛନ୍ତି। ହେଲେ ଏହା ଯଥେଷ୍ଟ ହେଉନାହିଁ। ନିଯୁକ୍ତି ବଜାରରେ ମୁକାବିଲା କରିବା ଭଳି ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାକୁ ପଡ଼ିବ। ନବସୃଜନକୁ ପ୍ରୋତ୍ସାହନ ପାଇଁ ନୂଆ କିଛି କରିବାକୁ ପଡ଼ିବ। କାରଣ ଦକ୍ଷତାର ଉପଯୁକ୍ତ ବିନିଯୋଗ ନ ହେଲେ ଯୁବପିଢ଼ି ବିପଥଗାମୀ ହେବେ କିମ୍ବା ହତୋତ୍ସାହିତ ହୋଇ ନିଜକୁ ହିଁ ଶେଷ କରିଦେବେ। ଯାହା ସମାଜ ପାଇଁ ଆଦୌ ଶୁଭଙ୍କର ନୁହେଁ।

ଓଡ଼ିଶାର ମାଟିତଳେ ଖଣିଜ ସମ୍ପଦ ଭରି ରହିଥିବାବେଳେ ମାଟି ଉପରେ ଅନେକ ନଦନଦୀ ରହିଛି। ଏହାସହ ବିସ୍ତୀର୍ଣ୍ଣ ବେଳାଭୂମିକୁ ନେଇ ସମୃଦ୍ଧିର ସମ୍ଭାବନା ରହିଛି। ରାଜ୍ୟର ଖଣିଜ ସମ୍ପଦକୁ ଭିତ୍ତି କରି ଯାଜପୁର ଜିଲ୍ଲାର କଳିଙ୍ଗନଗରରେ ଅନେକ ବୃହତ୍ ଶିଳ୍ପ, ରାଉରକେଲାରେ ଇସ୍ପାତ କାରଖାନା, କୋରାପୁଟର ଦାମନଯୋଡ଼ି ଠାରୁ ଆରମ୍ଭ କରି ଅନୁଗୁଳ, ଝାରସୁଗୁଡ଼ାରେ ଅନେକ ଶିଳ୍ପ ଗଢ଼ି ଉଠିଛି। ଆଗକୁ ମଧ୍ୟ କେନ୍ଦୁଝର, ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ବୃହତ ଶିଳ୍ପ ମୁଣ୍ଡ ଟେକିବାର ସମ୍ଭାବନା ରହିଛି। ଓଡ଼ିଶାର ଯୁବକମାନେ ମୁଖ୍ୟତଃ ଶିକ୍ଷା, ନିଯୁକ୍ତି ସୁଯୋଗ ଓ ଉଦ୍ୟୋଗ ଉପରେ ଧ୍ୟାନ ଦେଉଛନ୍ତି। ଏହି ସମୟରେ ସେମାନେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ସାମାଜିକ ଗଣମାଧ୍ୟମର ପ୍ରଭାବ ଭଳି ଚ୍ୟାଲେଞ୍ଜ ସହିତ ମଧ୍ୟ ସଂଘର୍ଷ କରୁଛନ୍ତି। ସ୍ଥିର ଓ ଗୁଣାତ୍ମକ ଚାକିରି ପାଇବା ଏକ ପ୍ରାଥମିକ ଚିନ୍ତାଧାରା।

ଓଡ଼ିଶା ଅନେକ ସଫଳ ଯୁବ ଉଦ୍ୟୋଗୀ ସୃଷ୍ଟି କରିପାରିଛି। ଯେମିତି କି 'ଓୟୋ'ର ପ୍ରତିଷ୍ଠାତା ରାୟଗଡ଼ାର ରିତେଶ ଅଗ୍ରୱାଲ କମ ବୟସରେ ହୋଟେଲ ବ୍ୟବସାୟ ଆରମ୍ଭ କରି ଦେଶରେ ଚର୍ଚ୍ଚିତ ହୋଇପାରିଛନ୍ତି। ସେହିପରି ଦୁଗ୍ଧ ପ୍ରକ୍ରିୟାକରଣ ସଂସ୍ଥା ମିଲକ ମନ୍ତ୍ରାର ପ୍ରତିଷ୍ଠାତା ଶ୍ରୀକୁମାର ମିଶ୍ର ଜଣେ ସଫଳ ଯୁବ ଉଦ୍ୟୋଗୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲା ଗୋବିନ୍ଦପୁରର ରାମଜିତ୍ ଟୁଡୁ ସାନ୍ତାଳୀ ଭାଷାର ଅଲଚିକି ଲିପିକୁ ଡିଜିଟାଇଜେସନ କରି ଅନେକଙ୍କ ପାଇଁ ହିରୋ ପାଲଟି ଯାଇଛନ୍ତି। କୋରାପୁଟ ଜିଲ୍ଲା ବୈପାରିଗୁଡ଼ାର ଝିଅ ହର୍ଷିତା ପ୍ରିୟଦର୍ଶିନୀ ମହାନ୍ତି ଦେଶୀ ଧାନ ବିହନ ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରି ଆମେରିକାର ସାନ୍ଫ୍ରାନସିସ୍କୋସ୍ଥିତ ପରିବେଶ ସୁରକ୍ଷା ପାଇଁ କାମ କରୁଥିବା ଆକ୍ସନ ଫର ନେଚର ପକ୍ଷରୁ ଅଗଷ୍ଟ ମାସରେ ୟଙ୍ଗ ଇକୋ ହିରୋ ପୁରସ୍କାର ପାଇଛନ୍ତି। ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଧ୍ରିତିମୋକ୍ଷା ପାଣିଗ୍ରାହୀ ଅଣୁଅସ୍ତ୍ର ନିରସ୍ତ୍ରୀକରଣ ଅଭିଯାନରେ ଜାତିସଂଘ ଯୁବଗୋଷ୍ଠୀର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ଯୁବ ନବସୃଜନ ପାଣ୍ଠି ଯୋଜନା ଏବଂ ନାନୋ ୟୁନିକର୍ଣ୍ଣ ଯୋଜନା ନବସୃଜନଶୀଳ ଚିନ୍ତାଧାରାକୁ ବ୍ୟବସାୟରେ ପରିଣତ କରିବା ପାଇଁ ପାଣ୍ଠି, ପରାମର୍ଶ ପ୍ରଦାନ କରୁଛି। ରାଜ୍ୟ ସରକାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଏବଂ ଷ୍ଟାର୍ଟଅପ ଓଡ଼ିଶା ପଦକ୍ଷେପ ମାଧ୍ୟମରେ ସହାୟକ ପରିବେଶ ପ୍ରତିଷ୍ଠା କରିଛନ୍ତି।

ଭବିଷ୍ୟତ ପ୍ରତିଶ୍ରୁତିପୂର୍ଣ୍ଣ ହୋଇଥିଲେ ମଧ୍ୟ, ଅନେକ ଚ୍ୟାଲେଞ୍ଜ ରହିଛି। ରାଜ୍ୟରେ ଏକ ବୃହତ୍ କାର୍ଯ୍ୟକ୍ଷମ ବୟସ ଜନସଂଖ୍ୟା ୬୯% ସହିତ ପ୍ରଚୁର ପ୍ରାକୃତିକ ସମ୍ପଦ ରହିଛି। ତେଣୁ ସାମାଜିକ ଓ ଆର୍ଥିକ ପରିବର୍ତ୍ତନ ପାଇଁ ଏହାର ଯୁବଶକ୍ତିକୁ ବ୍ୟବହାର କରିବାକୁ ଓଡ଼ିଶା ଭଲ ସ୍ଥିତିରେ ଅଛି। ଏହି ସମ୍ଭାବନାକୁ ସାକାର କରିବା ପାଇଁ ସରକାର, ନାଗରିକ ସମାଜ ଏବଂ ଯୁବପିଢ଼ିଙ୍କ ସାମୂହିକ ପ୍ରୟାସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ବିଶାଳ ଯୁବ ଜନସଂଖ୍ୟା ରାଜ୍ୟ



ଜନସଂଖ୍ୟାର ୪୦%ରୁ ଅଧିକଙ୍କ ସାମୂହିକ ଶକ୍ତି ଓ ସମ୍ଭାବନାକୁ ଅତୁଳ୍ୟ ବୋଲି ବିବେଚନା କରାଯାଏ। ଭାରତର ମୋଟ ଜନସଂଖ୍ୟାର ସିଂହଭାଗ ହେଉଛନ୍ତି ୩୫ ବର୍ଷରୁ କମ ବୟସର। ଏଥିପାଇଁ ବିଶ୍ୱର ସବୁଠାରୁ ଯୁବ ଶ୍ରମଶକ୍ତି ମଧ୍ୟରେ ଭାରତ ସ୍ଥାନ ପାଇଛି। ଏହି ଯୁବଶକ୍ତି ଦେଶର ଅଭିବୃଦ୍ଧିର ଏକ ଶକ୍ତିଶାଳୀ ଇଞ୍ଜିନ ହୋଇପାରେ। ଏଥିପାଇଁ ଯୁବପିଢ଼ିଙ୍କୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ କରାଯିବା ଆବଶ୍ୟକ। ତେବେ ଯୁବ ଶ୍ରମଶକ୍ତିର ସଦବ୍ୟବହାର କରାନଗଲେ ସାମାଜିକ ଅସ୍ଥିରତା ସୃଷ୍ଟି ହୋଇପାରେ। ଏକ ସର୍ଭେ ଅନୁଯାୟୀ ୨୦୨୫ ଏପ୍ରିଲରେ ଦେଶର ସମଗ୍ର ବେକାରି ହାର ୫.୧ ପ୍ରତିଶତ ରହିଥିଲା। ସେହିପରି ସହରାଞ୍ଚଳର ଯୁବକମାନେ ଗ୍ରାମାଞ୍ଚଳ ଯୁବକଙ୍କ ତୁଳନାରେ ବେକାର ହେବାର ଆଶଙ୍କା ଅଧିକ। କାରଣ ସହରରେ ଉଚ୍ଚ ଆଶା, ଅଧିକ ପ୍ରତିଯୋଗିତା ଏବଂ ଜୀବନଯାପନ ପାଇଁ ଅଧିକ ଖର୍ଚ୍ଚ ହୋଇଥାଏ।

ଦକ୍ଷତା ବିକାଶ, ଉଦ୍ୟୋଗ ଓ ଅନ୍ତର୍ଭୁକ୍ତିକୃତ ଅଭିବୃଦ୍ଧି ଦ୍ୱାରା ଯୁବ ସମାଜର ଭବିଷ୍ୟତକୁ ଏକ ସୁବର୍ଣ୍ଣ ଯୁଗ ଭାବରେ କଳ୍ପନା କରାଯାଇଛି। ରାଜ୍ୟ ସରକାର ଏହାର ଯୁବ ଜନସଂଖ୍ୟାକୁ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଆଇଟି, କୃଷି ଓ ଉତ୍ପାଦନ ଭଳି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଉଛି। ରାଜ୍ୟ ସରକାର ପ୍ରତିବର୍ଷ ଏକ ଲକ୍ଷ ଯୁବକଯୁବତୀଙ୍କୁ ଇ-ସ୍କଲିଂ ସୁଯୋଗ ପ୍ରଦାନ କରିବା ସହ ସେମାନଙ୍କୁ ଶିଳ୍ପ ଆବଶ୍ୟକତା ସହିତ ସମନ୍ୱିତ କରିବା ପାଇଁ ନୂଆ ଓଡ଼ିଶା ଏବଂ ସ୍କିଲ ଭିଜନ-୨୦୩୦ ଭଳି ପଦକ୍ଷେପ ନେଇଛନ୍ତି। ନିଯୁକ୍ତି କ୍ଷମତା ବୃଦ୍ଧି କରିବା ପାଇଁ ବାଣିଜ୍ୟ, କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷା ଓ ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକର ସହଭାଗୀତା ଉପରେ ଧ୍ୟାନ ଦିଆଯାଉଛି। ସ୍ଥାନୀୟ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗେଇ ନେବା ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଉଦ୍ୟୋଗୀ ହେବାକୁ ଯୁବପିଢ଼ିଙ୍କୁ ଉତ୍ସାହିତ କରାଯାଉଛି। ଚାକିରି ବଜାରରେ ଯୁବପିଢ଼ିଙ୍କ ହତାଶା ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଦକ୍ଷତାର ଅସମାନତା ଏବଂ ଆର୍ଥିକ ଚାପର ଜଟିଳ ସମସ୍ୟା କାରଣରୁ ଉଚ୍ଚ ଶିକ୍ଷିତଙ୍କ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିବା ସହ ସାମାଜିକ ସ୍ଥିରତା ଉପରେ ନାକାରାତ୍ମକ ପ୍ରଭାବ ପକାଉଛି। ନିଯୁକ୍ତି ପରୀକ୍ଷାରେ ଅନିୟମିତତା ମଧ୍ୟ ଯୁବପିଢ଼ିଙ୍କୁ ହତାଶ କରୁଛି।

ଶିକ୍ଷାଗତ ଯୋଗ୍ୟତା ଏବଂ ନିଯୁକ୍ତିଦାତାଙ୍କ ପ୍ରକୃତ ଚାହିଦା ମଧ୍ୟରେ ପ୍ରାୟତଃ ବ୍ୟବଧାନ ରହିଥାଏ। ପାଠ୍ୟକ୍ରମ ପ୍ରାୟତଃ ଅତ୍ୟଧିକ ତାତ୍ତ୍ୱିକ ହୋଇଥାଏ। ପ୍ରଯୁକ୍ତିବିଦ୍ୟାର ଦ୍ରୁତ ପ୍ରଗତି ଯଥା କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଯୋଗୁଁ ସମୟ ସହିତ ତାଳ ଦେଇ ନପାରି ଡିଗ୍ରୀଧାରୀମାନେ ଉପଲବ୍ଧ ଚାକିରି ପାଇଁ ନିଜକୁ ପ୍ରସ୍ତୁତ କରିପାରି ନଥାନ୍ତି। ଏହା ସହ ଆର୍ଥିକ ମାନ୍ଦାବସ୍ଥା, ନିଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧିର ଅଭାବ କାରଣରୁ ପର୍ଯ୍ୟାପ୍ତ ଗୁଣାତ୍ମକ ଚାକିରି ମିଳୁଛି। ଯୋଗ୍ୟତା ଅନୁସାରେ ଚାକିରି ମିଳୁ ନଥିବାରୁ ବାଧ୍ୟ ହୋଇ କମ ଦରମାରେ କାମ କରୁଛନ୍ତି। ଦୀର୍ଘକାଳୀନ ବେକାରି ଅର୍ଥାଭାବରୁ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ଅବସାଦ ଚାପ ବଢ଼ିଥାଏ। ଦକ୍ଷ ଯୁବପିଢ଼ି କର୍ମସଂସ୍ଥାନ ଅନ୍ୱେଷଣରେ ବାହାର ଦେଶକୁ ଚାଲିଯିବାର ସମ୍ଭାବନା ଅଧିକ। ଚାହିଦା ଅନୁଯାୟୀ ଦକ୍ଷତା ଏବଂ ବୃତ୍ତିଗତ ତାଲିମ ଉପରେ ଧ୍ୟାନ ଦେବା ପାଇଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷାନୁଷ୍ଠାନ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ସମନ୍ୱୟ ରଖି ବଜାର ଆବଶ୍ୟକତା ସହିତ ପାଠ୍ୟକ୍ରମକୁ ସଜାଡ଼ିବାକୁ ପଡ଼ିବ। ଯୁବ ଉଦ୍ୟୋଗୀମାନଙ୍କ ପାଇଁ ପାଣ୍ଠି, ପରାମର୍ଶ ଓ ସହାୟତାର ଆବଶ୍ୟକତା ରହିଛି। ଏଥିସହ ଯୁବପିଢ଼ିଙ୍କୁ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବା ଆବଶ୍ୟକ।


ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ
ଗୁରୁଗ୍ରାମ, ହରିୟାନା


# ରାଷ୍ଟ୍ରପତିଙ୍କୁ ନେଇ ରାଜନୀତି କାହିଁକି ?




ଗୋପାଳ ମହାପାତ୍ର


ଦେଶରେ କ'ଣ କ'ଣ ସବୁ ଘଟୁଛି, କିଏ କ'ଣ ସବୁ କହୁଛି ସେ ପ୍ରସଙ୍ଗରେ ଚିନ୍ତା କଲେ ଜଣାପଡ଼େ ସତେ ଯେମିତି ସବୁ କିଛି ଠିକ୍ ନାହିଁ। ପ୍ରସଙ୍ଗ ହେଉଛି ଦୁଇ ସାମ୍ବିଧାନୀକ ପଦବୀରେ ଅଧିଷ୍ଠିତ ରାଷ୍ଟ୍ରପତି ଓ ପଶ୍ଚିମବଂଗର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ। କ'ଣ ଏ ଦୁହିଁଙ୍କ ବାକ୍ଯୁଦ୍ଧକୁ ନେଇ ସାର୍ବଜନୀକ ବିମର୍ଷର ଆବଶ୍ୟକତା ରହିଛି? ବିଲକୁଲ ନୁହେଁ। ଘଟଣା ଆରମ୍ଭ ହୋଇଛି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସିଲିଗୁଡ଼ି ଗସ୍ତକୁ ନେଇ। ସେଠାରେ ଆନ୍ତରାଷ୍ଟ୍ରୀୟ ସାନ୍ତାଳ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ରାଷ୍ଟ୍ରପତି ଯୋଗ ଦେଇଥିଲେ। କିନ୍ତୁ ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ପଶ୍ଚିମବଂଗର ସରକାର ପ୍ରୋଟୋକଲ ନିୟମ ଉଲଂଘନ କରିଥିଲେ। ସମ୍ମିଳନୀରେ ଆଦିବାସୀଙ୍କ ଉପସ୍ଥିତି କମ୍ ଥିବା କାରଣରୁ ରାଷ୍ଟ୍ରପତି ପ୍ରଶ୍ନ ଉଠାଇଥିଲେ ଯେ ସମ୍ମିଳନୀ ସ୍ଥଳର ପରିବର୍ତ୍ତନ କରାଗଲା କାହିଁକି? ରାଷ୍ଟ୍ରପତି ମୁର୍ମୁ ଏକଥା ମଧ୍ୟ କହିଥିଲେ ଯେ "ମମତା ମୋର ଛୋଟ ଭଉଣୀ ଭଳି, ମୁଁ ବଙ୍ଗଳାର ଝିଅ, ମୁଁ ଜାଣିନି ସେ କାହିଁକି ଏମିତି କଲେ? ବୋଧ ହୁଏ ରାଜ୍ୟ ସରକାର ଆଦିବାସୀଙ୍କ କଲ୍ୟାଣକୁ ଗୁରୁତ୍ୱ ଦେଉନାହାଁନ୍ତି।" ରାଷ୍ଟ୍ରପତିଙ୍କ ଏହି ମନ୍ତବ୍ୟ ପରେ ରାଜନୀତି ସରଗରମ ହୋଇ ଉଠିଲା। କେନ୍ଦ୍ରୀୟ ଗୃହ ମନ୍ତ୍ରାଳୟ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ପ୍ରୋଟୋକଲର ଉଲଂଘନ ବାବଦରେ ତଦନ୍ତ ଆରମ୍ଭ କଲେ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଏପରିକି ତାଙ୍କୁ ସ୍ୱାଗତ କରିବା ପାଇଁ ମୁଖ୍ୟମନ୍ତ୍ରୀ, ରାଜ୍ୟର ମୁଖ୍ୟ ସଚୀବ ଏବଂ ପୋଲିସ ମହାନିର୍ଦ୍ଦେଶକ ଯାଇନଥିଲେ।

ପଶ୍ଚିମବଙ୍ଗ ସରକାର କିନ୍ତୁ ପ୍ରୋଟୋକଲ ଉଲଂଘନ ହୋଇନାହିଁ ବୋଲି ସ୍ପଷ୍ଟି କରଣ ଦେଇଛନ୍ତି କହିଛନ୍ତି ଯେ ସିଲିଗୁଡିର ମେୟର, ସିଲିଗୁଡିର ପୋଲିସ କମିଶନର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ଉପସ୍ଥିତ ଥିଲେ। ମାମଲା ଏତିକିରେ ଅଟକିଲା ନାହିଁ। ମମତା ବାନାର୍ଜୀ ରାଷ୍ଟ୍ରପତି ଦେଇଥିବା ମନ୍ତବ୍ୟର ପ୍ରତ୍ୟୁତରରେ କହିଥିଲେ ଯେ "ଆପଣ ଆଦିବାସୀଙ୍କ ଉପରେ ଅତ୍ୟାଚାର ବେଳେ ପ୍ରଶ୍ନ ଉଠାଉନାହାଁନ୍ତି କାହିଁକି? ନିର୍ବାଚନ ସମୟରେ ବିଜେପିର ପରାମର୍ଶରେ ରାଜନୀତି କରନ୍ତୁ ନାହିଁ, ନିର୍ବାଚନ ନିକଟ ହେବାରୁ ବିଜେପି ପଶ୍ଚିମବଙ୍ଗକୁ ଟାର୍ଗେଟ କରିବାକୁ ଚାହୁଁଛି"। ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ତାଙ୍କର ଅନୁପସ୍ଥିତି ପ୍ରସଙ୍ଗରେ ସ୍ପଷ୍ଟିକରଣ ଦେଇ ମମତା କହିଥିଲେ ଯେ ଏସ୍ଆଇଆର ପ୍ରସଙ୍ଗରେ ଲୋକଙ୍କ ସହ ଧାରଣାରେ ବସିଥିବାରୁ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବାପାଇଁ ଯାଇପାରି ନଥିଲେ। ଏପରିକି ମମତା ପ୍ରଶ୍ନ କରିଥିଲେ "ମୋର ପ୍ରାଥମିକତା କ'ଣ ହେବା ଉଚିତ୍?" ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରି ମମତା କହିଥିଲେ ଯେ ରାଷ୍ଟ୍ରପତି ମୁର୍ମୁଙ୍କ ମନ୍ତବ୍ୟ ବିଜେପି ଦ୍ୱାରା ପ୍ରଭାବିତ ଅଟେ ଏବଂ ତାଙ୍କୁ ରାଜନୀତି କରିବା ପାଇଁ ପଶ୍ଚିମବଙ୍ଗ ପଠାଯାଇଛି। ମମତା କହିଥିଲେ ଯେ ଏହି ସମ୍ମିଳନୀ ଏକ ଘରୋଇ ଆୟୋଜନ ଥିଲା ଏବଂ ରାଷ୍ଟ୍ରପତି ଏହି ସମ୍ମିଳନୀରେ ଯୋଗଦେବା ଉଚିତ୍ ନଥିଲେ। ଏପରିକି ରାଜ୍ୟ ସରକାର ରାଷ୍ଟ୍ରପତି ଯୋଗ ଦେବାକୁଥିବା ସମ୍ମିଳନୀର ଆୟୋଜନ ପାଇଁ ପ୍ରସ୍ତୁତ ନଥିଲା। ରାଷ୍ଟ୍ରପତିଙ୍କ ମନ୍ତବ୍ୟ ଓ ମମତାଙ୍କ ଜବାବରେ ମଧ୍ୟ ବିବାଦ ଶେଷ ହୋଇନଥିଲା। ମମତା ବାନାର୍ଜୀ ଅଭିଯୋଗ କରିଥିଲେ ଯେ ବିଜେପି ରାଷ୍ଟ୍ରପତିଙ୍କ ସମ୍ମାନ କରୁନାହିଁ।



ପ୍ରଧାନମନ୍ତ୍ରୀ ଏ ପ୍ରସଙ୍ଗରେ ମନ୍ତବ୍ୟଦେଇ କହିଥିଲେ ଯେ ରାଷ୍ଟ୍ରପତିଙ୍କ ଗସ୍ତ ବେଳେ ପ୍ରୋଟୋକଲ ଉଲଂଘନ ଦୁର୍ଭାଗ୍ୟଜନକ ଏବଂ ତୃଣମୂଳ କଂଗ୍ରେସ ସରକାର ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି। କିନ୍ତୁ ତଥ୍ୟ ହେଉଛି ରାଷ୍ଟ୍ରପତି ଆୟୋଜିତ ସମ୍ମିଳନୀକୁ ଯାଇଥିଲେ ଏବଂ ଭାବିଥିଲେ ଯେ ତାଙ୍କ ସ୍ୱାଗତ ସମ୍ବର୍ଦ୍ଧନାକୁ ଅଣଦେଖା କରାଯାଇଛି। ଏ ପ୍ରସଙ୍ଗରେ ରାଜନୈତିକ ସନ୍ଦର୍ଭ ଯାହାବି ହେଉନା କାହିଁକି ରାଷ୍ଟ୍ରପତିଙ୍କ ଗସ୍ତକୁ ରାଜ୍ୟ ସରକାର ଅଣଦେଖା କରିବା ଉଚିତ୍ ନୁହେଁ। ସରକାରୀ କାର୍ଯ୍ୟକ୍ରମ ହେଉ ବା ଘରୋଇ କାର୍ଯ୍ୟକ୍ରମ ରାଜ୍ୟ ସରକାର ରାଷ୍ଟ୍ରପତିଙ୍କ ପାଇଁ ଭିଭିଆଇପି ସୁରକ୍ଷା ବ୍ୟବସ୍ଥା କରିବା ପାଇଁ ବାଧ୍ୟ। ଏହି ଘଟଣା ଅନ୍ୟ ରାଜନୈତିକ ବିବାଦ ଠାରୁ ମଧ୍ୟ ଭିନ୍ନ। ରାଷ୍ଟ୍ରପତି ମୁର୍ମୁ ନିଜେ ସାନ୍ତାଳ ସମ୍ପ୍ରଦାୟର ଅଟନ୍ତି ଏବଂ ସେ ହେଉଛନ୍ତି ଦେଶର ପ୍ରଥମ ଆଦିବାସୀ ରାଷ୍ଟ୍ରପତି। ଏଣୁ ତାଙ୍କ ମନ୍ତବ୍ୟ ଠିକ୍ ହୋଇପାରେ କିନ୍ତୁ ବର୍ତ୍ତମାନର ଦେଶର ରାଜନୈତିକ ଦୃଷ୍ୟପଟରେ ଏମିତି ଅନେକ ଘଟଣା ଘଟୁଛି ଯେଉଁଠି ରାଷ୍ଟ୍ରପତି ତାଙ୍କ ଗସ୍ତ ଅବସରରେ ସେ ସବୁ ରାଜ୍ୟର ସରକାରଙ୍କ ଉପରେ ପ୍ରଶ୍ନ ଉଠାଉଛନ୍ତି।

ବସ୍ତୁତଃ ଏହି ବିବାଦ ଏକ ଉଷ୍ମତାପୂର୍ଣ୍ଣ ନିର୍ବାଚନୀ ପରିବେଷର ସମୟରେ ସୃଷ୍ଟି ହୋଇଛି ଓ ଘଟଣାରୁ ବିଜେପି ଏବଂ ତୃଣମୂଳ କଂଗ୍ରେସ ଉଭୟେ ଏହାର ଫାଇଦା ଉଠାଇବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏକଥା ମଧ୍ୟ ସତ୍ୟ ଯେ ବିଜେପି ତିଳକୁ ତାଳ କରିବାର ଉଦ୍ୟମ କରୁଛି କାରଣ ତୃଣମୂଳ କଂଗ୍ରେସ ସହ ବିଜେପିର ବିବାଦ ନୁଆ ନୁହେଁ। ଏପରିକି ଉଭୟ ଦଳ ଆସନ୍ତା ନିର୍ବାଚନରେ ଗାଦିକୁ ଆସିବାକୁ ଚାହୁଁଛନ୍ତି। ବିଜେପି ଏ ଘଟଣାକୁ ଏକ ସାମ୍ବିଧାନିକ ପ୍ରସଙ୍ଗ ଭାବେ ଉପସ୍ଥାପିତ କରୁଛି ଓ ତୃଣମୂଳ କଂଗ୍ରେସ କହୁଛି ଯେ ପଶ୍ଚିମବଂଗ ସରକାର ବିରୁଦ୍ଧରେ ଏକ ନିୟମିତ ପ୍ରଶାସନିକ ପ୍ରସଙ୍ଗକୁ ଅତିରଞ୍ଜିତ କରାଯାଇ ଉପସ୍ଥାପନ କରାଯାଉଛି। ଏସବୁ ପରେ ଗୋଟିଏ କଥା ହେଉଛି କେନ୍ଦ୍ର ଓ ରାଜ୍ୟ ସରକାର ବୁଝିବା ଉଚିତ୍ ଯେ ପରସ୍ପରର ଅଧିକାର ଏବଂ ସ୍ୱାୟତ୍ତତା ମଧ୍ୟରେ ସନ୍ତୁଳନ ବଜାୟ ରଖିବା ଆବଶ୍ୟକ, ସଂଘୀୟ ପ୍ରଣାଳି ଶକ୍ତି, ଅଧିକାର ଏବଂ ସଞ୍ଜମର ସନ୍ତୁଳନରେ ଚାଲେ। ଏଣୁ ସଂଘର ଇଚ୍ଛା ଏବଂ ରାଜ୍ୟର ଜନାଦେଶ ମଧ୍ୟରେ ସନ୍ତୁଳନ ଅନିବାର୍ଯ୍ୟ ଅଟେ। ଏହି ଘଟଣାକ୍ରମରେ ରାଷ୍ଟ୍ରପତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ସାମ୍ବିଧାନୀକ ପ୍ରହରୀ ଭାବରେ ସେ ଦଳଗତ ରାଜନୀତିର ଉର୍ଦ୍ଧ୍ୱରେ ରହି ଗଣତନ୍ତ୍ରର ମର୍ଯ୍ୟଦାର ପ୍ରତୀକ ହେବା ଉଚିତ। ମମତାବାନାର୍ଜୀ ମଧ୍ୟ ବୁଝିବା ଉଚିତ୍ ଯେ ରାଷ୍ଟ୍ରପତିଙ୍କ ଅବମାନନା ଦେଶର ଅବମାନନା ଅଟେ। ବିଜେପି ମଧ୍ୟ ରାଷ୍ଟ୍ରପତିଙ୍କୁ ଢ଼ାଲ କରି ରାଜନୀତିରୁ ଦୁରେଇ ରହିବା ଉଚିତ୍। ବିଜେପି ଓ ତୃଣମୂଳ କଂଗ୍ରେସ ବୁଝିବା ଉଚିତ୍ ଯେ ଶାସନ ଗାଦି କାରଣରୁ ଅହଂକାର ସୃଷ୍ଟି ହେଲେ ପତନ ସୁନିଶ୍ଚିତ।


ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍:୯୪୩୮୪୮୫୦୯୪

# ଶିବାଳିକରେ ପହଞ୍ଚିଲା 'ନନ୍ଦାଦେବୀ'

## ଆସିଛି ୪୭ ହଜାର ମେଟ୍ରିକ ଟନ ଏଲପିଜି


ନୂଆଦିଲ୍ଲୀ, ୧୭।୩: ହର୍ମୋଜରୁ ଭାରତ ଆସିଲା ନନ୍ଦାଦେବୀ। ହର୍ମୋଜ ଷ୍ଟ୍ରେଟରୁ ଏଲପିଜି ଟ୍ୟାଙ୍କର ନନ୍ଦାଦେବୀ ସୁରକ୍ଷିତ ଭାବେ ଭାରତକୁ ଆସିଛି। ଏହା ଏବେ ଗୁଜୁରାଟର ବଡିନାର ବନ୍ଦରରେ ପହଁଚିଛି। ଏଥିରେ୪୭ହଜାର ମେଟ୍ରିକ ଟନର ଅଧିକ ଏଲପିଜି ଭର୍ତ୍ତି ହୋଇ ରହିଛି। ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ସ୍ଥିତି ଭିତରେ ଏହା ହର୍ମୋଜ ଷ୍ଟ୍ରେଟ ଅତିକ୍ରମ କରିଥିବା ଦ୍ୱିତୀୟ ଭାରତୀୟ ଜାହାଜ ଅଟେ। ଗୋଟିଏ ଦିନ ପୂର୍ବରୁ ଅନ୍ୟ ଏକ ଏଲପିଜିବାହୀ ଜାହାଜ ଶିବାଳିକ ଗୁଜୁରାଟର ମୁନ୍ଦ୍ରାରେ ପହଁଚିଥିଲା। ଏଥିରେ୪୬ହଜାର ମେଟ୍ରିକ ଟନ ଏଲପିଜି ଭର୍ତ୍ତି ହୋଇ ରହିଥିଲା। ଯାହା ଘରେ ବ୍ୟବହାର ହେଉଥିବା ପ୍ରାୟ ୩୩ ଲକ୍ଷ ଗ୍ୟାସ ସିଲିଣ୍ଡର ସହ ସମାନ। ଅଧିକାରୀଙ୍କ କହିବାନୁସାରେ ଏହି ଗୋଟିଏ ଜାହାଜ ଭାରତର ମୋଟ ଏଲପିଜି



ଆମଦାନୀର କିଛି ଭାଗକୁ ଅନେକ ମାତ୍ରାରେ ପୂରା କରିପାରିବ। ଶନିବାର ଜାହାଜ ଚଳାଚଳ ମନ୍ତ୍ରାଳୟରସ୍ୱତନ୍ତ୍ର ସଚିବ ରାଜେଶ କୁମାର୍ ସିହ୍ନା କହିଥିଲେ ଯେ, ଶିବାଳିକ ଏବଂ ନନ୍ଦାଦେବୀ ମାର୍ଚ୍ଚ ୧୬ ଏବଂ ୧୭ ତାରିଖରେ ଭାରତରେ ପହଁଚିବେ। ଷ୍ଟ୍ରେଟ ଅଫ ହରମୋଜରେ ଅଟକି ଥିବା ଅନ୍ୟ ଭାରତୀୟ ଜାହାଜ ଏବଂ ନାବିକ ସୁରକ୍ଷିତ ଅଛନ୍ତି। ଗତ୨୪ଘଣ୍ଟା ମଧ୍ୟରେ କୌଣସି ଅପ୍ରୀତିକର ସ୍ଥିତି ଘଟିନାହିଁ। ଏଠାରେ୨୪ଟି ଭାରତୀୟ ପତାକାଲାଗିଥିବା ଜାହାଜ ରହିଛି। ଏବେ ଦୁଇଟି ଜାହାଜ ସୁରକ୍ଷିତ ଭାବେ ଅତିକ୍ରମ କରିଛନ୍ତି।ଆଗକୁ ଅନ୍ୟ ଜାହାଜ ମଧ୍ୟ ଅତିକ୍ରମ କରିବେ। ଦୁଇଟି ଜାହାଜ ଭାରତ ଆସିବା ପରେ ଏଲପିଜି ଯୋଗାଣ ସ୍ଥିର ରହିବ ବୋଲି ଆଶା କରାଯାଉଛି। ଅଭାବକୁ ପୂରଣ କରାଯାଇପାରିବ। ଏବେ ଅନେକ ସମୟରେ ଗ୍ୟାସ୍ ବୁକ୍ କରିବାକୁ ଲମ୍ବା ଲାଇନ ଲାଗୁଛି। ଅନେକ ଛୋଟବଡ ହୋଟେଲରେ ଗ୍ୟାସ୍ ମିଳୁନି। ତେଣୁ ମାଲିକମାନେ ହୋଟେଲ୍ ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି।

## ଧରାପଡ଼ିଲା ଟ୍ରମ୍ପଙ୍କ ମିଛ

# କୌଣସି ପୂର୍ବତନ ରାଷ୍ଟ୍ରପତି ତାଙ୍କ ସହ କଥା ହୋଇନାହାଁନ୍ତି



ୱାଶିଂଟନ୍, ୧୭।୩: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଦିନ ଦାବି କରିଥିଲେ ଯେ ଇରାନ ସହ ଯୁଦ୍ଧ ପ୍ରସଙ୍ଗରେ ସେ ପୂର୍ବତନ ରାଷ୍ଟ୍ରପତିମାନଙ୍କ ସହ କଥା ହୋଇଛନ୍ତି ଏବଂ ଜଣେ ଅଜ୍ଞାତ ରାଷ୍ଟ୍ରପତି ତାଙ୍କ ଆକ୍ରମଣକୁ ସମର୍ଥନ କରିଛନ୍ତି। ତେବେ ଆମେରିକାର ଚାରି ଜଣ ଯାକ ଜୀବିତ ପୂର୍ବତନ ରାଷ୍ଟ୍ରପତି (ବିଲ୍ କ୍ଲିଣ୍ଟନ୍, ଜର୍ଜ ଡବ୍ଲୁ ବୁଶ୍, ବାରାକ ଓବାମା ଏବଂ ଜୋ ବାଇଡେନ୍) ଟ୍ରମ୍ପଙ୍କ ଏହି ଦାବିକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି। ଆମେରିକୀୟ ଗଣମାଧ୍ୟମ ରିପୋର୍ଟରୁ ଏହି ସୂଚନା ମିଳିଛି।

ଟ୍ରମ୍ପ ନିଜ ବୟାନରେ କହିଥିଲେ ଯେ, ସେ ଜଣେ ପୂର୍ବତନ ରାଷ୍ଟ୍ରପତିଙ୍କ ସହ କଥା ହୋଇଥିଲେ, ଯାହାଙ୍କୁ ସେ ବହୁତ ପସନ୍ଦ କରନ୍ତି। ସେ ମଧ୍ୟ ଏପରି କରିବାକୁ ଚାହୁଁଥିଲେ, କିନ୍ତୁ କରିପାରିନଥିଲେ ବୋଲି ଟ୍ରମ୍ପ କହିଥିଲେ। ତେବେ ପରେ ଓଭାଲ୍ ଅଫିସରେ ଫକ୍ସ ନ୍ୟୁଜ୍ ରିପୋର୍ଟରଙ୍କ ପ୍ରଶ୍ନର ଉତ୍ତରରେ ଟ୍ରମ୍ପ ଜର୍ଜ ଡବ୍ଲୁ. ବୁଶଙ୍କ ସହ କଥା ହୋଇନଥିବା ସ୍ପଷ୍ଟ କରିଥିଲେ ଏବଂ ଓବାମା କିମ୍ବା କ୍ଲିଣ୍ଟନଙ୍କ ନାମ ନେବାକୁ ମଧ୍ୟ ସିଧାସଳଖ ମନା କରିଦେଇଥିଲେ। ସିଏନଏନର ଏକ ଫ୍ୟାକ୍ଟ ଚେକ୍ ଅନୁଯାୟୀ, କ୍ଲିଣ୍ଟନ୍, ବୁଶ୍, ଓବାମା ଏବଂ ବାଇଡେନଙ୍କ ମୁଖପାତ୍ର ତଥା ସହଯୋଗୀମାନେ ଟ୍ରମ୍ପଙ୍କ ସହ ଏଭଳି କୌଣସି ଆଲୋଚନା ହୋଇନଥିବା ସ୍ପଷ୍ଟ କରିଛନ୍ତି। ଆମେରିକାରେ ମିଡ୍-ଟର୍ମ ନିର୍ବାଚନ ପାଖେଇ ଆସୁଥିବା ବେଳେ ଇରାନ ଯୁଦ୍ଧକୁ ନେଇ ଟ୍ରମ୍ପଙ୍କୁ ଦେଶ ଭିତରେ ଖୁବ କମ ସମର୍ଥନ ମିଳୁଛି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଦୀର୍ଘ ଦିନରୁ ଇରାନ ସହ ଯୁଦ୍ଧ ପାଇଁ ଉଦ୍ୟମ ଚଳାଇଥିବା ବେଳେ ପୂର୍ବତନ ଆମେରିକୀୟ ରାଷ୍ଟ୍ରପତିମାନେ ଏହାକୁ କୌଶଳ କ୍ରମେ ଏଡ଼ାଇ ଆସୁଥିଲେ। ୨୦୧୫ ରେ ବାରାକ ଓବାମା ଇରାନ ସହ ଐତିହାସିକ ଆଣବିକ ଚୁକ୍ତି ସ୍ୱାକ୍ଷର କରିଥିଲେ, କିନ୍ତୁ ଟ୍ରମ୍ପ ନିଜର ପ୍ରଥମ କାର୍ଯ୍ୟକାଳରେ ଏଥିରୁ ଓହରି ଯାଇଥିଲେ। ବର୍ତ୍ତମାନ ପୂର୍ବତନ ରାଷ୍ଟ୍ରପତିମାନେ ତାଙ୍କୁ ସମର୍ଥନ କରୁଛନ୍ତି ବୋଲି ଦର୍ଶାଇବା ଟ୍ରମ୍ପଙ୍କର ଏକ ହତାଶିଆ ପ୍ରୟାସ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି। ଇରାନରେ କ୍ଷମତା ପରିବର୍ତ୍ତନ କରିବାକୁ ଟ୍ରମ୍ପ ରଖିଥିବା ଲକ୍ଷ୍ୟ ଏବେ ଅସମ୍ଭବ ମନେହେଉଛି, କାରଣ ସ୍ଥଳସେନା ମୁତୟନ ବିନା ଏହା ସମ୍ଭବ ନୁହେଁ। ଅନ୍ୟପଟେ ଇରାନରେ ସେନା ମୁତୟନ କଲେ ଟ୍ରମ୍ପଙ୍କ ରାଜନୈତିକ କ୍ୟାରିୟର ବହୁଳ ଭାବେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି ଏବଂ ଏହାଦ୍ୱାରା ତାଙ୍କ ନିଜ ସମର୍ଥକ ଗୋଷ୍ଠୀ ମଧ୍ୟରେ ଫାଟ

# ଇରାନବାସୀଙ୍କୁ ନୌରୋଜ୍‌ର ଶୁଭେଚ୍ଛା ଜଣାଇଲେ ନେତାନ୍ୟାହୁ



ତେହେରାନ, ୧୭।୩: ଇରାନ ସହିତ ଆମେରିକା-ଇସ୍ରାଏଲ ଯୁଦ୍ଧର ୧୮ତମ ଦିନରେ ପହଞ୍ଚିଛି। ଏହି ସଂଘର୍ଷ ଦିନକୁ ଦିନ ଅଧିକ ଭୟଙ୍କର ହେବାରେ ଲାଗିଛି, କିନ୍ତୁ କୌଣସି ପକ୍ଷ ପଛକୁ ହଟିବାକୁ ପ୍ରସ୍ତୁତ ନୁହଁନ୍ତି। ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ପ୍ରଶଂସା କରିଛନ୍ତି। ସେ ଇରାନ ସହିତ ଚାଲିଥିବା ଯୁଦ୍ଧକୁ ଏକ ବଡ଼ ଚେସ ମ୍ୟାଚ ସହିତ ତୁଳନା କରିଛନ୍ତି। ସେ କହିଛନ୍ତି, ମୁଁ ବିଶ୍ୱର ସର୍ବୋଚ୍ଚ ଆଇକ୍ୟୁ ଥିବା ଲୋକଙ୍କ ସହ ଲଢ଼େଇର ସମ୍ମୁଖୀନ ହୋଇଛି। ମୁଁ ଇରାନର ଧୁରନ୍ଧରମାନଙ୍କ ସହ ଚେସବୋର୍ଡରେ ଖେଳୁଛି। ହ୍ୱାଇଟ ହାଉସରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ଡୋନାଲ୍ଡ ଟ୍ରମ୍ପ ଇରାନୀ ସାମରିକ କମାଣ୍ଡର ଜେନେରାଲ କାସେମ ସୋଲେମାନୀଙ୍କ ପ୍ରଶଂସା କରି ତାଙ୍କୁ ଜଣେ ଉତ୍କୃଷ୍ଟ ଜେନେରାଲ ବୋଲି କହିଛନ୍ତି।

ଯଦି ଆମେ ତାଙ୍କୁ ହତ୍ୟା କରିନଥାନ୍ତୁ, ତେବେ ଆମେ ଆଜି ଯେଉଁଠାରେ ଅଛୁ ସେଠାରେ ନଥାନ୍ତୁ। ମୋ ପ୍ରଥମ କାର୍ଯ୍ୟକାଳରେ ଆମେ ତାଙ୍କୁ ହତ୍ୟା କରିଥିଲୁ। ବୋମା ବିସ୍ଫୋରଣ ଥିଲା ସୋଲେମାନୀଙ୍କର ମୁଖ୍ୟ ଅସ୍ତ୍ର। ଜେନେରାଲ ସୋଲେମାନୀ ଜଣେ ବିପଦପୂର୍ଣ୍ଣ ବ୍ୟକ୍ତି ଥିଲେ, କିନ୍ତୁ ସେ ଥିଲେ ଜଣେ ମହାନ ଜେନେରାଲ। ମୁଁ ଭାବୁନାହିଁ ଯେ, ଗୁପ୍ତଚରୀ ଦୃଷ୍ଟିରୁ କେହି ଜେନେରାଲ ସୋଲେମାନୀଙ୍କର ସ୍ଥାନ ନେଇପାରିବେ। ଆମେରିକା ଜାନୁଆରି ୨୦୨୦ରେ ଇରାକରେ ଏକ ଡ୍ରୋନ୍ ଆକ୍ରମଣରେ ସୋଲେମାନୀଙ୍କୁ ହତ୍ୟା କରିଥିଲା। ଟ୍ରମ୍ପ କହିଛନ୍ତି, ଇରାନର ପତନ ସେହି ଦିନଠାରୁ ଆରମ୍ଭ ହୋଇଥିଲା। ଟ୍ରମ୍ପଙ୍କୁ ପଚରାଯାଇଥିଲା, ଇରାନ ସହିତ ଯୁଦ୍ଧ ଶୀଘ୍ର ଶେଷ ହେବାକୁ ଯାଉଛି କି? ଉତ୍ତରରେ ଟ୍ରମ୍ପ କହିଥିଲେ, ହଁ, ଏହା ଶୀଘ୍ର ଶେଷ ହେବ। ଏହା ପରେ ଆମ ବିଶ୍ୱ ସୁରକ୍ଷିତ ହେବ। ଏହା କରିବା ମୋର କର୍ତ୍ତବ୍ୟ ଥିଲା। ଟ୍ରମ୍ପ କହିଛନ୍ତି, ଏହା ଏକ ବହୁତ ଉଚ୍ଚସ୍ତରୀୟ ଚେସ୍ ଖେଳ। ମୁଁ ବହୁତ ଚତୁର ଖେଳାଳିଙ୍କ ବିପକ୍ଷରେ ଅଛି। ସେମାନେ ବହୁତ ଚତୁର ଲୋକ। ସେମାନେ ଉଚ୍ଚ ବୌଦ୍ଧିକ କ୍ଷମତା ଏବଂ ବହୁତ ଉନ୍ନତ ଆଇକ୍ୟୁ ଥିବା ଲୋକ। କିନ୍ତୁ ସେମାନେ ହିଂସାତ୍ମକ ଏବଂ ଦୁଷ୍ଟ ମଧ୍ୟ ବୋଲି ଟ୍ରମ୍ପ କହିଛନ୍ତି।

# ପଶ୍ଚିମ ଏସିଆ ସଙ୍କଟର ସମାଧାନ କରିପାରିବ ଭାରତ

ନୂଆଦିଲ୍ଲୀ, ୧୭।୩: ପଶ୍ଚିମ ଏସିଆରେ ଜାରି ରହିଥିବା ଭୟଙ୍କର ଯୁଦ୍ଧ ଓ ଅସ୍ଥିରତାକୁ ରୋକିବା ପାଇଁ ଭାରତ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁ ବୋଲି ବିଶ୍ୱ ସମୁଦାୟ ଆଶା ପ୍ରକାଶ କରିଛି। ଫିନଲ୍ୟାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡର ଷ୍ଟବ ଏହି ସଙ୍କଟର ସମାଧାନ ପାଇଁ ଭାରତକୁ ଆମେରିକା ଓ ଇରାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ, ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ରକ୍ତାକ୍ତ ସଂଘର୍ଷକୁ ବନ୍ଦ କରିବା ଏବେ ବିଶ୍ୱ ପାଇଁ ସବୁଠାରୁ ବଡ଼ ଆବଶ୍ୟକତା ପାଲଟିଛି। ଭାରତ ହେଉଛି ଏପରି ଏକ ଦେଶ ଯାହାକୁ ଉଭୟ ପକ୍ଷ ବିଶ୍ୱାସ କରନ୍ତି। ତେଣୁ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ପ୍ରକୃତରେ ସାମିଲ ହେଲେ ଏହା ସାରା ବିଶ୍ୱ ପାଇଁ ମଙ୍ଗଳକର ହେବ, ବୋଲି ସେ ମତ ପ୍ରକାଶ କରିଛନ୍ତି। ମାର୍ଚ୍ଚ ୪ ରୁ ୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ରାଇସିନା ଡାଏଲଗରେ ଷ୍ଟବ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପଶ୍ଚିମ ଏସିଆର ସଙ୍କଟ ଯୋଗୁଁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହେଉଥିବାରୁ ଏକ ଯୁଦ୍ଧବିରତି ଜରୁରୀ ବୋଲି ସେ ଦୋହରାଇଛନ୍ତି। ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ଏହି ପ୍ରସଙ୍ଗରେ ଭାରତର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱକୁ ସମର୍ଥନ କରୁଥିବା ଜଣାପଡ଼ିଛି। ଅନ୍ୟପଟେ, ହର୍ମୁଜ୍ ପ୍ରଣାଳୀ ଅବରୋଧ ଯୋଗୁଁ ବିଶ୍ୱର ଶକ୍ତି ଯୋଗାଣ ବାଧାପ୍ରାପ୍ତ



## ମଧ୍ୟସ୍ଥତା ପାଇଁ ଫିନଲ୍ୟାଣ୍ଡ ରାଷ୍ଟ୍ରପତିଙ୍କ ଅନୁରୋଧ

ହୋଇଥିବା ବେଳେ ଭାରତ କୂଟନୈତିକ ସ୍ତରରେ ନିଜର ପ୍ରୟାସ ଜାରି ରଖିଛି। ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ନିରନ୍ତର ଭାବେ ଇରାନର ବୈଦେଶିକ ମନ୍ତ୍ରୀ ସେୟଦ ଆବାସ ଆରାଘଚିଙ୍କ ସହ ଯୋଗାଯୋଗରେ ଅଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଇରାନ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରି ସ୍ଥିତି ସୁଧାରିବାକୁ ଚେଷ୍ଟା କରୁଛନ୍ତି।

## ଇରାନକୁ ଟ୍ରମ୍ପଙ୍କ ପ୍ରଶଂସା

# ଧୁରନ୍ଧରମାନଙ୍କ ସହ ଚେସ ବୋର୍ଡରେ ଖେଳୁଛି

ନ୍ୟୁୟର୍କ, ୧୭।୩: ଇରାନ ସହିତ ଆମେରିକା-ଇସ୍ରାଏଲ ଯୁଦ୍ଧର ୧୮ତମ ଦିନରେ ପହଞ୍ଚିଛି। ଏହି ସଂଘର୍ଷ ଦିନକୁ ଦିନ ଅଧିକ ଭୟଙ୍କର ହେବାରେ ଲାଗିଛି, କିନ୍ତୁ କୌଣସି ପକ୍ଷ ପଛକୁ ହଟିବାକୁ ପ୍ରସ୍ତୁତ ନୁହଁନ୍ତି। ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ପ୍ରଶଂସା କରିଛନ୍ତି। ସେ ଇରାନ ସହିତ ଚାଲିଥିବା ଯୁଦ୍ଧକୁ ଏକ ବଡ଼ ଚେସ୍ ମ୍ୟାଚ୍ ସହିତ ତୁଳନା କରିଛନ୍ତି। ସେ କହିଛନ୍ତି, ମୁଁ ବିଶ୍ୱର ସର୍ବୋଚ୍ଚ ଆଇକ୍ୟୁ ଥିବା ଲୋକଙ୍କ ସହ ଲଢ଼େଇର ସମ୍ମୁଖୀନ ହୋଇଛି । ମୁଁ ଇରାନର ଧୁରନ୍ଧରମାନଙ୍କ ସହ ଚେସବୋର୍ଡରେ ଖେଳୁଛି। ହ୍ୱାଇଟ୍ ହାଉସ୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ, ଡୋନାଲ୍ଡ ଟ୍ରମ୍ପ ଇରାନୀ ସାମରିକ କମାଣ୍ଡର ଜେନେରାଲ କାସେମ ସୋଲେମାନୀଙ୍କ ପ୍ରଶଂସା କରି ତାଙ୍କୁ ଜଣେ ଉତ୍କୃଷ୍ଟ ଜେନେରାଲ ବୋଲି କହିଛନ୍ତି। ଯଦି ଆମେ ତାଙ୍କୁ ହତ୍ୟା କରିନଥାନ୍ତୁ, ତେବେ ଆମେ



ଆଜି ଯେଉଁଠାରେ ଅଛୁ ସେଠାରେ ନଥାନ୍ତୁ। ମୋ ପ୍ରଥମ କାର୍ଯ୍ୟକାଳରେ ଆମେ ତାଙ୍କୁ ହତ୍ୟା କରିଥିଲୁ। ବୋମା ବିସ୍ଫୋରଣ ଥିଲା ସୋଲେମାନୀଙ୍କର ମୁଖ୍ୟ ଅସ୍ତ୍ର। ଜେନେରାଲ ସୋଲେମାନୀ ଜଣେ ବିପଦପୂର୍ଣ୍ଣ ବ୍ୟକ୍ତି ଥିଲେ, କିନ୍ତୁ ସେ ଥିଲେ ଜଣେ ମହାନ ଜେନେରାଲ। ମୁଁ ଭାବୁନାହିଁ ଯେ, ଗୁପ୍ତଚରୀ ଦୃଷ୍ଟିରୁ କେହି ଜେନେରାଲ ସୋଲେମାନୀଙ୍କର ସ୍ଥାନ ନେଇପାରିବେନି। ଆମେରିକା ଜାନୁଆରି ୨୦୨୦ରେ ଇରାକରେ ଏକ ଡ୍ରୋନ୍ ଆକ୍ରମଣରେ ସୋଲେମାନୀଙ୍କୁ ହତ୍ୟା କରିଥିଲା। ଟ୍ରମ୍ପ କହିଛନ୍ତି, ଇରାନର ପତନ ସେହି ଦିନଠାରୁ ଆରମ୍ଭ ହୋଇଥିଲା।

ଟ୍ରମ୍ପଙ୍କୁ ପଚରାଯାଇଥିଲା, ଇରାନ ସହିତ ଯୁଦ୍ଧ ଶୀଘ୍ର ଶେଷ ହେବାକୁ ଯାଉଛି କି? ଉତ୍ତରରେ ଟ୍ରମ୍ପ କହିଥିଲେ, ହଁ, ଏହା ଶୀଘ୍ର ଶେଷ ହେବ। ଏହା ପରେ ଆମ ବିଶ୍ୱ ସୁରକ୍ଷିତ ହେବ। ଏହା କରିବା ମୋର କର୍ତ୍ତବ୍ୟ ଥିଲା। ଟ୍ରମ୍ପ କହିଛନ୍ତି, ଏହା ଏକ ବହୁତ ଉଚ୍ଚସ୍ତରୀୟ ଚେସ୍ ଖେଳ। ମୁଁ ବହୁତ ଚତୁର ଖେଳାଳିଙ୍କ ବିପକ୍ଷରେ ଅଛି। ସେମାନେ ବହୁତ ଚତୁର ଲୋକ। ସେମାନେ ଉଚ୍ଚ ବୌଦ୍ଧିକ କ୍ଷମତା ଏବଂ ବହୁତ ଉନ୍ନତ ଆଇକ୍ୟୁ ଥିବା ଲୋକ। କିନ୍ତୁ ସେମାନେ ହିଂସାତ୍ମକ ଏବଂ ଦୁଷ୍ଟ ମଧ୍ୟ ବୋଲି ଟ୍ରମ୍ପ କହିଛନ୍ତି।

# ନୀତୀଶ ରାଜ୍ୟସଭା ଯିବା ପରେ ଦଳ ଛାଡ଼ିଲେ ତ୍ୟାଗୀ

ପାଟନା, ୧୭।୩: ବିହାର ରାଜନୀତିରୁ ଏବେ ବଡ଼ ଖବର ସାମ୍ନାକୁ ଆସିଛି। ଜେଡିୟୁର ଶକ୍ତିଶାଳୀ ନେତା କେସି ତ୍ୟାଗୀ ଦଳ ଛାଡିଛନ୍ତି। ନୀତିଶ କୁମାର ରାଜ୍ୟସଭା ନିର୍ବାଚନରେ ଜିତିବାର ଗୋଟିଏ ଦିନ ପରେ, କେସି ତ୍ୟାଗୀ ତାଙ୍କ ଦଳ ଛାଡିବା ଘୋଷଣା କରିଛନ୍ତି। ତ୍ୟାଗୀ ଅନ୍ୟ ଦଳରେ ଯୋଗଦେବେ କି ନିଜର ଦଳ ଗଠନ କରିବେ ସେ ବିଷୟରେ ରାଜନୈତିକ ମହଲରେ ଏବେ ଆଲୋଚନା ଆରମ୍ଭ ହୋଇଛି।



ଜେଡିୟୁକୁ ବଡ଼ ଝଟ୍‌କା

ସୂଚନା ଅନୁସାରେ, କେସି ତ୍ୟାଗୀ ଏବେ ୟୁପି ରାଜନୀତିରେ ସକ୍ରିୟ ହେବାକୁ ଚାହୁଁଛନ୍ତି। ଆଗାମୀ ଦିନରେ ତ୍ୟାଗୀ ଏକ ନୂତନ ଦଳରେ ଯୋଗଦେବେ। ବିହାର ରାଜନୀତିର ଟାଣୁଆ ନେତା କେସି ତ୍ୟାଗୀଙ୍କ ପୁରା ନାମ କିଶନ ଚାନ୍ଦ ତ୍ୟାଗୀ। ସେ ଉତ୍ତର ପ୍ରଦେଶର ଗାଜିଆବାଦରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ଏକ ଲମ୍ବା ରାଜନୈତିକ କ୍ୟାରିଅର ରହିଛି। ସେ ୧୯୭୦ ଦଶକରୁ ରାଜନୀତିରେ ନିରନ୍ତର ସକ୍ରିୟ ଅଛନ୍ତି। ସେ ୧୯୮୯ ମସିହାରେ ଉତ୍ତର ପ୍ରଦେଶର ହାପୁର ଲୋକସଭା ନିର୍ବାଚନମଣ୍ଡଳୀରୁ ଲୋକସଭା ସାଂସଦ ହୋଇଥିଲେ। ସେ ସମାଜବାଦୀ ପାର୍ଟିର ଜାତୀୟ ସାଧାରଣ ସମ୍ପାଦକ ଏବଂ ଜେଡିୟୁର ଜାତୀୟ ମୁଖପାତ୍ର ମଧ୍ୟ ଥିଲେ। ୨୦୧୩ ମସିହାରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କୁ ତିନିଥର ଜେଡିୟୁର ଜାତୀୟ ସାଧାରଣ ସମ୍ପାଦକ ମଧ୍ୟ ନିଯୁକ୍ତ କରାଯାଇଥିଲା। ୨୦୨୪ରେ ସେ ବ୍ୟକ୍ତିଗତ କାରଣରୁ ଜେଡିୟୁର ଜାତୀୟ ମୁଖ୍ୟ ମୁଖପାତ୍ର ପଦରୁ ଇସ୍ତଫା ଦେଇଥିଲେ। ତଥାପି କେସି ତ୍ୟାଗୀ ଜେଡିୟୁ ଛାଡିବାକୁ କାହିଁକି ନିଷ୍ପତ୍ତି ନେଲେ, ସେନେଇ କିଛି ବିସ୍ପଷ୍ଟ ହୋଇନାହିଁ।

## ସଂସଦରେ 'ଅସ୍ତ୍ରବିରତି'

# ୮ ବିରୋଧୀ ସାଂସଦଙ୍କ ନିଲମ୍ବନ ପ୍ରତ୍ୟାହୃତ

ନୂଆଦିଲ୍ଲୀ, ୧୮।୩: ସଂସଦରେ ଜାରି ରହିଥିବା ସରକାର-ବିରୋଧୀ ମୁହାଁମୁହିଁ ସ୍ଥିତିରେ ସାମୟିକ ବିରାମ ଘଟିଛି। ଦୀର୍ଘ ଦିନର କଳ୍ପନାଜଳ୍ପନା ଓ ବିରୋଧ ପ୍ରଦର୍ଶନ ପରେ ଶେଷରେ ଲୋକସଭାରୁ ନିଲମ୍ବିତ ହୋଇଥିବା ୮ ଜଣ ବିରୋଧୀ ସାଂସଦଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କରି ନିଆଯାଇଛି। ମଙ୍ଗଳବାର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଗୃହରେ ଏକ ସଂକଳ୍ପ ଆଗତ କରିବା ପରେ ବାଚସ୍ପତି ଓମ୍ ବିର୍ଲା ଏହାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପଦକ୍ଷେପ ଫଳରେ ଗତ ଫେବୃଆରୀ ୩ ତାରିଖରୁ ଗୃହ ବାହାରେ ଥିବା ସାଂସଦମାନେ ପୁଣି ଥରେ ସଂସଦୀୟ କାର୍ଯ୍ୟଧାରାରେ ସାମିଲ ହେବାର ସୁଯୋଗ ପାଇଛନ୍ତି।



ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଗୃହର ମଧ୍ୟଭାଗକୁ ଆସି କାଗଜ ଫିଙ୍ଗିବା ଓ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ଅଭିଯୋଗରେ ବାଚସ୍ପତି ୮ ଜଣ ସାଂସଦଙ୍କୁ ସମ୍ପୂର୍ଣ୍ଣ ଅଧିବେଶନ ପାଇଁ ନିଲମ୍ବିତ କରିଥିଲେ। ନିଲମ୍ବିତ ସାଂସଦଙ୍କ ମଧ୍ୟରେ କଂଗ୍ରେସର ମାନିକମ ଟାଗୋର, ଅମରିନ୍ଦର ସିଂହ ରାଜା ୱାରିଂ, ଗୁରଜିତ ସିଂହ ଆଉଜଲା, ହିବି ଏଡେନ, ଡିନ୍ କୁରିଆକୋସେ, ପ୍ରଶାନ୍ତ ପାଡୋଲେ, କିରଣ କୁମାର ରେଡ୍ଡୀ ଓ ସିପିଆଇର ଏସ. ଭେଙ୍କଟେସନ ସାମିଲ ଥିଲେ। ଏହି ନିଷ୍ପତ୍ତି ପରେ ବିରୋଧୀ ସାଂସଦମାନେ ସଂସଦ ପରିସରରେ ଥିବା ମକର ଦ୍ୱାର ନିକଟରେ କ୍ରମାଗତ ଧାରଣା ଦେଇ ଆସୁଥିଲେ । ନିଲମ୍ବନ ପ୍ରତ୍ୟାହାର ପ୍ରସ୍ତାବ ଆଣିବା ସମୟରେ ମନ୍ତ୍ରୀ କିରେନ ରିଜିଜୁ ଗୃହର ସୁଗମ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ, ସଂସଦୀୟ ପରମ୍ପରାକୁ ବଜାୟ ରଖିବା ପାଇଁ ସଦସ୍ୟମାନେ ଏକ 'ଲକ୍ଷ୍ମଣ ରେଖା' ମାନି ଚଳିବା ଆବଶ୍ୟକ। ସେହିପରି ବାଚସ୍ପତି ଓମ୍ ବିର୍ଲା ମଧ୍ୟ ସଦସ୍ୟମାନଙ୍କୁ ଭବିଷ୍ୟତରେ ଗୃହ ମଧ୍ୟରେ ପ୍ଲାକାର୍ଡ କିମ୍ବା ଏଆଇ ପ୍ରତିଛବି ବ୍ୟବହାର କରି ଗୃହର ଗାରିମା କ୍ଷୁଣ୍ଣ ନକରିବାକୁ ଚେତାବନୀ ଦେଇଛନ୍ତି।

# ଡ୍ରେନ୍‌ରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୭।୩: ଜାତୀୟ ରାଜଧାନୀ ଦିଲ୍ଲୀରେ ପ୍ରଶାସନିକ ଅବହେଳା ପୁଣି ଏକ ନିରୀହ ଜୀବନ ନେଇଛି। ମଙ୍ଗଳବାର ସକାଳେ ଉତ୍ତର ଦିଲ୍ଲୀର ରୂପନଗର ଅଞ୍ଚଳରେ ଏକ ପୁରାତନ ଲୁହା ପୋଲ ଭୁଶୁଡ଼ି ପଡ଼ିବାରୁ ଜଣେ ମହିଳା ଡ୍ରେନରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏହି ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲ ଭୁଶୁଡ଼ିବା ମାତ୍ରେ କିଛି ଲୋକ ଡ୍ରେନର ଗଭୀର ପାଣିରେ ପଡ଼ିଯାଇଥିବା ଆଶଙ୍କା କରାଯାଉଛି। ଖବର ପାଇ ବୋଟ୍ କ୍ଲବର ଏକ ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ମହିଳାଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଅନ୍ୟ କେହି ନିଖୋଜ ଅଛନ୍ତି କି ନାହିଁ ତାହା ଯାଞ୍ଚ କରାଯାଉଛି। ଚଳିତ ବର୍ଷ ଦିଲ୍ଲୀର ବିଭିନ୍ନ ସ୍ଥାନରେ



ରାସ୍ତାକାମ ଓ ଗାତ ଯୋଗୁଁ ଏକାଧିକ ମୃତ୍ୟୁ ଘଟିବା ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାସ୍ତା ନିର୍ମାଣ ସମୟରେ ଟ୍ରାଫିକ୍ ପୋଲିସର ନିୟମ ଓ ମୌଳିକ ସୁରକ୍ଷା ବ୍ୟବସ୍ଥାକୁ ଠିକାଦାରମାନେ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଛି। ପୂର୍ବରୁ ଘଟିଥିବା କିଛି ଘଟଣାକୁ ଯଦି ବିଶ୍ଲେଷଣ କରିବା ତେବେ ଫେବୃଆରୀ ୫ତାରିଖରେ ପଶ୍ଚିମ ଦିଲ୍ଲୀର ଜନକପୁରୀରେ କମଲ ଧ୍ୟାନୀ ନାମକ ଜଣେ ୨୫ ବର୍ଷୀୟ ଯୁବକଙ୍କର ମୃତ୍ୟୁ ଘଟିଥିଲା। ସେ ଅନ୍ଧାର ରାସ୍ତାରେ ଯାଉଥିବା ବେଳେ ସୁରକ୍ଷା କଭର ନଥିବା ଏକ ୫ ମିଟର ଗଭୀର ଗାତରେ ପଡ଼ିଯାଇଥିଲେ। ଜନକପୁରୀ ଘଟଣାରେ ଦିଲ୍ଲୀ ଜଳ ବୋର୍ଡର ପ୍ରକଳ୍ପ କାମ କରୁଥିବା ଜଣେ ଠିକାଦାରଙ୍କୁ ପୋଲିସ ଗିରଫ କରିଛି। ତେବେ ବାରମ୍ବାର ଏପରି ଦୁର୍ଘଟଣା ଘଟୁଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ଗୁଡ଼ିକ ଏଥିରୁ ଶିକ୍ଷା ନେଉନଥିବା ପରି ମନେହେଉଛି। ରୂପ ନଗର ଦୁର୍ଘଟଣା ପାଇଁ କାହାକୁ ଦାୟୀ କରାଯିବ, ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

# ଗଙ୍ଗାରେ ଇଫତାର୍ ପାର୍ଟିକୁ ନେଇ ବିବାଦ

ବାରାଣସୀ, ୧୭।୩: ପବିତ୍ର ଗଙ୍ଗା ନଦୀରେ ଡଙ୍ଗା ଉପରେ ଇଫତାର୍ ପାର୍ଟି ଏବଂ ଆମିଷ ସେବନକୁ ନେଇ ଉତ୍ତର ପ୍ରଦେଶର ବାରାଣସୀରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବା ପରେ ପୁଲିସ ଏହି ଘଟଣାରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ଗତକାଲି କେତେକ ଯୁବକ ଗଙ୍ଗା ନଦୀ ମଝିରେ ଡଙ୍ଗା ଉପରେ ଇଫତାର୍ ପାର୍ଟି କରୁଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ହୋଇଛି ଯେ ଏହି ସମୟରେ ସେମାନେ ଚିକେନ ବିରିୟାନୀ ଖାଇବା ସହ ଖାଦ୍ୟର ଅବଶିଷ୍ଟାଂଶ ଓ କଣ୍ଟଗୁଡ଼ିକୁ ଗଙ୍ଗାରେ ଫିଙ୍ଗିଥିଲେ। ଏହି ଦୃଶ୍ୟ ଭିଡିଓରେ କଏଦ ହେବା ପରେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଗଙ୍ଗାର ପବିତ୍ରତା ନଷ୍ଟ ହୋଇଥିବା ଦର୍ଶାଇ ଅନେକ ସଂଗଠନ ଏହାକୁ ବିରୋଧ ମଧ୍ୟ କରିଛନ୍ତି। ଭାରତୀୟ ଜନତା ଯୁବ ମୋର୍ଚ୍ଚାର ମହାନଗର ସଭାପତି ରଜତ ଜୟସ୍ୱାଲ ଏନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ସେ ଅଭିଯୋଗ କରିଛନ୍ତି ଯେ ଏହି କାର୍ଯ୍ୟ ଦ୍ୱାରା ହିନ୍ଦୁ ଧର୍ମାବଲମ୍ବୀଙ୍କ ଧାର୍ମିକ ଭାବନାକୁ ଆଘାତ ଲାଗିଛି। ପୁଲିସ ଭିଡିଓର ଯାଞ୍ଚ କରିବା ପରେ ୧୪ ଜଣ ଯୁବକଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏସିପି ଧ୍ରୁବ ପ୍ରତାପ ସିଂହ କହିଛନ୍ତି ଯେ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ସମ୍ପୃକ୍ତ ଧାରାରେ କେସ ଦାୟର ହୋଇଛି ଓ ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ। ବାରାଣସୀ ନଗର ନିଗମ ମଧ୍ୟ ଏହି ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଛି।

# ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ମହିଳା ମିଳିବ ମାତୃତ୍ୱ ଛୁଟି

ନୂଆଦିଲ୍ଲୀ, ୧୭।୩: ସୁପ୍ରିମକୋର୍ଟ ଶିଶୁ ପୋଷ୍ୟ ଗ୍ରହଣ କରୁଥିବା ମହିଳାମାନଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଶୀର୍ଷକୋର୍ଟ କହିଛନ୍ତି, ସେଭଳି ମା'ମାନଙ୍କୁ ପ୍ରସବକାଳୀନ ଛୁଟିରୁ ବଞ୍ଚିତ କରାଯାଇପାରିବ ନାହିଁ। ପ୍ରସବ କରୁଥିବା ମା'ମାନଙ୍କ ପରି ପାଳିତ ମା'ମାନଙ୍କର ମଧ୍ୟ ସମାନ ଅଧିକାର ଅଛି। ତିନି ମାସରୁ ଅଧିକ ବୟସର ପିଲାମାନଙ୍କୁ ଗ୍ରହଣ କରୁଥିବା ମହିଳାମାନଙ୍କୁ ପ୍ରସବକାଳୀନ ଛୁଟିରୁ ବଞ୍ଚିତ କରାଯାଇପାରିବ ନାହିଁ। ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପିତୃତ୍ୱ ଛୁଟି ନୀତି କାର୍ଯ୍ୟକାରୀ କରିବା ବିଷୟରେ ବିଚାର କରିବାକୁ ଅନୁରୋଧ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ପ୍ରସବକାଳୀନ ସୁରକ୍ଷା ଏକ ମୌଳିକ ମାନବିକ ଅଧିକାର। ୩ ମାସରୁ ଅଧିକ ବୟସର ଶିଶୁକୁ ପୋଷ୍ୟ ଗ୍ରହଣ କରୁଥିବା ମହିଳାଙ୍କୁ ପ୍ରସୂତି ଛୁଟିରୁ ବଞ୍ଚିତ



କରାଯାଇପାରିବ ନାହିଁ। ପରିବାର ଗଠନର ଅଣ-ଜୈବିକ ଉପାୟଗୁଡ଼ିକ ସମାନ ଭାବରେ ଆଇନଗତ। ଜୈବିକ ଉପାୟଗୁଡ଼ିକ ନିଜେ ଏକ ପରିବାର ସୃଷ୍ଟି କରନ୍ତି ନାହିଁ। ଜଣେ ପାଳିତ ଶିଶୁ ଜଣେ ଜୈବିକ ଶିଶୁଠାରୁ ଭିନ୍ନ ନୁହେଁ। ପ୍ରଜନନ ସ୍ୱାୟତ୍ତତାର ଅଧିକାର କେବଳ ଜୈବିକ ପ୍ରଜନନ ପର୍ଯ୍ୟନ୍ତ ସୀମିତ ନୁହେଁ। ଆମେ ଜଣେ ପାଳିତ ମା ଏବଂ ଜଣେ ଜୈବିକ ମା ମଧ୍ୟରେ ପାର୍ଥକ୍ୟକୁ ଚିହ୍ନିପାରୁଛୁ, କିନ୍ତୁ ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ସମୟରେ ଆମକୁ ଆଇନର ଉଦ୍ଦେଶ୍ୟ ମଧ୍ୟ ଦେଖିବାକୁ ପଡିବ। ସୁପ୍ରିମକୋର୍ଟ ସାମାଜିକ ସୁରକ୍ଷା ସଂହିତା, ୨୦୨୦ରେ ଧାରା ୬୦(୪)କୁ ଅସାମ୍ବିଧାନିକ ଘୋଷଣା କରିଛନ୍ତି, ଏହାକୁ ଧାରା ୧୪ ଅର୍ଥାତ୍ ସମାନତା ଏବଂ ୨୧ ଅର୍ଥାତ୍ ଜୀବନର ଅଧିକାରର ଉଲ୍ଲଙ୍ଘନକାରୀ ବୋଲି ଦର୍ଶାଇଛନ୍ତି। ଏହି ଆଇନ ଅନୁଯାୟୀ, ପୋଷ୍ୟ ସନ୍ତାନ ଗ୍ରହଣ କରୁଥିବା ମା କେବଳ ୩ ମାସରୁ କମ୍ ବୟସର ପିଲାମାନଙ୍କୁ ଯଦି ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରୁଥିଲେ, ତେବେ ତାଙ୍କୁ ମାତୃତ୍ୱ ଲାଭ ପ୍ରଦାନ କରାଯିବ।

ସୁପ୍ରିମକୋର୍ଟ ତାଙ୍କ ଆଦେଶ ପ୍ରଦାନ କରିବା ସମୟରେ କହିଛନ୍ତି, ମାତୃତ୍ୱ ଛୁଟି ମାନବାଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଆମେ ଏହି ଦୃଷ୍ଟିକୋଣ ସହିତ ସହମତ ଯେ ଜୈବିକ ମା'ଏବଂ ପାଳିତ ମା'ମାନେ ସମାନ ସ୍ତରରେ ନାହାନ୍ତି। ନ୍ୟାୟମୂର୍ତ୍ତି ଜେବି ପାରଦିୱାଲା ରାୟ ପ୍ରଦାନ କରିବା ସମୟରେ କହିଛନ୍ତି, ଆମେ ବିଚାର କରିଛୁ ୩ ମାସର ନିର୍ଦ୍ଧାରିତ ବୟସ ସୀମା ଧାରା ୧୪ର ଉଲ୍ଲଙ୍ଘନ ଭାବରେ ବିବେଚିତ ହେବ କି, ଯାହା ମହିଳାଙ୍କ ପ୍ରତି ପକ୍ଷପାତିତା ସୃଷ୍ଟି କରିବ। ୩ ମାସର ବୟସ ସୀମାକୁ ମାନିବ ମା''''ଙ୍କ ପ୍ରଜନନ ସ୍ୱାୟତ୍ତତା ଅଧିକାର ଏବଂ ଶିଶୁର ଆତ୍ମନିର୍ଭରର ଅଧିକାରକୁ ଉଲ୍ଲଙ୍ଘନ ବୋଲି କୁହାଯାଇପାରିବ କି।

### ରାଜ୍ୟସଭା କ୍ରସ ଭୋଟିଂକୁ ନେଇ ମୁହଁ ଖୋଲିଲେ ସୌମ୍ୟ

# ଓଡ଼ିଆ ଅସ୍ମିତା ଫେଲ୍ ମାରିଛି

## କେନ୍ଦ୍ରର ଏଜେଣ୍ଡାକୁ ଚେକ୍ କରିଛୁ: ଜୟନାରାୟଣ



ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ରାଜ୍ୟସଭା କ୍ରସ ଭୋଟିଂକୁ ନେଇ ବରିଷ୍ଠ ରାଜନେତା ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁହଁ ଖୋଲିଛନ୍ତି। ବିଜେଡ଼ି ୫୧ ଥିଲା, ୫୦କୁ ଖସିଲା। ପରେ ୪୮ ଆଉ ଏବେ ୬ ଜଣ କ୍ରସ୍ ଭୋଟିଂ ପରେ ଏବେ ସଂଖ୍ୟା ୪୨। ବିଜେଡି ୧୯ ପ୍ରତିଶତ କ୍ଷୟ ହୋଇସାରିଲାଣି। ଧୀରେ ଧୀରେ ସର୍ବ୍ଫଉର୍ଣ୍ଣ କ୍ଷୟ ହୋଇଯିବ। ସେହିଭଳି ରାଜ୍ୟସଭା ନିର୍ବାଚନରେ ଓଡିଆ ଅସ୍ମିତ ଫେଲ ମାରିଛି ବୋଲି ସେ କହିଛନ୍ତି।

ସେ କହିଛନ୍ତି ଯେ ନବୀନବାବୁ ବହୁ ଚେଷ୍ଟା କରିଥିଲେ ବିଧାୟକଙ୍କୁ ଏକାଠି ରଖିବାକୁ। ଦୁଇ ଜଣଙ୍କୁ ପୂର୍ବରୁ ନିଲମ୍ବନ ବି କଲେ, କିନ୍ତୁ ତା' କାମ ଦେଲାନି। ବର୍ତ୍ତମାନ ନେତୃତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନେତା ବିଧାୟକ ସବୁ ଉତ୍ତର ପାଇଲେଣି। ନବୀନବାବୁଙ୍କ ପକଡ଼ କମିଛି ନା ନାହିଁ, ସେନେଇ ସମୀକ୍ଷା କରାଯାଉଛି। ସେହିଭଳି ରାଜ୍ୟସଭା ନିର୍ବାଚନରେ ଓଡ଼ିଶା ଅସ୍ମିତା ଫେଲ୍ ମାରିଛି ବୋଲି ସେ କହିଛନ୍ତି।

ବିଧାୟକ ଯେଉଁଭଳି ବାଇଗଣ ଦରରେ ବିକ୍ରି ହେଲେ ଓ ଯେଉଁମାନେ ବିକ୍ରି ହୋଇପାରିବେ ବୋଲି ଭାବିଲେ ତାହା ପ୍ରଶ୍ନ ସୃଷ୍ଟି କରୁଛି। କିନ୍ତୁ ଯେଉଁମାନେ ଅନ୍ୟ ଦଳକୁ ଭୋଟ ଦେଲେ ସେମାନେ କାହିଁକି ପୂର୍ବରୁ ଏନେଇ ସ୍ପଷ୍ଟ କରିପାରିଲେନି, କିନ୍ତୁ ସାହସ କରି ଭୋଟ ଦେଲେ। ଏହାଦ୍ୱାରା ଦିଲ୍ଲୀପ ରାୟ ଇତିହାସକୁ ପୁଣି ଥରେ ଦୋହରାଇଲେ। ବିଶ୍ୱକପ ଜିତିଲା ଭଳି କ୍ରସ୍ ଭୋଟିଂ ମାଧ୍ୟମରେ ଜିତିବା ଗୌରବର ବିଷୟ ନୁହେଁ ବୋଲି ସେ କହିଛନ୍ତି। ସେପଟେ ସୌମ୍ୟଙ୍କ ଓଡ଼ିଆ ଅସ୍ମିତା ପ୍ରସଙ୍ଗରେ ଜବାବ ରଖିଛନ୍ତି ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର। ସେ କହିଛନ୍ତି, ଓଡିଆ ଅସ୍ମିତା ଫେଲ ମାରିନି, ଓଡ଼ିଆ ଅସ୍ମିତା ଜିତିଛି। କେନ୍ଦ୍ର ନେତୃତ୍ୱ ଚାହିଁଥିଲା ୩ଟି ଆସନରୁ ଗୋଟିଏ ରାଜ୍ୟସଭା ସିଟ୍‌ରେ ବାହାର ରାଜ୍ୟର ଜଣଙ୍କୁ ପଠାଇବାକୁ। ଆମେ କିନ୍ତୁ ତାକୁ ପ୍ରତିହତ କଲୁ ବୋଲି ସେ କହିଛନ୍ତି।

### ଟିଏମ୍‌ସିର ୨୯୧ଟି ଆସନରେ ପ୍ରାର୍ଥୀ ଘୋଷଣା

# ଭବାନୀପୁରରୁ ନିର୍ବାଚନ ଲଢ଼ିବେ ମମତା

କୋଲକାତା,୧୭।୩(ସଂଚାର ବ୍ୟୁରୋ): ମଙ୍ଗଳବାର ବିଧାନସଭା ନିର୍ବାଚନ ପାଇଁ ତୃଣମୂଳ କଂଗ୍ରେସ ତାର ପ୍ରଥମ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। କାଳିଘାଟସ୍ଥିତ ଟିଏମ୍‌ସି କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ସୁପ୍ରିମୋ ମମତା ବାନାର୍ଜୀ ୨୯୧ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ମମତା ବାନାର୍ଜୀ ଭବାନୀପୁରରୁ ନିର୍ବାଚନ ଲଢ଼ିବେ। ବିଜେପି ପୂର୍ବରୁ ଏହାର ପ୍ରଥମ ତାଲିକା ପ୍ରକାଶ କରିସାରିଛି। ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଭବାନୀପୁର ଏବଂ ନନ୍ଦୀଗ୍ରାମ ବିଧାନସଭା ଆସନରୁ ପ୍ରାର୍ଥୀ କରାଯାଇଛି। ପୂର୍ବ ବିଧାନସଭା ନିର୍ବାଚନରେ ଶୁଭେନ୍ଦୁ ଅଧିକାରୀ ନନ୍ଦୀଗ୍ରାମ ଆସନରେ ମମତା ବାନାର୍ଜୀଙ୍କୁ ପରାସ୍ତ କରିଥିଲେ। ପରବର୍ତ୍ତୀ ସମୟରେ, ଉପନିର୍ବାଚନ ସମୟରେ ମମତା ବାନାର୍ଜୀ ଭବାନୀପୁର ଆସନରେ ବିଜୟ ହାସଲ କରିଥିଲେ। ତୃଣମୂଳ କଂଗ୍ରେସର ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା



ସହିତ, ଏହା ସ୍ପଷ୍ଟ ହୋଇଯାଇଛି ଯେ ଭବାନୀପୁର ଆସନରେ ମମତା ବାନାର୍ଜୀ ଏବଂ ଶୁଭେନ୍ଦୁ ଅଧିକାରୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେ କହିଛନ୍ତି ଜିଟିଏର ଅନିତ ଥାପା ତିନୋଟି ଆସନ ପାଇଁ ପ୍ରାର୍ଥୀ ଦେବେ। ମମତା ବାନାର୍ଜୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ଟିଏମ୍‌ସି ୨୨୬ଟି ଆସନରେ ବିଜୟ ହାସଲ କରିବ। ଏହା ବ୍ୟତୀତ, 'ବିଜେପିକୁ ବୟକଟ କରନ୍ତୁ, ବିଜେପିକୁ ଭୋଟ ଦିଅନ୍ତୁ ନାହିଁ' ସ୍ଲୋଗାନ ଦେଇ ସେ ଘୋଷଣା କରିଥିଲେ ଯେ ବିଜେପି ୫୦ଟି ଆସନ ମଧ୍ୟ ଜିତିପାରିବ ନାହିଁ।

### ଭାରତୀୟ ରେଳବାଇର ପଦକ୍ଷେପ

## ଏକାଧିକ ସ୍ୱତନ୍ତ୍ର ଟ୍ରେନ ହେଲା ନିୟମିତ ଏକ୍ସପ୍ରେସ

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଓ ଯାତ୍ରୀମାନଙ୍କୁ ନିରନ୍ତର ତଥା ସୁବିଧାଜନକ ଯାତ୍ରା ସେବା ଯୋଗାଇବା ଉଦ୍ଦେଶ୍ୟରେ ଭାରତୀୟ ରେଳବାଇ ପୂର୍ବରୁ ସ୍ୱତନ୍ତ୍ର (ସ୍ପେଶାଲ୍) ଟ୍ରେନ୍ ଭାବେ ଚାଲୁଥିବା କେତେକ ଟ୍ରେନକୁ ନିୟମିତ କରିବା ସକାଶେ ଅନୁମତି ଦେଇଛି। ଏହାଦ୍ୱାରା ଯାତ୍ରୀମାନେ ଅଧିକ ସୁବିଧା, ସ୍ଥିରତା ଓ ନିର୍ଭରଯୋଗ୍ୟ ରେଳସେବାର ଲାଭ ଉଠାଇପାରିବେ। ଉକ୍ତ ଟ୍ରେନ୍‌ଗୁଡିକ ହେଲା, ଟ୍ରେନ ନମ୍ବର ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ସ୍ପେଶାଲ୍ ଏବେ ଟ୍ରେନ ନମ୍ବର ୧୮୪୦୩/୧୮୪୦୪ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଏକ୍ସପ୍ରେସ୍ ଭାବେ ଚଳାଚଳ କରିବ। ସେହିପରି ଟ୍ରେନ ନମ୍ବର ୦୮୪୩୯/୦୮୪୪୦ ପୁରୀ-ପାଟନା-ପୁରୀ ସ୍ପେଶାଲ୍ ଏବେ ଟ୍ରେନ ନମ୍ବର ୧୮୪୦୫/୧୮୪୦୬ ପୁରୀ-ପାଟନା-ପୁରୀ ଏକ୍ସପ୍ରେସ୍ ଭାବେ ଚଳାଚଳ କରିବ। ଆହୁରି ଟ୍ରେନ୍ ନମ୍ବର ୦୮୫୮୩/୦୮୫୮୪ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୭/୧୮୫୦୮ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବେ ଚଳାଚଳ କରିବ। ତା'ଛଡ଼ା ଟ୍ରେନ୍ ନମ୍ବର ୦୮୫୮୧/୦୮୫୮୨ ବିଶାଖାପାଟଣା-ଏସଏମଭିଟି ବେଙ୍ଗାଲୁରୁ-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୯/୧୮୫୧୦ ବିଶାଖାପାଟଣା-ଏସଏମଭିଟି ବେଙ୍ଗାଲୁରୁ-ବିଶାଖାପାଟଣା ଏକ୍ସପ୍ରେସ୍ ଭାବେ, ଟ୍ରେନ୍ ନମ୍ବର ୦୮୫୪୭/୦୮୫୪୮ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୦୫/୧୮୫୦୬ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବେ ଓ ଟ୍ରେନ୍ ନମ୍ବର ୦୮୫୭୯/୦୮୫୮୦ ବିଶାଖାପାଟଣା-ଚାର୍ଲାପାଲି-ବିଶାଖାପାଟଣା ସ୍ପେଶାଲ୍ ଏବେ ଟ୍ରେନ୍ ନମ୍ବର ୧୮୫୨୭/୧୮୫୨୮ ବିଶାଖାପାଟଣା-ଚାର୍ଲାପାଲି-ବିଶାଖାପାଟଣା ଏକ୍ସପ୍ରେସ୍ ଭାବେ ଚାଲିବ।

## ବାବା ଧବଳେଶ୍ୱର ଓ ବାବା ସର୍ପେଶ୍ୱରଙ୍କ ମହାମିଳନ ଓ ବାରୁଣୀ ବୁଡ଼



କଟକ,୧୭।୩(ସଂଚାର ବ୍ୟୁରୋ): ଓଡ଼ିଶାର ଅନନ୍ୟା ପରମ୍ପରା ଦୋଳ ଯାତ୍ରା। ଫଗୁ ଦଶମୀ ଠାରୁ ଆରମ୍ଭ ହୋଇ ବାରୁଣୀ ସ୍ନାନ ପର୍ଯ୍ୟନ୍ତ ଚାଲିଥିବା ଦୋଳ ଯାତ୍ରା ମଙ୍ଗଳବାର ଶେଷ ହୋଇଛି।ଆଠଗଡ ନିର୍ବାଚନ ମଣ୍ଡଳୀ ବ୍ରହ୍ମପୁର ସ୍ଥିତ ମହାନଦୀର ସିଦ୍ଧନାରାୟଣୀ ଘାଟରେ ବିମାନ ରୁଢ଼ ଦିଁଅ ମାନଙ୍କ ବୁଡ଼ ଅନୁଷ୍ଠିତ ହୋଇଯାଇଛି। ସର୍ପେଶ୍ୱର ଓ ଧବଳେଶ୍ୱରଙ୍କ ମହମିଳନ ପର୍ବ ଅନୁଷ୍ଠିତ ହୋଇଥାଏ। ବିଳମ୍ବିତ ରାତ୍ରୀ ରେ କଖଡିର ଦୋଳ ମଣ୍ଡପରେ ଧବଳେଶ୍ୱର ମହାପ୍ରଭୁ ଅବସ୍ଥାନ କରିଥିବା ବେଳେ ଅନ୍ୟଗ୍ରାମ ଗୁଡିକରୁ ବିମାନରେ ଆସିଥିବା ରାଧା ଗୋବିନ୍ଦ ବିଗ୍ରହ ମୂର୍ତ୍ତି ସେଠାରେ ଆସି ଉପସ୍ଥିତ ହେବା ପରେ ସାନ ଭାଇ ବାବା ଧବଳେଶ୍ୱରଙ୍କୁ ବଡ଼ ଭାଇ ବାବା ସର୍ପେଶ୍ୱର ପବିତ୍ର ବାରୁଣୀ ସ୍ନାନ ଯାତ୍ରା ପାଇଁ ନିମନ୍ତ୍ରଣ କରନ୍ତି।ଆଉ ସେଠାରେ ବାବା ଧବଳେଶ୍ୱର ଓ ସର୍ପେଶ୍ୱର ମହାରାଜଙ୍କ ମହାମିଳନ ଅନୁଷ୍ଠିତ ହେବା ପରେ ବିଭିନ୍ନ ଗ୍ରାମରୁ ଆସିଥିବା ସମସ୍ତ ବିମାନ ରୁଢ଼ ଦିଁଅ ମାନେ ଆଠଗଡ଼ ବ୍ଲକ୍ ବ୍ରହ୍ମପୁର ଗ୍ରାମର ସିଦ୍ଧ ନାରାୟଣୀ ପୀଠ ସ୍ଥଳୀରେ ଥିବା ମହାନଦୀରେ ଅଷ୍ଟଶମ୍ଭୁ ବୁଡ଼ ପକାଇବା ପରେ ଚାଟେରୀ ଭୋଗ ଅର୍ପଣ କରାଯାଇଥିଲା। ୧୭ ଦିନ ଧରି ଚାଲିଥିବା ଏହି ଯାତ୍ରା ସମାପନ ହେବା ସହ ଠାକୁର ମାନେ ନିଜ ନିଜ ପୀଠକୁ ଫେରିଯାଆନ୍ତି। ଆଠଗଡ଼ ନିର୍ବାଚନମଣ୍ଡଳୀର କଖଡ଼ି ଲକ୍ଷ୍ମୀନାରାୟଣ ଦେବ, ନାରଙ୍ଗବସ୍ତର ରାଧାକାନ୍ତ ଜୀଉ, ଘଣ୍ଟିଖାଲର ବୃନ୍ଦାବନ ଚନ୍ଦ୍ର ଜୀଉ, ଗରିଆର ରାଧାଶ୍ୟାମ ଜୀଉ, ଜେନାପୁରର ସ୍ୱପ୍ନେଶ୍ୱର ମହାଦେବ, କେଉଟପଡ଼ାର ଗୋପୀନାଥ ଜୀଉ, କାବସ୍ତାବରାଇର ରାଧାକୃଷ୍ଣ ଜିଉ, ନୂଆଶାସନର ରାମେଶ୍ୱର ଦେବ, ମହାକାଳପଡ଼ାର ଗୋପାଳ ଜୀଉ, ବ୍ରହ୍ମପୁରର ଗୋପାଳ ଜୀଉ, ବ୍ରାହ୍ମଣବସ୍ତର ରାଧାକୃଷ୍ଣ ଜୀଉ, ପିଠାଖିଆର ରାଧାକୃଷ୍ଣ ଜୀଉଙ୍କ ସହ ବାବା ଧବଳେଶ୍ୱର ଓ ବାବା ସର୍ପେଶ୍ୱର ମହାରାଜ ଏହି ଯାତ୍ରା ସାମିଲ ହୋଇଥାନ୍ତି।

# କ୍ଷତିରେ ୬ ସରକାରୀ ଉଦ୍ୟୋଗ

ଭୁବନେଶ୍ୱର,୧୭।୩: ରାଜ୍ୟରେ ଥିବା ସରକାରୀ ଉଦ୍ୟୋଗଗୁଡିକ ମଧ୍ୟରୁ ୬ଟି କ୍ଷତିରେ ଚାଲୁଛି। ଏହି କ୍ଷତି ତାଲିକାରେ ଗ୍ରୀଡ୍‌କୋଠାରୁ ଆରମ୍ଭ କରି ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟି) ପରି ସଂସ୍ଥା ବି ରହିଛନ୍ତି। ରାଜ୍ୟର ସରକାରୀ ଉଦ୍ୟୋଗ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଓଡ଼ିଶାରେ ଗତ ୨୦୨୩ ସୁଦ୍ଧା ୩୫ଟି ସରକାରୀ ଉଦ୍ୟୋଗ କାର୍ଯ୍ୟ କରୁଥିଲା। ସେଥିମଧ୍ୟରୁ ୪ଟି ଉଦ୍ୟୋଗ ଓଡ଼ିଶା ଖଣି ନିଗମ ସହ ମିଶିଯିବା ପରେ ମୋଟ ସରକାରୀ ଉଦ୍ୟୋଗ ସଂଖ୍ୟା ୩୧ରେ ପହଞ୍ଚିଲା। ଇତିମଧ୍ୟରେ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା (ଓରେଡା) ନାମରେ ଗୋଟିଏ ଉଦ୍ୟୋଗ ପ୍ରତିଷ୍ଠା ହେବାରୁ ମୋଟ ସରକାରୀ ଉଦ୍ୟୋଗ ସଂଖ୍ୟା ୩୨ରେ ପହଞ୍ଚିଛି। ତେବେ ଏହି ସମୟ ମଧ୍ୟରେ କୌଣସି ସରକାରୀ ଉଦ୍ୟୋଗ ବନ୍ଦ ହୋଇନାହିଁ।

ମନ୍ତ୍ରୀ ରଖିଥିବା ଉତ୍ତର ଅନୁଯାୟୀ, ଶିଳ୍ପ ବିଭାଗ ଅଧିନରେ ୪ଟି ସରକାରୀ ଉଦ୍ୟୋଗ ଥିବାବେଳେ ଶକ୍ତି ବିଭାଗ ଅଧିନରେ ୭ଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନରେ ୪ଟି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅଧିନରେ ୨ଟି, ଜଳସମ୍ପଦ ବିଭାଗ ଅଧିନରେ ୨ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧିନରେ ୨ଟି, ଅବକାରୀ, ପୂର୍ତ୍ତ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସ୍ୱରାଷ୍ଟ୍ର, ପର୍ଯ୍ୟଟନ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଇସ୍ପାତ ଓ ଖଣି, ସମବାୟ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ, ବାଣିଜ୍ୟ ଓ ପରିବହନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧିନରେ ଗୋଟିଏ କରି ସରକାରୀ ଉଦ୍ୟୋଗ ରହିଛି। ଏହିସବୁ ସରକାରୀ ଉଦ୍ୟୋଗ ମଧ୍ୟରୁ ୬ଟି ନିଗମ ଯଥା ଗ୍ରୀଡ୍‌କୋ, କଳିଙ୍ଗ ଷ୍ଟୁଡିଓ, ଓଆରଏଚଡିସି, ମତ୍ସ୍ୟ ଉନ୍ନୟନ ନିଗମ, ଓଏସ୍‌ଆର୍‌ଟିସି ଓ ରାଜ୍ୟ ଅର୍ଥ ନିଗମ କ୍ଷତିରେ ଚାଲୁଛି। ଏହାଛଡା ଆଉ ୨ଟି ନିଗମ ଯଥା ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ ଓ ୱାଟ୍‌କୋ ବିନା ଲାଭ ଓ ବିନା କ୍ଷତିରେ ଚାଲୁଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ କ୍ଷତିରେ ଚାଲୁଥିବା ଉଦ୍ୟୋଗଗୁଡିକୁ ଲାଭଜନକ କରିବାପାଇଁ ଉଦ୍ୟୋଗରେ କର୍ମଚାରୀ ହ୍ରାସ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ନିଗମର ପ୍ରତିଷ୍ଠାନ ଖର୍ଚ୍ଚ ହ୍ରାସ ପାଇବ। ସେଥିପାଇଁ ସ୍ୱେଚ୍ଛାକୃତ ଅବସର ଯୋଜନା କାର୍ଯ୍ୟକାରୀ କରାଯାଉଛି। ସେହିଭଳି କର୍ପୋରେଟ ଗଭର୍ଣ୍ଣାନ୍ସ ମାନୁଆଲ ଅନୁଯାୟୀ କାର୍ଯ୍ୟାନ୍ୱୟନ କରିବା, ଉଦ୍ୟୋଗୁଡିକରେ ସ୍ୱାଧୀନ ନିର୍ଦ୍ଦେଶକ ମାନଙ୍କୁ ନିଯୁକ୍ତି ଦେବା, ସରକାରୀ ଉଦ୍ୟୋଗ ଚୟନ କମିଟି ଜରିଆରେ ଶୀର୍ଷସ୍ତରୀୟ ନିର୍ଦ୍ଦେଶକ ପଦବୀ ପୂରଣ କରିବା,ପ୍ରଶାସନିକ ବିଭାଗ ସହିତ ପ୍ରତିବର୍ଷ ରାଜିନାମା ସ୍ୱାକ୍ଷର କରିବା, ଅର୍ଥ ନିଗମର ବକେୟା ଋଣ ଆଦାୟକୁ ଗୁରୁତ୍ୱ ଦେବା ସହିତ ଆବଶ୍ୟକ ସ୍ଥଳେ ନିଗମମାନଙ୍କର ଆର୍ଥିକ ଓ ମାନବ ସମ୍ବଳର ପୁନର୍ବିନ୍ୟାସ କରାଇବା ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। (ତଥ୍ୟ)

## ବିଦ୍ୟୁତ ଆଘାତରେ ଜଣେ ମୃତ

କୋଲକାତା,୧୭।୩(ସଂଚାର ବ୍ୟୁରୋ): କାରଖାନାରେ କାମ କରିବାକୁ ଯାଇ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୋମବାର କୋଲକାତାର କାଶୀପୁର ଅଞ୍ଚଳରେ ଏହି ଘଟଣା ଘଟିଛି। ଉତ୍ତର ୨୪ ପ୍ରଗଣାର ଜଗଦ୍ଦଳର ଭାଟପଡା ନିବାସୀ ବିଜୟ ପାସୱାନ (୩୩) କାଶୀପୁରର ଏକ ଶାଢ଼ି କାରଖାନାରେ କାମ କରୁଥିବା ସମୟରେ ବିଦ୍ୟୁତ୍ ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ବିଦ୍ୟୁତ୍ ଆଘାତ ଘଟଣା କିପରି ଘଟିଲା ସେ ବିଷୟରେ ପୋଲିସ ତଦନ୍ତ କରୁଛି।

## କାଳିଗଞ୍ଜରେ ସିପିଆଇଏମ୍ ପ୍ରାର୍ଥୀଙ୍କୁ ମାନିବାକୁ କର୍ମୀ ନାରାଜ

### ଦଳୀୟ କାର୍ଯ୍ୟାଳୟ ଭାଙ୍ଗାରୁଜା

କୋଲକାତା,୧୭।୩(ସଂଚାର ବ୍ୟୁରୋ): ନଦିଆ ଜିଲ୍ଲାର କାଳିଗଞ୍ଜରେ ୨୦୨୬ ବିଧାନସଭା ନିର୍ବାଚନରେ ସୋମବାର ସିପିଆଇଏମ୍ ପ୍ରାର୍ଥୀ ଘୋଷଣା ହେବା ପରେ ମଙ୍ଗଳବାର ଦାଳୀୟ ଭାବରେ ପ୍ରାର୍ଥୀଙ୍କୁ ମାନି ନନେଇ ଦଳୀୟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। ସୂତ୍ର ଅନୁସାରେ, କାଳିଗଞ୍ଜ ବିଧାନସଭା ଉପନିର୍ବାଚନ ସମୟରେ ଏକ ବୋମା ଆକ୍ରମଣରେ ତମନ୍ନାଙ୍କ ମୃତ୍ୟୁ ହୋଇଥିଲା, ଏଥର ସିପିଆଇଏମ୍ ତାଙ୍କ ମାଆ ସବିନା ୟାସମିନଙ୍କୁ ପ୍ରାର୍ଥୀ କରିଛି। ସୋମବାର ଦିନ ସିପିଏମ ପକ୍ଷରୁ ତମନ୍ନାଙ୍କ ମାଆଙ୍କୁ ପ୍ରାର୍ଥୀ ଘୋଷଣା କରାଯିବା ପରେ, ମଙ୍ଗଳବାର ଦଳୀୟ କର୍ମୀମାନେ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। ପ୍ରାର୍ଥୀ ପରିବର୍ତ୍ତନ ପାଇଁ ତୁରନ୍ତ ଦାବି କରିବା ପାଇଁ ସେମାନେ ଏହି ଭଙ୍ଗାରୁଜା କରିଥିଲେ। ତେବେ, ଏହି ଘଟଣାକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି।

## ସାମ୍ବାଦିକ ଦିଲ୍ଲୀପ ଦାସ କାର୍ଯ୍ୟକାରୀ ସଭାପତି



କୋଲକାତା,୧୭।୩(ସଂଚାର ବ୍ୟୁରୋ): ଜାତୀୟ ସାମ୍ବାଦିକ ସୁରକ୍ଷା ଆୟୋଗ ପକ୍ଷରୁ ଜାତୀୟ ସଭାପତି ନିଶିକାନ୍ତ ରାୟଙ୍କ ନିର୍ଦ୍ଦେଶ ଅନୁଯାୟୀ ଓ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ସହ ପରାମର୍ଶ ପୂର୍ବକ ଓଡ଼ିଆ ଦୈନିକ 'ପ୍ରମେୟ'ର କୋଲକାତା ପ୍ରତିନିଧି ଦିଲ୍ଲୀପ କୁମାର ଦାସଙ୍କୁ ପଶ୍ଚିମବଙ୍ଗର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। କୋଲକାତାରେ ଅବସ୍ଥାପିତ ଦିଲ୍ଲୀପ କୁମାର ଦାସ ଦୀର୍ଘ ସମୟ ଧରି ସାମ୍ବାଦିକତା କ୍ଷେତ୍ରରେ ସକ୍ରିୟ ଭାବେ ଜଡିତ ଅଛନ୍ତି। ଜାତୀୟ ସାମ୍ବାଦିକ ସୁରକ୍ଷା ଆୟୋଗ ଦୃଢ଼ ବିଶ୍ୱାସ ରଖିଛି ଯେ ପ୍ରତି ମୁହୂର୍ତ୍ତରେ ସର୍ବଦା ଜାଗ୍ରତ ରହି ଶ୍ରୀ ଦାସ ସଂଗଠନକୁ ଆହୁରି ମଜବୁତ କରିବେ। ଏହି ଖବର ପ୍ରସାରିତ ହେବା ପରେ ପଶ୍ଚିମବଙ୍ଗରେ ବହୁ ପ୍ରବାସୀ ଓଡ଼ିଆ ସଂଗଠନ ଶ୍ରୀ ଦାସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରାର୍ଥୀଙ୍କୁ ନେଇ ଅସନ୍ତୋଷ, ଗୋଷ୍ଠୀ କନ୍ଦଳରେ ଜର୍ଜରିତ ବିଜେପି



କୋଲକାତା, ୧୭।୩(ସଂଚାର ବ୍ୟୁରୋ): ବିଜେପିର ଆଭ୍ୟନ୍ତରୀଣ ଗୋଷ୍ଠୀ ବିବାଦ ପୁଣିଥରେ ସାମ୍ନାକୁ ଆସିଛି। ଆଲିପୁରଦୁଆର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମନୋନୀତ ପ୍ରାର୍ଥୀଙ୍କ ଉପରେ ଦଳୀୟ କର୍ମୀମାନେ ନିଜେ ଅସନ୍ତୁଷ୍ଟ। ମଙ୍ଗଳବାର, ପ୍ରାର୍ଥୀ ପରିବର୍ତ୍ତନ ଦାବି କରି ଦଳୀୟ କର୍ମୀମାନେ ଆଲିପୁରଦୁଆର ବିଜେପି ଜିଲ୍ଲା କାର୍ଯ୍ୟାଳୟରେ ପ୍ରତିବାଦ କରିଥିଲେ। ଏହା ପୂର୍ବରୁ, ପ୍ରାର୍ଥୀ ଚୟନକୁ ନେଇ ଦଳ ଭିତରେ ଆଭ୍ୟନ୍ତରୀଣ ବିବାଦ ଆରମ୍ଭ ହୋଇସାରିଥିଲା। ସୋମବାର ପ୍ରାର୍ଥୀ ଘୋଷଣା ହେବା ପରେ ଗୋଷ୍ଠୀ ବିବାଦ ଆହୁରି ତୀବ୍ର ହୋଇଥିଲା, ଯାହା ଜଳୁଥିବା ନିଆଁରେ ଘିଅ ମିଶାଇବା ଭଳି ଥିଲା। ମଙ୍ଗଳବାର ମଧ୍ୟ, ବିଭିନ୍ନ 'ମଣ୍ଡଳର' କର୍ମୀମାନେ ପ୍ରାର୍ଥୀ ପରିବର୍ତ୍ତନ ଦାବିକୁ ପୁନରାବୃତ୍ତି କରି ଦୀର୍ଘ ସମୟ ଧରି ପ୍ରତିବାଦ ଜାରି ରଖିଥିଲେ। ଆଲିପୁରଦୁଆର ବିଧାନସଭା ନିର୍ବାଚନମଣ୍ଡଳୀରେ ପରିତୋଷ ଦାସଙ୍କୁ ବିଜେପି ପ୍ରାର୍ଥୀ ଭାବରେ ମନୋନୀତ କରାଯାଇଛି। କିନ୍ତୁ, ଦଳୀୟ କର୍ମୀମାନେ ନିଜେ ତାଙ୍କୁ ପ୍ରାର୍ଥୀ ଭାବରେ ଗ୍ରହଣ କରିବାକୁ ରାଜି ନୁହଁନ୍ତି। ଏହି ଅସନ୍ତୋଷରେ ପ୍ରଭାବିତ ହୋଇ, ଦଳୀୟ କର୍ମୀମାନେ ସୋମବାର ରାତିରେ ଜିଲ୍ଲା ଦଳୀୟ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। ରାତିରେ ଦଳର ଜିଲ୍ଲା ସଭାପତି ମିଠୁ ଦାସଙ୍କୁ କାର୍ଯ୍ୟାଳୟ ଭିତରେ ବନ୍ଦ କରି ଦିଆଯାଇଥିଲା। ପରେ ରାତି ପ୍ରାୟ ୧୧ଟାରେ ତାଙ୍କୁ ମୁକ୍ତ କରାଯାଇଥିଲା। ପ୍ରାର୍ଥୀ ପରିବର୍ତ୍ତନ ଦାବି କରି ସ୍ଥାନୀୟ କର୍ମୀଙ୍କ ବିରୋଧ ମଧ୍ୟରେ 'ଗେରୁଆ ଶିବିର' ବଢ଼ୁଥିବା ଚାପର ସମ୍ମୁଖୀନ ହେଉଛି। ପ୍ରାର୍ଥୀ ବଦଳାଇବା ପାଇଁ ସୁପାରିଶ ପଠାଇବା ପାଇଁ କର୍ମୀମାନେ ନେତୃତ୍ୱ ଉପରେ ଚାପ ପକାଇ ଚାଲିଥିଲେ। ତେବେ, ଦଳର ରାଜ୍ୟ ଉପସଭାପତି ଦୀପକ ବର୍ମନ କହିଛନ୍ତି, 'ପ୍ରାର୍ଥୀ ପରିବର୍ତ୍ତନ କରିବାର କୌଣସି ସମ୍ଭାବନା ନାହିଁ। ଫଳସ୍ୱରୂପ, ପ୍ରାର୍ଥୀ ବଦଳାଇବା ପାଇଁ ସୁପାରିଶ ପଠାଇବାର ପ୍ରଶ୍ନ ଉଠୁନାହିଁ'।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୃହରେ...

ସ୍ଥାନାନ୍ତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ୫ ଜଣଙ୍କ ଗୁରୁତର ରୋଗୀଙ୍କର ଦେହାନ୍ତ ହୋଇଥିଲା। ଏହି ପରିସ୍ଥିତିର ମୁକାବିଲା କରିବାକୁ ଯାଇ ଦେବଦୂତ ସାଜି ରୋଗୀମାନଙ୍କ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିବା ମେଡିକାଲର କର୍ମଚାରୀଙ୍କ ମଧ୍ୟରୁ ୧୧ ଜଣ ନିଆଁ ପ୍ରଭାବରେ ଆହତ ହୋଇଥିଲେ। ଆହତ କର୍ମଚାରୀମାନଙ୍କର ଚିକିତ୍ସା ଚାଲିଛି ଓ ସେମାନଙ୍କର ଜୀବନ ବିପଦମୁକ୍ତ ଅଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଗ୍ନିକାଣ୍ଡ ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ ଏସସିବି ମେଡ଼ିକାଲ କଲେଜର ଦୁର୍ଘଟଣା ବିଷୟରେ ଜାଣିବା ପରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ସମବେଦନା ଓ ଆଶ୍ୱାସନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ଦୁର୍ଘଟଣାରେ ପ୍ରଭାବିତ ଅନ୍ୟ ରୋଗୀମାନଙ୍କୁ ଉନ୍ନତ ମାନର ଚିକିତ୍ସା ଦେବା ସକାଶେ ବ୍ୟବସ୍ଥା କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଶାସନ ସଚିବ ଏହି ଦୁର୍ଘଟଣାର ତଦନ୍ତ ପାଇଁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ କରିଛନ୍ତି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡିକେ ସିଂହ ଏହି କମିଟିର ଚେୟାରମ୍ୟାନ ଅଛନ୍ତି। ଏହି କମିଟିର ତଦନ୍ତ ରିପୋର୍ଟ ଆସିଲା ପରେ ଏହି ଦୁର୍ଘଟଣା ପାଇଁ ଯେଉଁମାନେ ଦାୟୀ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭବିଷ୍ୟତରେ ଏପରି ଦୁଃଖଦ ଘଟଣାର ଯେପରି ପୁନରାବୃତ୍ତି ନହୁଏ, ସେଥିପ୍ରତି ସତର୍କ ରହିବା ପାଇଁ ହସ୍ପିଟାଲର ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ୪୦୦ ମୃତ...

ଆଫଗାନିସ୍ତାନର ମୁଖପାତ୍ର ହମଦୁଲ୍ଲା ଫିତରତ୍ କହିଛନ୍ତି ଯେ ଗତକାଲି ରାତି ପ୍ରାୟ ୯ଟାରେ ନିଶା ପୁନର୍ବାସ ହସ୍ପିଟାଲ ଉପରେ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ୨ ହଜାର ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍‌ର ଏକ ପ୍ରମୁଖ ଅଂଶ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଏହି ଆକ୍ରମଣ ପରେ ଆଫଗାନିସ୍ତାନ ପକ୍ଷରୁ ଆକ୍ରମଣକୁ ଜୋର୍‌ଦାର କରାଯାଇଛି। ଆଫଗାନିସ୍ତାନ ସେନା ଗୁଳିରେ ୪ ଜଣ ପାକିସ୍ତାନୀ ନିହତ ହୋଇଥିବା ଜଣାପଡ଼ିଛି।

### ୬ ବିଜେଡି...

ସନ୍ତୋଷଜନକ ଉତ୍ତର ନଦେଲେ ଦଳ ସେମାନଙ୍କ ବିରୋଧରେ ନିଜ ଆଡୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଜାରି କାରଣ ଦର୍ଶାଅ ନୋଟିସରେ କୁହାଯାଇଛି। ଗତ ୧୫ ତାରିଖ ବିଧାୟକ ଦଳ ବୈଠକରେ ନିଆଯାଇଥିବା ନିଷ୍ପତ୍ତିର ଅବମାନନା କରି ଏହି ୬ ଜଣ ବିଧାୟକ ନିଜ ଆଡୁ ଦଳର ସଦସ୍ୟତା ପଦରୁ ଓହରିଯାଇଥିବା ପ୍ରମାଣିତ କରୁଛି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ କହିଛନ୍ତି।

ସେପଟେ ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ସୁଜିତ କୁମାର ପାଢ଼ୀ କହିଥିଲେ ଯେ କଂଗ୍ରେସର ସବୁ ବିଧାୟକଙ୍କୁ ୧୩ରୁ ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ରହି ଯୋଗାଯୋଗରେ ରହିବାକୁ ହ୍ୱିପ ଜାରି କରାଯାଇଥିଲା ଏବଂ ଦଳର ନିର୍ଦ୍ଦେଶକ୍ରମେ ବିଜେଡି ଓ କଂଗ୍ରେସର ମିଳିତ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ କୁହାଯାଇଥିଲା। କିନ୍ତୁ ତାହାକୁ ଅବମାନନା କରି ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ମୋହନା ବିଧାୟକ ଦାଶରଥୀ ଗମାଙ୍ଗୋ ଓ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ଦଳ ବିରୁଦ୍ଧରେ ଯାଇ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ, ଯାହା ଗୁରୁତର ବିଶୃଙ୍ଖଳିତ ଆଚରଣର ପରିଚାୟକ। ତେଣୁ ଏଆଇସିସିଙ୍କ ସହମତି କ୍ରମେ ୩ ବିଧାୟକଙ୍କୁ କଂଗ୍ରେସ ଦଳରୁ ନିଲମ୍ବିତ କରାଯାଇଛି। ଏହାଛଡ଼ା କଟକ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରାଙ୍କୁ ଦଳବିରୋଧୀ ଆଚରଣ ପାଇଁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ୩ ବିଧାୟକଙ୍କୁ ବର୍ତ୍ତମାନ ନିଲମ୍ବନ କରାଯାଇଛି। ଆଗକୁ ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। ସେହିପରି ଶ୍ରୀ କାଡାମ ମଧ୍ୟ ଏହି ତିନି ବିଧାୟକଙ୍କ ସଦସ୍ୟତା ରଦ୍ଦ ପାଇଁ ବାଚସ୍ପତିଙ୍କୁ ଚିଠି ଲେଖିଥିବା ଜଣାପଡ଼ିଛି।

### ଆକ୍ରମଣାତ୍ମକ...

ଆଧାରିତ ସ୍ମୃତି ପୁସ୍ତକ 'ଡାକ୍ତର ବାବୁ'ର ଓଡ଼ିଆ ଓ ହିନ୍ଦୀ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିସହ ତାଙ୍କ ଜୀବନଯାତ୍ରାକୁ ନେଇ ପ୍ରସ୍ତୁତ ଏକ କ୍ଷୁଦ୍ର ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇ ସ୍ମୃତିଚାରଣ କରାଯାଇଥିଲା।

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଡାକ୍ତର ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜଣେ ତାଙ୍କୁ 'ବିରଳ ବ୍ୟକ୍ତିତ୍ୱ' ଭାବେ ବର୍ଣ୍ଣନା କରି କହିଥିଲେ ଯେ ସେ ଆକ୍ରମଣାତ୍ମକ ନୁହେଁ, ବରଂ ଜନହିତକର ରାଜନୀତି ପାଇଁ ପରିଚିତ ଥିଲେ। ସରଳ ଓ ନିରାଡ଼ମ୍ବର ଜୀବନ ଜିଉଁଥିବା ଏହି ନେତା ଯାହା କହୁଥିଲେ, ତାହା କରି ଦେଖାଉଥିଲେ। କହିବା ଏବଂ କରିବା ଏହି ଦୁଇଟି କାର୍ଯ୍ୟ ମଧ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟ ରଖୁଥିବା ମଣିଷ ଥିଲେ ଡାକ୍ତର ପ୍ରଧାନ। ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଶକ୍ତି ଏବଂ ରୋଜଗାର କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ୩୦ ବର୍ଷ ପୂର୍ବେ ରାମ ମନ୍ଦିର ନିର୍ମାଣ ପାଇଁ 'ଇଟା ସଂଗ୍ରହ ଅଭିଯାନ'ରେ ତାଙ୍କର ଭୂମିକା ଏବଂ ସଂସଦରେ ଓଡ଼ିଆ ଭାଷାରେ ଶପଥ ଗ୍ରହଣ ତାଙ୍କର ଆଞ୍ଚଳିକ ପ୍ରୀତିର ପରିଚୟ ଦିଏ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱର୍ଗତଃ ଦେବେନ୍ଦ୍ର ପ୍ରଧାନଙ୍କୁ ସେବା, ତ୍ୟାଗ ଓ ନିଷ୍ଠାର ପ୍ରତୀକ ଭାବେ ଅଭିହିତ କରିଥିଲେ। ରାଜ୍ୟରେ ରାଜପଥର ସମ୍ପ୍ରସାରଣ ୧୬୦୦ କିମିରୁ ୩୨୦୦ କିମି ଏବଂ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ତାଙ୍କର ଅନନ୍ୟ କୃତୀ ବୋଲି ସେ କହିଥିଲେ। ସେ କହିଥିଲେ ଯେ ବିନମ୍ରତା ଓ ଆତ୍ମୀୟଭାବ ଥିଲା ଡାକ୍ତର ପ୍ରଧାନଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଡ଼ ଆକର୍ଷଣ। ବିଜେପିର ନୀତି ଓ ଆଦର୍ଶ ପ୍ରତି ସେ ସମ୍ପୂର୍ଣ୍ଣ ସମର୍ପିତ ଥିଲେ ଏବଂ ଆଚରଣ ତଥା ଉଚ୍ଚାରଣରେ ଏହା ତାଙ୍କଠାରେ ସର୍ବଦା ପ୍ରତିଫଳିତ ହେଉଥିଲା। କେବଳ ଜଣେ ରାଜନେତା ନୁହେଁ, ଜଣେ ଉତ୍ତମ ମଣିଷ ଭାବେ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କର ନିଷ୍ଠା, କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ହିଁ ଓଡ଼ିଶାରେ ବିଜେପିର ସଂଗଠନକୁ ମଜବୁତ୍ କରିବାରେ ମୁଖ୍ୟ ସୂତ୍ରଧର ସାଜିଥିଲା। ସେହିପରି ବିଜେପି ରାଜ୍ୟ ସଭାପତି ଶ୍ରୀ ସାମଲ କହିଥିଲେ ଯେ ଡାକ୍ତର ପ୍ରଧାନ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପାଇଁ ପ୍ରେରଣାର କେନ୍ଦ୍ର ଥିଲେ। ଅସୀମ ଧୈର୍ଯ୍ୟ ଏବଂ ଆତ୍ମବିଶ୍ୱାସର ସହ କଠିନ ସ୍ଥିତିରେ କାର୍ଯ୍ୟକର୍ତ୍ତାଙ୍କୁ ସାଙ୍ଗରେ ନେଇ ଚାଲିବାର କଳା ତାଙ୍କୁ ସ୍ୱତନ୍ତ୍ର କରିଥିଲା।

ଏହାବ୍ୟତୀତ ଡାକ୍ତର ଦେବେନ୍ଦ୍ର ପ୍ରଧାନ ସ୍ମୃତି ସମିତିର ସଭାପତି ସମୀର ମହାନ୍ତି ସ୍ୱର୍ଗତଃ ପ୍ରଧାନଙ୍କ ବ୍ୟକ୍ତିଗତ ଜୀବନର ସଂଘର୍ଷ, ଜୀବନୀ ଓ ତାଙ୍କର ମାନବିକ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଡା.ପ୍ରଧାନ ଜଣେ କୁଶଳୀ ସଂଗଠନ ଶିଳ୍ପୀ ଥିଲେ। ସେ ବିଜେପି ପଞ୍ଚନିଷ୍ଠାର ସାଧକ ଓ ଅନ୍ତୋଦୟର ବାହକ ଥିଲେ। ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଜୀବନ ଓ ଆଦର୍ଶ ଓଡ଼ିଶାର ଜନଜୀବନରେ ଏବଂ ବିଶେଷ କରି ରାଜନୈତିକ କ୍ଷେତ୍ରରେ ଏକ ଅଲିଭା ସ୍ମୃତି ହୋଇ ରହିବ ବୋଲି 'ଡାକ୍ତର ବାବୁ' ପୁସ୍ତକର ଲେଖକ କାଳନ୍ଦୀ ସାମଲ ଉଲ୍ଲେଖ କରିଛନ୍ତି।

ଓଡ଼ିଶାର ବିଶିଷ୍ଟ ପ୍ରକାଶକ ଗଙ୍ଗାଧର ତ୍ରିପାଠୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ଦ୍ୱାରା 'ଡାକ୍ତର ବାବୁ'ର ଓଡ଼ିଆ ସଂସ୍କରଣ ପ୍ରକାଶିତ ହୋଇଛି। ଏହି କାର୍ଯ୍ୟକ୍ରମରେ ତାଙ୍କର ସୁପୁତ୍ର ତଥା ପ୍ରକାଶକ ବିଭୁ ପ୍ରସାଦ ତ୍ରିପାଠୀ, 'ଡାକ୍ତର ବାବୁ' ହିନ୍ଦୀ ପୁସ୍ତକର ଅନୁବାଦକ ଡକ୍ଟର ସମନ୍ୱୟ ନନ୍ଦ, ପ୍ରଭାତ ପ୍ରକାଶନର ପ୍ରକାଶକ ପ୍ରଭାତ କୁମାର ପ୍ରମୁଖ ଯୋଗଦେଇଥିଲେ।

### ଆଉ ୨୩...

ଏକ ଉତ୍ପାଦନଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପ ପାଇଁ ୬୧ କୋଟି ଟଙ୍କାର ନିବେଶ ହେବ ଏବଂ ଏହାଦ୍ୱାରା ୮୮ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆହୁରି ଖୋର୍ଦ୍ଧାରେ ସୋନା ସିଲେକ୍ସନ ପକ୍ଷରୁ ୧୩୦ କୋଟିର ନିବେଶରେ ଏକ କପଡ଼ା ଉତ୍ପାଦନ କାରଖାନା ପ୍ରତିଷ୍ଠା ହେବ। ଏହାଦ୍ୱାରା ୧୮୫୮ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା ରଖାଯାଇଛି। ଆଲ୍‌ଫାଟେକ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଖୋର୍ଦ୍ଧାରେ ୧୮୦ କୋଟି ଟଙ୍କା ନିବେଶରେ ଏକ ଟେକ୍ସଟାଇଲ ୟୁନିଟ ପ୍ରତିଷ୍ଠା କରାଯିବ, ଯେଉଁଥିରେ ୧୦୫୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜଣାପଡ଼ିଛି।

ସେହିଭଳି ଅଲଟେୟୁସ ଲାଇଫ ପକ୍ଷରୁ କଟକରେ ଏକ ଔଷଧ କାରଖାନା ପ୍ରତିଷ୍ଠା କରାଯିବ। ଏଥିରେ ୨୩୬ କୋଟିର ନିବେଶ ସହ ୫୪୯ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଶ୍ରୀଜୀ ଇମାଜିନ ଖୋର୍ଦ୍ଧାରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମୀ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଖୋର୍ଦ୍ଧାରେ ନିଫା ଲିମିଟେଡ ପକ୍ଷରୁ ଏକ କୃଷି ଯନ୍ତ୍ରପାତି ୟୁନିଟ ସ୍ଥାପନ କରିବ। ଏଥିପାଇଁ ୧୬୪ କୋଟିର ନିବେଶ ସହ ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଶିଧିରିଡିହି ଇଣ୍ଟରନ୍ୟାସନାଲ ପକ୍ଷରୁ କେନ୍ଦୁଝରରେ ଏବଂ ସ୍କାନ ଷ୍ଟିଲ ପକ୍ଷରୁ ସୁନ୍ଦରଗଡରେ ଇସ୍ପାତ ଓ ଧାତବ୍ୟ ଆନୁସଙ୍ଗିକ ଶିଳ୍ପ ପ୍ରତିଷ୍ଠା କରିବ। ଏଥିପାଇଁ ୬୧୯ କୋଟିର ନିବେଶ ସହ ୧୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହିତ ପର୍ଯ୍ୟଟନ କ୍ଷେତ୍ରରେ କୋରାପୁଟ, ଭୁବନେଶ୍ୱର, ବଲାଙ୍ଗୀର ଓ ପୁରୀରେ ପର୍ଯ୍ୟାପ୍ତ ସୁଯୋଗ ରହିଛି ଏବଂ ଏହି ଶିଳ୍ପରେ ନିଯୁକ୍ତି ସମ୍ଭାବନା ମଧ୍ୟ ଅଧିକ ରହିଛି।

### ବ୍ୟାରିକେଡ୍...

ଦାଶରଥୀ ମଧ୍ୟ କ୍ରସ ଭୋଟିଂ କରି ଦଳରୁ ବିଦା ହୋଇଛନ୍ତି। ସୋଫିଆ ଓ ରମେଶ ଦଳର ଯୁବ ଚେହେରା ହୋଇଥିବା ବେଳେ ଦାଶରଥୀ ଗମାଙ୍ଗ ଥିଲେ ଗଜପତି ଜିଲ୍ଲାରେ କଂଗ୍ରେସର ପରିଚୟ। କଂଗ୍ରେସ ସପକ୍ଷରେ ଖ୍ରୀଷ୍ଟିଆନ ଭୋଟ୍‌କୁ ଏକତ୍ର କରିବାରେ ସେ ସଫଳ ହୋଇଥିଲେ।

ସୋଫିଆ ଆସିବା ପରେ ସେ ନିଜର ଓ କଂଗ୍ରେସର ଲୋକପ୍ରିୟତାକୁ ଢେର ବଢ଼ାଇଥିଲେ। ବିଧାନସଭା ଭିତରେ ହେଉ ଅବା ବାହାରେ ସବୁଠି ଗଣମାଧ୍ୟମର ଶିରୋନାମା ପାଲଟିଥିଲେ।

ପ୍ରଥମ ଥର ବିଧାୟିକା ହୋଇଥିଲେ ମଧ୍ୟ ନିଜର ଦକ୍ଷତା ବଳରେ ଖୁବ୍ କମ୍ ଦିନରେ ସେ ଏଆଇସିସିର ସଦସ୍ୟା ହୋଇପାରିଥିଲେ। ହେଲେ ପିତା ମହମ୍ମଦ ମୋକିମଙ୍କୁ କଂଗ୍ରେସ ବିଦା କରିବା ସହ ସୋଫିଆଙ୍କୁ ବି ଏକପ୍ରକାରର ଏକଘରିକିଆ କରିଥିଲା। କଟକ ରାଜନୀତିରେ ସୋଫିଆ କଂଗ୍ରେସ ପାଇଁ ଏକପ୍ରକାର ଅଲୋଡା ହୋଇଥିଲେ, ଯାହା ତାଙ୍କୁ ଦଳର ନିଷ୍ପତ୍ତି ବିରୁଦ୍ଧରେ ଯାଇ କ୍ରସ ଭୋଟିଂ କରିବାକୁ ବାଧ୍ୟ କରିଥିଲା। ସେହିଭଳି ବିଜେଡି ସରକାରରେ ୭୦ରୁ ଅଧିକ ମାମଲାର ସମ୍ମୁଖୀନ ହୋଇ ବର୍ଷାଧିକ କାଳ ଜେଲ୍ ଯାଇଥିବା ରମେଶ ଜେନା ବିଜେଡି ସହ ମେଣ୍ଟକୁ ବିରୋଧ କରି କ୍ରସଭୋଟିଂ କରିଛନ୍ତି। ଦାଶରଥୀଙ୍କର ମଧ୍ୟ ସମାନ ଅଭିଯୋଗ ରହିଛି।

ଏବେ ଦଳର ତିନି ପରିଚିତ ଚେହେରା ନିଲମ୍ବନ ପରେ ଦଳ ଭିତରେ ଅସନ୍ତୋଷ କୁହୁଳିବାରେ ଲାଗିଛି।

କିଛି ବରିଷ୍ଠନେତା ସଭାପତି ଭକ୍ତ ଚରଣ ଦାସଙ୍କୁ ସୋସିଆଲ ମିଡିଆରେ ତେରଛା ବାଣ ମାରିବାରେ ବ୍ୟସ୍ତ। ଏଭଳି ସ୍ଥିତିରେ କଂଗ୍ରେସ କିଭଳି ଯୁବଗୋଷ୍ଠୀଙ୍କୁ ନେଇ ପଞ୍ଚାୟତ ଓ ପୌର ନିର୍ବାଚନକୁ ସାମ୍ନା କରିବ, ତା' ଦଳ ପାଇଁ ବଡ଼ ଆହ୍ୱାନ ବୋଲି ବରିଷ୍ଠ ନେତାମାନେ ସ୍ୱୀକାର କରୁଛନ୍ତି। ରାଜ୍ୟସଭା ନିର୍ବାଚନ ପାଇଁ ବିଜେଡି ସହ ପ୍ରଥମ ଥର ହାତ ମିଳାଇ କଂଗ୍ରେସ ବଡ଼ ଧରଣର ଘାଟାରେ ପଡ଼ିଥିବା ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

### ସେବା ପାଇଁ...

ଜଣେ ବରିଷ୍ଠ ନେତା ଅଭିଯୋଗ କରିଛନ୍ତି। ଏହି ଫାଉଣ୍ଡେସନ ଗଠନକୁ ନେଇ ଯେଉଁମାନେ ପ୍ରଶ୍ନ ଉଠାଉଛନ୍ତି, ସେମାନେ ଏହା ସମ୍ପର୍କରେ କିଛି ଜାଣନ୍ତି ନାହିଁ ବୋଲି ସେ କହିଛନ୍ତି।

ବିଜୁ-ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ ଏକ ଦାତବ୍ୟ ଟ୍ରଷ୍ଟ। ଏହି ଟ୍ରଷ୍ଟର ପଞ୍ଜିକରଣ ଠିକଣା ରହିଛି ନବୀନ ପଟ୍ଟନାୟକଙ୍କ ଦିଲ୍ଲୀସ୍ଥିତ ବାସଭବନ ଅର୍ଥାତ ୩-ଡକ୍ଟର ଏପିଜେ ଅବଦୁଲ କାଲାମ ରୋଡ, ନୂଆଦିଲ୍ଲୀ-୧୧୦୦୧୧। ନବୀନ ପଟ୍ଟନାୟକ ନିଜ ଦରମା ଆକାଉଣ୍ଟରୁ ଏକ ଲକ୍ଷ ଟଙ୍କା ଦେଇ ଏହି ଟ୍ରଷ୍ଟର ପଞ୍ଜିକରଣ କରିଛନ୍ତି। ଆଉ ଏହି ଟ୍ରଷ୍ଟରେ ସେ ଅଛନ୍ତି ସେଟଲର। ଭିକେ ପାଣ୍ଡିଆନ ଟ୍ରଷ୍ଟର ସଭାପତି ଥିବା ବେଳେ ନବୀନଙ୍କ ରାଜନୈତିକ ପରାମର୍ଶଦାତା ସଂତୃପ୍ତ ମିଶ୍ର ଏହାର ସମ୍ପାଦକ ଓ ପୂର୍ବତନ ଆଡଭୋକେଟ ଜେନେରାଲ ଅଶୋକ ପରିଜା ଏଥିରେ ଟ୍ରଷ୍ଟି ଅଛନ୍ତି। ତେବେ ଆଇନତଃ ସେଟଲର୍ ଯେବେ ଚାହିଁବେ ଅନ୍ୟମାନଙ୍କୁ ପରିବର୍ତ୍ତନ କରିପାରିବେ।

ନବୀନ ପଟ୍ଟନାୟକଙ୍କ କୌଣସି ଉତ୍ତରାଧିକାରୀ ନାହାଁନ୍ତି। ତେଣୁ ତାଙ୍କ ଅନ୍ତେ ତାଙ୍କ ବାପା ଓ ତାଙ୍କ ନିଜ ନାଁକୁ ଜନହିତକର କାର୍ଯ୍ୟରେ ବଞ୍ଚାଇ ରଖିବାକୁ ସେ ଏହି ଫାଉଣ୍ଡେସନ ଗଠନ କରିଛନ୍ତି।

ଏହା ଏକ ଦାତବ୍ୟ ଟ୍ରଷ୍ଟ ହୋଇଥିବାରୁ ଏହା ଜରିଆରେ ଲାଭ ସଂଗ୍ରହ ତାଙ୍କର ଉଦ୍ଦେଶ୍ୟ ନୁହେଁ, ଯେଉଁଥିପାଇଁ ଟ୍ରଷ୍ଟର ସେଟଲର ସେ ନିଜେ ଅଛନ୍ତି। ସହଯୋଗ ପାଇଁ ଭିକେ ପାଣ୍ଡିଆନ ଓ ସଂତୃପ୍ତ ମିଶ୍ରଙ୍କୁ ସଭାପତି ଓ ସମ୍ପାଦକ ଭାବେ ନିଯୁକ୍ତି କରିଛନ୍ତି ନବୀନ। କିନ୍ତୁ ଏହା ଏକ ଲାଭଜନକ ସଂସ୍ଥା ହୋଇ ନ ଥିବାରୁ ସଂତୃପ୍ତ ମିଶ୍ର ନିକଟରେ ରାଜ୍ୟସଭା ନିର୍ବାଚନ ପାଇଁ ଦାଖଲ କରିଥିବା ସତ୍ୟପାଠରେ ଏହାର ଉଲ୍ଲେଖ ନ କରି କୌଣସି ଅଫିସ ଅଫ୍ ପ୍ରଫିଟ ଆଇନର ଉଲ୍ଲଂଘନ କରିନାହାଁନ୍ତି ବୋଲି ସେ କହିଛନ୍ତି।

## ଏକ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ, ୪ ଗିରଫ




ଫୁଲବାଣୀ, ୧୭।୩ (ସଂଚାର ବ୍ୟୁରୋ): ଫୁଲବାଣୀ ଅବକାରୀ ବିଭାଗ ଓ ଅବକାରୀ ମୋବାଇଲ ଟିମ ଦ୍ୱାରା ପୃଥକ ୩ଟି ସ୍ଥାନରୁ ୧ କୁଇଣ୍ଟାଲ ୪୧ କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଟି କାର ଓ ଜଣେ ସତର ବର୍ଷୀୟ ନାବାଳକ ସହ ଚାରି ଜଣ ଗିରଫ ହୋଇଥିବା ବେଳେ ତିନୋଟି ପୃଥକ ମାମଲା ରୁଜୁ ହୋଇଛି । ତେବେ ସୂଚନା ଅନୁସାରେ ଗୋଚ୍ଛାପଡା ଥାନା ଅଞ୍ଚଳ ବାଲନ୍ଦା ପଡା ପଞ୍ଚାୟତ କଞ୍ଚାମାଇଁ ଗାଁ ନିକଟରେ ଥିବା ଜଙ୍ଗଲରେ ଏକ ଗଛ ମୂଳେ ଚାରୋଟି ବସ୍ତାରେ ଗଞ୍ଜେଇ ରଖି ଚାଲାଣ ପାଇଁ ପ୍ରସ୍ତୁତି କରୁଥିବା କୌଣସି ସୂତ୍ରରୁ ଅବକାରୀ ବିଭାଗ ଖବର ପାଇ ଚଢ଼ାଉ କରି ଗଞ୍ଜେଇ ଜବତ କରିଥିଲେ। ସେହିଭଳି ଫୁଲବାଣୀ ମେଡିକାଲ ଛକରେ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ କାର ଜବତ କରିବା ସହ କାର ଡ୍ରାଇଭର ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ଲଖଣପୁର ଗାଁର ରାଜେଶ ବେହେରାଙ୍କ ସହ ସେହି ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଞ୍ଚଳର ଏକ ୧୭ ବର୍ଷର ନାବାଳକକୁ ଅଟକ ରଖିଛି। ସେହିଭଳି ସମାନ ସେଇ ଫୁଲବାଣୀ ମେଡିକାଲ ଛକ ନିକଟରେ ଅନ୍ୟ ଏକ କାର ସହ କୋଡିଏ କିଲୋ ଗଞ୍ଜେଇ ଜବତ କରିବା ସହିତ ଫିରିଙ୍ଗିଆ ଥାନା ସାର୍ତ୍ତୀଙ୍ଗିଆ ପଞ୍ଚାୟତ କଟାପଙ୍ଗା ଗାଁର ଲବ ଦିଗାଲ ଏବଂ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଭାବପୁର ଗାଁର ମନୋଜ କୁମାର ତାମୁଖିଆକୁ ଗିରଫ କରିବାରେ ସଫଳ ହୋଇଛି । ଏହି ଚଢ଼ାଉରେ ଇନିସ୍ପେକ୍ଟର ରଙ୍ଗନିଧି ମଲିକ ଓ ଇନିସ୍ପେକ୍ଟର ବିନୋଦ ବାସ୍କେଙ୍କ ସହ ଅବକାରୀ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ ।

## ୫୧ କେଜି ଗଞ୍ଜେଇ ଜବତ, ୩ ଗିରଫ



ଖୋର୍ଦ୍ଧା, ୧୭।୩ (ସଂଚାର ବ୍ୟୁରୋ): ଅପରାଧ ବିରୋଧୀ ଅଭିଯାନ ଅନ୍ତର୍ଗତ ଏକ ବଡ଼ ସଫଳତାରେ, ଖୋର୍ଦ୍ଧା ମଡେଲ ପୁଲିସ ଏକ ନିଶା କାରବାର ନେଟୱାର୍କକୁ ଭାଙ୍ଗି ଦେଇଛି। ଏହି ମାମଲାରେ ସମ୍ପୃକ୍ତ ତିନି ଜଣଙ୍କୁ ଗିରଫ କରିବା ସହିତ ପ୍ରାୟ ୫ ଲକ୍ଷ ଟଙ୍କା ମୂଲ୍ୟର ୫୧ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଖୋର୍ଦ୍ଧା ଏସ୍ପିଙ୍କ ନିର୍ଦ୍ଦେଶ ଅନୁଯାୟୀ, ଗଞ୍ଜେଇର ଅବୈଧ ପରିବହନ ବିଷୟରେ ବିଶ୍ୱସ୍ତ ସୂଚନା ପାଇ, ଖୋର୍ଦ୍ଧା ଏସ୍ଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ଆଇଆଇସି ମଡେଲ ପିଏସଙ୍କ ତତ୍ତ୍ୱାବଧାନରେ ସଞ୍ଜୟ ନାୟକ ଏସ୍ଆଇ ବସନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଦଳ ଗଠନ କରିଥିଲେ। ଖୋର୍ଦ୍ଧା ମଡେଲ ପିଏସର ଅନ୍ୟ କର୍ମଚାରୀମାନେ ଖୋର୍ଦ୍ଧା ଟିପିପିଓଙ୍କ କାର୍ଯ୍ୟାଳୟ ନିକଟ ଟି-ଜଙ୍କସନ ରାସ୍ତାରେ ଏକ ଗାଡ଼ିକୁ ଅଟକାଇ ଗାଡ଼ି ଯାଞ୍ଚ କରିବା ପରେ ବିପୁଳ ପରିମାଣର ଗଞ୍ଜେଇ ମିଳିଥିଲା। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ସାଗର ପ୍ରଧାନ (୩୧) ପୁମର ଭୁଜାବାଲା (୩୬) ଉଭୟ ସାନପଲ୍ଲୀ ଖୋର୍ଦ୍ଧା ଗ୍ରାମ ଥାନା ସାହିର, ପୁପୁନୁ ବଲିଆରସିଂ (୪୦) ଗ୍ରାମ- ଓରାମୀ, ନାରଙ୍ଗଗଡ଼, ଖୋର୍ଦ୍ଧା। ଗଞ୍ଜେଇ ବ୍ୟତୀତ ପୁଲିସ ସେମାନଙ୍କ ନିକଟରୁ ୨ ଲକ୍ଷ ଟଙ୍କା, ଗୋଟିଏ ଟୋଲେରୋ, ଗୋଟିଏ ଇଣ୍ଡିଗୋ କାର ଏବଂ ତିନୋଟି ମୋବାଇଲ୍ ଫୋନ୍ ଜବତ କରିଛି।

## ଚନ୍ଦ୍ରଭାଗା ବେଳାଭୂମିରୁ ମୃତ ଡଲଫିନ ଉଦ୍ଧାର



କାକଟପୁର/ଅସ୍ତରଙ୍ଗ, ୧୭।୩ (ସଂଚାର ବ୍ୟୁରୋ): ମଙ୍ଗଳବାର ପୂର୍ବାହ୍ନରେ କୋଣାର୍କ ଚନ୍ଦ୍ରଭାଗା ବେଳାଭୂମିରେ ମୃତ ଡଲଫିନ ଭାସୁଥିବା ଦେଖିବାକୁ ମିଳିଛି। ଏହି ବଟଲ ନୋଜ୍ ଡଲଫିନ ସମୁଦ୍ର ନୀଳ ଜଳ ରାଶିରେ ଭାସୁଥିବା ଦୃଶ୍ୟମାନ ହୋଇଥିଲା। ଏହାକୁ ଦେଖି କୋଳିଆ ମତ୍ସ୍ୟଜୀବୀ କୂଳକୁ ଆଣିଥିଲେ। ଖବରପାଇ କୋଣାର୍କ ବନବିଭାଗ କର୍ମଚାରୀ ପହଞ୍ଚି ଡଲଫିନକୁ ବ୍ୟବଚ୍ଛେଦ ନିମନ୍ତେ କୋଣାର୍କ ପ୍ରାଣୀ ଚିକିତ୍ସାଳୟକୁ ପଠାଇଥିଲେ। ଡଲଫିନଟି ସମୁଦ୍ର ମଧ୍ୟରେ କୌଣସି ଡଙ୍ଗା କିମ୍ବା ଟ୍ରଲର ମାଡ଼ରେ ଆହତ ହୋଇ ସମୁଦ୍ର କୂଳକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ପରେ ଏହାକୁ ପୋତି ଦିଆଯିବ ବୋଲି କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ବେହୁରା ସୂଚନା ଦେଇଛନ୍ତି।

## ବ୍ରାଉନସୁଗର ଜବତ, ୬ ଗିରଫ

ବେତନଟୀ, ୧୭।୩ (ସଂଚାର ବ୍ୟୁରୋ): ସୋମବାର ଦିନ ବେତନଟୀ ପୁଲିସ ଓ ସିଭିଲ ସ୍କ୍ୱାଡ୍ର ସଂଯୁକ୍ତ ଅଭିଯାନରେ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଜବତ କରିବା ସହିତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ, ବାହାର ଜିଲ୍ଲା ଓ ରାଜ୍ୟରୁ ବ୍ରାଉନସୁଗାର ଆଣି ବେତନଟୀ, ବୈଶିଙ୍ଗା, ବାରିପଦା ଓ ଉଦଳା ଅଞ୍ଚଳରେ ବିତରଣ ହେଉଥିବା ଖବର ମିଳିଥିଲା। ଏହାପରେ କିଛିଦିନ ଧରି ପୁଲିସ ସନ୍ଦିଗ୍ଧଙ୍କ ଉପରେ ନଜର ରଖିଥିଲା। ୧୬ ମାର୍ଚ୍ଚ ସନ୍ଧ୍ୟାରେ ଛୁରୁଣି ଛକ ନିକଟରେ ଚଢ଼ାଉ କରାଯାଇଥିବାବେଳେ ୬ ଜଣ ସନ୍ଦିଗ୍ଧଙ୍କୁ ଧରାଯାଇଥିଲା। ପୁଲିସକୁ ଦେଖି ସେମାନେ ପଳାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ସଫଳ ହୋଇନଥିଲେ। ସେମାନଙ୍କ ନିକଟରୁ ମୋଟ ୬୭.୬୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିଲା, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା। ଗିରଫ ଅଭିଯୁକ୍ତମାନେ ହେଲେ ଦେବଦତ୍ତ ନାଏକ (୩୯), ଅମଜାଦ୍ ଖାନ (୫୦), ଏସ୍.କେ. ରଫିକ୍ (୨୭), ମନୋଜ କୁମାର ବାରିକ (୨୯), ରାଜୁ ମୁଖୀ (୨୨) ଏବଂ ଡାକ୍ ଉର୍ଫ ରାଜେନ୍ଦ୍ର ବେହେରା (୩୨)। ସମସ୍ତେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବାସିନ୍ଦା। ଏହା ସହ ୬ଟି ମୋବାଇଲ୍ ଫୋନ୍, ପ୍ରାୟ ୫୧ ହଜାର ଟଙ୍କା ନଗଦ ଏବଂ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ୬ଟି ବାଇକ୍ ଓ ସ୍କୁଟି ଜବତ କରାଯାଇଛି।

## ରଷିକୁଲ୍ୟାରେ ଜାରି ଅଲିଭ ରିଡଲେଙ୍କ ମହାଯାତ୍ରା

# ୩ ଦିନରେ ୧.୫୨ ଲକ୍ଷ ପାର୍



ଛତ୍ରପୁର, ୧୭।୩ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ମୁହାଁଣ ସମୁଦ୍ର ବେଳାଭୂମିରେ ଅଲିଭ ରିଡଲେ କଇଁଚଙ୍କ ସାମୂହିକ ଗଣ ଅଣ୍ଡାଦାନ ତୃତୀୟ ଦିନରେ ଶୀର୍ଷସ୍ଥାନକୁ ପହଞ୍ଚିଛି। ପ୍ରଥମ ଦୁଇ ଦିନ ତୁଳନାରେ ତୃତୀୟ ଦିନରେ ସବୁଠାରୁ ଅଧିକ କଇଁଚ ବେଳାଭୂମିକୁ ଆସି ଅଣ୍ଡାଦାନ କରିଥିବା ଦେଖାଯାଇଛି।

ବନ ବିଭାଗର ସୂଚନା ଅନୁଯାୟୀ, ପ୍ରଥମ ଦିନରେ ୧୦,୨୨୦ଟି କଇଁଚ, ଦ୍ୱିତୀୟ ଦିନରେ ୬୯,୯୦୦ଟି କଇଁଚ ଓ ତୃତୀୟ ଦିନରେ ସର୍ବାଧିକ ୭୨,୩୦୦ଟି କଇଁଚ ଗଣ ଅଣ୍ଡାଦାନ କରିଛନ୍ତି। ଏହା ସହିତ ମୋଟ ୩ ଦିନରେ ୧,୫୨,୪୨୦ ଟି କଇଁଚଙ୍କ ଅଣ୍ଡାଦାନ ହୋଇଥିବା ଜଣାପଡ଼ିଛି।

ଏହି ବର୍ଷ ଗଞ୍ଜାମ ବ୍ଲକର ପାଳିବନ୍ଧ ପଞ୍ଚାୟତ ଅନ୍ତର୍ଗତ ଗୋଖାରକୁଦ ଅଞ୍ଚଳରେ ନୂତନଭାବେ ସୃଷ୍ଟି ହୋଇଥିବା ଆଇଲାଣ୍ଡ ଅଣ୍ଡାଦାନର ପ୍ରମୁଖ କେନ୍ଦ୍ର ଭାବେ ପରିଣତ ହୋଇଛି। ବହୁ ସଂଖ୍ୟକ କଇଁଚ ସେଠାରେ ଅଣ୍ଡାଦାନ କରୁଥିବା ଦେଖିବାକୁ ମିଳିଛି।

ବିଶେଷଜ୍ଞମାନଙ୍କ ମତାନୁସାରେ, ତୃତୀୟ ଦିନରେ ଅଣ୍ଡାଦାନର ହଠାତ୍ ବୃଦ୍ଧି ଏହି ବର୍ଷ ଗଣ ଅଣ୍ଡାଦାନ ଆହୁରି ବଢ଼ିବାର ସଙ୍କେତ ଦେଉଛି। ଏହା ଋଷିକୁଲ୍ୟାକୁ ଦେଶର ଏକ ପ୍ରମୁଖ ଅଲିଭ ରିଡଲେ ନେଷ୍ଟିଂ ସ୍ଥଳ ଭାବେ ପୁନଃ ସ୍ଥାପିତ କରୁଛି। ଅନ୍ୟପଟେ, କଇଁଚମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବେଳାଭୂମିରେ କଡ଼ା ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିରନ୍ତର ପହାରା, ଆଲୋକ ନିୟନ୍ତ୍ରଣ ଓ ମାନବ ହସ୍ତକ୍ଷେପକୁ ସୀମିତ କରାଯାଇଥିବାରୁ କଇଁଚମାନେ ନିର୍ବିଘ୍ନରେ ଅଣ୍ଡାଦାନ କରିପାରୁଛନ୍ତି।

ପ୍ରକୃତିର ଏହି ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ପର୍ଯ୍ୟଟକ ଓ ପ୍ରକୃତିପ୍ରେମୀମାନଙ୍କ ଆକର୍ଷଣ ବଢ଼ିଛି। ଆସନ୍ତା କିଛି ଦିନରେ ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶା କରାଯାଉଛି।

## ଦେଶୀ ମଦଭାଟିକୁ ବିରୋଧ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା



ସୁନ୍ଦରଗଡ଼, ୧୭।୩ (ସଂଚାର ବ୍ୟୁରୋ): ଦେଶୀ ମଦଭାଟିକୁ ବିରୋଧ କରିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି ଗ୍ରାମବାସୀ। ମଦଭାଟି ବନ୍ଦ ଦାବି ନେଇ ଆଜି ସୁନ୍ଦରଗଡ଼ ସ୍ଥିତ ନାରୀକଲ୍ୟାଣ କେନ୍ଦ୍ର ପରିସରରୁ ଏକ ବିଶାଳ ରାଲିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟ ଗେଟ୍ ସମ୍ମୁଖରେ ଧାରଣାରେ ବସିଛନ୍ତି। ସୁନ୍ଦରଗଡ଼ ଜିଲ୍ଲାର ହେମଗିର ବ୍ଲକ ଅନ୍ତର୍ଗତ ଲଇକେରା ପଞ୍ଚାୟତରେ ଦେଶୀ ମଦଭାଟି ନବୀକରଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ବିରୋଧ ଦେଖାଦେଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିଛନ୍ତି।

ସୂଚନାନୁସାରେ, ପଞ୍ଚାୟତରେ ପୂର୍ବରୁ ଚାଲୁଥିବା ମଦଭାଟିକୁ ପୁନର୍ବାର ନବୀକରଣ କରାଯିବାକୁ ନେଇ ଗତ ଫେବୃଆରୀ ୧୨ ତାରିଖରେ ଆୟୋଜିତ ଗ୍ରାମସଭାରେ ଗ୍ରାମବାସୀମାନେ ପ୍ରବଳ ବିରୋଧ କରିଥିଲେ। ଗ୍ରାମସଭାରେ ଏହା ବିରୋଧରେ ଲିଖିତ ଭାବେ ମତ ରେକର୍ଡ କରାଯାଇଥିବା ସତ୍ତ୍ୱେ ମଦଭାଟି ଚାଲୁ ରହିଥିବାରୁ ଗ୍ରାମବାସୀଙ୍କ ଅସନ୍ତୋଷ ବଢ଼ିଥିବା ଦେଖାଯାଇଛି। ଏହା ପୂର୍ବରୁ ଗ୍ରାମବାସୀ ମାନେ ଜିଲ୍ଲାପାଳଙ୍କୁ ଭେଟି ମଦଭାଟି ବନ୍ଦ କରିବାକୁ ଦାବି ଜଣାଇଥିଲେ, କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯାଇଥିବା ଅଭିଯୋଗ ହେଉଛି।

ଅନ୍ୟପଟେ, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ମଦଭାଟି ବନ୍ଦ ପାଇଁ ଲିଖିତ ଆଶ୍ୱାସନ ଦିଆଯାଇନଥିବାରୁ ପ୍ରଥମ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଥିଲା। ଗ୍ରାମସଭାକୁ ସର୍ବୋଚ୍ଚ ମାନ୍ୟତା ଦିଆଯାଇଥିବା ସତ୍ତ୍ୱେ ଗ୍ରାମବାସୀଙ୍କ ମତକୁ ଅବହେଳା କରାଯାଉଥିବା ନେଇ ସ୍ଥାନୀୟ ସରପଞ୍ଚ ଓ ଆନ୍ଦୋଳନକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଦାରିଙ୍ଗବାଡ଼ିରେ କୁଆପଥର ବର୍ଷା



ଫୁଲବାଣୀ, ୧୭।୩ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିକୁ ଓଡ଼ିଶା କାଶ୍ମୀର କୁହାଯାଉଥିବା ଭୂସ୍ୱର୍ଗରେ ଆଜି ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା। ପ୍ରବଳ ବର୍ଷା ଓ କୁଆପଥର ପଡ଼ିବାରୁ ଅନେକ ଆଜବେଷ୍ଟସ ଛପର ଘର ଆଂଶିକ ଭାବେ ଭାଙ୍ଗି ନଷ୍ଟ ହୋଇଥିବା ଜଣାପଡ଼ିଛି। ଏ ପର୍ଯ୍ୟନ୍ତ କାହାର ଅତ୍ୟଧିକ ମାତ୍ରା ରେ ନଷ୍ଟ ହୋଇଥିବା ଜଣା ପଡ଼ିନାହିଁ। ଆଜି ମଙ୍ଗଳବାର ଅପରାହ୍ନରେ ହଠାତ କିଛି ମାତ୍ରାରେ ପବନ ବହିବା ସହିତ ପ୍ରବଳ ବର୍ଷା ଓ କୁଆପଥର ପଡ଼ିଥିଲା। ଏବେ କୁଆପଥର ବୃଷ୍ଟି ହୋଇଥିଲା ଯେ ବେଶ୍ କିଛି ସମୟ ପର୍ଯ୍ୟନ୍ତ ପୂରା ଅଞ୍ଚଳ କାଶ୍ମୀରର ଭ୍ରମ ସୃଷ୍ଟି କରିଥିଲା। କନ୍ଧମାଳ ଜିଲ୍ଲାରେ ଏହି କିଛି ଦିନ ପୂର୍ବରୁ ଜି. ଉଦୟଗିରି ଠାରେ ମଧ୍ୟ ଏହି ଭଳି କୁଆ ପଥର ବର୍ଷିଥିଲା। ଏହା ହେଉଛି ଦାରିଙ୍ଗବାଡ଼ି ରେ ଚଳିତ ବର୍ଷର ପ୍ରଥମ କୁଆପଥର ବର୍ଷା। କାଳବୈଶାଖୀ ଝଡ଼ରେ ପ୍ରଥମ କୁଆପଥର ବର୍ଷା ହୋଇ ରାସ୍ତା ସହ ଚାରିଆଡ଼ ଭର୍ତ୍ତି ହୋଇଯାଇଥିଲା। କାଳବୈଶାଖୀ ସମୟରେ କମ ମାତ୍ରାରେ ପବନ ହୋଇଥିଲା। ପ୍ରବଳ ବର୍ଷା ସହିତ କୁଆପଥର ପଡ଼ିଥିଲା।

## ତେନ୍ତୁଲିଖୁଣ୍ଟିରେ ଯୁଗ୍ମ ଜନଶୁଣାଣି ଶିବିର



ନବରଙ୍ଗପୁର, ୧୭।୩ (ସଂଚାର ବ୍ୟୁରୋ): ଆଜି ତେନ୍ତୁଲିଖୁଣ୍ଟି ବ୍ଲକ ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବି ଡି ଓ ମନୋଜ ପାଣିଗ୍ରାହୀ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୩୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୬ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ଗୋଟିଏ ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା।ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୧୫ ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ବିଭିନ୍ନ କାରଣରୁ ଅଙ୍ଗହୀନ ହୋଇଥିବା ୨ ଜଣ ଦିବ୍ୟାଙ୍ଗ କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମାପ ନିଆଯାଇଥିଲା।ସେଭଳି ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୧୦ଜଣ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଗଲା।

## ନୀଳଗିରି ୟୁଥ୍ ଫେଷ୍ଟ ଉଦ୍‌ଘାଟିତ




ନୀଳଗିରି, ୧୭।୩ (ସଂଚାର ବ୍ୟୁରୋ): ନୀଳଗିରି କେସି ହାଇସ୍କୁଲ ପଡ଼ିଆରେ ୟୁଥ ଫେଷ୍ଟ ମହୋତ୍ସବର ପଞ୍ଚମ ସଂସ୍କରଣ ଉଦ୍‌ଘାଟନ ଦିବସ ଧୂମଧାମର ସହିତ ଆରମ୍ଭ ହୋଇଯାଇଛି। ମହୋତ୍ସବ ୭ ଦିନ ଧରି ଚାଲିବାକୁ ଥିବାବେଳେ ଏହାର ପ୍ରଥମ ଦିନରେ ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳ କୁଳପତି ସନ୍ତୋଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଯୁବଗୋଷ୍ଠୀ ଏକତ୍ରୀତ ହୋଇ ରହିଲେ ସମାଜର ମେରୁଦଣ୍ଡ ସୁଦୃଢ଼ ହେବ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ। ଏହି ଆବସରରେ ନୀଳଗିରି ବିଡିଓ ବିକ୍ରମ କେଶରୀ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଯୁବ ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିବା ବେଳେ ଆବାହକ ଚନ୍ଦ୍ରଶେଖର ନନ୍ଦ ଓ ମାନସ ପରିଡ଼ା ମଞ୍ଚାସୀନ ଥିଲେ। ୟୁଥ ଫେଷ୍ଟ କାର୍ଯ୍ୟକ୍ରମକୁ ଅଧିକ ରୋମାଞ୍ଚ କରୁଛି ମିନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ।

## କୋଟି କୋଟି ଟଙ୍କା ଆସୁଛି, ଉନ୍ନତମାନର କାମ ହେଉନାହିଁ

### ଉପଜିଲ୍ଲାପାଳଙ୍କୁ ଗ୍ରାମବାସୀଙ୍କ ଲିଖିତ ଅଭିଯୋଗ



ଆନନ୍ଦପୁର, ୧୭।୩ (ସଂଚାର ବ୍ୟୁରୋ): କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, କିନ୍ତୁ ଗ୍ରାଉଣ୍ଡ ଜିରୋ ରେ ଦେଖିବାକୁ ମିଳୁନାହିଁ ଉନ୍ନତିର ଚିହ୍ନ। ଏହିଭଳି ଗୁରୁତର ଅଭିଯୋଗ ଆସିଛି କେନ୍ଦୁଝର ଜିଲ୍ଲାରୁ। ଗ୍ରାମବାସୀ ଉପ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ପଂଚାୟତର ପାଇକଚାତ୍ରା ଗ୍ରାମରେ ଥିବା ଏମ୍ଆଇ ପ୍ରୋଜେକ୍ଟକୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଆସୁଥିବା ସତ୍ତ୍ୱେ ମଧ୍ୟ ଉନ୍ନତ ମାନର କାମ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀ ମାନେ ଭାରି ଅସନ୍ତୋଷ ପ୍ରକାଶ କରିଥିବା ବେଳେ, ଗତ ସୋମବାର ଆନନ୍ଦପୁର ବ୍ଲକରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଜଣାଇଥିଲେ। ତଥାପି କୌଣସି ସ୍ପଷ୍ଟ ପଦକ୍ଷେପ ନ ହେବାରୁ, ପୁନର୍ବାର ଆଜି ଆନନ୍ଦପୁର ଉପ ଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଗ୍ରାମବାସୀ ମାନେ ଲିଖିତ ଅଭିଯୋଗ କରିଛନ୍ତି। ସରକାର ଚାଷୀମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ କିଛି ଅସାଧୁ ଠିକାଦାରଙ୍କ ଅବହେଳା ଓ ଅନିୟମିତତା ପାଇଁ ଏହି ପ୍ରକଳ୍ପର ଲାଭ ଚାଷୀମାନେ ପାଇ ପାରୁନାହାନ୍ତି। ତେବେ ଏହି ଅଭିଯୋଗ ପରେ ପ୍ରଶାସନ କେତେ ଶୀଘ୍ର ପଦକ୍ଷେପ ନେଇ ଚାଷୀମାନଙ୍କ ପାଇଁ ପାଣିର ସୁବିଧା କରି ପାରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ହାତୀ କବଳରୁ ଅଳ୍ପକେ ବର୍ତ୍ତିଲେ ଯୁବକ



ଢେଙ୍କାନାଳ, ୧୭।୩ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲାରେ ଦିନକୁ ଦିନ ହାତୀ ଆକ୍ରମଣରେ ଜୀବନ ଚାଲି ଯାଉଥିବା ବେଳେ ଆଜି ପୁଣି ହାତୀ ଆକ୍ରମଣରେ ଜଣେ ଯୁବକ ମୃତ୍ୟୁ ମୁହଁରୁ ଅଳ୍ପକେ ବଞ୍ଚିଯାଇଛନ୍ତି। ଶିଆରିଆ ଗାଁରେ ଏହି ଘଟଣା ଘଟିଯାଇଛି । ଆଜି ସନ୍ଧ୍ୟା ସମୟର ବିଦ୍ୟାଧର ବେହେରା ତାଙ୍କ ଝିଅକୁ ଟିଉସନ ଛାଡି ଫେରିବା ସମୟରେ ହାତୀର ଆକ୍ରମର ଶିକାର ହୋଇଥିଲେ। ହାତୀଟି ଗୋଡରେ ଯୁବକଙ୍କୁ ଦଳି ଦେବାରୁ ବାମ ହାତ ଓ ମୁଣ୍ଡରେ ଆଘାତ ଲାଗିବାରୁ ତାଙ୍କୁ ତୁରନ୍ତ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟକୁ ଗ୍ରାମବାସୀ ଆଣିଥିଲେ। ବନ ବିଭାଗର ଅବହେଳାରୁ ଏଭଳି ଦୁର୍ଘଟଣା ବାରମ୍ବାର ଢେଙ୍କାନାଳ ଜିଲ୍ଲାରେ ଦେଖିବାକୁ ମିଳୁଛି। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଞ୍ଚଳରେ ଭୟର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ କୌଣସି ସତର୍କତା ସୂଚନା ଜାରି କରାଯାଉନି ।

## ସମ୍ ନର୍ସିଂ କଲେଜ-୨ର ବାର୍ଷିକ ଉତ୍ସବ ଓ ବିଏସ୍‌ସି ଛାତ୍ରଛାତ୍ରୀଙ୍କ ଶପଥ ପାଠ



ଭୁବନେଶ୍ୱର, ୧୭।୩ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ବିଶ୍ୱବିଦ୍ୟାଳୟ ପରିଚାଳିତ ସମ୍ ନର୍ସିଂ କଲେଜ -୨, ଫୁଲନଖରାର (୨୦୨୫-୨୯) ବିଏସ୍‌ସି ନର୍ସିଂ ପ୍ରଥମ ବ୍ୟାଚର ଶପଥ ପାଠ ଓ ଦୁଇ ଦିନିଆ ବାର୍ଷିକ ଉତ୍ସବ 'ରେସିଲିଆ' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ନର୍ସିଂ କଲେଜ -୨ (୨୦୨୫-୨୯) ବିଏସ୍‌ସି ନର୍ସିଂ ବ୍ୟାଚର ୨୧୭ ଜଣ ଛାତ୍ରଛାତ୍ରୀ ଶପଥ ଗ୍ରହଣ କରିଥିଲେ।

ଏହି ଅବସରରେ କଟକ ଏସିବି ମେଡିକାଲ କଲେଜର ସ୍ତ୍ରୀ ରୋଗ ଏବଂ ପ୍ରସୂତି ବିଭାଗର ପୂର୍ବତନ ପ୍ରଫେସର (ଡ) ସରୋଜିନୀ ଷଡଙ୍ଗୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ନର୍ସିଂ ଏକ ମହାନ୍ ଓ ଉତ୍ତମ ବୃତି ଏବଂ ମାନବ ସେବାର ପ୍ରକୃଷ୍ଟ ମାଧ୍ୟମ ଅଟେ। ନର୍ସଟିର ହସ ହସ ମୁହଁ ସହିତ ସ୍ନେହ, ଶ୍ରଦ୍ଧା, ଦୟାମନୋଭାବ ଓ ନିଃସ୍ୱାର୍ଥପର ସେବା ମନୋବୃତି ଦ୍ୱାରା ରୋଗୀଟି ସମ୍ପୂର୍ଣ୍ଣ ଭାବେ ସୁସ୍ଥ ଲାଭ କରିଥାଏ ବୋଲି ସେ କହିଥିଲେ।

ସେହିପରି ବ୍ରହ୍ମପୁର ନର୍ସିଂ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସରୋଜ ନଳିନୀ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ବୃତିଗତ ଶିକ୍ଷାକୁ ଅଧ୍ୟୟନ କରିବା ନିମନ୍ତେ ଚୟନ କରିଥିବାରୁ ସେମାନଙ୍କୁ ବେଶ୍ ଉତ୍ସାହିତ କରିଥିଲେ। ଏହା ସେମାନଙ୍କ ଜୀବନର ଏକ ନୂତନ ପର୍ଯ୍ୟାୟ। ଏହି ଲ୍ୟାମ୍ପ ଲାଇଟିଂ ସମାରୋହ ମାଧ୍ୟମରେ ଛାତ୍ରଛାତ୍ରୀ ନର୍ସିଂ ଭଳି ମହାନ ବୃତିରେ ପ୍ରବେଶ କରିଥାନ୍ତି। କେବଳ ସେତିକି ନୁହେଁ ବରଂ ଶପଥ ପାଠ ସେମାନଙ୍କୁ ଯତ୍ନ ଏବଂ ସେବା ନିମନ୍ତେ ଶିକ୍ଷିତ କରିବ ବୋଲି ସେ କହିଥିଲେ। ଏହି ଅବସରରେ ଓଡ଼ିଶା ସରକାରଙ୍କ ନର୍ସିଂ ନିର୍ଦ୍ଦେଶକ ଡକ୍ଟର ଶକ୍ତି ପ୍ରକାଶ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଫ୍ଲୋରେନ୍ସ ନାଇଟିଂଗଲଙ୍କ ମନୋଭାବ ଏବଂ ପଥକୁ ପାଥେୟ କରି ଶିକ୍ଷା ଗ୍ରହଣ କରିବା ସହ ନିଜ ବୃତିରେ ଆଗେଇବାକୁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ-୨, ଫୁଲନଖରାର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ ଏବଂ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨ର ସ୍ତ୍ରୀ ଓ ପ୍ରସୂତି ବିଭାଗର ଆସିଷ୍ଟାଂଟ ପ୍ରଫେସର ତନୁସ୍ମିତା ଦାସ ଛାତ୍ରଛାତ୍ରୀମାନଙ୍କୁ ଫ୍ଲୋରେନ୍ସ ନାଇଟିଂଗଲ୍ ଶପଥ ଗ୍ରହଣ କରାଇଥିଲେ।

# ବାରୁଣୀ ମେଳାରେ ବୁଡ଼ ପକାଇଲେ ୫୦ ହଜାରରୁ ଅଧିକ ଶ୍ରଦ୍ଧାଳୁ

### ଭକ୍ତଙ୍କ ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ବ୍ୟାପକ ବ୍ୟବସ୍ଥା



ଯାଜପୁର, ୧୭।୩ (ସଂଚାର ବ୍ୟୁରୋ): ଯାଜପୁରର ପୌରାଣିକ ଓ ଆଧ୍ୟାତ୍ମିକ ମାହାତ୍ମ୍ୟର ପ୍ରତୀକ ପବିତ୍ର ବାରୁଣୀ ସ୍ନାନ ମେଳା ଅବସରରେ ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟର ଉଭୟ ପାର୍ଶ୍ୱରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତମାନେ ଆଜି ଚୈତ୍ର ଶୁକ୍ଳ ତ୍ରୟୋଦଶୀ ତିଥିରେ ବୈତରଣୀ ନଦୀରେ ସ୍ନାନ କରିବା ସହ ପିତୃପୁରୁଷଙ୍କ ମୋକ୍ଷ ପ୍ରାପ୍ତି କାମନା କରି ପିଣ୍ଡଦାନ କରିଥିଲେ।

ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏବଂ ପୌର ପରିଷଦ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଯାନବାହାନ ପାର୍କିଂ, ଟ୍ରାଫିକ ଏବଂ ଭିଡ଼ ନିୟନ୍ତ୍ରଣ ପାଇଁ ସହରର ବିଭିନ୍ନ ସ୍ଥାନରେ ପୁଲିସ ଫୋର୍ସ ମୁତୟନ ହୋଇଥିଲେ। ନଦୀରେ ସ୍ନାନ ବେଳେ ଅଘଟଣକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡିଂ କରାଯାଇଥିଲା ଏବଂ ଅଗ୍ନିଶମ ବାହିନୀର ଉଦ୍ଧାରକାରୀ ଟିମ୍ ମୋଟର ବୋଟ ଯୋଗେ ପଇଁତରା କରିଥିଲେ। ଲୋକଙ୍କ ସୁବିଧା ଏବଂ ସୂଚନା ପ୍ରଦାନ ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା କେନ୍ଦ୍ର ଏବଂ ପୌର ପରିଷଦ ପକ୍ଷରୁ ନିୟନ୍ତ୍ରଣ କକ୍ଷ ରହିଥିଲା। ପୌର ପରିଷଦ ଏବଂ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଳଛତ୍ର ବ୍ୟବସ୍ଥା କରିଥିଲେ। ନଦୀ ଜଳକୁ ସ୍ୱଚ୍ଛ ରଖିବା ପାଇଁ କର୍ମଚାରୀ ନିୟୋଜିତ ଥିଲେ। ଏହାସହ ମହିଳାଙ୍କ ପାଇଁ ଅସ୍ଥାୟୀ ସେଡ୍ ନିର୍ମାଣ କରାଯାଇଥିଲା।

ବୈତରଣୀ ନଦୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଇ ନିକଟରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର, ସପ୍ତମାତୃକା ମନ୍ଦିର ଏବଂ ବରାହ ପୀଠ ଦର୍ଶନ କରିଥିଲେ।

## ୨୮ରୁ ପାରାଦୀପ କ୍ରିକେଟ ଲିଗ୍




ପାରାଦୀପ, ୧୭।୩ (ସଂଚାର ବ୍ୟୁରୋ): ଆରମ୍ଭ ହେବାକୁ ଯାଉଛି ପାରାଦୀପ କ୍ରିକେଟ ଲିଗ୍ (ପିସିଏଲ୍) ଟୁର୍ଣ୍ଣାମେଣ୍ଟ। ମାର୍ଚ୍ଚ ୨୮ତାରିଖ ଠାରୁ ଏପ୍ରିଲ ୧୨ତାରିଖ ପର୍ଯ୍ୟନ୍ତ ଏନ୍ ଏସି ଖେଳ ପଡିଆରେ ଅନୁଷ୍ଠିତ ହେବ। ପିସିଏଲ୍ର ଏହି ଚତୁର୍ଥ ସଂସ୍କରଣ କ୍ରିକେଟ୍ ଲିଗ୍ ପାଇଁ ପାରାଦୀପ ମଧୁବନ ସ୍ଥିତ କ୍ରିକେଟ୍ ପଡିଆରେ ସମସ୍ତ ଆୟୋଜନ ଶେଷ ହୋଇଛି। ଏହି ପରିପ୍ରେକ୍ଷୀରେ ପାରାଦୀପ କ୍ରିକେଟ ଲିଗ ପାଇଁ ଖେଳାଳି ଚୟନ ଓ ନିଲାମ ପ୍ରକ୍ରିୟା ପାରାଦୀପ ପୋର୍ଟ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ଟି ଟିମ୍ର ମାଲିକମାନେ ଖେଳାଳି ମାନଙ୍କୁ ନିଲାମ ପ୍ରକ୍ରିୟାରେ ଚୟନ କରିଥିବା ବେଳେ ପିସିଏଲ୍ ତରଫରୁ ଟିମ୍ ମାଲିକ ମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଏହି ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ସ୍ୱାଗତ କରାଯାଇଥିଲା।

ଏହି ନିଲାମ ପ୍ରକ୍ରିୟାରେ ୧୮୬ଜଣ ଖେଳାଳୀ ପଞ୍ଜିକୃତ ହୋଇଥିବା ବେଳେ ଅମିତ୍ କୁମାର ସାହୁ ସର୍ବାଧିକ ମୂଲ୍ୟରେ ଶ୍ରୀରାମ ସ୍ପୋର୍ଟିଂ ଦଳ ଦ୍ୱାରା କିଣା ଯାଇଥିବା ଜଣାପଡିଛି। ତେବେ ଏହି କ୍ରିକେଟ୍ ଲିଗ୍ ଖେଳ ହେବା ଦ୍ୱାରା ପାରାଦୀପ କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାରେ ଲୁଚି ରହିଥିବା ବହୁ ଯୁବ ପ୍ରତିଭାବାନ ଖେଳାଳୀ ସେମାନଙ୍କର ଖେଳ ପ୍ରଦର୍ଶନ କରି ନିଜର ପ୍ରତିଭାକୁ ଲୋକଲୋଚନକୁ ଅଣାଯାଇ ପାରିବ ବୋଲି ପିସିଏଲ୍ର କର୍ମକର୍ତ୍ତା ମାନେ ପ୍ରକାଶ କରିଛନ୍ତି।

ଏହି ନିଲାମ ପ୍ରକ୍ରିୟାକୁ ପିସିଏଲର ସମ୍ପାଦକ ଜୁନିତ ଦାସ ପରିଚାଳନା କରିଥିବା ବେଳେ ଜିପିସିଆଇ ହିରୋ, ଜିଡିସି ବ୍ଲାଷ୍ଟର, ଶ୍ରୀରାମ ସୋର୍ଟିଙ୍ଗ, ବାବା ସାଇଯୋଦ୍ଧା, ପାରାଦୀପ ସୁପର କିଙ୍ଗସ, ମହାକାଲ ୱାରିୟର୍ସ ଏବଂ ଜେସିସି ୱାରିୟର୍ ଦଳର ମାଲିକ ମାନେ ଖେଳାଳି ନିଲାମରେ ଅଂଶଗ୍ରହଣ କରିଥିଲେ ।



ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରାଦ୍ଧ ବାର୍ଷିକୀରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଉପଢ଼ୌକନ ପ୍ରଦାନ କରୁଛନ୍ତି ସମୀର ମହାନ୍ତି।


ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଭାଷଣ


ଡାକ୍ତର ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ରାଜନାଥ


ରାଜନାଥଙ୍କ ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ରାଜ୍ୟ ବିଜେପି ସଭାପତି

# ପ୍ରତି ଶିଶୁକୁ ପୁଷ୍ଟିକର ଆହାର ସାମୂହିକ ଦାୟିତ୍ୱ: ଧର୍ମେନ୍ଦ୍ର

- ଅକ୍ଷୟ ପାତ୍ର ଫାଉଣ୍ଡେସନର ୨୫ତମ ବର୍ଷପୂର୍ତ୍ତି ସମାରୋହ
- ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ପାଇଁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନ କଲଚରାଲ ସେଣ୍ଟରଠାରେ ଅକ୍ଷୟ ପାତ୍ର ଫାଉଣ୍ଡେସନର ୨୫ତମ ବର୍ଷପୂର୍ତ୍ତି ଓ ୫ ଶହ କୋଟି ଭୋଜନ ପରିବେଷଣର ଗୌରବମୟ ମାଇଲଖୁଣ୍ଟ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମେର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଷ୍ଟ୍ରପତିଙ୍କ ବକ୍ତବ୍ୟକୁ ଦୋହରାଇ କହିଛନ୍ତି ଯେ ଶିଶୁମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ଆମର ସାମୂହିକ ଜାତୀୟ ଦାୟିତ୍ୱ। ପୁଷ୍ଟିକର ଖାଦ୍ୟ ହିଁ ଭାରତର ମାନବ ପୁଞ୍ଜିର ମୂଳଦୁଆ।

ଅକ୍ଷୟ ପାତ୍ର ଫାଉଣ୍ଡେସନ୍‌ର ଏହି ଅଭିଯାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ମହାପ୍ରସାଦ' ପରମ୍ପରା ଏବଂ ଭାରତୀୟ ସଭ୍ୟତାର 'ସେବା' ମନୋଭାବ ଉପରେ ପର୍ଯ୍ୟବସିତ। ଏହା ଶ୍ରଦ୍ଧା ଓ ବିଶ୍ୱାସକୁ ଏକ ସୁସଂଗଠିତ ଜନସେବାରେ ରୂପାନ୍ତରିତ କରିବାର ଏକ ଅନନ୍ୟ ଉଦାହରଣ।

ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦଙ୍କ ଦର୍ଶନ ଓ ଶ୍ରୀ ମଧୁ ପଣ୍ଡିତ ଦାସ ଓ ଶ୍ରୀ ଚଞ୍ଚଳାପତି ଦାସଙ୍କ ନେତୃତ୍ୱରେ ଏହି ଅନୁଷ୍ଠାନ ଆଜି ବିଶ୍ୱ ପାଇଁ ଏକ ଆଦର୍ଶ ପାଲଟିଛି। ଅକ୍ଷୟ ପାତ୍ର ଫାଉଣ୍ଡେସନର ୫ ଶହ କୋଟି ଭୋଜନ ଲକ୍ଷ୍ୟ ହାସଲ ଅବସରରେ ଶ୍ରୀ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ 'ଜାତୀୟ ଶିକ୍ଷା ନୀତି ୨୦୨୦' ଓ 'ପିଏମ୍ ପୋଷଣ' ଯୋଜନାର ସଫଳ ସମନ୍ୱୟ ଦ୍ୱାରା ଶ୍ରେଣୀଗୃହର କ୍ଷୁଧା ମେଣ୍ଟାଯିବା ସହ ପିଲାଙ୍କ ସ୍କୁଲରେ ସ୍ଥିତି ଓ ସର୍ବାଙ୍ଗୀନ ବିକାଶ ସମ୍ଭବ ହୋଇପାରୁଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରତ୍ୟେକ ଶିଶୁଙ୍କ ପାଖରେ ପୁଷ୍ଟିକର ଆହାର ପହଞ୍ଚାଇବା ଦ୍ୱାରା ଆମେ ଏକ ସଶକ୍ତ ଭାରତ ଗଠନ କରୁଛୁ, ଯାହା ବିକଶିତ ଭାରତ-୨୦୪୭ର ସଂକଳ୍ପକୁ ସିଦ୍ଧ କରିବାରେ ସହାୟକ ହେବ।

# ବକେୟା ଗୃହ ଋଣ ପାଇଁ ଘର ସିଲ୍

## ଦାମୀ ଆସବାବପତ୍ର ଜବତ



କଟକ,୧୭।୩(ସଂଚାର ବ୍ୟୁରୋ): ଜୀବନ ବୀମା ମାଧ୍ୟମରେ କୌଣସି ବ୍ୟକ୍ତି ନିଜର ଭବିଷ୍ୟତକୁ ସୁରକ୍ଷିତ କରିଥାଏ। କିନ୍ତୁ ଆଜି କଟକ ଜିଲ୍ଲା ଚୌଦ୍ୱାର ଅଞ୍ଚଳରେ ଏହାର ବିପରୀତ ଫଳାଫଳ ଦେଖିବାକୁ ମିଳିଛି। ସୂଚନା ମୁତାବକ, ରାଣୀବାଳା ଭୂୟାଁ, ଅମରେଶ ଭୂୟାଁ ଓ ରାଜତ ଜେନା ଗତ କିଛି ବର୍ଷ ପୂର୍ବ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଜୀବନବୀମା ଶାଖାରୁ ହାରାହାରି ୬୦ ଲକ୍ଷ ଟଙ୍କାର ଗୃହ ଋଣ ଆଣିଥିଲେ। କିନ୍ତୁ ଋଣ ବାବଦ ଅର୍ଥ ସୁଧ ସହ ୬୩ ଲକ୍ଷ ୪୫ ହଜାର ଟଙ୍କାରେ ପହଞ୍ଚିଥିଲେ ହେଁ ସେମାନେ ଉକ୍ତ ଋଣ ଶୁଝିପାରିନଥିଲେ। ଫଳରେ ଜୀବନବୀମା ମୁଖ୍ୟ ଶାଖାରୁ ତାଙ୍କୁ ୬ ମାସ ତଳେ ଆଇନ ସମ୍ମତ ନୋଟିସ ପଠାଯାଇଥିଲା। କିନ୍ତୁ ସେମାନେ ନୋଟିସକୁ ଖାତିର କରିନଥିଲେ। ଶେଷରେ ଆଜି ଜୀବନବୀମା ମୁଖ୍ୟ ଶାଖାର ଏକ ଟିମ ଜିଲ୍ଲାପାଳ ଓ କଟକ ଡିସିପିଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଚୌଦ୍ୱାର ପୁଲିସ ଓ ଭାରତୀୟ ରିଜର୍ଭ ଫୋର୍ସ ସହାୟତାରେ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୧୭ ନମ୍ବର ୱାର୍ଡସ୍ଥିତ ଆଠ ଡିସିମିଲ ପରିମିତ ଜାଗା ସହ ଘରକୁ ଜବତ କରିବା ସହ ସେଥିରେ ଥିବା ଫ୍ରିଜ, ଏସି, କୁଲର ଭଳି ଦାମୀ ଆସବାବପତ୍ରକୁ ଜବତ କରିଛି। ଟିମ୍ ପକ୍ଷରୁ ଉକ୍ତ ଘରେ ତାଲା ପକାଇ ଏହାକୁ ସିଲ୍ କରାଯାଇଥିବା ଚନ୍ଦ୍ରଶେଖରପୁର ଜୀବନ ବୀମା ଶାଖାର ବରିଷ୍ଠ ଅଧିକାରୀ ପ୍ରସନ୍ନ କୁମାର ସାହୁ କହିଛନ୍ତି।

# ଚଳିତ ମାସ ଶେଷ ସୁଦ୍ଧା ମାଲକାନଗିରି ବିମାନବନ୍ଦରରୁ ଉଡ଼ିବ ନିୟମିତ ବିମାନ




ମାଲକାନଗିରି,୧୭।୩(ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାବାସୀଙ୍କ ପାଇଁ ଖୁସି ଖବର ମିଳିଛି। ଚଳିତ ମାସ ଶେଷ ସୁଦ୍ଧା ମାଲକାନଗିରି ବିମାନ ବନ୍ଦରରୁ ନିୟମିତ ବିମାନ ଚଳାଚଳ କରିବ। ଏଥିପାଇଁ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ଟିମ୍ ଓ ଇଣ୍ଡିଆ ୱାନ ଏୟାର କମ୍ପାନୀର ଏକ ବୈଷୟିକ ଟିମ ବିମାନ ବନ୍ଦର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜ୍ୟ ସରକାରଙ୍କ ବେସାମରିକ ବିମାନ ଚଳାଚଳ ଉପଦେଷ୍ଟା ସୁରେଶ ଚନ୍ଦ୍ର ହୋତା ଓ ସୁରକ୍ଷା ପରାମର୍ଶଦାତା ମନୋଜ କୁମାର ଦାଶଙ୍କ ନେତୃତ୍ୱରେ ଏକ ଟିମ ମାଲାକନଗିରି ବିମାନ ବନ୍ଦରକୁ ତନ୍ନ ତନ୍ନ କରି ଯାଞ୍ଚ କରିଥିବା ଜଣାପଡ଼ିଛି।

ଇଣ୍ଡିଆ ୱାନ ଏୟାର ପାଇଲଟ୍ ଓ କ୍ୟାପଟେନ୍‌ଙ୍କୁ ନେଇ ଏକ ବୈଷୟିକ ଦଳ ବିମାନ ବନ୍ଦରର ରନୱେଠାରୁ ଆରମ୍ଭ କରି ବିଭିନ୍ନ ଆନୁଷଙ୍ଗିକ ବ୍ୟାବସ୍ଥା ନେଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରନୱେରେ ଯେମିତି କୌଣସି ଗାଈଗୋରୁ ନ ପଶିବେ, ସେଥିପାଇଁ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସକାଶେ ପୂର୍ତ୍ତ ବିଭାଗକୁ ଟିମ୍ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଖୁବଶୀଘ୍ର ଇଣ୍ଡିଆ ୱାନ୍ ଏୟାର ଯାତ୍ରବାହୀ ବିମାନର ଟ୍ରାଏଲ ରନ୍ ହେବ ବୋଲି ସୂଚନା ମିଳିଥିବା ବେଳେ ଚଳିତ ମାସ ଶେଷ ବେଳକୁ ନିୟମିତ ବିମାନ ଚଳାଚଳ କରିବା ଦିଗରେ ଜୋର୍‌ଦାର ପ୍ରସ୍ତୁତି ଜାରି ରହିଛି। ସୂଚନାଯୋଗ୍ୟ ଯେ ଗତ ୨୦୨୪ ଜାନୁଆରୀ ୯ ତାରିଖରେ ଉଦ୍‌ଘାଟିତ ହୋଇଥିଲା ମାଲକାନଗିରି ବିମାନ ବନ୍ଦର। ମାଲକାନଗିରିଠାରୁ ପ୍ରଥମେ ନନ୍ ସିଡ୍ୟୁଲ୍ ଅର୍ଥାତ ପଣ୍ୟବାହୀ ବିମାନ ଉଡ଼ାଣ ଆରମ୍ଭ ହୋଇଥିଲା। ଆଗାମୀ ଦିନରେ ମାଲକାନଗିରି ଏୟାରପୋର୍ଟ ୩ ହଜାର ମିଟର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା ନେଇ ଯୋଜନା ହୋଇଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ଅନୁମତି ମିଳିବା ପରେ ମାଲକାନଗିରି ବିମାନ ବନ୍ଦରରୁ ଯାତ୍ରୀସେବା ଆରମ୍ଭ ହେବ। ପ୍ରାୟ ୨୩୩ ଏକର ଅଞ୍ଚଳରେ ନିର୍ମିତ ହୋଇଛି ମାଲକାନଗିରି ବିମାନ ବନ୍ଦର। ଏଥିରେ ୧୬୨୦ ମିଟର ଦୈର୍ଘ୍ୟ ଓ ୩୦ ମିଟର ପ୍ରସ୍ଥ ବିଶିଷ୍ଟ ରନୱେ ରହିଛି। ବିମାନବନ୍ଦରର ଉନ୍ନତିକରଣରେ ୭୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

# ବଦଳିବ ସତୀଚୌରା ଶ୍ମଶାନ ରୂପ: ସୌନ୍ଦର୍ଯ୍ୟକରଣ ପାଇଁ ୭ କୋଟି

## ଗ୍ୟାସ୍ ଚୁଲା ସହ ଉପଲବ୍ଧ ହେବ ମୌଳିକ ସୁବିଧା




କଟକ,୧୭।୩(ସଂଚାର ବ୍ୟୁରୋ): କାଠ ଚୁଲା ସାଙ୍ଗକୁ ଗ୍ୟାସ୍ ଚୁଲା ହେବ। ଏହାଛଡ଼ା ମୃତଦେହ ସଂସ୍କାର କରିବାକୁ ଆସୁଥିବା ଲୋକଙ୍କ ପାଇଁ ସବୁ ମୌଳିକ ସୁବିଧା ରହିବ। ପ୍ରବେଶଦ୍ୱାରରୁ ନେଇ ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟକରଣ କରାଯିବ। ଶ୍ମଶାନ ଭିତରେ ଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମାଧି ପୀଠ ତଥା ସ୍ମୃତି ଫଳକକୁ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରାଯିବ। ଏଭଳି ଅନେକ କିଛି ଯୋଜନା ସହ କଟକ ମହାନଗର ନିଗମ (ସିଏମ୍‌ସି ) ପକ୍ଷରୁ ସତୀଚୌରା ଶ୍ମଶାନକୁ ନୂଆ ରୂପ ଦିଆଯିବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ କରିବା ସହ ସିଏମ୍‌ସି ପକ୍ଷରୁ ୭ କୋଟି ଟଙ୍କାର ଟେଣ୍ଡର୍ ଆହ୍ୱାନ କରାଯାଇଛି। ଖୁବ୍ ଶୀଘ୍ର କାମ ଆରମ୍ଭ କରିବାକୁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି।

କଟକ ସହରରେ ପାଖାପାଖି ୨୪ଟି ଶ୍ମଶାନ ରହିଛି। ଏଥିରେ ସିଏମ୍‌ସି ପ୍ରାୟ ୫ଟି ପ୍ରମୁଖ ଶ୍ମଶାନର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଛି। ଖାନନଗର କାଠ ଚୁଲା, ଖାନନଗର ଗ୍ୟାସ୍ ଚୁଲା, ବିଡ଼ାନାସୀ, ସତୀଚୌରା ଓ କାଳିଆବୁଦା ଶ୍ମଶାନର ସମସ୍ତ ଦାୟିତ୍ୱ ସିଏମ୍‌ସି ଅଧୀନରେ ରହିଛି। ତେବେ ଏସବୁ ମଧ୍ୟରେ ଅନ୍ୟତମ ହେଉଛି ସତୀଚୌରା ଶ୍ମଶାନ, ଯେଉଁଠି କଟକ ସହରର ବହୁ ଲୋକଙ୍କ ସତ୍କାର କରାଯାଇଥାଏ। ଏଠାରେ ଖୋକାଭାଇଙ୍କଠାରୁ ଆରମ୍ଭ କରି ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସ୍ମୃତିପୀଠ ରହିଛି। କିନ୍ତୁ ଦୀର୍ଘ ଦିନ ହେବ ଉକ୍ତ ଶ୍ମଶାନ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିରହିଛି। ଏହାକୁ ଗ୍ୟାସ୍ ଚୁଲାରେ ପରିଣତ କରିବା ପାଇଁ ପୂର୍ବରୁ ସିଏମ୍‌ସି ଅନେକ ଥର ଯୋଜନା କରିଥିଲେ ମଧ୍ୟ ତାହାକୁ ପରବର୍ତ୍ତୀ ସମୟରେ କାର୍ଯ୍ୟକାରୀ କରିବାରେ ଅହେତୁକ ବିଳମ୍ବ ଘଟିଛି। ଏଭଳି ସ୍ଥିତିରେ ସିଏମ୍‌ସି ପକ୍ଷରୁ ଏବେ ସତୀଚୌରା ଶ୍ମଶାନର ନବୀକରଣ ପାଇଁ ପଦକ୍ଷେପ ନିଆଯାଇଛି। ଲୋକଙ୍କ ପାଇଁ ଆଶ୍ରୟସ୍ଥଳୀ ସହ ଶୌଚାଳୟ ଆଦିର ବ୍ୟବସ୍ଥା ହେବ। ସେହିପରି ପ୍ରଦୂଷଣକୁ ଦୃଷ୍ଟିରେ ରଖି ଗ୍ୟାସ୍ ଚୁଲା କାର୍ଯ୍ୟକ୍ଷମ କରାଯିବ। ଯନ୍ତ୍ରୀ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ପ୍ରକଳ୍ପର ଏକ ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ ସରିଛି। ଆସନ୍ତା ଦିନରେ କାଳିଆବୁଦା ଆଦି ଶ୍ମଶାନର ନବୀକରଣ କରାଯିବ ବୋଲି ମେୟର ସୁବାସ ସିଂହ କହିଛନ୍ତି।

# ରାଜ୍ୟସଭା ନିର୍ବାଚନ ଗଣତନ୍ତ୍ର ପାଇଁ କଳାଦିନ: ବିଜେଡି

- ବାପା ବିଜୁବାବୁଙ୍କ ସହ ବିଶ୍ୱାସଘାତ କରିଥିଲେ
- ପୁଅ ନବୀନବାବୁଙ୍କ ବିଶ୍ୱାସରେ ବିଷ ଦେଲେ
- ୩ ମାସ ତଳୁ ବିଜେଡିକୁ ଭାଙ୍ଗିବା ପାଇଁ ଷଡ଼ଯନ୍ତ୍ର କରୁଥିଲେ ବିଜୟ



ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ବିଜୁବାବୁଙ୍କ ଆଦର୍ଶରେ ଗଢ଼ାହୋଇଥିଲା ବିଜେଡି। ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶର ଅବମାନନା କରି ବିଜେଡିର କିଛି ବିଧାୟକ ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ୍‌ଭୋଟିଂ କରିଥିବାରୁ ସେମାନଙ୍କ ବିରୋଧରେ ବର୍ଷିଛି ଦଳ। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ବ୍ୟୋମକେଶ ରାୟ ଓ ଧ୍ରୁବ ଚରଣ ସାହୁ ଦଳର ନୀତି, ଆଦର୍ଶ ବିରୋଧରେ ଯାଇ ବିଜେଡିର କିଛି ବିଧାୟକ ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ ଭୋଟିଂ ଜରିଆରେ ଜଣେ ଦାଗୀ ନେତାଙ୍କୁ ଭୋଟ ଦେଇ ବିଜୟୀ କରିଥିବାରୁ କଡ଼ା ସମାଲୋଚନା କରିଥିଲେ। ପ୍ରମିଳା ମଲ୍ଲିକ ଅଭିଯୋଗ କରିଥିଲେ ଯେ ରାଜ୍ୟସଭା ନିର୍ବାଚନରେ ଯେଉଁ ବିଧାୟକମାନେ କ୍ରସ ଭୋଟିଂ କରି ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଲେ, ଆଜି ସେମାନେ ଲୋକଲଜ୍ଜାରୁ ବଞ୍ଚିବା ପାଇଁ ବିଜୁ ଲିଗାସୀର କଥା କହୁଛନ୍ତି। ଯେଉଁମାନେ ଦିନେ ନବୀନବାବୁଙ୍କ ଗାଡ଼ିକୁ ଟେକା ଓ ଅଣ୍ଡା ପକାଇଥିଲେ, ନବୀନବାବୁ ତାକୁ ଭୁଲି କଟକ ଭଳି ଜିଲ୍ଲାରେ ତାଙ୍କ ପତ୍ନୀଙ୍କୁ ଜିଲ୍ଲା ପରିଷଦ ସଭାପତି କରିଥିଲେ। ତାଙ୍କୁ ମଧ୍ୟ ବିଧାୟକ କରିଥିଲେ ଓ ତାଙ୍କ ପୁଅକୁ ବି ଦୁଇ ଦୁଇ ଥର ବିଧାୟକ କରି ଏକ ପରିଚୟ ଦେଇଥିଲେ। ଆଜି ସେମାନେ ନବୀନ ବାବୁଙ୍କ ସହ ବିଶ୍ୱାସଘାତକତା କଲେ। ଏହାକୁ କ'ଣ ବିଜୁ ଲିଗାସୀ କୁହାଯିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ବ୍ୟୋମକେଶ ରାୟ କହିଥିଲେ ଯେ ଏହି ଘୋଡ଼ା ବେପାରରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ବିଧାୟକମାନଙ୍କୁ ତାଙ୍କ ସରକାରୀ ବାସଭବନରେ ଲୁଚାଇ ରଖିଥିଲେ। ଏବେ ନିଜ ନିର୍ବାଚନମଣ୍ଡଳୀରେ ସମର୍ଥକମାନଙ୍କ ନିକଟରେ ଲୋକଲଜ୍ଜାରୁ ବର୍ତ୍ତିବା ପାଇଁ ଭିନ୍ନ କଥା କହୁଛନ୍ତି।

### ମୁଖ୍ୟ ଶାସନ ସଚିବଙ୍କ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମୀକ୍ଷା

# ଠୋସ୍ ପ୍ରସ୍ତୁତି ସହ ସର୍ବଦା ସଜାଗ ରହିବାକୁ ପରାମର୍ଶ



ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ଗତକାଲି କଟକ ଏସ୍‌ସିବି ମେଡିକାଲ୍‌ରେ ଘଟିଥିବା ଅଗ୍ନିକାଣ୍ଡ ପରେ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ଡାକ୍ତରଖାନା ଓ ସରକାରୀ କାର୍ଯ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଏହାକୁ ଅଧିକ ସୁଦୃଢ଼ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡା. ସୁଧାଂଶୁ ଷଡ଼ଙ୍ଗୀ, ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଦି ବିଭାଗର ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଯୋଗଦେଇଥିଲେ। ସେହିପରି ଜିଲ୍ଲାପାଳମାନେ ଆଭାସୀରେ ଉପସ୍ଥିତ ଥିଲେ। ବୈଠକରେ ହୋଇଥିବା ଆଲୋଚନା ଅନୁସାରେ, ରାଜ୍ୟରେ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାଗୁଡ଼ିକରେ ଅଗ୍ନି ନିରାପତ୍ତା ସୂଚନା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବଙ୍କୁ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରାଯାଇଛି। ଅଗ୍ନିଶମ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯିବା ସହ ଅଗ୍ନିନିର୍ବାପକ ଉପକରଣଗୁଡ଼ିକ କାର୍ଯ୍ୟକ୍ଷମ ସ୍ଥିତିରେ ରଖିବାକୁ ପରାମର୍ଶ ଦିଆଯାଇଛି। ନିୟମିତ ଉପକରଣଗୁଡ଼ିକୁ ଯାଞ୍ଚ, ଅଗ୍ନି ନିର୍ବାପକ ବ୍ୟବସ୍ଥା ସମ୍ପର୍କରେ ଆବଶ୍ୟକ ସ୍ଥଳେ ତୃତୀୟ ପକ୍ଷ ଅଡିଟ୍ ସକାଶେ କୁହାଯାଇଛି। ଜିଲ୍ଲା ସ୍ତରରେ ଅଗ୍ନି ନିରାପତ୍ତା ସମ୍ପର୍କିତ ମକ୍‌ଡ୍ରିଲ ଅଧିକରୁ ଅଧିକ ଆୟୋଜନ ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି। ଅଗ୍ନି ନିରାପତ୍ତାକୁ ଦୃଷ୍ଟିରେ ରଖି ସରକାରୀ କୋଠା ନିର୍ମାଣ ସମୟରେ ବିଲ୍ଡିଂ ପ୍ଲାନ ଅନୁମୋଦନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

### ସ୍ତ୍ରୀଙ୍କୁ ତଣ୍ଟି ଚିପି ମାରିବାକୁ ହତ୍ୟା ଉଦ୍ୟମ

# ସ୍ୱାମୀଙ୍କୁ ଗିରଫ ପରେ କୋର୍ଟଚାଲାଣ




ଦିଗପହଣ୍ଡି,୧୭।୩(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ କରପଡ଼ା ଗ୍ରାମର ବୁଡ୍ଡୁ ବେହେରା ସ୍ତ୍ରୀ ସୁଶୀଳା ବେହେରାଙ୍କୁ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବୁଡ୍ଡୁଙ୍କୁ ତଦନ୍ତକାରୀ ଅଧିକାରୀ ସୋଫିଆ ମିଶ୍ର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏନେଇ ଥାନାରେ ୧୧୩/୨୬ ନମ୍ବରରେ ମାମଲା ରୁଜୁ ହୋଇଥିଲା। ବୁଡ୍ଡୁଙ୍କ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଇ ଦିଆଯାଇଛି। ଗତ ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ସୁଶୀଳା ଘର ବାରି ପଟେ ବାସନ ମାଜୁଥିବା ସମୟରେ ବୁଡ୍ଡୁ ନିଶାସକ୍ତ ଅବସ୍ଥାରେ ତାଙ୍କୁ ମାଡ଼ ମାରି ତଳେ ପକାଇବା ସହ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ପରେ ସେ ସୁଶୀଳାଙ୍କ ଚୁଟି ଧରି ଘୋଷାଡ଼ି ଘର ସମ୍ମୁଖକୁ ନେଇ ଶାବଳରେ ଭୁସି ଦେବାକୁ ଉଦ୍ୟମ କରିଥିଲେ। ତେବେ ବଡ଼ ପୁଅ ତାଙ୍କୁ ଛଡ଼ାଇବାକୁ ଉଦ୍ୟମ କରିବାରୁ ବୁଡ୍ଡୁ ତାଙ୍କୁ ମଧ୍ୟ ମାରିଦେବାକୁ ଧମକ ଦେଇଥିଲେ ଓ ତାଙ୍କ ମୋବାଇଲ୍‌କୁ ଛଡ଼ାଇ ନେଇଥିଲେ। ଘଟଣାର ପରଦିନ ସୁଶୀଳା ଥାନାରେ ଏତଲା ଦେଇଥିଲେ।

### 'ଅପରେସନ ସାଇବର କବଚ'ରେ ପୁଲିସକୁ ବ୍ୟାପକ ସଫଳତା

# ୩୯୭୧୪ ବେନାମୀ ଆକାଉଣ୍ଟ ଯାଞ୍ଚ, ୩୭୯ ଗିରଫ


୭୫୪୯ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ନୋଟିସ୍

ଭୁବନେଶ୍ୱର,୧୭।୩(ସଂଚାର ବ୍ୟୁରୋ): ସାଇବର ଅପରାଧ ଓ ଆର୍ଥିକ ଠକେଇ ବିରୋଧରେ ଓଡ଼ିଶା ପୁଲିସ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଏହି କ୍ରମରେ ରାଜ୍ୟବ୍ୟାପୀ ପୁଲିସ ପକ୍ଷରୁ ଆୟୋଜିତ ହୋଇଥିବା ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ'ରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଗତ ମାସ ୧୩ରୁ ଗତ ୧୨ ତାରିଖ ମଧ୍ୟରେ ଚାଲିଥିବା ଏହି ଅଭିଯାନରେ ସାଇବର ଠକେଇର ମୂଳ ଆଧାର ଥିବା ବେନାମୀ ବ୍ୟାଙ୍କ ଆକାଉଣ୍ଟ ଓ ନକଲି ସିମ୍ ନେଟୱର୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପୁଲିସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି।

ଏହି ଅଭିଯାନ ସମୟରେ ସମଗ୍ର ରାଜ୍ୟରେ 'ଅପରେସନ ସାଇବର କବଚ' ଅନ୍ତର୍ଗତ ସମଗ୍ର ରାଜ୍ୟରେ ମୋଟ ୩୯୭୧୪ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ୧୩୧୫ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ, ୩୬ଟି ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ, ୪୭ଟି ଚେକ୍ ଟଙ୍କା ଉଠାଣ ସମ୍ପର୍କିତ, ୨୪ଟି ନକଲି ସିମ୍/ପିଓଏସ୍ ଯାଞ୍ଚ କରାଯାଇଛି। ଏଥିସହ ୩୭୯ ଜଣଙ୍କୁ (୩୪୯ ଜଣଙ୍କୁ ବେନାମୀ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ, ୯ ଜଣଙ୍କୁ ନକଲି ସିମ ପାଇଁ, ୩ ଜଣଙ୍କୁ ଏଟିଏମ ଟଙ୍କା ଉଠାଣ ସଂକ୍ରାନ୍ତ, ୧୮ ଜଣଙ୍କୁ ଚେକ୍ ଟଙ୍କା ଉଠାଣ ସମ୍ପର୍କିତ)ଙ୍କୁ ଗିରଫ କରାଯାଇଛି। ୭୫୪୯ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ପୁଲିସ ପକ୍ଷରୁ ନୋଟିସ୍ ମଧ୍ୟ ଜାରି କରାଯାଇଛି। ଝାରସୁଗୁଡ଼ା, ସମ୍ବଲପୁର, ରାଉରକେଲା, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ନୁଆପଡା, ଭୁବନେଶ୍ୱର, କଟକ, ବାଲେଶ୍ୱର, ଭଦ୍ରକ, ପୁରୀ, ଯାଜପୁର ଓ ଢେଙ୍କାନାଳ ଆଦି ଜିଲ୍ଲାରେ ବେନାମୀ ଆକାଉଣ୍ଟ ନେଟୱର୍କ, ନକଲି ସିମ୍ ବ୍ୟବହାର, ଅନଲାଇନ ବେଟିଂ, ହାୱାଲା ଟ୍ରାଞ୍ଜାକସନ ଓ କ୍ରିପ୍ଟୋ କରେନ୍ସି ମାଧ୍ୟମରେ ହେଉଥିବା ଠକେଇ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଥିସହ ଅନେକ ଆନ୍ତଃରାଜ୍ୟ ଗ୍ୟାଙ୍ଗ ସଦସ୍ୟଙ୍କୁ ଗିରଫ କରାଯିବା ସହ ବହୁ ପରିମାଣରେ ସିମ୍, ଏଟିଏମ କାର୍ଡ, ଡିଜିଟାଲ ଡିଭାଇସ ଓ ଅନ୍ୟାନ୍ୟ ଦସ୍ତାବିଜ ଜବତ କରାଯାଇଛି। ବିଭିନ୍ନ ଜିଲ୍ଲାରେ ମିଳିଥିବା ସଫଳତା ମଧ୍ୟରେ ଝାରସୁଗୁଡ଼ାରେ ୧୨ ଜଣଙ୍କୁ, ସମ୍ବଲପୁରରେ ୭, ରାଉରକେଲାରେ ୬, କେନ୍ଦୁଝରରେ ୫, ସୁନ୍ଦରଗଡ଼ରେ ୩, ଗଞ୍ଜାମରେ ୧୩, ନୂଆପଡ଼ାରେ ୬, ଭୁବନେଶ୍ୱର ୟୁପିଡିରେ ୪, କଟକ ୟୁପିଡିରେ ୯, ଭଦ୍ରକରେ ୩, ପୁରୀରେ ୩, ଯାଜପୁରରେ ଜଣଙ୍କୁ ଗିରଫ କରାଯାଇଛି। ଏହି ଅଭିଯାନରେ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ୧୪-ସି'ର ଡାଟା ଆଧାରିତ ଇଣ୍ଟେଲିଜେନ୍ସକୁ ବ୍ୟବହାର କରାଯାଇଛି। ଏପରି ସଫଳତା ପାଇଁ ଶ୍ରୀ ଖୁରାନିଆ ସମସ୍ତ ଜିଲ୍ଲାର ଏସପି, ରେଞ୍ଜ ଆଇଜି, କ୍ରାଇମ୍ ବ୍ରାଞ୍ଚ, ବ୍ୟାଙ୍କିଂ ଓ ଟେଲିକମ୍ ଅଧିକାରୀମାନଙ୍କୁ ସାଧୁବାଦ ଜଣାଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଡିଜିପି (କ୍ରାଇମବ୍ରାଞ୍ଚ) ବିନୟତୋଷ ମିଶ୍ର, ଆଇଜି (କ୍ରାଇମବ୍ରାଞ୍ଚ) ଡ. ସାର୍ଥକ ଷଡ଼ଙ୍ଗୀ ଓ ଏସପି (କ୍ରାଇମବ୍ରାଞ୍ଚ) ପରମାର ସ୍ମିଥ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ





## ଶ୍ରୀଲଙ୍କା ସରକାରଙ୍କ ବଡ଼ ନିଷ୍ପତ୍ତି

# ପ୍ରତି ବୁଧବାର ସାପ୍ତାହିକ ଛୁଟି

ନୂଆଦିଲ୍ଲୀ,୧୭।୩: ଏଣିକି ଶ୍ରୀଲଙ୍କାରେ ପ୍ରତି ବୁଧବାର ମିଳିବ ସାପ୍ତାହିକ ଛୁଟି। ଅର୍ଥାତ ପ୍ରତି ବୁଧବାର ଦେଶରେ ସରକାରୀ ଅଫିସ, ସ୍କୁଲ, ବିଶ୍ୱବିଦ୍ୟାଳୟ ଏବଂ କୋର୍ଟ ଆଦି ବନ୍ଦ ରହିବ। ଏହା ଦ୍ୱାରା ଦେଶରେ ଏବେ ସପ୍ତାହକୁ ୪ ଦିନ କାମ ହେବ। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଉପୁଜିଥିବା ତୈଳ ସଙ୍କଟ କାରଣରୁ ସରକାର ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ଏହି ନିୟମ ଲାଗୁ ରହିବ। ଖାଲି ସେତିକି ନୁହେଁ ଶ୍ରୀଲଙ୍କା ସରକାର ସାର୍ବଜନୀନ ସମାରୋହ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଇନ୍ଧନ ବ୍ୟବହାରକୁ ସୀମିତ କରିବା ପାଇଁ ଯଥାସମ୍ଭବ ଘରୁ କାମ କରିବାକୁ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଅତ୍ୟାବଶ୍ୟକ ସେବା କମିଶନର ଜେନେରାଲ ପ୍ରବାଥ ଚନ୍ଦ୍ରକିର୍ତ୍ତୀ କହିଛନ୍ତି, ଏହି ପଦକ୍ଷେପ ୧୮ ମାର୍ଚ୍ଚ ୨୦୨୬ରୁ କାର୍ଯ୍ୟକାରୀ ହେବ ଏବଂ ନ୍ୟାୟିକ ସେବା ଏବଂ ସାର୍ବଜନୀନ ଶିକ୍ଷା ସମେତ ସମସ୍ତ ରାଜ୍ୟ ପ୍ରତିଷ୍ଠାନ ପାଇଁ ଲାଗୁ ହେବ।

ସୂଚନାଥାଉକି, ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ରପ୍ତାନୀ ଷ୍ଟ୍ରେଟ ଅଫ୍ ହର୍ମୁଜ ପ୍ରଣାଳୀ ଦେଇ ହୋଇଥାଏ। ମାତ୍ର ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରଠୁ ଇରାନ ଏହାକୁ ବନ୍ଦ କରିଛି ଫଳରେ ଅନେକ ଦେଶରେ ଶକ୍ତି ସଙ୍କଟ ଉପୁଜିଛି। ଏମିତିରେ ଶ୍ରୀଲଙ୍କାରେ ତୈଳ ସଙ୍କଟକୁ ଏଡ଼ାଇବା ପାଇଁ ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ ପରେ ଏହି ନିଆଯାଇଛି। ରାଷ୍ଟ୍ରପତି କହିଛନ୍ତି ମଧ୍ୟପ୍ରାଚ୍ୟ ସଂଘର୍ଷ ଯୋଗୁ ଉପୁଜିଥିବା ଶକ୍ତି ସଙ୍କଟରୁ ବର୍ତ୍ତିବା ପାଇଁ ଏହି ବୈଠକ ଡକାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସାଧାରଣ ଲୋକଙ୍କୁ



ନିରବଚ୍ଛିନ୍ନ ସେବା ସୁନିଶ୍ଚିତ କରିବା। ରାଷ୍ଟ୍ରପତି କହିଥିଲେ, ଆମକୁ ସବୁଠାରୁ ଖରାପ ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। କିନ୍ତୁ ସର୍ବୋତ୍ତମ ପାଇଁ ଆଶା କରିବାକୁ ପଡ଼ିବ। ତେବେ ଜରୁରୀ ସେବା ଯେପରିକି ହସ୍ପିଟାଲ, ବନ୍ଦର ଏବଂ ଅନ୍ୟାନ୍ୟ ଜରୁରିକାଳୀନ ସେବା ପୂର୍ବପରି ଜାରି ରହିବ ବୋଲି ସ୍ପଷ୍ଟ କରିଛନ୍ତି ରାଷ୍ଟ୍ରପତି।

ଉଲ୍ଲେଖଯୋଗ୍ୟ, ଶ୍ରୀଲଙ୍କା ଏହାର ସିଂହଭାଗ ଅଶୋଧିତ ତେଲ ଆମଦାନୀ କରୁଛି। ବିଦ୍ୟୁତ ପାଇଁ କୋଇଲା ମଧ୍ୟ କିଣୁଛି। ସିଙ୍ଗାପୁର, ମାଲେସିଆ ଏବଂ ଦକ୍ଷିଣ କୋରିଆରୁ ପେଟ୍ରୋଲିୟମ ଉତ୍ପାଦ କିଣୁଥିବାବେଳେ ମଧ୍ୟପ୍ରାଚ୍ୟରୁ ଅଶୋଧିତ ତେଲ ଆମଦାନୀ କରୁଛି। ଏହାରି ମଧ୍ୟରେ ରବିବାର ଦେଶରେ ଲୋକଙ୍କ ପାଇଁ ଇନ୍ଧନ ପରିମାଣ ଉପରେ କଟକଣା ଲଗାଇଛନ୍ତି ଶ୍ରୀଲଙ୍କା ସରକାର। ଶ୍ରୀଲଙ୍କା ସରକାର ଦେଶରେ ପ୍ରତି ଗାଡ଼ି ଚାଳକଙ୍କୁ ସପ୍ତାହକୁ ୧୫ ଲିଟର ତେଲ ଲିମିଟ ଲଗାଇଛନ୍ତି। ସେହିଭଳି ସାର୍ବଜନୀନ ସେବା ପାଇଁ ୨୦୦ ଲିଟର ନିୟମ ରହିଛି।

ଶ୍ରୀଲଙ୍କାର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ, ଦେଶରେ ତେଲ ରିଜର୍ଭରେ ଥିବା ତେଲ ଦ୍ୱାରା ପ୍ରାୟ ୬ ସପ୍ତାହର ତେଲ ରହିଛି। ଏମିତିରେ ଯୋଗାଣରେ କୌଣସି ପ୍ରକାର ବାଧା ସୃଷ୍ଟି ହେଲେ ଦେଶରେ ତେଲ ସମସ୍ୟା ଗୁରୁତର ହୋଇପାରେ। ଶ୍ରୀଲଙ୍କା ଭାରତ ଏବଂ ରୁଷ ଠାରୁ ତେଲ ଯୋଗାଣ ପାଇଁ ମଧ୍ୟ କଥାବାର୍ତ୍ତା ଜାରି ରଖିଥିବା ଜଣାପଡ଼ିଛି। ମଙ୍ଗଳବାର କ୍ୟାବିନେଟ ବିବୃତ୍ତିରେ କୁହାଯାଇଛି ଯେ, ଶ୍ରୀଲଙ୍କାର କ୍ୟାବିନେଟ୍ ତରନଜୋତ ରିସୋର୍ସସ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଭାରତୀୟ କମ୍ପାନି ଠାରୁ ୩ ଲକ୍ଷ ମେଟ୍ରିକ୍ ଟନ୍ କୋଇଲା କ୍ରୟକୁ ଜରୁରିକାଳୀନ ଅନୁମୋଦନ ଦେଇଛି। ଯୁଦ୍ଧ ଯୋଗୁ ଯୋଗାଣ ସଙ୍କଟ ମଧ୍ୟରେ ଶକ୍ତି ସଙ୍କଟରୁ ବର୍ତ୍ତିବା ପାଇଁ ଶ୍ରୀଲଙ୍କା ଏହି ନିଷ୍ପତ୍ତି ନେଇଛି।ଦେଶର ବୈଦେଶିକ ମୁଦ୍ରା ସରିଯିବା ପରେ ଶ୍ରୀଲଙ୍କା ୨୦୨୨ରେ ୪୬ ବିଲିୟନ ଡଲାରର ବୈଦେଶିକ ଋଣ ପରିଶୋଧ କରିବାରେ ବିଫଳ ହୋଇଥିଲା। ସେବେଠାରୁ, କଲମ୍ବୋକୁ ଆଇଏମଏଫରୁ ୨.୯ ବିଲିୟନ ଡଲାର ସହାୟତା ମିଳିଛି।

ଏପ୍ରିଲ ୧ରୁ ଲାଗୁ ହେବ
ନିୟମ, ନମାନିଲେ
ହେବ କାର୍ଯ୍ୟାନୁଷ୍ଠାନ



# ଏଣିକି ଅଣ୍ଡା ଉପରେ ରହିବ ଏକ୍ସପାଏରୀ ଡେଟ୍

ନୂଆଦିଲ୍ଲୀ ୧୭।୩; ଖାଉଟିଙ୍କ ପାଇଁ ବଡ଼ ଖବର। ଏଣିକି ତାଜା ଅଣ୍ଡା କହି ଖରାପ ଅଣ୍ଡା ବିକି ପାରିବେନି ଦୋକାନୀ। ଏବେ ଅଣ୍ଡାରେ ଲେଖାହେବ ଏକ୍ସପାଏରୀ ଡେଟ୍। ଗ୍ରାହକ ତାରିଖ ଦେଖି କିଣିପାରିବେ ଅଣ୍ଡା। ଏବେ ଏହି ନିୟମ ଏପ୍ରିଲ ୧ରୁ ଲାଗୁ ହେବ। ଉତ୍ତର ପ୍ରଦେଶରେ ଏହି ନିୟମ ଲାଗୁ ହୋଇଛି। ଖାଉଟିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏଭଳି ପଦକ୍ଷେପ ନେଇଛନ୍ତି। ଏଣିକି ୟୁପିରେ ସବୁ ଅଣ୍ଡା ଉପରେ ଉତ୍ପାଦନ ତାରିଖ ଏବଂ ଏକ୍ସପାଏରୀ ଡେଟ୍ ଲାଗିବ। ୟୁପିର ଜଣେ ପଶୁ ଚିକିତ୍ସା ଅଧିକାରୀ କହିଛନ୍ତି ଯେ, ମଣିଷର ସ୍ୱାସ୍ଥ୍ୟ ସହ ଅଣ୍ଡା ସିଧାସଳଖ ଭାବେ ଜଡ଼ିତ। ଆଗରୁ ଦୋକାନୀମାନେ ପୁରୁଣା ଅଣ୍ଡା ଗୁଡ଼ିକୁ ତାଜା ଅଣ୍ଡା କହି ବିକି ଦେଉଥିଲେ। ଗ୍ରାହକମାନେ ମଧ୍ୟ ଅଣ୍ଡା କେତେ ପୁରୁଣା ଜାଣି ପାରୁନଥିଲେ। ଏହି ନିୟମ ଲାଗୁ ହେବା ପରେ ଏବେ ଦୋକାନରେ ତାଜା ଅଣ୍ଡା ମିଳିବ। ସୂଚନାନୁଯାୟୀ, ପ୍ରାୟ ୩୦ ଡିଗ୍ରୀ ତାପମାତ୍ରାରେ ଅଣ୍ଡା କେବଳ ୨ ସପ୍ତାହ ଯାଏଁ ଭଲ ରୁହେ। ଅଣ୍ଡା ସ୍ଥାନରେ ରଖିଲେ ୫ ସପ୍ତାହ ଯାଏଁ ଅଣ୍ଡା ରହିପାରେ। ହେଲେ ଦୋକାନୀ ଏବଂ ବେପାରୀମାନେ କୋଲ୍ଡ ଷ୍ଟୋରେଜରେ ଅଧିକ ଦିନ ଧରି ଅଣ୍ଡା ରଖି ବିକ୍ରି କରୁଛନ୍ତି। ଏହି ନିୟମ ଲାଗୁ ହେବା ପରେ ଯଦି କୌଣସି ଅସାଧୁ ବ୍ୟବସାୟୀ ନିୟମ ନମାନନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉତ୍ତର ପ୍ରଦେଶରେ ଖାଦ୍ୟ ସୁରକ୍ଷା ଦିଗରେ ସରକାରଙ୍କ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଯଦି କୌଣସି ବ୍ୟବସାୟୀ କିମ୍ବା ଦୋକାନୀ ନିୟମ ପାଳନ କରିବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କର ଅଣ୍ଡାର ଷ୍ଟକ୍ ଜବତ କରାଯିବ। ଏହି ଅଣ୍ଡା ଗୁଡ଼ିକୁ ନଷ୍ଟ କରାଯିବ କିମ୍ବା "ମାନବ ବ୍ୟବହାର ପାଇଁ ଅସୁରକ୍ଷିତ" ବୋଲି ସ୍ପଷ୍ଟ ଭାବରେ ଏକ ଲେବଲ୍ ସହିତ ଚିହ୍ନିତ କରାଯିବ। ବିଭାଗ କଠୋର ଯାଞ୍ଚ କରିବ ଏବଂ ଅପରାଧୀମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

# ବୃଦ୍ଧାବସ୍ଥାର ସାହାରା ସାଜିବ 'ଏସସିଏସଏସ'

ନୂଆଦିଲ୍ଲୀ, ୧୭।୩:ଚାକିରିରୁ ଅବସର ନେବା ପରେ ପ୍ରତି ମାସରେ ଦରମା ଆସିବା ବନ୍ଦ ହୋଇଯାଏ, ଯାହା ଫଳରେ ଅନେକ ବରିଷ୍ଠ ନାଗରିକ ନିଜର ଦୈନନ୍ଦିନ ଖର୍ଚ୍ଚ ଏବଂ ଜମା ପୁଞ୍ଜିର ସୁରକ୍ଷାକୁ ନେଇ ଚିନ୍ତାରେ ରୁହନ୍ତି। ଯଦି ଆପଣ ମଧ୍ୟ ନିଜ ସଞ୍ଚୟରୁ ଏକ ସୁରକ୍ଷିତ ଏବଂ ନିଶ୍ଚିତ ଆୟ ଚାହୁଁଛନ୍ତି, ତେବେ 'ସିନିୟର ସିଟିଜେନ୍ସ ସେଭିଙ୍ଗସ୍ ସ୍କିମ୍' (ଏସସିଏସଏସ) ଆପଣଙ୍କ ପାଇଁ ସବୁଠାରୁ ଭରସାଯୋଗ୍ୟ ବିକଳ୍ପ ସାଜିପାରେ। ପୋଷ୍ଟ ଅଫିସ୍ ଏବଂ ବ୍ୟାଙ୍କ ଜରିଆରେ ଉପଲବ୍ଧ ଏହି ସରକାରୀ ଯୋଜନାରେ ବର୍ତ୍ତମାନ ବାର୍ଷିକ ୮.୨ ପ୍ରତିଶତ ସୁଧ ମିଳୁଛି, ଯାହା ଅନ୍ୟ ସ୍ଥାୟୀ ଜମା (ଏଫଡି) ତୁଳନାରେ ଯଥେଷ୍ଟ ଅଧିକ। ଜଣେ ବ୍ୟକ୍ତି ଏସସିଏସଏସରେ ସର୍ବାଧିକ ୩୦ ଲକ୍ଷ ଟଙ୍କା ନିବେଶ କରିପାରିବେ। ୮.୨% (ବାର୍ଷିକ ସୁଧ ପ୍ରାୟ ୨.୪୬ ଲକ୍ଷ ଟଙ୍କା) ପ୍ରତି




୩ ମାସରେ ଥରେ ପ୍ରାୟ ୬୧,୫୦୦ ଟଙ୍କା ସୁଧ ଆକାରରେ ମିଳିବ। ଯଦି ଏହି ରାଶିକୁ ତିନି ମାସରେ ବିଭକ୍ତ କରାଯାଏ, ତେବେ ଆପଣଙ୍କୁ ପ୍ରତି ମାସରେ ପ୍ରାୟ ୨୦,୫୦୦ ଟଙ୍କା ମିଳିବ।

ବିଶେଷ କଥା ହେଉଛି, ଏହା ସରକାରୀ ସ୍କିମ୍ ହୋଇଥିବାରୁ ଏଥିରେ ସେୟାର ବଜାରର କୌଣସି ପ୍ରଭାବ ପଡ଼େ ନାହିଁ ଏବଂ ଆପଣଙ୍କ ଟଙ୍କା ସମ୍ପୂର୍ଣ୍ଣ ସୁରକ୍ଷିତ ରହେ। ୬୦ ବର୍ଷ ବା ତା' ଠାରୁ ଅଧିକ ବୟସ୍କ ବ୍ୟକ୍ତି ଏହି ସ୍କିମ୍‌ରେ ନିବେଶ କରିପାରିବେ। କିଛି କ୍ଷେତ୍ରରେ ୫୫ ବର୍ଷରୁ ଅବସର ନେଇଥିବା ବ୍ୟକ୍ତି ମଧ୍ୟ ସର୍ତ୍ତାବଳୀ ଅନୁଯାୟୀ ନିବେଶ କରିପାରିବେ। ନିବେଶ ସୀମା ସର୍ବନିମ୍ନ ୧୦୦୦ ଟଙ୍କାରୁ ଆରମ୍ଭ କରି ସର୍ବାଧିକ ୩୦ ଲକ୍ଷ ଟଙ୍କା ରହିଛି। ଆପଣ ଏହାକୁ ବ୍ୟକ୍ତିଗତ ଭାବେ କିମ୍ବା ନିଜ ଜୀବନସାଥୀଙ୍କ ସହ ମିଳିତ ଭାବେ ଖୋଲିପାରିବେ। ଏହି ଯୋଜନାରେ ନିବେଶ କଲେ ଆୟକର ଅଧିନିୟମର ଧାରା **80C** ଅନୁଯାୟୀ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟ୍ୟାକ୍ସ ଛାଡ଼ର ସୁବିଧା ମିଳିଥାଏ। ଏହାର ଅବଧି ୫ ବର୍ଷ ରହିଥାଏ, ଯାହାକୁ ପରବର୍ତ୍ତୀ ସମୟରେ ଆଉ ୩ ବର୍ଷ ପାଇଁ ବଢ଼ାଯାଇପାରିବ। ତେବେ ମନେ ରଖନ୍ତୁ, ଏଥିରୁ ମିଳୁଥିବା ସୁଧ ଆପଣଙ୍କ ଟ୍ୟାକ୍ସ ସ୍ଲାବ୍ ଅନୁଯାୟୀ ଟ୍ୟାକ୍ସଯୋଗ୍ୟ ଅଟେ। ଅବସର ପରେ ସମ୍ମାନର ସହ ଜୀବନ ଅତିବାହିତ କରିବା ପାଇଁ ଏହି ସ୍କିମ୍ ଏକ 'ବୁଢ଼ାବସ୍ଥାର ବାଡ଼ି' ସଦୃଶ। ଯଦି ଆପଣ ନିଜ ସଞ୍ଚୟକୁ ଏକ ସ୍ଥାୟୀ ପେନସନରେ ପରିଣତ କରିବାକୁ ଚାହୁଁଛନ୍ତି, ତେବେ ଆଜି ହିଁ ନିକଟସ୍ଥ ପୋଷ୍ଟ ଅଫିସ୍ କିମ୍ବା ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ।

# ଯୁଦ୍ଧ ପ୍ରଭାବରୁ ଏଲ୍‌ପିଜି ବ୍ୟବହାର ୧୮% କମିଲା



ନୂଆଦିଲ୍ଲୀ, ୧୭।୩: ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁଁ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏଥି ଯୋଗୁଁ ମାର୍ଚ୍ଚ ମାସର ପ୍ରଥମାର୍ଦ୍ଧରେ ଭାରତରେ ରନ୍ଧନ ଗ୍ୟାସ ଏଲ୍‌ପିଜି ବ୍ୟବହାର ୧୭.୭ ପ୍ରତିଶତ ହ୍ରାସ ପାଇଛି। ମାର୍ଚ୍ଚ ମାସର ପ୍ରଥମ ୧୫ ଦିନରେ ଏଲ୍‌ପିଜି ବ୍ୟବହାର ୧.୧୪୭ ନିୟୁତ ଟନ୍‌କୁ ହ୍ରାସ ପାଇଛି, ଯାହା ଗତ ବର୍ଷ ସମାନ ସମୟରେ ବ୍ୟବହୃତ ୧.୩୮୭ ନିୟୁତ ଟନ୍ ତୁଳନାରେ ୧୭.୩ ପ୍ରତିଶତ କମ୍। ସେହିଭଳି ଫେବ୍ରୁଆରି ମାସର ପ୍ରଥମାର୍ଦ୍ଧରେ ୧.୫୫୭ ନିୟୁତ ଟନ୍ ଚାହିଦା ତୁଳନାରେ ୨୬.୩ ପ୍ରତିଶତ କମ୍। ଭାରତ ଏହାର ଏଲପିଜି ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଆମଦାନି କରେ। ଅଧିକାଂଶ ଏଲ୍‌ପିଜି ହର୍ମୁଜ୍ ପ୍ରଣାଳୀ ଦେଇ ଆସେ। ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲର ଆକ୍ରମଣ ଏବଂ ଏହା ପରେ ତେହେରାନର ପ୍ରତିଆକ୍ରମଣ ଫଳରେ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସରୁ ଯୋଗାଣ ବାଧାପ୍ରାପ୍ତ ହେବା ସହିତ, ଘରୋଇ ରନ୍ଧନ ଗ୍ୟାସ ଉପଲବ୍ଧତାକୁ ଅବ୍ୟାହତ ରଖିବା ପାଇଁ ସରକାର ହୋଟେଲ ଏବଂ ଶିଳ୍ପ ଭଳି ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଏଲ୍‌ପିଜି ଯୋଗାଣ ହ୍ରାସ କରିଛନ୍ତି। ବଜାରର ପ୍ରାୟ ୯୦ ପ୍ରତିଶତ ନିୟନ୍ତ୍ରଣ କରୁଥିବା ତିନୋଟି ରାଷ୍ଟ୍ରାୟତ୍ତ ଇନ୍ଧନ ଖୁଚୁରା ବ୍ୟବସାୟୀଙ୍କ ପ୍ରାରମ୍ଭିକ ବିକ୍ରୟ ତଥ୍ୟ ଦର୍ଶାଉଛି ଯେ ମାର୍ଚ୍ଚ ୧ରୁ ୧୫ ମଧ୍ୟରେ ଏଲ୍‌ପିଜି ବ୍ୟବହାର ୨୦୨୪ର ସମାନ ଅବଧିର ଚାହିଦା ତୁଳନାରେ ୧୬ ପ୍ରତିଶତ ଏବଂ ମାର୍ଚ୍ଚ ୧-୧୫, ୨୦୨୩ ତୁଳନାରେ ୧୦.୬ ପ୍ରତିଶତ କମ୍ ଥିଲା। ଯୁଦ୍ଧ ପାଇଁ ଉପସାଗରୀୟ ଦେଶଗୁଡ଼ିକ ସେମାନଙ୍କ ଆକାଶ ମାର୍ଗକୁ ବନ୍ଦ କରିଥିଲେ। ଏଥିପାଇଁ ଚଳିତମାସର ପ୍ରଥମ ୧୫ ଦିନରେ ବିମାନ ଇନ୍ଧନ ବ୍ୟବହାର ଗତବର୍ଷର ଅବଧି ତୁଳନାରେ ୪ ପ୍ରତିଶତ ହ୍ରାସ ପାଇ ୩,୨୭,୯୦୦ ଟନ୍ ରହିଛି। ଏଲ୍‌ପିଜି ଓ ବିମାନ ଇନ୍ଧନ ବ୍ୟବହାର କରିବା ସମୟରେ ପେଟ୍ରୋଲ ବ୍ୟବହାର ୧୩.୨ ପ୍ରତିଶତ ବୃଦ୍ଧି ପାଇ ୧.୫ ନିୟୁତ ଟନ୍‌ରେ ଏବଂ ଡିଜେଲ ବ୍ୟବହାର ୮.୨ ପ୍ରତିଶତ ବୃଦ୍ଧି ପାଇ ୩.୩୮୪ ନିୟୁତ ଟନ୍‌ରେ ପହଞ୍ଚିଛି।

## ଅଥେଣ୍ଟିକେସନ ଥିଲେ ଏଲପିଜି ପାଇଁ ଇ-କେଓ୍ୱାଇସିର ଚିନ୍ତା ନାହିଁ

ନୂଆଦିଲ୍ଲୀ,୧୭।୩:ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ମଙ୍ଗଳବାର ବାୟୋମେଟ୍ରିକ ଆଧାର ଅଥେଣ୍ଟିକେସନ (ଇ-କେଓ୍ୱାଇସି)କୁ ନେଇ ବଡ଼ ଆଦେଶ ଜାରି କରିଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଇ-କେଓ୍ୱାଇସି କେବଳ ସେହ ଏଲପିଜି ଉପଭୋକ୍ତାଙ୍କ ପାଇଁ ଜରୁରୀ ଯେଉଁମାନେ ଏପର୍ଯ୍ୟନ୍ତ ଅଥେଣ୍ଟିକେସନ ପୂରା କରିନାହାନ୍ତି। ଏହି ନିୟମ ସବୁ ଗ୍ରାହକଙ୍କ ଉପରେ ଲାଗୁ ହେଉ ନାହିଁ। ପ୍ରକୃତରେ ସୋସିଆଲ ମିଡିଆରେ କିଛି ପୋଷ୍ଟରେ ଏଭଳି ଦାବି କରାଯାଇଥିଲା ଯେ, ସବୁ ଏଲପିଜି ଗ୍ରାହକଙ୍କୁ ବାୟୋମେଟ୍ରିକ ଆଧାର ଅଥେଣ୍ଟିକେସନ କରିବାକୁ ହେବ। ଯାହାପରେ ମନ୍ତ୍ରଣାଳୟ ସୋସିଆଲ ମିଡିଆରେ ଏହି ସ୍ପଷ୍ଟୀକରଣ ରଖିଛି। କାରଣ ସୋସିଆଲ ମିଡିଆରେ କରାଯାଉଥିବା ଦାବି ଅନେକ ଲୋକଙ୍କୁ ଅସୁବିଧାରେ ପକାଇପାରେ। ମନ୍ତ୍ରଣାଳୟ କହିଛି ଏହା କୌଣସି ନୂଆ ନିୟମ ନୁହେଁ। ନିକଟରେ କରାଯାଇଥିବା ପୋଷ୍ଟ ଦ୍ୱାରା ଅଧିକରୁ ଅଧିକ ଉପଭୋକ୍ତାଙ୍କୁ ବାୟୋମେଟ୍ରିକ ଆଧାର ଅଥେଣ୍ଟିକେସନ କରିନେବାକୁ ପ୍ରୋତ୍ସାହିତ କରିବା ପାଇଁ କରାଯାଇଥିଲା। କିନ୍ତୁ ସୋସିଆଲ ମିଡିଆରେ ଏହାକୁ ଭୁଲ ଭାବରେ ଦେଖାଯାଉଛି। ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ, ଇ-କେଓ୍ୱାଇସି କେବଳ ସେହି ଉପଭୋକ୍ତାଙ୍କ ପାଇଁ ଜରୁରୀ ଯେଉଁମାନେ ଏପର୍ଯ୍ୟନ୍ତ ଏହି ପ୍ରକ୍ରିୟା ପୂରା କରିନାହାନ୍ତି। ଯେଉଁମାନେ ପୂର୍ବରୁ ଅଥେଣ୍ଟିକେସନ କରିସାରିଛନ୍ତି, ସେମାନଙ୍କୁ ପୁଣି ଇ-କେଓ୍ୱାଇସି କରିବାର ଆବଶ୍ୟକତା ନାହିଁ। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜାନ (ପିଏମୟୁଓ୍ୱାଇ)ର ଲାଭାର୍ଥୀଙ୍କ ପାଇଁ ଏହି ନିୟମ ସୀମିତ। ମନ୍ତ୍ରଣାଳୟ ଅନୁସା ରେ, ପିଏମୟୁଓ୍ୱାଇ ଉପଭୋକ୍ତାଙ୍କୁ ଏହି ପ୍ରକ୍ରିୟା ବର୍ଷକୁ ଥରେ କରିବାକୁ ପଡ଼ିଥାଏ। ତେବେ ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଏହା ଯୋଗୁ ଏଲପିଜି ଯୋଗାଣ ଉପରେ କୌଣସି ପ୍ରଭାବ ପଡ଼ିବନି। ଅର୍ଥାତ ସିଲିଣ୍ଡର ଯୋଗାଣରେ କୌଣସି ଅସୁବିଧା ହେବନାହିଁ। ଆଧାର ଇ-କେଓ୍ୱାଇସି ଦ୍ୱାରା ଏଲପିଜି ସିଷ୍ଟମରେ ପାରଦର୍ଶିତ ଆସିଥାଏ। ଉଚିତ ଲୋକଙ୍କୁ ସବସିଡି ମିଳିଥାଏ। ଫେକ୍ ଗ୍ରାହକଙ୍କୁ ହଟାଯାଇଥାଏ ଏବଂ ସିଲିଣ୍ଡରକୁ ଭୁଲ ଉପାୟରେ ବିକ୍ରି ଉପରେ ରୋକ ଲାଗିଥାଏ।

# ଏଣିକି ପାଣିରୁ ତିଆରି ଗ୍ୟାସ୍‌ରେ ଦୌଡ଼ିବ ଟ୍ରେନ୍

ନୂଆଦିଲ୍ଲୀ, ୧୭।୩: ହେରିଟେଜ୍ ରୁଟ୍‌ରେ ଗର୍ଜିବ ସ୍ୱଦେଶୀ ହାଇଡ୍ରୋଜେନ ଟ୍ରେନ୍। ପ୍ରଦୂଷଣ ମୁକ୍ତ ହେବ ଯାତ୍ରା, ହରିୟାଣାରୁ ଆରମ୍ଭ ହେବ ପ୍ରଥମ ପ୍ରକଳ୍ପ। ଭାରତୀୟ ରେଳବାଇ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହେବାକୁ ଯାଉଛି। ଏଣିକି ଟ୍ରେନ୍ ଚଲାଇବା ପାଇଁ ଡିଜେଲ କିମ୍ବା ବିଦ୍ୟୁତ ଶକ୍ତିର ଆବଶ୍ୟକତା ପଡ଼ିବ ନାହିଁ। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଇଡ୍ରୋଜେନ ଟ୍ରେନ୍ ଖୁବ୍‌ଶୀଘ୍ର ଟ୍ରାକ୍‌ରେ ଦୌଡ଼ିବାକୁ ପ୍ରସ୍ତୁତ ହେଉଛି। ରେଳ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଆସନ୍ତା ଏପ୍ରିଲ ମାସରେ ଦେଶର ପ୍ରଥମ ହାଇଡ୍ରୋଜେନ ଟ୍ରେନର ଶୁଭାରମ୍ଭ ହୋଇପାରେ। ଏହି ଅତ୍ୟାଧୁନିକ ଟ୍ରେନ୍ ପ୍ରଥମେ ହରିୟାଣାର ଜିନ୍ଦ୍‌ରୁ ପାନିପଥ ରୁଟ୍‌ରେ ଚାଲିବ। ପ୍ରାୟ ୯୦ କିଲୋମିଟରର ଏହି ଯାତ୍ରା ପାଇଁ ଇଞ୍ଜିନରେ ୩୬୦ କିଲୋଗ୍ରାମ ହାଇଡ୍ରୋଜେନ ଗ୍ୟାସ୍ ଭର୍ତ୍ତି କରାଯିବ। ଚେନ୍ନାଇ ସ୍ଥିତ ଆଇସିଏଫ୍ (ଆଇସିଏଫ)ରେ ଜୁଲାଇ ୨୦୨୫ରେ ଏହାର ସଫଳ ପରୀକ୍ଷଣ ସରିଥିବା ବେଳେ, ପ୍ରଧାନମନ୍ତ୍ରୀ ଏହି ଐତିହାସିକ ପ୍ରକଳ୍ପର ଉଦ୍‌ଘାଟନ କରିବାର ସମ୍ଭାବନା ରହିଛି।

ଏକ ଡିଜେଲ ଇଲେକ୍ଟ୍ରିକ୍ ମଲ୍ଟିପୁଲ୍ ୟୁନିଟ୍ (ଡିଇଏମୟୁ)କୁ ପରିବର୍ତ୍ତନ କରି ଏହି ହାଇଡ୍ରୋଜେନ ଟ୍ରେନ୍ ପ୍ରସ୍ତୁତ କରାଯାଇଛି। ଏହାର ଇଞ୍ଜିନ ପ୍ରାୟ ୧୨୦୦ ହର୍ସପାଓ୍ୱାର ବିଶିଷ୍ଟ। ୨୦୩୦ ସୁଦ୍ଧା ଭାରତୀୟ ରେଳବାଇକୁ 'ଜିରୋ କାର୍ବନ' କରିବା ଲକ୍ଷ୍ୟରେ ଏହା ଏକ ବଡ଼ ପଦକ୍ଷେପ। ଏଥିରୁ କୌଣସି ବିଷାକ୍ତ ଧୂଆଁ ବାହାରିବ ନାହିଁ। ୧୨୦୦ ହର୍ସପାଓ୍ୱାରର 'ଗ୍ରୀନ୍ ଇଞ୍ଜିନ' ବିନା ଧୂଆଁରେ ଟ୍ରାକ୍‌ରେ ଦୌଡ଼ିବ। ରେଳ ମନ୍ତ୍ରଣାଳୟ ଏହି ପାଇଲଟ୍ ପ୍ରୋଜେକ୍ଟ ପାଇଁ ୧୫୦୦ କୋଟିରୁ ଅଧିକ ଟଙ୍କା ବଜେଟ୍ ରଖିଛି। 'ହାଇଡ୍ରୋଜେନ ଫର୍ ହେରିଟେଜ୍' ଅଭିଯାନ ଅଧୀନରେ ପ୍ରଥମ ପର୍ଯ୍ୟାୟରେ ୩୫ଟି ଟ୍ରେନ୍ ଚଲାଇବାକୁ ଯୋଜନା ରହିଛି। ଗୋଟିଏ ଟ୍ରେନ୍ ନିର୍ମାଣ ପାଇଁ ପ୍ରାୟ ୮୦ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଭିତ୍ତିଭୂମି ପାଇଁ ୭୦ କୋଟି ଟଙ୍କା ବ୍ୟୟ କରାଯାଉଛି। ଏହି ଟ୍ରେନ୍ ଗୁଡ଼ିକ ମୁଖ୍ୟତଃ ପାର୍ବତ୍ୟ ଅଞ୍ଚଳ ଏବଂ ଐତିହ୍ୟ ସମ୍ପନ୍ନ ରୁଟ୍‌ରେ ଚଲାଯିବ, ଯାହା ପର୍ଯ୍ୟଟକଙ୍କ ପାଇଁ ଏକ ନିଆରା ଅନୁଭୂତି ଆଣିଦେବ।





# ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ। ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ୍ୟ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

## ଉମାପଦା ଗ୍ରାମ ରତନା ପୋଖରୀ ଜଳର ଶୁଦ୍ଧ ଲାଗି ହେଲା ପୂଜାର୍ଚ୍ଚନା



ଯାଜପୁର ରୋଡ଼,୧୭।୩ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଂଚଳ ସହରର ୱାର୍ଡ଼ ନମ୍ବର-୧୬ ସ୍ଥିତ ଉମାପଦା ଗ୍ରାମର ରତନା ପୋଖରିର 'ଜଳ'ରେ ବିଗତ ହୋଲିପର୍ବ ଦିନ ଏକ ଯୁବକ ଏହି ପୋଖରୀରେ ବୁଡ଼ିଯାଇ ମୃତ ବରଣ କରିଥିଲା। ଫଳରେ ଏହି ପୋଖରୀ ଜଳକୁ ଅଂଚଳର ବିଭିନ୍ନ ଦେବଦେବୀ ଅନୁଷ୍ଠାନ ମାନଙ୍କରେ ପୂଜା ଉତ୍ସବ ପାଳନ କାର୍ଯ୍ୟପାଇଁ ବ୍ୟବହୃତ କରାଯାଉ ପାରୁନଥିଲା । ତେଣୁ ଗ୍ରାମ ତରଫରୁ ଏସବୁକୁ ଦୃଷ୍ଟିରେ ରଖି ଏଥିପାଇଁ ଏହି ଜଳର ଶୁଦ୍ଧତା ଆଣିବା ଲାଗି ଓ ଏହି ଜଳର ହୋଇଯାଇଥିବା ଦୋଷତ୍ରୁଟିର ସଂଶୋଧନ କରିବା ପାଇଁ ଗ୍ରାମର ମୁରବୀତୁଲ୍ୟ ତଥା ରତ୍ନେଶ୍ୱର ମହାଦେବ ମନ୍ଦିର ବୋର୍ଡର ଅଧ୍ୟକ୍ଷ ଶ୍ରୀ ଶ୍ରୀ ଗୋରାଙ୍ଗ ଧିର'ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଅଂଚଳର ଜଣାଶୁଣା ଜ୍ଞାନି ବ୍ରାହ୍ମଣଙ୍କ ଦ୍ୱାରା ପୋଖରୀ ଜଳକୁ ସୁଦ୍ଧକରିବା ପାଇଁ ଆଜି ହୋମଯଜ୍ଞ ଆରମ୍ଭ ହୋଇ ଆଜି ସମାପନ ହୋଇଯାଇଛି। ଏହି ଶୁଭକାମରେ ଗ୍ରାମର ବାସିନ୍ଦାମାନେ ଉପସ୍ଥିତ ରହିଥିଲେ।।

### ଅଭାବୀ ବିକ୍ରିର ସମ୍ମୁଖୀନ ଟମାଟୋ ଚାଷୀ

# ବଜାରରେ ୨୦, ବିଲ ମୁଣ୍ଡରେ ୨ ଟଙ୍କା

**ଚାଷ ଖର୍ଚ୍ଚ ଦୂରକଥା, ତୋଳିବା ଖର୍ଚ୍ଚ ଉଠୁନି**

**ଶୀତଳଭଣ୍ଡାର ନାହିଁ, ଚାଷୀ ହତାଶ**



କାକଟପୁର/ଅସ୍ତରଙ୍ଗ,୧୭।୩ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ପରିବା ବଜାର ରେ ଟମାଟୋ ଦର କେଜି ପିଛା ୨୦ଟଙ୍କା। ହେଲେ ଅସ୍ତରଙ୍ଗ ବଜାର ଠାରୁ ୪କିଲୋ ମିଟର ଦୂର ଖଣ୍ଡାସାହି, ବେଗୁନିଆବଣ୍ଡ ଅଞ୍ଚଳ ଚାଷୀଙ୍କ ବିଲ ମୁଣ୍ଡରେ କେଜି ପିଛା ମାତ୍ର ୨ଟଙ୍କା। ଅମଳ ସମୟରେ ସଂରକ୍ଷଣର ବ୍ୟବସ୍ଥା ନଥିବାରୁ ଦର କମୁଛି ବେପାରୀ ଙ୍କ ଜୁଲମ୍ ଆଗରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ଚାଷ ଖର୍ଚ୍ଚ ଦୂରର କଥା ତୋଳିବା ଖର୍ଚ୍ଚ ମଧ୍ୟ ଉଠୁନି। ଖାଦ୍ୟ ଯୋଗାଣ ବିଭାଗର ଦୃଷ୍ଟି ଦେଉନଥିବାରୁ ଅସ୍ତରଙ୍ଗ ବ୍ଲକ ଅଂଚଳର ଶତାଧିକ ଟମାଟୋ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି।

ଧାନ ଅମଳ ପରେ ଚାଷୀ ବିଭିନ୍ନ ଫସଲ କରିଥାନ୍ତି। ପ୍ରାୟତଃ ବାଇଗଣ, କୋବି, ଟମାଟୋ, ଭିଣ୍ଡି ଆଦି ଚାଷ ହୁଏ। ଅସ୍ତରଙ୍ଗ ବ୍ଲକ ଅଂଚଳରେ ପନିପରିବା ଚାଷ ହେଉଥିବା ବେଳେ ବେଗୁନିଆବଣ୍ଡ, ଖଣ୍ଡାସାହି, ଓସ୍ତପୁର, ଝାରିଆ, ଓସିଆ ନଦୀ ପଠା ରେ ବହୁଳ ଭାବେ ପନିପରିବା ଚାଷ ହୋଇଥାଏ। ଅଦିନିଆଁ ବର୍ଷା ରେ ଧାନ ନଷ୍ଟ ଶହ ଏଫଏକ୍ସ ମାନଙ୍କୁ ଡରି ଅନେକ ଚାଷୀ ଦଲାଲ ହାତରେ ଧାନ ବେକିଦେଇଥିଲେ। ଆଶା ଥିଲା ପରବର୍ତ୍ତୀ ଫସଲ ରେ ଦୁଇ ପଇସା ପାଇଲେ ପରିବାର ଚଳିବ। ଅମଳ ବେଳକୁ କିନ୍ତୁ ଅଭାବୀ ବିକ୍ରି ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି।

ବେଗୁନିଆବଣ୍ଡ ଅଞ୍ଚଳର ଚାଷୀ ପଦ୍ମଚରଣ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ କହିଛନ୍ତି, ଟମାଟୋ ଚାଷ ପାଇଁ ଏକର ପିଛା ୨୫ରୁ ୩୦ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏବେ ଅମଳ ବେଳକୁ ଦର ୨ଟଙ୍କା ହୋଇଯିବାରୁ ଚିନ୍ତାରେ ପଡ଼ିଛୁ। ଅନ୍ୟ ଫସଲ ଭଳି ଏହା ଅଧିକ ଦିନ ରହିପାରିବ ନାହିଁ। ପଚିଯିବା ପୂର୍ବରୁ ବାଧ୍ୟ ହୋଇ ୨ଟଙ୍କା ରେ ବିଲ ପାଖରେ ବେପାରୀଙ୍କୁ ବିକୁଛୁ। ବେପାରୀ ୨୫କେଜି ଟ୍ରେ ପିଛା ଶହେରୁ ୧୨୦ପର୍ଯ୍ୟନ୍ତ ଦେଉଛନ୍ତି। ତୋଳିବା ମଜୁରୀ ବି ଉଠୁନି। ଚାଷୀ ଆଉ ତୋଳୁନଥିବାରୁ ଟମାଟୋ ବିଲରେ ପଚୁଛି। ଏବେ ପ୍ରଚୁର ଅମଳ ହେଉଥିବା ବେଳେ ଦର ୨ଟଙ୍କା ହୋଇଥିବାରୁ ବାଧୁଥିବା ଚାଷୀ ପୀତବାସ ସ୍ୱାଇଁ କହିଛନ୍ତି।ଶୀତଳ ଭଣ୍ଡାର ନଥିବାରୁ ଚାଷୀ ନିରୁପାୟ ହୋଇପଡୁଛି। ବେପାରୀ ମାତ୍ର ୨ଟଙ୍କାରେ କିଣି ବଜାର ରେ ଅଧିକ ଦରରେ ବିକ୍ରି କରୁଛନ୍ତି। ଚାଷୀ ହିଁ କେବଳ ଅଭାବୀ ବିକ୍ରିର ଶିକାର ହେଉଛି।

ଏପଟେ ବଜାର ରେ ଦର ପୂର୍ବ ଅପେକ୍ଷା କମିଥିଲେ ବି ଏବେ ଟମାଟୋ କେଜି ପିଛା ୧୫ରୁ ୨୦ଟଙ୍କା ରହିଛି। ଅସ୍ତରଙ୍ଗ ପରିବା ହାଟରେ କେଉଁଠି କେଜି ୨୦ଟଙ୍କା ରହିଥିବା ବେଳେ କେଉଁଠି ଦେଢ଼ କେଜିକୁ ୨୦ଟଙ୍କା ବିକ୍ରି ହେଉଥିଲା। ଚାଷୀର ବିଲ ମୁଣ୍ଡରେ ମାତ୍ର ୨ଟଙ୍କା ରହିଥିବା ବେଳେ ବଜାରରେ ୨୦ଟଙ୍କା ଆଶ୍ଚର୍ଯ୍ୟ କରୁଛି। ପରିବା ଯୋଗାଣ ବିଭାଗ ଏବଂ ନିୟନ୍ତ୍ରୀତ ବଜାର କମିଟିର ଅବହେଳା ଯୋଗୁଁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ ହେଉଛି। ଅନ୍ୟ ପଟେ ଗରାଖ ମଧ୍ୟ ଅଧିକ ଦାମ୍ ଦେଇ କିଣୁଛନ୍ତି। ସ୍ଥାନୀୟ ଅଞ୍ଚଳ ବାସୀ ଦାବୀ କରିଛନ୍ତି ଅସ୍ତରଙ୍ଗ ବ୍ଲକ ଅଂଚଳରେ ଏକ ଶୀତଳ ଭଣ୍ଡାର ହେଲେ ଚାଷୀ ଉପକୃତ ହୋଇପାରିବେ।

### ଏମିତି ଆସେ ମୃତ୍ୟୁ

## ବାପାଙ୍କୁ ମୁଖାଗ୍ନି ଦେଇ ଗାଧୋଇବା ବେଳେ ପୋଖରୀରେ ବୁଡି ପୁଅର ମୃତ୍ୟୁ



ଢେଙ୍କାନାଳ,୧୭।୩ (ସଂଚାର ବ୍ୟୁରୋ): ଢେଙ୍କାନାଳ ସହରର କୋରିଆଁରେ ମର୍ମନ୍ତୁଦ ଅଘଟଣ। ଶ୍ମଶାନରେ ବାପାଙ୍କୁ ମୁଖାଗ୍ନି ଦେଇ ଗାଧୋଇବା ବେଳେ ପୋଖରୀରେ ବୁଡ଼ି ପୁଅର ମୃତ୍ୟୁ। ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ କୋରିଆଁ ରେ ଘଟିଛି ଏପରି ଅଭାବନୀୟ ଘଟଣା। ଜାଗାକୁ ନେଇ ସମ୍ପୂର୍ଣ୍ଣ ଗ୍ରାମବାସୀ ମର୍ମାହତ ହୋଇପଡିଛନ୍ତି ।

ସୂଚନା ମୁତାବକ, କୋରିଆଁ ସୁଶାନ୍ତ ସାହୁଙ୍କ ବାପାଙ୍କର ବାର୍ଦ୍ଧକ୍ୟ ଜନିତ କାରଣରୁ ଆଜି ସକାଳେ ମୃତ୍ୟୁ ଘଟିଥିଲା। ତେବେ ବାପାଙ୍କୁ ଗାଁ ସ୍ମଶାନରେ ଶବ ଦାହ ପାଇଁ ମୁଖାଗ୍ନି ଦେଲେ ସୁଶାନ୍ତ ।ପରେ ଗାଁ ପୋଖରୀକୁ ଗାଧୋଇ ବାକୁ ଯାଇ ଯାଇଥିଲେ ୪୫ବର୍ଷୀୟ ସୁଶାନ୍ତ। ମାତ୍ର ପୋଖରୀରେ ବୁଡ଼ିଯାଇଥିଲେ। ଗ୍ରାମବାସୀ ଖୋଜାଖୋଜି କରି ପୋଖରୀରୁ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।ମାତ୍ର ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ପରେ ଟାଉନ ପୁଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି। ଏପରି ଅଭାବନୀୟ ଘଟଣାକୁ ନେଇ କୋରିଆଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଆମିଗୋସ ସଲ୍ୟୁସନ ପ୍ରାଇଭେଟ୍‌କୁ ବ୍ଲାକ୍‌ଲିଷ୍ଟ କରିବାକୁ ଦାବି



ଢେଙ୍କାନାଳ,୧୭।୩ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ ଆମିଗୋସ ସଲ୍ୟୁସନ ପ୍ରାଇଭେଟ ଲିମିଟେଡ଼ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦ୍ୟେଶରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାଇ, ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଭୋକେଶନାଲ ଶିକ୍ଷାର ପରିଚାଳନା ପାଇଁ ଦାଇତ୍ୱ ପାଇଥିବା ସଂସ୍ଥା ଆମିଗୋସ ସଲ୍ୟୁସନ ପ୍ରାଇଭେଟ ଲିମିଟେଡ଼ରେ ବ୍ୟାପକ ଆର୍ଥିକ ଅନିୟମିତତା ହେଉଛି। ନିଯୁକ୍ତି ନାମରେ ସଂସ୍ଥାର ନିର୍ଦ୍ଦେଶକ ବହୁ ଆଶାୟୀ ପ୍ରାର୍ଥୀଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ହଡପ କରୁଛନ୍ତି। ଓସେପା ଦ୍ୱାରା ଟେଣ୍ଡର ପ୍ରକ୍ରିୟାରେ ଉତ୍ତୀର୍ନ ହେବାପାଇଁ ସମ୍ପୃକ୍ତ ସଂସ୍ଥା ଜାଲ ପ୍ରମାଣପତ୍ର ବ୍ୟବହୃତ କରୁଛି। ବାରମ୍ବାର ଏ ନେଇ କତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ଏଥିସହ ଘଟଣାର ତଦନ୍ତ କରାଯାଇ ସମ୍ପୃକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ କରାଯାଇ ଠକାମୀର ଶିକାର ହୋଇଥିବା ପ୍ରାର୍ଥୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ନ ହେଲେ ଆସନ୍ତା ୭ଦିନ ମଧ୍ୟରେ ଗଣ ଆନ୍ଦୋଳନ କରାଯିବ ବୋଲି ଏକ ଦାବିପତ୍ର ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି।

## ପୂର୍ବତନ ବାଚସ୍ପତି ରବି ରାୟଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଙ୍କୁ ନିବେଦନ

ଖୋରଧା, ୧୬।୩ (ସଂଚାର ବ୍ୟୁରୋ): ଓଡିଶା ସରକାର ଆମ ରାଜ୍ୟର ବିଭିନ୍ନ ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଅତ୍ୟନ୍ତ ସ୍ୱାଗଯୋଗ୍ୟ ବୋଲି ଉତ୍ତର ଓଡ଼ିଶାର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି କହିଛନ୍ତି। ଅବିଭକ୍ତ ପୁରୀ ଜିଲ୍ଲା ବର୍ତ୍ତମାନର ଖୋର୍ଦ୍ଧା ଜିଲ୍ଲାରେ ଜନ୍ମିତ ସ୍ୱର୍ଗତ ରବିରାୟ, ବାଚସ୍ପତି, କେନ୍ଦ୍ରମନ୍ତ୍ରୀ, ସମାଜବାଦୀ ଓ ଗାନ୍ଧୀବାଦୀ ନେତା ଭାବେ ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ। ସେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରିବାସହ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହଙ୍କ ସମୟରେ ନବମ ଲୋକସଭାରେ ବାଚସ୍ପତି ଭୂମିକାକୁ ସୁଚାରୁ ଭାବେ ତୁଲାଇଥିଲେ। ତାଙ୍କର ବାଚସ୍ପତି ସମୟରେ ସେ ନିଜ ମା ମାଟି ତଥା ନିଜ ଅଞ୍ଚଳର ଲୋକମାନଙ୍କର ସେବାରେ ନିଜକୁ ନିୟୋଜିତ କରିବା ସହ ଜଣେ ଗାନ୍ଧିବାଦୀ ନେତା ଭାବରେ ନିଜକୁ ପ୍ରତିପାଦିତ କରିଥିଲେ। ଏଭଳି ଜଣେ କିମ୍ବଦନ୍ତୀ ପୁରୁଷଙ୍କର ପ୍ରତିମୂର୍ତ୍ତି ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ମେଜର ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ଅନୁରୋଧ କରିଛନ୍ତି।

## ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା,୧୭।୩(ସଂଚାର ବ୍ୟୁରୋ): ଆସନ୍ତା ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳନକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟର ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମାଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡ଼ା ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ମତାମତ ପ୍ରଦାନ କରିଥିଲେ। ବୈଠକରେ ଓଡିଶା ଦିବସ ଅବସରରେ ପ୍ରଭାତ ଫେରି ଆୟୋଜନ, ସହରରେ ଅବସ୍ଥିତ ବିଭିନ୍ନ ମହାପୁରୁଷଙ୍କ ପ୍ରତିର୍ମୂରେ ମାଲ୍ୟାର୍ପଣ, ସାଧାରଣ ସଭା, ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋଚନା ହୋଇଥିଲା।

ଜିଲ୍ଲାପାଳ ଶ୍ରୀ ଆୟର ଓଡିଶା ଦିବସ ଏବଂ ଜିଲ୍ଲା ପ୍ରତିଷ୍ଠା ଦିବସକୁ ଶୃଙ୍ଖଳାପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅଗ୍ରିମ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ସ୍ମରଣୀୟ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଗ୍ରହଣ କରାଯାଉଛି ।

## ଦିଲ୍ଲୀପଙ୍କ ବିଜୟରେ କୁସୁମ ସମର୍ଥକଙ୍କ ବିଜୟ ଉତ୍ସବ



ସୁନ୍ଦରଗଡ଼, ୧୭।୩ (ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନରେ ଦିଲ୍ଲୀପ ରାଏଙ୍କ ବିଜୟ ପରେ ଆଜି ପୂର୍ବତନ ବିଧାୟିକା କୁସୁମ ଟେଟେଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହର ଖେଳିଯାଇଛି, ସ୍ଥାନୀୟ ଅଟଳ ଛକ ନିକଟରେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲଙ୍କ ନେତୃତ୍ୱରେ ହଜାର ହଜାର ବିଜେପି କାର୍ଯ୍ୟକର୍ତ୍ତା ରଙ୍ଗ ଖେଳି ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଛନ୍ତି,ଏହା ସହ ସ୍ଥାନୀୟ ମହାବୀର ମନ୍ଦିର ରେ ଦୀପଦାନ କରିଛନ୍ତି, ଏହି ଅବସରରେ ଶ୍ରୀ ପଟେଲ କହିଛନ୍ତି ସୁନ୍ଦରଗଡ଼ ମାଟିର ପୁଅ ଦିଲ୍ଲୀପ ରାଏଙ୍କୁ ସମସ୍ତେ ଦଳମତ ନିର୍ବିଶେଷରେ ଭଲ ପାଆନ୍ତି ତେଣୁ ସବୁଦଳର ବିଧାୟକଙ୍କ ସମର୍ଥନ ତାଙ୍କୁ ମିଳିଛି, ଏହା ସୁନ୍ଦରଗଡ଼ ପାଇଁ ବରଦାନ, ଆଗାମୀ ଦିନରେ ଦିଲ୍ଲୀପ ରାଏଙ୍କ ଅଭିଜ୍ଞତା ଦୃଷ୍ଟିରୁ ସୁନ୍ଦରଗଡ଼ ଜିଲ୍ଲା ବିକାଶରେ ସାମିଲ ହେବା ସହ ଦୁଇ ସାଂସଦ ମଧ୍ୟରୁ ଜୁଏଲ ଓରାମ କେନ୍ଦ୍ରମନ୍ତ୍ରୀ ଥିବାରୁ ସୁନ୍ଦରଗଡ଼ ଜିଲ୍ଲା ଏକ ଶ୍ରେଷ୍ଠ ଜିଲ୍ଲାରେ ପରିଣତ ହେବ ।

## ମଣ୍ଡିରେ ଧାନ ଦେବାରେ ବାଧକ ସାଜିଛି ଉତ୍ତରାଧିକାରୀ ସାର୍ଟିଫିକେଟ୍

### ସରଳୀକରଣ ପାଇଁ ଦାବି



ବାଲିଆପାଳ,୧୭।୩ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅଧିନରେ ୨୮ ପଞ୍ଚାୟତରେ ଥିବା ୧୬ଟି ସେବା ସମବାୟ ସମିତି ମଧ୍ୟରୁ ପ୍ରତାପପୁର ସମବାୟ ସମିତି ଅନ୍ୟତମ। ପ୍ରତାପପୁର, ଅଁଳାଡିହା, ବେତଗଡ଼ିଆ, ଜଗତିପୁର, ବଡାଶ ଏହି ପାଞ୍ଚଟି ପଞ୍ଚାୟତର ପ୍ରାୟ ୨୧୦୦ ରୁ ଉର୍ଦ୍ଧ୍ୱ ଚାଷୀ ରହିଥିବା ବେଳେ ଚଳିତ ବର୍ଷ ଖରିଫ ଧାନ ପାଇଁ ୧୭୬୦ ଜଣ ଚାଷୀଙ୍କର ପଞ୍ଜିକୃତ ହୋଇଛି। ଅନ୍ୟ ହିତାଧିକାରୀ ପଞ୍ଜିକୃତରୁ ବାଦ ପଡ଼ିବାର କାରଣ ସେମାନଙ୍କ ନାମରେ ଟୋକନ ଆସିନାହିଁ।

୨୦୨୫ରେ ସରକାରଙ୍କ ନୂଆ ନିୟମ ଅନୁଯାୟୀ ନିଜ ନାମରେ ଥିବା ଜମି ପଟ୍ଟା ମାଧ୍ୟମରେ ମଣ୍ଡିରେ ଧାନ ବିକ୍ରୀ ପାଇଁ ପଞ୍ଜିକୃତ କରିପାରିବା ସହିତ ସହମତି ପତ୍ର ମାଧ୍ୟମରେ ଧାନ ଖାତା ଖୋଲାଯାଇ ପାରିବ। ମାତ୍ର ବହୁ ହିତାଧିକାରୀ ତହସିଲ କାର୍ଯ୍ୟାଳୟରୁ ନିରାଶ ହେବା, ପାରିବାରିକ ସମସ୍ୟା, ପରିବାରର ଅନ୍ୟ ସଦସ୍ୟମାନେ ବାହାରେ ରହୁଥିବାରୁ ଲିଗାଲିହାର ସାର୍ଟିଫିକେଟ ଏଯାବତ ୭୦ ପ୍ରତିଶତ ହୋଇପାରିନାହିଁ। ଯଦିଓ ରାଜସ୍ୱ ବିଭାଗ ପକ୍ଷରୁ ବାପାଙ୍କ ନାମରେ ଥିବା ସମ୍ପତିରୁ ସମସ୍ତ ଅଂଶିଦାରଙ୍କ ନାମରେ ନାମିତ କରାଯାଉଛି ତାହା ବାଲିଆପାଳ ବ୍ଲକ ରେ ୨୦/୩୦ ପ୍ରତିଶତ ଲୋକଙ୍କ ହୋଇଛି ଏବଂ ଅନ୍ୟ ମାନଙ୍କ ପ୍ରକ୍ରିୟା ଜାରି ରହିଛି ବୋଲି ତହସିଲଦାର ଜ୍ୟୋସ୍ନା ରାଣୀ ନାୟକ କହିଛନ୍ତି। ମାତ୍ର ଏଠାରେ ଚାଷୀ ମଣ୍ଡିରେ ଧାନ ଦେବାରୁ ବଞ୍ଚିତ ହୋଇଥିବା ଚାଷୀ ମାନେ ବାଧ୍ୟ ହୋଇ କମ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ବାଦ ପଡ଼ିଥିବା ଟୋକନ ପାଇନଥିବା ଚାଷୀ ମଣ୍ଡିରେ ଧାନ ଦେବାର ସରଳୀକରଣ କରାଇବା ପାଇଁ ସରକାରଙ୍କୁ ଦେବେନ୍ଦ୍ର ରାଉତ, ବିଜୟ କୁମାର ସାହୁ, ଶାନ୍ତନୁ ମହାପାତ୍ର, ସାନୁଜ ପାତ୍ର, ଅଜୟ କୁମାର ମହାପାତ୍ର, ରାଜେନ୍ଦ୍ର ବାରିକ, ଅଜିତ କୁମାର ପାତ୍ର, ପରମେଶ୍ୱର ସାମନ୍ତ ରାୟ ପ୍ରମୁଖ ଦାବି କରିଛନ୍ତି।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



ମାହାଙ୍ଗା, ୧୭।୩ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁହୁଣ୍ଡା ପଞ୍ଚାୟତ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଧଉଳିଆ ପରିସରରେ ମୂଳବସନ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମନୋରମା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥିଭାବେ କ୍ଲଷ୍ଟର ସଂଯୋଜକ ଅରୁଣ କୁମାର ନାୟକ ଯୋଗଦେଇ ଏହି କର୍ମଶାଳାକୁ ଉଦ୍‌ଘାଟନ କରିବା ସହ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ସୁକାନ୍ତ କୁମାର ବେହୁରା, ଅନୁସଙ୍ଗୀତା ଦଳାଇ, ଦ୍ରୌପଦୀ ମହାପାତ୍ର, ସନ୍ଧ୍ୟାରାଣୀ ଦାସ, ପିନାକୀନୀ ଦାଶ, ଶସ୍ମିତା ଦାସ, ଆରତୀ ସେନାପତି, ମମତା ସାମଲ, ନିହାର ରଞ୍ଜନ ବିଶ୍ୱାଳ, ସଞ୍ଜୀବ କୁମାର ଦେବଗମ, ରଞ୍ଜନ କୁମାର ସେଠୀ, ଅରୁଣ କୁମାର ନାୟକ, ବିସ୍ମିତା ବରାଳ, ସୁବର୍ଣ୍ଣା ମଞ୍ଜରୀ ମଲିକ ପ୍ରମୁଖ ଉପସ୍ଥିତ ରହି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ।

## ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



କେନ୍ଦ୍ରାପଡା, ୧୬।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ତରଫରୁ ଜିଲ୍ଲାରେ ଓଡିଶା ପାଠ୍ୟକ୍ରମ ରୂପରେଖ ୨୦୨୫-୨୬ ଉପରେ ନୂତନ ପାଠ୍ୟକ୍ରମ (ପ୍ରଥମରୁ ଅଷ୍ଟମ ଶ୍ରେଣୀ) ସଂଚାଳନ ନିମନ୍ତେ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷା ଅଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଏଥିରେ ଅନ୍ୟତମ ଅତିଥି ଭାବେ ବଳଦେବ ପ୍ରସାଦ ଜେନା (ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ), କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମଦନ ମୋହନ କର ପ୍ରମୁଖ ଅତିଥି ଯୋଗ ଦେଇ ଉପସ୍ଥିତ ଥିବା ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ନୂତନ ପାଠ୍ୟକ୍ରମ ବିଷୟରେ ଅବଗତ କରାଇ ଥିଲେ। ଏଥିରେ ୩ ଜଣ ରାଜ୍ୟ ସ୍ତରରେ ପ୍ରଶିକ୍ଷଣ ପାଇଥିବା ପ୍ରଶିକ୍ଷକ ଜିତେନ୍ଦ୍ର କୁମାର ତ୍ରିପାଠୀ, କାକୁଳି ମଲିକ, ସଂଜ୍ଞା ସାଗରିକା ନାୟକ ଯୋଗ ଦେଇଥିବା ୫୦ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ଚଳିତ ବର୍ଷ ୨୦୨୫- ୨୬ ନୂତନ ଶିକ୍ଷା ନୀତି ଉପରେ ଆଧାରିତ ଥିବା ପୁସ୍ତକ ଗୁଡିକୁ କିଭଳି ଭାବରେ ପିଲା ମାନଙ୍କୁ ଶିକ୍ଷାଦାନ କରାଯିବ ସେ ସଂପର୍କରେ ବିଶଦ ଭାବେ ଆଲୋଚନା କରା ଯାଇଥିଲା । ସହକାରୀ ଶିକ୍ଷକ ମହମ୍ମଦ ଅଜଗର ଅଲ୍ଲୀ, ଅନନ୍ତ କୁମାର ପରିଡ଼ା, ବିଷ୍ଣୁ ଚରଣ ସାମଲ ପ୍ରମୁଖ ସହଯୋଗ କରିଥିଲେ ।

## ପୁସ୍ତକ 'କବିତା କସ୍ତୁରୀ' ଉନ୍ମୋଚିତ



କେନ୍ଦ୍ରାପଡ଼ା,୧୬।୩(ସଂଚାର ବ୍ୟୁରୋ): ସଦଗୁରୁ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଐତିହାସିକ ଜଲୌକା ଆନନ୍ଦଧାମରେ ବାବାଙ୍କ ଆଶ୍ରିତ ମହାବୀର ସତ୍ୟସେବା ମଣ୍ଡଳର ଗୁରୁଭାଇ କେଶବ ସେଠୀଙ୍କ ତୃତୀୟ ସୃଷ୍ଟି କବିତା ପୁସ୍ତକ "କବିତା କସ୍ତୁରୀ" ଉନ୍ମୋଚିତ ହୋଇଯାଇଛି।

ଏହି ଉପଲକ୍ଷେ ପଣ୍ଡିତ ହୃଷୀକେଶ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କଟକ ରାଧାନାଥ ଉଚ୍ଚତର ଶିକ୍ଷାନୁଷ୍ଠାନର ସହକାରୀ ପ୍ରାଧ୍ୟାପକ ଡ଼. ଅଭୟ କୁମାର ରାଉତ ମୁଖ୍ୟ ଅତିଥି, କବି ମେଜର ଭରତ ଚନ୍ଦ୍ର ଜେନା ମୁଖ୍ୟବକ୍ତା, କବି ନିକୁଞ୍ଜ ବିହାରୀ ପୃଷ୍ଟି ପୁସ୍ତକ ସମୀକ୍ଷକ, ଶିକ୍ଷବିତ ମନୋରଞ୍ଜନ ତ୍ରିପାଠୀ, ଶରତ କୁମାର ରାଉତ, ଅଧ୍ୟାପକ ଦୀପକ କୁମାର ଓଝା ଓ ବ୍ୟଙ୍ଗକବି ଶ୍ରୀଧର କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକଟିକୁ ଲୋକାର୍ପିତ କରିଥିଲେ। ସର୍ବ ପ୍ରଥମେ ସଦଗୁରୁ ବୈକୁଣ୍ଠନାଥଙ୍କ ପୂଜା ଆରାଧନା କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଗୁରୁବନ୍ଦନା ଗାନ କରାଯାଇ ପୁସ୍ତକ ଲୋକାର୍ପଣ କରାଯାଇଥିଲା । ଅତିଥିମାନେ କବିତା ପୁସ୍ତକଟିରେ ସ୍ଥାନ ପାଇଥିବା ବିଷୟବସ୍ତୁ ଉପରେ ଆଲୋଚନା କରି ଏହି କବିତା ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବା ସହ ସମାଜ ସଂସ୍କାର କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହେବ ବୋଲି ମତ ରଖିଥିଲେ।

# ଜିନ୍ଦଲ୍ ଷ୍ଟେନଲେସରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ଯାଜପୁର,୧୭।୩ (ସଂଚାର ବ୍ୟୁରୋ): ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଜିନ୍ଦଲ ଷ୍ଟେନଲେସରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ହୋଇଯାଇଛି। ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଏବଂ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଦ୍ୱାରା ମହିଳା ସଶକ୍ତିକରଣ ଏବଂ ସାମୂହିକ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏହାରମୁଳ ଲକ୍ଷ୍ୟ । ଜିନ୍ଦଲ ଷ୍ଟେନଲେସ ପକ୍ଷରୁ ପ୍ଲାଣ୍ଟ ପରିସରରେ "ଅଧିକାର, ନ୍ୟାୟ, କାର୍ଯ୍ୟ- ସମସ୍ତ ମହିଳା ଏବଂ ବାଳିକାମାନଙ୍କ ପାଇଁ" ବିଷୟବସ୍ତୁ ଉପରେ ମହିଳା ଦିବସ ପାଳନ କରିଥିଲା। ଏହି କାର୍ଯ୍ୟକ୍ରମରେ ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ ଏବଂ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପ-କୁଳପତି ଡକ୍ଟର ସବିତା ଆଚାର୍ଯ୍ୟ ଯୋଗ ଦେଇଥିଲେ । ଜ୍ଞାନ ଏବଂ ସକାରାତ୍ମକତାର ପ୍ରତୀକ ସ୍ୱରୂପ ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ସହିତ ଏହି ଉତ୍ସବ ର ଶୁଭାରମ୍ଭ କରିଥିଲେ। ସମାଜ ଏବଂ କର୍ମକ୍ଷେତ୍ରରେ ମହିଳାମାନଙ୍କର ବିବର୍ତ୍ତିତ ଭୂମିକା ଉପରେ ଆଲୋକପାତ କରି ଶ୍ରୀମତୀ ଆଚାର୍ଯ୍ୟ ନିଜର ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମହିଳା କର୍ମଚାରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉତ୍କର୍ଷତାକୁ ସମ୍ମାନିତ କରିବା ପାଇଁ, ପନ୍ଦର ଜଣ ମହିଳା କର୍ମଚାରୀଙ୍କୁ ସେମାନଙ୍କର ଅସାଧାରଣ ନିଷ୍ଠା, ଆନ୍ତରିକତା ଏବଂ ସଂଗଠନ ଅଭିବୃଦ୍ଧିରେ ଅବଦାନ ପାଇଁ "ବର୍ଷର ମହିଳା କର୍ମଚାରୀ" ଭାବରେ ସମ୍ମାନିତ କରାଯାଇଥିଲା।

ଏତଦବ୍ୟତୀତ, ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଦ୍ୱାରା ଦାନଗଦୀ ସ୍ଥିତ ରୟାଲ ତାଜ ପ୍ୟାଲେସରେ ମହିଳା ଦିବସ ପାଳନ ଅବସରରେ ଏକ ବିଶାଳ ସାମୁହିକ ଉତ୍ସବ ଆୟୋଜନ କରାଯାଇଥିଲା, ଯେଉଁଥିରେ ଆଖପାଖ ଅଞ୍ଚଳର ୫୨୦ରୁ ଅଧିକ ମହିଳା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଦାନଗଦି ବ୍ଲକ୍‌ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ ଉଦଘାଟନ କରିଥିଲେ, ଯେଉଁଥିରେ ପ୍ରଶାନ୍ତ କୁମାର ରାୟ, ରୋଜାଲିନ୍ ଭୂୟାଁ, ପ୍ରଣତି ସାହୁ, ଧଳରେଖା ମିଶ୍ର, ପୂଜା ଗୁରୁବକ୍ଷାନି ଏବଂ ସୁକାନ୍ତ କୁମାର ରଥଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରଣତି ସାହୁ ବର୍ତ୍ତମାନ ସମାଜରେ ଘଟୁଥିବା ନାରୀମାନଙ୍କର ଆଚରଣ, ବ୍ୟବହାର ଓ ବଡ଼ମାନଙ୍କ ପ୍ରତି ଥିବା ଦାୟିତ୍ୱବୋଧ କରିବା ସହ ଆମର ଭରତୀୟ ସଂସ୍କୃତିର ସୁରକ୍ଷା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଦାନଗଦି ବିଡିଓ ଉପସ୍ଥିତ ମହିଳାମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ମହିଳା ମାନଙ୍କର କର୍ତ୍ତବ୍ୟବୋଧ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନାଚ, ଗୀତ, ଗ୍ରୁପ ଡାନ୍ସ ଇତ୍ୟାଦି ପରିବେଶିତ ହୋଇଥିଲା ଏବଂ ସେମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଗତ ବର୍ଷ ଗୋଷ୍ଠୀ ବିକାଶ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୧୨ ଜଣ ମହିଳା ମାନଙ୍କୁ ମାନପତ୍ର ସହ ଉପହାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କୁମ୍ଭୀର ଗଡ଼ିଆ ଗାଁରେ ଆୟଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇ ସଫଳ ହୋଇଥିବା ୧୦ ଜଣ ମହିଳାଙ୍କୁ ପୁରସ୍କାର ସହ ଜେଏସଏଲ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା।

## ଲୋୟର ପିଏମଜିରେ ଆଉଟସୋର୍ସିଂ କର୍ମଚାରୀଙ୍କ ବିକ୍ଷୋଭ

### ଉନ୍ନୟନମୂଳକ କାର୍ଯ୍ୟ ଠପ୍

ଆନନ୍ଦପୁର,୧୭।୩(ସଂଚାର ବ୍ୟୁରୋ): ତିନି ଦଫା ଦାବି ନେଇ ଲୋୟର ପିଏମଜିରେ ଆଉଟସୋର୍ସିଂ କର୍ମଚାରୀଙ୍କ ଧାରଣା, ଆନନ୍ଦପୁର ଉପଖଣ୍ଡ ରେ ସରକାରୀ କାମ ଠପ୍ । ସ୍ଥାୟୀ ନିଯୁକ୍ତି ସହ ତିନି ଦଫା ଦାବିକୁ ନେଇ ଭୁବନେଶ୍ୱର ଲୋୟର ପିଏମଜିରେ ଆଉଟସୋର୍ସିଂ କର୍ମଚାରୀ ମାନଙ୍କର ଧାରଣା ଜାରି ରହିଛି। ଦୀର୍ଘ ଆଠ ଦିନ ଧରି ଖରା ବର୍ଷା ଶୀତ ରେ ପଡ଼ି ରହିଥିବା ବେଳେ ଦାବି ପୂରଣ ନହେବା ଯାଏଁ ଏଭଳି ଧାରଣା ଜାରି ରହିବ ବୋଲି କୁହାଯାଉଛି। ଏହି ଆନ୍ଦୋଳନ ପରିଣାମରେ ସାରା ରାଜ୍ୟରେ ସରକାରୀ କାର୍ଯ୍ୟାଳୟରେ କାମ ଏକ ପ୍ରକାର ଗୁରୁତର ଭାବେ ପ୍ରଭାବିତ ହୋଇଛି। ଆଉଟସୋର୍ସିଂ କର୍ମଚାରୀମାନେ ତିନି ଦଫା ଦାବି ପୂରଣ ଦାବିରେ ଭୁବନେଶ୍ୱର ଲୋୟର ପିଏମଜିରେ ଧାରଣା ଦେଇଛନ୍ତି। ଏହି ଧାରଣା ଯୋଗୁଁ ବିଭିନ୍ନ ସରକାରୀ ବିଭାଗର କାମ ପ୍ରାୟ ଠପ୍ ହୋଇପଡ଼ିଛି। ସାଧାରଣ ଲୋକମାନେ ଦୂରଦୂରାନ୍ତରୁ କାମ ପାଇଁ କାର୍ଯ୍ୟାଳୟକୁ ଆସୁଥିବା ବେଳେ ସେମାନେ ନିରାଶ ହୋଇ ଫେରୁଥିବା ଅଭିଯୋଗ ହୋଇଛି।

ଆଉଟସୋର୍ସିଂ କର୍ମଚାରୀ ମାନେ କହିବା ମୁତାବକ ଆମ ମୁଖ୍ୟ ଦାବି ହେଉଛି ଆଉଟସୋର୍ସିଂ ପ୍ରଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଉ, ଯେଉଁମାନେ ଛଟେଇ ହୋଇଛନ୍ତି ସେମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଉ ଓ ସମସ୍ତଙ୍କୁ ସ୍ଥାୟୀ ନିଯୁକ୍ତି ମିଳୁ। ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ପାଇଁ ଏବେ ରାଜ୍ୟ ସରକାର ଚିନ୍ତାରେ। କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଉପଖଣ୍ଡରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଭିବିଜିରାମଜି, ବାର୍ଦ୍ଧକ୍ୟ ଭତ୍ତା, ରାସନ୍ କାର୍ଡ ଓ ଗ୍ରାମୀଣ ଆବାସ ଯୋଜନା ସମ୍ବନ୍ଧୀୟ କାମ ପ୍ରାୟ ବନ୍ଦ ରହିଛି। ଏହାର ଫଳରେ ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ସରକାରଙ୍କୁ ଶୀଘ୍ର ସମାଧାନ ଦାବି କରୁଛନ୍ତି।

# ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ

**ପୁଷ୍ପଲତା ମିଶ୍ର**



ଦେବଭୂମି ଏହି ଭାରତ ବର୍ଷ। ଦୀପ୍ତିମାନ ଲୋକ ଚରିତ୍ର ର ଅଧିକାରୀ ସାଧୁସନ୍ଥ ମାନେ ଏହି ପବିତ୍ର ଭୂମି ରେ ଜନ୍ମ ଗ୍ରହଣ କରି ମାନବ ସମାଜ କୁ ଅନୁ ଶାସନର ତେଜୋଦୀପ୍ତ ଆଭାରେ ଆଲୋକିତ କରି ଆସିଛନ୍ତି। ଯେତେବେଳେ ଆସୁରିକ ଆଚରଣ ଲୋକ ଚରିତ୍ରର ବହୁଳ ଭାବେ ପ୍ରସାରିତ ଲାଭ କରିଛି, ସେତିକି ବେଳେ ଋଷି ମହାଋଷି ଓ ସାଧକ ପୁରୁଷ ମାନେ ଜନ୍ମ ଗ୍ରହଣ କରି ଜନ ମାନସ ରେ ଭରି ଦେଇଛନ୍ତି ଅଫୁରନ୍ତ ଶକ୍ତି ଓ ସାମ୍ୟର୍ଥ, ବୈଦିକ ଯୁଗ ବା ପୁରାଣ ଯୁଗରେ ଭଗବାନ ଶ୍ରୀ ରାମଚନ୍ଦ୍ର ଓ ଯୋଗେଶ୍ୱର ଶ୍ରୀକୃଷ୍ଣ ଜନ୍ମ ଗ୍ରହଣ କରି ପାରିବାରିକ ଓ ରାଷ୍ଟ୍ରୀୟ ଜୀବନ କୁ ମିଳନ ମୁକ୍ତ କରି ତୋଳିଥିଲେ। ଧର୍ମ ଓ ସମାଜର ପୂର୍ଣ୍ଣ ଆଚାର ବିଚାର ଶାସ୍ତ୍ର ଦ୍ୱାରା କରାଯାଇଥାଏ। ଭାରତ ବର୍ଷର ପବିତ୍ର ଗ୍ରନ୍ଥ ଦୁଇଟି ହେଲେ ରାମାୟଣ ଓ ମହାଭାରତ ମଧ୍ୟରୁ ରାମାୟଣ ଆଦି କାବ୍ୟ ରୂପେ ପରିଚିତ।ମହାଭାରତର ପୃଷ୍ଠଭୂମି ଯୁଦ୍ଧକ୍ଷେତ୍ର। ରାମାୟଣ ଏକ କରୁଣ ରସପୂର୍ଣ୍ଣ କାବ୍ୟ କାରଣ ରାମାୟଣ ରଚନା ଶୋକରୁ ଆରମ୍ଭ ଓ ସୀତା ଙ୍କର ବସୁନ୍ଧରା ଗମନ ରେ ଶେଷ ହେଇଛି। ରାମଙ୍କର ବନବାସ, ମାୟାମୃଗ ବଧ, ସୀତା ହରଣ, ସମୁଦ୍ର ରେ ସେତୁ ବନ୍ଧନ, ଲଙ୍କା ପୁରୀ ଦହନ ଓ ପରି ଶେଷରେ କୁମ୍ଭକର୍ଣ୍ଣ ଓ ରାବଣ ନିଧନ ହେଉଛି ରାମାୟଣର ପ୍ରଧାନ ବିଷୟ।ରାମାୟଣ କାବ୍ୟ ସାତକାଣ୍ଡରେ ବିଭକ୍ତ ଅଦ୍ୟକଣ୍ଡ, ଅଯୋଧ୍ୟାକାଣ୍ଡ, ଅରଣ୍ୟକାଣ୍ଡ, କିସ୍କିନ୍ଦ୍ୟ କାଣ୍ଡ, ସୁନ୍ଦରା କାଣ୍ଡ, ଲଙ୍କା କାଣ୍ଡ ଓ ଉତ୍ତରା କାଣ୍ଡ।

ମହର୍ଷି ବାଲ୍ମୀକି ପ୍ରଭୁ ଶ୍ରୀରାମ ଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଉପାଧି ରେ ମଣ୍ଡିତ କରିଛନ୍ତି। 'ମର୍ଯ୍ୟାଦା' ଶବ୍ଦଟିର ସୂକ୍ଷ୍ମ ରୂପେ ବିଚାର କଲେ ପୁରୁଷୋତ୍ତମ ଶବ୍ଦଟିର ଗୁରୁତ୍ୱ କୁ ଉପଲବ୍ଧି କରିବାକୁ ପଡ଼ିବ। ସିଦ୍ଧ ପୁରୁଷ, ମହର୍ଷି, ଉଚ୍ଚ କୋଟୀର ବିଦ୍ୱାନ ମାନଙ୍କର ମୁଖ ନିସୃତ ବାଣୀ ଜଗତର ହିତ ସାଧନ ପାଇଁ ଉଦ୍ଦିଷ୍ଟ। ପୁଣ୍ୟଗ୍ରନ୍ଥ ରାମାୟଣର ବିଷୟ ବସ୍ତୁ ଧର୍ମ ସମ୍ବନ୍ଧୀୟ ତତ୍ତ୍ୱଗାନର ଗନ୍ତାଘର। ଅମୂଲ୍ୟ ଗ୍ରନ୍ଥ ରାମାୟଣ ରେ ପ୍ରଭୁ ଶ୍ରୀ ରାମ ଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ରୂପେ ବର୍ଣ୍ଣନା କରାଯାଇଛି। ଶ୍ରୀ ରାମ ରାଜା, ପୁତ୍ର ସହୋଦର ଓ ମିତ୍ର ରୂପରେ ଜଣେ ଆଦର୍ଶ ପୁରୁଷ। ଶିକ୍ଷାଲାଭ ସମୟରେ ଗୁରୁ ବଶିଷ୍ଠଙ୍କ ଆଶ୍ରମରେ ଭ୍ରାତା ମାନଙ୍କ ସହିତ ଶ୍ରୀରାମ ଆଶ୍ରମର ନୀତି ନିୟମ ପାଳନ କରି ରାଜନୀତି, ସମାଜ ନୀତି, ଧର୍ମନୀତି, ଅର୍ଥନୀତି ସମ୍ବନ୍ଧୀୟ ଶିକ୍ଷା ଲାଭ କରି ଗୁରୁକୁଳ ଆଶ୍ରମ ଶିକ୍ଷାର ମର୍ଯ୍ୟାଦ ବଢ଼ାଇଛନ୍ତି। ଅଯୋଧ୍ୟାର ହିତ ଦୃଷ୍ଟିରୁରାମ ଲକ୍ଷ୍ମଣଙ୍କୁ ଋଷି ବିଶ୍ୱାମିତ୍ରଙ୍କ ସହିତ ଯିବା ପାଇଁ ଦଶରଥଙ୍କର ଅନିଚ୍ଛାକୃତ ଆଦେଶ ପାଳନ, ରାଜଧର୍ମ ଓ କ୍ଷତ୍ରିୟ ଧର୍ମ ର ମର୍ଯ୍ୟାଦା ରକ୍ଷାର ଏକ ବଳିଷ୍ଠ ଉଦାହରଣ। କୈବର୍ତ୍ତର ଭକ୍ତି ଭାବର ସମ୍ମାନ ରକ୍ଷା, ଶିବଧନୁ ଭଙ୍ଗ, ସୀତା ବିବାହ ପ୍ରଭୃତି ବିଶ୍ୱାମିତ୍ରଙ୍କ ଆଦେଶର ମର୍ଯ୍ୟାଦାରକ୍ଷା, ସୂର୍ଯ୍ୟବଂଶର ସମ୍ମାନ ଓ କ୍ଷତ୍ରୀୟ ଧର୍ମର ମର୍ଯ୍ୟାଦା ରକ୍ଷାର ବିଶେଷତ୍ୱ। ପ୍ରଭୁ ଶ୍ରୀ ରାମଙ୍କର ସର୍ବଶ୍ରେଷ୍ଠ ଧର୍ମ ଥିଲା ରାଜଧର୍ମ। ପିତୃସତ୍ୟ ପାଳନ ପାଇଁ ରାଜସିଂହାସନ ତ୍ୟାଗ, ରାଜ୍ୟର ହିତ ଦୃଷ୍ଟିରୁ ବନବାସୀ ହେବା, ଭରତଙ୍କୁ ଶ୍ରଦ୍ଧାର ସହ ରାଜଗାଦି ସମର୍ପଣ, ଲକ୍ଷ୍ମଣ, ଭରତ ପ୍ରଭୃତି ଭ୍ରାତାମାନଙ୍କର ସମର୍ପିତ ଭକ୍ତିର ମର୍ଯ୍ୟାଦା ରକ୍ଷା, ଭରତଙ୍କୁ ରାଜଧର୍ମ ପାଳନ ସମ୍ବନ୍ଧୀୟ ଉପଦେଶ ଏହାକୁ ବିଚାର କଲେ ତାହା ଜନମଙ୍ଗଳ ପାଇଁ ଉଦ୍ଦିଷ୍ଟ ଥିଲା। ସର୍ବ ଶ୍ରେଷ୍ଠ ରାଜଧର୍ମ ' ଲୋକହା ସମସ୍ତା ସୁଖିନୋ ଭବନ୍ତୁ'। ଏହି ଭକ୍ତିକୁ ମର୍ଯ୍ୟାଦାର ସହିତ ପାଳନ କରିବା ଶ୍ରୀରାମଙ୍କ ରାଜ୍ୟ ଶାସନର ମୂଳମନ୍ତ୍ର। କ୍ଷେତ୍ରୀୟର ବୀରତ୍ୱ ପ୍ରଦର୍ଶନ କରି ଆସୁରୀ ଶକ୍ତିର ବିନାଶ, ସାମାଜିକ ମନୋଭାବକୁ ସମ୍ମାନ ଦେଇ ବ୍ୟକ୍ତିଗତ ଓ ପାରିବାରିକ ସ୍ୱାର୍ଥକୁ ବଳିଦାନ ଦେବା ରାମ ରାଜ୍ୟର ବିଶେଷତ୍ୱ। ଆଜି ମଧ୍ୟ ସୁଶାସନକୁ 'ରାମରାଜ୍ୟ' ସହିତ ତୁଳନା କରାଯାଏ। ବନବାସ ସମୟରେ ଆସୁରୀଶକ୍ତିର ବିନାଶ, ମୁନି ଋଷିମାନଙ୍କର ସୁରକ୍ଷା, ବାନର ରାଜା ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ, ଗୁହଙ୍କର ଆତିଥ୍ୟ ଗ୍ରହଣ, ସମଦୃଷ୍ଟିସମ୍ପନ୍ନର ପ୍ରମାଣ ଦିଏ। ଭକ୍ତି ଶିରୋମଣି, ପ୍ରଭୁପ୍ରାଣ ମହାବୀର, ଜିତେନ୍ଦ୍ରିୟ ହନୁମାନଙ୍କର ବୀରତ୍ୱର ପାରାକାଷ୍ଠାକୁ ଅନୁଭବ କରି କୋଳାଗ୍ରତ କରିବା ଭକ୍ତର ମର୍ଯ୍ୟାଦା ରକ୍ଷାର ଏକ ଉଦାହରଣ।ପ୍ରଜା ନିର୍ଭୀକ ଭାବରେ ରାଜାଙ୍କୁ ପ୍ରଶ୍ନ କରିବା, ଅଭିଶାପ ଦେବା ଘଟଣା ଶ୍ରୀରାମଙ୍କ ରାଜ୍ୟ ଶାସନର ଅତି ଉଚ୍ଚତମ ଆଦର୍ଶ। ବାଳିବଧ ପ୍ରସଙ୍ଗରେ ବାଳିର ସ୍ତ୍ରୀ 'ତାରା' ର ପ୍ରଶ୍ନ ଥିଲା, କାହିଁକି ଆପଣ ମୋ ସ୍ୱାମୀଙ୍କୁ ବଧ କଲେ ? ବାଳି ମଧ୍ୟ ପ୍ରଶ୍ନ କରିଛି ଅଲକ୍ଷରେ ଶର କ୍ଷେପଣ କରି ଆପଣ ଯୁଦ୍ଧ ନୀତି ଭଙ୍ଗ କରିଛନ୍ତି। ମର୍ଯ୍ୟାଦା ପୁରୁଷ ଶ୍ରୀ ରାମଙ୍କର ଉତ୍ତର ଥିଲା ସୁଗ୍ରୀବ ର ସ୍ତ୍ରୀ ରମାଙ୍କୁ ବଳପୂର୍ବକ ବିବାହ କରିବା ଏକ ଅକ୍ଷମଣୀୟ ଅପରାଧ। ଜଣେ ନାରୀର ଅସ୍ମିତାକୁ ଅସମ୍ମାନ ଏକ ଜଘନ୍ୟ ଅପରାଧ।



ରାବଣ ଆସୁରୀଶକ୍ତି ସମ୍ପନ୍ନ ସତ କିନ୍ତୁ ଜଣେ ଉଚ୍ଚକୋଟୀର ବିଦ୍ୱାନ, ଜ୍ଞାନୀ ଓ ପଣ୍ଡିତ ଥିଲେ। ଜଗତର ମଙ୍ଗଳ ପାଇଁ ରାବଣକୁ ବଧ କରି ରାମ ପୀଡ଼ା ଅନୁଭବ କରିଛନ୍ତି ଏବଂ ବ୍ରହ୍ମ ହତ୍ୟାର ପାପ ମଧ୍ୟ ଲାଗିଛି। ରାବଣ ପ୍ରାଣ ତ୍ୟାଗ କରିବା ପୂର୍ବରୁ ଶ୍ରୀ ରାମ ଭାଇ ଲକ୍ଷ୍ମଣ ଙ୍କୁ ଆଦେଶ ଦେଇଛନ୍ତି-ସସମ୍ମାନେ ତାଙ୍କ ଠାରୁ ରାଜକୀୟ ଶିକ୍ଷା ଆହରଣ କର। ଲକ୍ଷ୍ମଣ ତତ୍ କ୍ଷଣାତ ଯନ୍ତ୍ରଣା ରେ ଛଟପଟ ହେଉଥିବା ଲଙ୍କପତି ରାବଣ ଙ୍କ ମୁଣ୍ଡ ପାଖରେ ବସିଛନ୍ତି କିନ୍ତୁ ପ୍ରଭୁ ଶ୍ରୀ ରାମ କହିଲେ କାହା ଠାରୁ ଶିକ୍ଷା କରିବାକୁ ହେଲେ ମୁଣ୍ଡ ପାଖରେ ନୁହେଁ ଲକ୍ଷ୍ମଣ ତାଙ୍କ ପାଦ ପାଖରେ ବସି ଶିକ୍ଷା ଗ୍ରହଣ କର। ବିଜ୍ଞାନର ଅଗ୍ରଗତି ପ୍ରଯୁକ୍ତିବିଦ୍ୟାର ଜଗତୀକରଣର ପ୍ରଭାବ ଦୈନନ୍ଦିନ ଜୀବନକୁ ବ୍ୟସ୍ତ ବହୁଳ କରି ଦେଉଛି, ତଥାପି ପରମ୍ପରା ବଞ୍ଚିଛି ଓ ବଞ୍ଚିବ। ଧର୍ମ ସଂସ୍ଥାପନ ପାଇଁ ପରମ ପୁରୁଷ ପ୍ରଭୁ ଶ୍ରୀରାମ ଅବତାର ନେଇ ମର୍ଯ୍ୟାଦାର ସୀମା ନିର୍ଦ୍ଧାରଣ ପୂର୍ବକ ସୁଖ, ଶାନ୍ତି ଓ ସମୃଦ୍ଧିଶାଳୀ ସମାଜ ଗଠନର ଯେଉଁ ମନ୍ତ୍ର ପ୍ରଦାନ କରିଛନ୍ତି ସେଥିରେ ଅନୁପ୍ରାଣିତ ହେଲେ ' ରାମ ରାଜ୍ୟର ' ମହତ୍ତ୍ୱ ଉପଲବ୍ଧି କରିହେବ। ଜାତିର ପିତା ମହାତ୍ମାଗାନ୍ଧୀଙ୍କର ପ୍ରିୟ ଭଜନ 'ରଘୁପତି ରାଘବ ରାଜା ରାମ, ପତିତ ପାବନ ସୀତା ରାମ ' ସ୍ମରଣ କରି ସମସ୍ତେ ରାମଙ୍କର ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ରାମଙ୍କ ପରି ଜୀବନ ଗଢନ୍ତୁ।

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭

## ଜଳ ମହାଭୂତ

**ସ୍ୱାଗତିକା ସାହୁ**





ପାଞ୍ଚ ମହାଭୂତ ମଧ୍ୟେ ସେ ଅନନ୍ୟା
ଯଦିଓ ରୂପ,ଗନ୍ଧ,ବର୍ଣ୍ଣ ସ୍ୱାଦହୀନ
ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ସେ...!
ଜଳ ରୁ ସୃଷ୍ଟି ତ ଚଉଦ ବ୍ରହ୍ମାଣ୍ଡ
ଶରୀର ଘଟଟି ଗଢ଼ା...
ସେଇ ଜଳ ମହାଭୂତେ
ସବୁରି ଭାଗର ମୂଳତତ୍ୱ ରୂପେ
କରେ ଶରୀର ହୀତ ସାଧନା...
ସୃଷ୍ଟି, ସ୍ଥିତି ଜରାୟୁରୁ ଜୁଇ
ବଖାଣେ ତା ଗାରିମା....!
ଜୀବନ ସହ ଜଡିତ ଓତଃପ୍ରୋତ
ଅଣୁ ଅଣିଆନ ଠୁ ମହି ମାହିୟାନ
ଦୁବ ଠାରୁ ମହାଦ୍ରୁମ
ହୁଏ ପରିପୃଷ୍ଟ ବଳୀୟାନ...
ଜୀବନ ଜିଇଁବା ମୂଳପିଣ୍ଡୁ ଏ
ଜଳରେ ଦେବଙ୍କ ଉପସ୍ଥିତିରେ
ହୁଏ ପୂଜା ଅର୍ଚ୍ଚନା, ତର୍ପଣ କେତେ...

ଶିବଙ୍କ ଅଭିଷେକ,ବିଶ୍ୱଶାନ୍ତି ମହାଯଜ୍ଞ
କରେ ସମ୍ଭବ ପ୍ରାକୃତିକ ସମ୍ପଦ ଅପ୍
ଜଳୀୟ ଗ୍ରହ ରୂପେ ପୃଥିବୀ ମାଁ
ପାଏ ପୂଜା ତା ପବିତ୍ର ମହକେ...!
ସୃଷ୍ଟି ଆରମ୍ଭ ଜଳରୁ ବିଳୟ ବି ଜଳରେ
ଭୂପୃଷ୍ଠେ, ଭୂଗର୍ଭେ ବିସ୍ତାରେ କାୟା ସେ
ଭାସା ବାଦଲ ଅବା ଅମ୍ଳଜାନ...
ନଦ,ନଦୀ, ସମୁଦ୍ର, ଝରଣା ଭରେ
ପୁଲକ ଧାରା ପାଏ ଆୟୁଷ
ହଁ ତା ପାଇଁ ତ....!
ପ୍ରକୃତି ର କି ଅମୂଲ୍ୟ ଅବଦାନ
ତା ବରଦାନ ସତେକି ଅମୃତ
ବିନ୍ଦୁଏ ଜଳ ପ୍ରାଣୀର ପ୍ରାଣ
ମାଁ କୋଳରୁ ମାଟି ମାଁ ....
ସମୟ ଆବଧି ମଧ୍ୟେ ସେ ବନ୍ଧା
ଜୀବନ ପରିଚର୍ଯ୍ୟାର ମୋଦକ
ଶସ୍ୟ ଶ୍ୟାମଳା ଏ ଧରା
କୃଷି,ଶଳ୍ପ,ସ୍ୱାସ୍ଥ୍ୟ କ୍ଷେତ୍ରେ
କରେ ସୁସ୍ଥ, ଶୀତଳ ସତେଜ
ହୁଏ ସନ୍ତୁଳିତ କର୍ମ ଧାରା
ଜଳ ସଙ୍ଗେ ଜଳ ହୋଇ
ଶିଖିବା ସ୍ୱଚ୍ଛତା ଶୁଦ୍ଧତା...
ତୃଷାର୍ତ୍ତ ନରହୁ ଏ ଜୀବଜଗତ
ଆସ କରିବା ଶପଥ ...!
ଏ ଧରଣୀ ଭରୁ ଅସରାଏ ମୌସୁମୀରେ
ଜଳଭଣ୍ଡାର ନହେଉ ଶୁଷ୍କ
କେହି ନହୁଅନ୍ତୁ ନିସ୍ୱ,ଶ୍ରୀହୀନ
ଜଳର ହେଉ ସୁବିନିଯୋଗ,ସଂରକ୍ଷଣ

ଶୁଦ୍ଧ ଜଳ ନହେଉ ପ୍ରଦୂଷଣ
ବଞ୍ଚାଇ ଜୀବନ ବଞ୍ଚିବା ନିଶ୍ଚିନ୍ତେ
ସମ୍ଭବ ହୋଇବ ତେବେ ଯେବେ
ନକରିବା ବିନ୍ଦୁଏ ଜଳ ନଷ୍ଟ...!
ବର୍ଷା ଜଳକୁ କରିବା ଟି ସଂରକ୍ଷଣ
ଜଳ ଦାନ ମହା ପୁଣ୍ୟ...
ପଶୁ,ପକ୍ଷୀଙ୍କୁ ଦେଇ ଜଳ ପାତ୍ର
କରିବା ତୃଷ୍ଣା ନିବାରଣ...!
ଦୁର୍ଭିକ୍ଷ, ମରୁଡ଼ି, ମହାମରୀରୁ
ପାଇବା ପାଇଁ କି ରକ୍ଷା...
ଜଳ ଉତ୍କଟ,ଜଳାଭାବକୁ
କରି ସଂକଳ୍ପ ଦେବା ଦୂରେଇ
ପ୍ରାଣ ସଂଜୀବନି ଏ....
ନିଷ୍ଟେ ରଖିବା ସାଇତି...!!

ଉମରକୋଟ, ନବରଙ୍ଗପୁର

## ମୋ ବାପା ମୋ ପାଇଁ ସବୁଠାରୁ ବଡ଼

**କବିଭାରତୀ ବାସନ୍ତୀ ଲତା ଜେନା**



ଅସୀମ ଧୈର୍ଯ୍ୟର ମହାଦ୍ରୁମ ସିଏ
ବାପା ବୋଲି ଶବ୍ଦ ଯିଏ
ଦୁଃଖ ଯନ୍ତ୍ରଣାକୁ ହୃଦୟେ ରଖନ୍ତି
କର୍ତ୍ତବ୍ୟ ବୋଝକୁ ବୁହେ ।୦।
ପାରାବାର ଭଳି ବିଶାଳ ହୃଦୟ
ଦୟା କ୍ଷମା ବଳୀୟାନ
ଅନୁଶାସନରେ ଶ୍ରେଷ୍ଠ ବ୍ୟକ୍ତି ସିଏ
ସୁଶିକ୍ଷା ସନ୍ତାନେ ଦାନ
ନୀତି ଓ ନିୟମ ଆଦର୍ଶ ଶିଖାନ୍ତି
ତାଙ୍କ ପରି ହେବ କିଏ
ଅସୀମ ଧୈର୍ଯ୍ୟର...... ।୧।
ମୋ ବାପା ମୋ ପାଇଁ ସବୁ ଠାରୁ ବଡ଼
ପରିବାରେ ଶ୍ରେଷ୍ଠ ବ୍ୟକ୍ତି
ତାଙ୍କର ହସ୍ତଟି ମୋ ମସ୍ତକେ ଥିଲେ
ସବୁ ଦୁଃଖ ଶେଷ ଗତି
ଆକାଶଠୁ ବଡ଼ ପିତାଙ୍କର ସ୍ଥାନ
ମୋ ପୂଜ୍ୟ ପିୟର ସିଏ
ଅସୀମ ଧୈର୍ଯ୍ୟର ....... ।୨।
ପରିବାର ଚିନ୍ତା ହୃଦୟେ ତାଙ୍କର
ଦିନ ରାତି କରୁ ଥାନ୍ତି
ଅନ୍ନ ବସ୍ତ୍ର ଗୃହ ଆହାର ଯୋଗାନ୍ତି
ତୃପ୍ତିର ହସ ହସନ୍ତି
ସଂସାର ଜଞ୍ଜାଳ ମୁଣ୍ଡରେ ମୁଣ୍ଡାଇ
ମୁଖେ ସ୍ମିତ ହାସ୍ୟ ଥାଏ
ଅସୀମ ଧୈର୍ଯ୍ୟର.... ।୩।

ଗାନ୍ଧୀନଗର, ନବରଙ୍ଗପୁର



## ଖରାରେ ଧରା

**ସାଗର କୁମାର ପରିଡ଼ା**





ଖରା ତେଜରେ ଧରାରେ ସର୍ବେ ଅସ୍ତବ୍ୟସ୍ତ
ଖଗ ମୃଗ ମାନବଙ୍କ ଜୀବନ ଅତିଷ୍ଠ
ଖମଣିଙ୍କ ଅଂଶୁ ଜଳ ନେଇଥାଏ ହରି
ଖପର ଘର ଲାଗଇ ବଇକୁଣ୍ଠପୁରୀ ।।
ରାଜପଥ ଦିଶେ ଜନଶୂନ୍ୟ ଦ୍ୱିପ୍ରହରେ
ରାଜୀବଙ୍କ ସୁଖ କିନ୍ତୁ କହିଲେ ନସରେ
ରାତ୍ରି ଛୋଟ ଦିନ ବଡ଼ ଏହି ସମୟରେ
ରଜନୀଗନ୍ଧା ମହକ ଜନମନ ହରେ ।।
ରେଶମ ପୋଷାକ ଲାଗେ ଭାରି ବିଷମୟ
ରେବା, ମହାନଦୀ ଜଳ ହୁଏ ଶୁଷ୍କ ପ୍ରାୟ
ରେ ମାନବ କାଟ ନାହିଁ ବୃକ୍ଷ ଧରଣୀରୁ
ରେଣୁ ଉଡ଼ନ୍ତି ଗଗନେ ଗୋମାତା ପଦରୁ ।।
ଧଇଁସଇଁ ଲାଗେ ଅଳ୍ପ ପରିଶ୍ରମ କଲେ
ଧରିରଖ ସଲିଳକୁ ବନ୍ଧ ବାନ୍ଧି ଭଲେ
ଧରାତଳେ ସୃଷ୍ଟି କର ସବୁଜ ବନାନୀ
ଧରଣୀ ମାତାର ଶୋଭା ମନ ନେବ କିଣି ।।
ରାତ୍ରିଚର ଜୀବକୁଳ ଭ୍ରମନ୍ତି ନିଶାର୍ଦ୍ଧେ
ରାଶି ରାଶି ମଲ୍ଲୀ ଫୁଟି ହସଇ ସୁଗନ୍ଧେ
ରାମଲୀଳା ଗ୍ରାମେ ଗ୍ରାମେ ଏହି ସମୟରେ
ରାମାୟଣ ଶୁଣୁଥାଅ ନିଶ୍ଚଳ ଚିତ୍ତରେ ।।

ରାଇଘର, ନବରଙ୍ଗପୁର
ମୋବାଇଲ୍: ୯୯୩୭୫୨୭୦୬୫



## ମଙ୍ଗଳ କରିବୁ ମଙ୍ଗଳବାର

**ଅନୁପମା ବିଶ୍ୱାଳ**



ମଙ୍ଗଳ ଶବ୍ଦରୁ ଉତ୍ପନ୍ନ ତୋହର
ଆସୁ ସପ୍ତାହର ତୃତୀୟ ଦିନେ
ଅର୍ଥରେ ତୋହର ପବିତ୍ର ଓ ଶୁଭ
ହିନ୍ଦୁଏ ରଖନ୍ତି କଥାଟି ମନେ ।

ପ୍ରଭୁ ହନୁମାନ ତୋ ବାରେ ମଣ୍ଡିଲେ
ମାତା ଅଞ୍ଜନାଙ୍କ ଦିବ୍ୟ କୋଳକୁ
ମଙ୍ଗଳ ମୂର୍ତ୍ତିଙ୍କୁ ପୂଜାକରି ଲୋକେ
ଦୂର କରିଥାନ୍ତି ଭୟ ତାପକୁ ।

ମଙ୍ଗଳା ମାଆଙ୍କ ପ୍ରିୟବାର ତୁହି
ପୂଜା ଓଷା ବ୍ରତେ ମା ଆନନ୍ଦିତା
ବିଶୁଦ୍ଧ ମନରେ ତାଙ୍କୁ ସୁମରିଲେ
ମିଳେ ସବୁକାର୍ଯ୍ୟରେ ସଫଳତା।

ବିପଦ ହାରିଣୀ କଲ୍ୟାଣ ଦାୟିନୀ
ମଙ୍ଗଳ ମୂରତି ସେ ମାତୃରୂପା
ଦୀନଜନଙ୍କର ମୁଖେ ହସଫୁଟେ
ଲଭି ମାଆଙ୍କର ଅପୂର୍ବ କୃପା।

ଜ୍ୟୋତିଷ ଶାସ୍ତ୍ରରେ ଉଲ୍ଲିଖିତ ଯାହା
ଋଣ ନେବା ଏଦିନେ ଅନୁଚିତ
ଚୋରି ଡକାୟତି କର୍ମ ଆଚରିଲେ
ଦୁଃଖ ଯାତନା ହୋଇଥାଏ ଜାତ ।

ନିଶାପାନେ ମନ ଦେଲେ ଏହିଦିନ
ମାଡି ଆସିଥାଏ କାଳେ ବିପଦ
ନିଜ ଭୁଲପାଇଁ ସାରା ପରିବାରେ
ପରିସ୍ଥିତି ସୃଷ୍ଟି ହୁଏ ଦୁଃଖଦ।

କୁଣ୍ଡଳିରେ ଥିଲେ ମଙ୍ଗଳ ଦୋଷଟି
ଦାମ୍ପତ୍ୟ ଜୀବନେ ପଡେ ପ୍ରଭାବ
ମଙ୍ଗଳ ଗ୍ରହଙ୍କ ସୁଦୃଷ୍ଟି ପଡିଲେ
ଦୂର ହୋଇଯାଏ ଅଶୁଭ ଭାଗ୍ୱ।

ରେ ମଙ୍ଗଳବାର! କରିବୁ ମଙ୍ଗଳ
ଅପସରି ଯିବ ଅଶୁଭ ଭୟ
ତୋ ବ୍ରତ ଆଚରି ଶୁଦ୍ଧ ପୂତ ହୋଇ
ଗାଆନ୍ତି ସଭିଏଁ ତୋହରି ଜୟ।

ସମ୍ବଲପୁର



## ମୋ ଲକ୍ଷ୍ମୀପୁର

**ଡ.ଚନ୍ଦ୍ରକଳା ନାୟକ**



ଶତାବ୍ଦୀର ଅଲୋଡ଼ା ଆକାଶରୁ
ମୁଁ ଦେଖୁଛି ମୋ ଜନ୍ମମାଟି ଲକ୍ଷ୍ମୀପୁରକୁ
କୋରାପୁଟର ଘଂଚ ଶ୍ୟାମଳିମାରେ
କୁଟିଙ୍ଗା, କାକିରିଗୁମା, ରାଇସିଲ ପାହାଡ କୋଳେ
ଶୋଇଛି ତୁମୁଡି, ବନ୍ଧୁଗାଁ ଆଉ ନାରଣପାଟଣା
ଧର୍ମ ନାମରେ ଏଠି ପରିବର୍ତ୍ତନର ଲଢେଇ
ନିରୀହ ଆଦିବାସୀ ଜୀବନ ତରଙ୍ଗ
ସବୁ ସଅଁପି ହୁଏ - ମଣିଷର ସରଳତା ବି
ଆଉ ହାରିଯାଏ, ଖୋଜାଲୋଡ଼ା ଭିତରେ ।
ନାରଣପାଟଣାର ନିଙ୍ଘଚ ବନର କୋଳରେ
ଏବେ ବି ନକସଲର ବିସ୍ତିର୍ଣ୍ଣ ଛାଉଣୀ
ତାକୁ ଦେଖି ଶୋଇଯାଇଛି ଲକ୍ଷ୍ମୀପୁରର ରାସ୍ତା
ଠିକ ଅର୍ଦ୍ଧନଗ୍ନ ମଣିଷଟେ ପରି
ହଜି ଯାଇଛି ନିରିମାଖି ସରସୁପଦର
ଜନ୍ମ ଆଉ ତାରର ରୋଷଣୀ ଭିତରେ ।
କୋରାପୁଟର ଗାଢ କଳା ପ୍ରାଚୀର ଭିତରେ
ଏବେ ବି ଗୁଳିଗୋଳାର ଲାଲ ପାରାବାରେ
ନିଷ୍ପାପ ଭୋକିଲା ଶିଶୁର କରୁଣ କ୍ରନ୍ଦନ
ଚହଟ ଚମ୍ପାର ବାସ୍ନା ଜନପଦକୁ ଆଚ୍ଛନ୍ନ କରେ
ଲଣ୍ଡା ପଡିଆରେ କୁରେଇ ଫୁଲ ଭିତରେ
ଜୀବନର ନରମ କୋଳଟା ମନ୍ତୁରାଇ ଚାଲେ ।
ଲକ୍ଷ୍ମୀପୁରରେ ନୂଆ ସହର ଗଢି ଉଠିଛି ସତ
ପୂର୍ବ ସ୍ଥିତିକୁ ଭାବିଲେ
ମନ ଆକ୍ତାମାକ୍ତା ହୁଏ
କିଏ ବା ବୁଝିବ କୁଟିଙ୍ଗାର ସର୍ବହରା
ମଣିଷର ଜଳୁଥିବା ଅନ୍ତଃସତ୍ତାକୁ
ଆମ୍ବ ଟାକୁଆ ଆଉ କଇଁଆ ମଂଜିରେ
ଜୀବନର ଗତି ମାପୁଥିବା ନିରୀହ ଶିଶୁକୁ
ମୁଦ୍ରିତ ଅଥଚ ସ୍ମିମିତ ନେତ୍ରକୁ
ଯେଉଁଠି ପୁତ୍ର ଆତ୍ମଦାହ କରେ ମା'ର କୋଳରେ ।
ଆଦିବାସୀର ଜୀବନମୟତା ଆଜି ବି ଏଠି
ପ୍ରତିକୋଣେ ନୀରବ କିନ୍ତୁ ହୃଦୟବାନ
ଅତୀତର ସ୍ମୃତି ଆଉ ମହୁଲ ଫୁଲର ତାତି
କୁଟିଙ୍ଗାର ଲୁହ ଭିଜା ମାଟି
ଶାଗୁଆ କ୍ଷେତରେ ଆଜି ଜଳୁଛି ଜୀବନ
ହୃଦୟର କୋଣ ଅନୁକୋଣେ
ତଥାପି ମୋ ଲକ୍ଷ୍ମୀପୁରଟା ହସୁଛି
ଥାର୍ଟି ବେଡ ହସିଟାଲର ନିବୃତ୍ତ କୋଣରେ ।
ହୁତୁହୁତୁ ଜଳୁଥିବା ଭୋକର ନିଆଁକୁ
ସବୁଦିନ ପାଇଁ ଲିଭାଇବାକୁ ହେବ
ଦେଶୀଆ ନାଚଗୀତ ଆଉ କୁଇ ଭାଷାରେ
ପରବ ମହୋତ୍ସବକୁ ଜୀବନ ବେଦ କରିବ
ନିରୀହ ନିଷ୍ପାପ ମଣିଷ ଭିତରେ
ନୂଆ କରି ମୋ ଲକ୍ଷ୍ମୀପୁର ପୁଣି ହସିବ ।
ଯେଉଁଠି ନଥିବ ହିଂସା, ଭୋକ
ଡହଳ ବିକଳର ଆର୍ତ୍ତ ଚିତ୍କାର
ଯେଉଁଠି ଝରଣାର କୁଳୁକୁଳୁ ପାଣି
ଶୀତଳତା ବାଢୁଥିବ
ସେଇଠି ଥିବ ନୂଆ ସୁରୁଜର ପ୍ରଥମ କିରଣ
ରାତ୍ରୀର ଜୋଛନାରେ ପୋଡୁଚାଷର ବାସ୍ନା
ଗଛଡାଳରେ ବିହଙ୍ଗର ରାଗ ରାଗିଣୀ
ଫେରି ଆସିବ ସହଭାଗିତାର ଜୀବନ ଦର୍ଶନ
ଆଧୁନିକ ମଣିଷର ଦିନଚର୍ଯ୍ୟା
ଶାନ୍ତିର ଦେବଦୂତ ସାଜି ନୂଆରୂପ ନେବ
ମୋ ଲକ୍ଷ୍ମୀପୁରର ଅନ୍ତଃସତ୍ତା ଓ ମୃତ୍ୟାଳଆମା ପୀଠ ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭



## ଚେତିବା କେବେ

**ଜୟଶ୍ରୀ ପଟ୍ଟନାୟକ**



କାଠ କୁ ନଷ୍ଟ କରୁଥାଏ ଉଇ
ଲୁହାକୁ କରେ କଳଙ୍କି
ଗର୍ବ, ଅହଂକାର ନଷ୍ଟ କରେ ମଣିଷକୁ
ତେଣୁ ସାଜେ ଅବିବେକୀ।
ଛୁଞ୍ଚି କରୁଥାଏ ଫୋଡ଼ା ଫୋଡ଼ି କାମ
ସୂତାରେ ଯୋଡଇ ଫଟା
କୁସଙ୍ଗତି ଆଣେ ଖରାପ ସମୟ
ଭାଗ୍ୟ କରୁଥାଏ ଫଟା।

ଲଜ୍ଜା, ସରମକୁ ଭୁଲି ଏ ମଣିଷ
କରେ ଲାଞ୍ଚ କାରବାର
ପୂରଣ କରଇ ସ୍ୱାର୍ଥ ନିଜର
କରି ଭୟ ପରିହର।
ନିଶା ଖାଉଥାଏ ସାରା ଶରୀରକୁ
ଉଜାଡ଼ି ସଂସାର ମୋହ
ତୀବ୍ର ଗତି ନିଏ ମଣିଷ ଜୀବନ
ବୁହାଇ ଆଖିରୁ ଲୁହ।
ଭାବ ଆକର୍ଷଣେ ପ୍ରେମ ବଢ଼େ ସିନା
ସିନ୍ଦୁରେ ନ ଥାଏ ଭାବ
ବୁଝି ବିଚାରିକି ସମ୍ପର୍କ ଗଢ଼ିଲେ
ମିଳେନାହିଁ ପରାଭବ।

କେବେ ଏ ଚେତିବ ମଣିଷ ସମାଜ
ନିଜକୁ ଶ୍ରେଷ୍ଠ କହି
ବିନାଶ କାଳରେ ବିପରୀତ ବୁଦ୍ଧି
ମୁଣ୍ଡରେ ତାହାର ବୋହି।
ନିନ୍ଦା ଓ ପ୍ରଶଂସା ସବୁକାଳେ ଥାଏ
ଖରା ଛାଇ ମେଳ ପରି
ଡରିଯାଅ ନାହିଁ ଆଗେଇ ଚାଲୁଥା
କର୍ମକୁ ପାଥେୟ କରି।

ଗଙ୍ଗନଗର, ଭୁବନେଶ୍ୱର
୭୯୭୮୧୧୦୪୭୪




## ମୋ ବାପା ମୋ ହିରୋ

**ଡଃ ନାରାୟଣ ଚନ୍ଦ୍ର ସେନାପତି**



ତୁମ କାନ୍ଧରେ ବସି ଆକାଶକୁ ଚାହିଁଲା ବେଳେ
ମୁଁ ନିଜକୁ ଭାବେ ଚଣ୍ଡାଶୋକ
ଆଉ ତୁମ ପିଠିରେ ଘୋଡା ଚଢ଼ିଲା ବେଳେ
ଭାବେ ମୁଁ ସମାଜ ରକ୍ଷକ
ତୁମେ ପରା ହାତ ଧରାଇ ଶିଖାଇଛ
ମାରାଥନ ଦୌଡ଼
ଆଉ ପିଠିରେ ବସାଇ ଗୁପ୍ତରେ ନିର୍ଦ୍ଦେଶ
ଦେଇଛ ହେବାକୁ ଝଡ
ଯେତେ କଷ୍ଟ ଦୁଃଖ ବିପଦ ଆସୁ
କହିଛ ସାଜିବାକୁ ଦାମ୍ଭିକ ନିର୍ଭୀକ
ସତରେ ବାପା....
ତୁମେ ମୋ ।ପାଇଁ ନିରୀକ୍ଷକ ନାଁ ଚାଣକ୍ୟ
ପରି ବିସ୍ମୟ ଶିକ୍ଷକ !
ପର୍ବତ ଶିଖରୁ କ'ଣ ଆଣିବାକୁ କହିଲେ
ତୁମେ ହସି ହସି ଚଢ଼ିଯାଅ
ସମୁଦ୍ର ଭିତରୁ ମୁକ୍ତା ଦେବାକୁ ମାଗିଲେ
ତୁମେ ଲମ୍ଫ ଦେଇ ବୁଡି ଯାଅ
ନାଁ ଗାଆଁର ତୁମେ ସିନା ଦରିଦ୍ର
ହେଲେ ହଁ ସାମ୍ରାଜ୍ୟର ପରା ଆକବର
କେଉଁ ଉପାଧି ପଦବୀରେ ବାପା ତୁମକୁ
ଭୂଷିତ କରିବି କୁହ
ତୁମେ ତ ମୋ ପାଇଁ କାମଧେନୁ ନନ୍ଦିନୀ ଠୁ ବଡ
ଆଉ ବିକାଶ ବିଶ୍ୱାସର ଉଜ୍ଜ୍ୱଳା ସୁଅ।
ମଞ୍ଚରେ ଛିଡା ହୋଇ କିଛି କହିଲା ବେଳେ
ତୁମେ ଦେଇଥାଅ ପ୍ରକୃତ ଇନ୍ଧନ
ମୋ ନୀତି କଥା ଅନୁଚିନ୍ତାରେ
ପୁରି ରହିଥାଏ ତୁମ ସ୍ପନ୍ଦନ
ପାହାଚ ପରେ ପାହାଚ ଉଠିଲା ବେଳେ
ଲାଗେ ଏଥିରେ ଅଛି ତୁମ ଅଭିପ୍ରେରିତ ବଳ
ତୁମେ ତ ମୋ ଅସଲ ସାଥୀ ବନ୍ଧୁ ଦିଗ ଦ୍ରଷ୍ଟା
ତୁମେ ମୋ ହିରୋ
ମୋ ସବୁତକ ସଫଳତା
ସବୁ ପରା ତୁମ ପ୍ରେରଣାର ଫଳ।



## ଭଜନ

**ଶ୍ରୀମତୀ ବାସନ୍ତୀ ଦାସ**




ହେ ରାଧାରମଣ ଦିଅସରଣ
ନିତି ଦେଖେ ଚନ୍ଦ୍ର ବଦନ
ତୁଳସୀପୁଷ୍ପରେ ନିତି ପୂଜୁଛି
ପାଶେ ଗାଏ ତୁମଭଜନ
ସର ଲବଣୀ କୁଦିଏ ଖୁଆଇ
ପି ନ୍ଧାଇ ଯେପିତବସନ
ରଙ୍ଗ ଅବିରରେ ଦେବି ସଜାଇ
ମଲ୍ଲୀର ମାଳାଟି ଦେଇ
ଜଣାଏଦୁଃଖକୁ କରକୁ ଯୋଡି
ମାଗି ବିନ ଇନ୍ଦ୍ର ଆସନ
ବନ୍ଧୁ ପରିଜନ ଦେଲିଦୂରେଇ
ଦେଲେ ସେ ଦୁଃଖ ତ ଅପାର
ଡାକ. ବାଜୁନିକିକା ନେତୁମର
ଭବରୁତ ଉଧାର କର
ତୁମପ୍ରାଣ ସଙ୍ଗେ ମୋପ୍ରାଣ ମିଶୁ
ବାସନ୍ତୀ କରେ ନିବେଦନ

# ଶିଶୁକୁ ଅପହରଣ ଚେଷ୍ଟା ଅଭିଯୋଗ



**ବାଲିକୁଦା,୧୭।୩(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସଂଗ୍ରାମପୁର ପଞ୍ଚାୟତରେ ଏକ ଅପହରଣ ଚେଷ୍ଟା ଘଟଣା ଚଞ୍ଚଳତା ସୃଷ୍ଟି କରିଛି। ସଂଗ୍ରାମପୁର ଗାଁର ଦୁର୍ଗା ଚରଣ ପର୍ବତଙ୍କ ୧୦ ବର୍ଷୀୟ ପୁଅ ସାଇରାମ ପର୍ବତଙ୍କୁ ଜଣେ ଅଚିହ୍ନା ବ୍ୟକ୍ତି ଚକୋଲେଟ୍ ଦେଇ ଲୋଭ ଦେଖାଇ ଡାକି ନେବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସାଇରାମ ଗାଁରେ ଖେଳୁଥିବା ବେଳେ ଅଚିହ୍ନା ବ୍ୟକ୍ତି ତାଙ୍କୁ ଚକୋଲେଟ୍ ଦେଇ ଆକର୍ଷିତ କରି ନେବାକୁ ଚେଷ୍ଟା କରୁଥିଲେ। ତେବେ ସାଇରାମ ପରିସ୍ଥିତି ବୁଝି ବଡ ପାଟିରେ ଚିତ୍କାର କରିଥିଲେ। ଶିଶୁର ଚିତ୍କାର ଶୁଣି ସ୍ଥାନୀୟ ଲୋକ ଓ ତାଙ୍କ ବାପା ଘଟଣା ସ୍ଥଳକୁ ପହଂଚି ସନ୍ଦିଗ୍ଧ ବ୍ୟକ୍ତିକୁ ଧରି ରଖିଥିଲେ।ପରେ ଗ୍ରାମବାସୀମାନେ ପିସିଆର ଭ୍ୟାନକୁ ଫୋନ୍ କରି ସୂଚନା ଦେଇଥିଲେ। ଖବର ପାଇ ବାଲିକୁଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଚିହ୍ନା ବ୍ୟକ୍ତିକୁ ନିଜ ହେପାଜତ କୁ ନେଇଥିଲେ।ଏହି ସମ୍ପର୍କରେ ସାଇରାମଙ୍କ ବାପା ଦୁର୍ଗା ଚରଣ ପର୍ବତ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା କରୁଥିବା ବେଳେ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ଜାରି ରଖିଛି।

# ବିକାଶର କଥା କହୁଛି ରାସ୍ତାଘାଟ



**ବୈଶିଙ୍ଗା,୧୭।୩(ସଂଚାର ବ୍ୟୁରୋ):** ପୂର୍ବ ସରକାର ରାଜ୍ୟ ର କେତେ ବିକାଶ କରିଛନ୍ତି ତାହା ରାସ୍ତାଘାଟ, ପାଣି, ଘର ଓ ବିଜୁଳି ଆଲୁଅ କୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ସବୁଥିରେ 'ମୋ' ଶବ୍ଦ ଲାଗୁଥିଲା ମାନେ ସବୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କର ବୋଲି ଧରାଯାଉଥିଲା। ପ୍ରଥମତଃ ବୈଶିଙ୍ଗା ଓ ଏହାର ଆଖ ପାଖ ଅଞ୍ଚଳର ଗ୍ରାମ୍ୟ ରାସ୍ତା, ରାଜ୍ୟ ରାଜପଥ, ପ୍ରଧାନମନ୍ତ୍ରୀ ସଡ଼କ ସବୁଥିରେ ଚଳପ୍ରଚଳ ର ବାଧା ସୃଷ୍ଟି ହେଉଛି।

ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡାରୁ ୬୦ ନଂ ଜାତୀୟ ରାଜପଥ ବରହମପୁର ପର୍ଯ୍ୟନ୍ତ ରାସ୍ତା ରାଜ୍ୟ ରାଜପଥର ମାନ୍ୟତା ପାଇଲା ପରେ ୫ ବର୍ଷ ଧରି କାର୍ଯ୍ୟ ଚାଲିଛି ସରିବାର ନାମ ଧରୁନାହିଁ। ବୈଶିଙ୍ଗା ରୁ ରୁପସା ଏବଂ ବୈଶିଙ୍ଗାରୁ ମାଣତ୍ରୀ ରାସ୍ତାଟି ଚାରିବର୍ଷ ମଧରେ ଦୁଇ ଦୁଇ ଥର ପିଚୁ ହୋଇ ସାରିଲାଣି ମାତ୍ର ବର୍ତ୍ତମାନ ଅକର୍ମଣ୍ୟ ହୋଇ ଯାଇଛି। କେବଳ ଠିକାଦାରଙ୍କୁ ପୋଷିବା ସାର ହେଉଛି ସତ ମାତ୍ର ଲୋକଙ୍କ ହିତରେ ଲାଗୁନାହିଁ।

ଏହି ରାସ୍ତା ଉପରେ ଦୈନିକ ଶହ ଶହ ବାଲି ଡମ୍ଫର ବୁଢ଼ାବଳଙ୍ଗ ନଦୀ ପଠାରୁ ପଡୋଶୀ ବାଲେଶ୍ୱର ଜିଲ୍ଲାକୁ ଯିବା ସାଙ୍ଗକୁ ରୂପସା ସ୍ଥିତ ଭାରତୀୟ ଖାଦ୍ୟ ନିଗମ ରୁ ଚାଉଳ ଓ ଗହମ ବୋଝେଇ ଟ୍ରକ ସହିତ ଯାତ୍ରୀବାହୀ ବସ୍ ଚଳାଚଳ କରୁ ଥିବାରୁ ରାସ୍ତାର ଦୁରାବସ୍ଥା ପାଇଁ ଯାତାୟତରେ ବାଧା ସୃଷ୍ଟି ହେଉଛି। ସମୟ ସମୟରେ ଦୁର୍ଘଟଣା ମଧ ଘଟୁଛି। ଏଥି ସହିତ ମୋ ପକ୍କାଘର, ମୋ କୁଡିଆ, ପ୍ରଧାନମନ୍ତ୍ରୀ ଆବାସ ଆଦି ନିର୍ମାଣ ରେ ଅହେତୁକ ବିଳମ୍ବ, ସଠିକ ସମୟରେ ଅର୍ଥ ପଇଠ ନ ହେବାରୁ ହିତାଧିକାରୀ ମାନେ ଘର କାର୍ଯ୍ୟ ସଂପନ୍ନ କରି ପାରୁ ନ ଥିବା ଅଭିଯୋଗ ହେଉଛି। ପ୍ରତି ଗ୍ରାମକୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର ବଡ ବଡ ପାଣି ଟାଙ୍କି ନିର୍ମାଣ କରୁଛନ୍ତି ସତ ମାତ୍ର ତାହା କିପରି କାର୍ଯ୍ୟକାରୀ ହେଉଛି ସେଥି ପ୍ରତି ବିଭାଗୀୟ ଅଧିକାରୀଙ୍କ ନିଘା ନ ଥିବାରୁ ଯୋଜନା ସଫଳ ହୋଇ ପାରୁ ନ ଥିବା ନଜରକୁ ଆସୁଛି। ବିଜୁଳି ଆଲୁଅ କଥା କହିଲେ ନ ସରେ, ଟାଟା ପାୱାର ବିତରଣ ଦାୟିତ୍ୱ ବହନ କରିବା ଠାରୁ ହିତାଧିକାରୀଙ୍କ ଦୁର୍ଦ୍ଦଶା ବଢି ବଢି ଚାଲିଛି। ଅଧିକ ବିଲ୍ ପଇଠ କରୁଥିଲେ ମଧ ବିଜୁଳି ସରବରାହ ଠିକ୍ ଭାବରେ ହେଉ ନ ଥିବାର ଅଭିଯୋଗ ହେଉଛି।ଏଥିରୁ ବିକାଶ କେମିତି ଚାଲିଥିଲା ତାହା ଅନୁ ମାନ କରାଯାଇପାରେ। ଏବେ ନୂତନ ସରକାର ଦାୟିତ୍ୱ ନେବାରେ ଛଅ ମାସ ହେବାକୁ ବସିଲାଣି ଦେଖା ଯାଉ କଣ କଣ ସୁବିଧା ହୋଇ ପାରୁଛି।

## ଆଇନ ସଚେତନତା ଶିବିର



**ସୁବର୍ଣ୍ଣପୁର,୧୭।୩(ସଂଚାର ବ୍ୟୁରୋ):** ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଙ୍କ ଆଦେଶ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଅଧ୍ୟକ୍ଷ ଙ୍କ ନିର୍ଦ୍ଦେଶ କ୍ରମେ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ଉତ୍କଳ ବାଳାଶ୍ରମ, ସୋନପୁର ଠାରେ ବାଳିକା ମାନଙ୍କ ଅଧିକାର ବିଷୟ ତଥା ବାଲ୍ୟ ବିବାହ ମୁକ୍ତ ଭାରତ ବିଷୟ ବାବଦରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭା ରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ର ଭାରପ୍ରାପ୍ତ ସଚିବ ତଥା ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରଜ୍ଞା ପାରମିତା ପ୍ରତିହାରୀ, କିଶୋର ନ୍ୟାୟ ବୋର୍ଡର ସଦସ୍ୟ ଶ୍ରୀମତୀ ରଂଜିତା ସାହୁ, ପାରା ଲିଗାଲ ସ୍ୱେଚ୍ଛାସେବୀ ଗୀତାଞ୍ଜଳି ରଣା ଶ୍ରୀମତୀ ଜ୍ୟୋତିଃଶ୍ରୀ ବେହୁରା ଏବଂ ଅନୁପମା ମିଶ୍ର ଯୋଗ ଦେଇଥିଲେ। ପ୍ରଜ୍ଞା ପାରମିତା ପ୍ରତିହାରୀ ବାଳିକା ମାନଙ୍କ ଆଇନଗତ ଅଧିକାର ବିଷୟ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ। କିଶୋର ନ୍ୟାୟ ବୋର୍ଡ ର ସଦସ୍ୟ ରଂଜିତା ସାହୁ ବାଲ୍ୟ ବିବାହ ଉପରେ ଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ ।

## ପ୍ରତିଷ୍ଠା ହେବାକୁ ଥିବା ପୂର୍ବ ଭାରତର ସର୍ବବୃହତ ପଣ୍ୟାଗାର ଏବେ କୋମାରେ

**ବୈଶିଙ୍ଗା,୧୭।୩(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ନିକଟରେ ପ୍ରତିଷ୍ଠା ହେବାକୁ ଥିବା ପୂର୍ବ ଭାରତର ସର୍ବବୃହତ ପଣ୍ୟାଗାର ଏବେ କୋମାରେ। କେନ୍ଦ୍ର ସରକାରଙ୍କ ସମବାୟ ମନ୍ତ୍ରଣାଳୟ ର ନିଷ୍ପତି କ୍ରମେ ବୈଶିଙ୍ଗା ନିକଟସ୍ଥ ପଣସିଆ ମୌଜା ର ପଦାପୁରୁଣିଆ ଠାରେ ୧୦୦୦ ମେଟ୍ରିକ୍ ଟନ୍ ଶସ୍ୟ ମହଜୁଦ କ୍ଷମତା ସମ୍ପନ୍ନ ବହୁମୁଖି ପଣ୍ୟାଗାର ନିର୍ମାଣ ଉଦ୍ଦେଶ୍ୟରେ ରାଜସ୍ୱ ବିଭାଗର ଅଧିକାରୀ ମାନଙ୍କ ସହ ବେତନଟୀ ତହସିଲଦାର ଏକ ଏକର ଜମି ଚିହ୍ନଟ କରିଥିଲେ। ଖାତା ନଂ ୬ ଓ ପ୍ଲଟ ନଂ ୮ ରେ ଗୋଚର କିସମର ମୋଟ ୫ ଏକର ଜମି ମଧ୍ୟରୁ ଏହି ୧ ଏକର ଜମି ପ୍ରାଥମିକ ପର୍ଯ୍ୟାୟରେ ଅଧିଗ୍ରହଣ କରାଯାଇଥିବା ଜଣାଯାଇଥିଲା। ତେବେ ପରବର୍ତ୍ତି ସମୟରେ ପ୍ରକଳ୍ପ ସମ୍ପ୍ରସାରଣ ଲାଗି ଆବଶ୍ୟକତା ଅନୁସାରେ ଅଧିକ ଜମି ଅଧିଗ୍ରହଣର ସମ୍ଭାବନା ଥିବା ରାଜସ୍ୱ ବିଭାଗର ଅଧିକାରୀ ମାନଙ୍କ ସୂତ୍ରରୁ ସୂଚନା ପାଇଥିଲା। ସମବାୟ ବିଭାଗର ବରିଷ୍ଠ ଅଧିକାରୀ ତୁଷାର କାନ୍ତି ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟିମ୍ କୁ ଜମିର ଦଖଲ ହସ୍ତାନ୍ତର କରାଯାଇଥିଲା। ଏହି ଅବସରରେ ବୈଶିଙ୍ଗା ବୃହଦାକାର ବହୁମୁଖି ସମବାୟ ସମିତିର ସଭାପତି ଶତ୍ରୁଘ୍ନ ସିଂ ମଧ୍ୟ ଉପସ୍ଥିତ ରହିଥିଲେ। ତେବେ ଆଉ ୧୫ ଦିନ ପରେ ଏହି ପ୍ରକଳ୍ପ ର ପ୍ରତିଶ୍ରୁତି ତିନି ବର୍ଷ ପୁରିବାକୁ ଯାଉଛି। ପୂର୍ବରୁ ବିଜେଡି ସରାକର ଏଥିପାଇଁ କେତେ ଟଙ୍କା ମଞ୍ଜୁରୀ ଦେଇଥିଲେ ବର୍ତ୍ତମାନର ନୂଆ ବିଜେପି ସରକାର ଏହି ପ୍ରକଳ୍ପ ପାଇଁ କଣ ପଦକ୍ଷେପ ନେଇଛନ୍ତି ନା ଏହା ଫାଇଲ ତଳେ ପଡ଼ିରହିଛି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

## ରାସ୍ତା ଓ ଆଲୋକ ସମସ୍ୟା ସମାଧାନ ଦାବି



**ନନ୍ଦପୁର,୧୭।୩(ସଂଚାର ବ୍ୟୁରୋ):** ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସଦର ମହକୁମା ପଞ୍ଚାୟତରେ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଦୁର୍ଗାପ୍ରସାଦ ଦୋରା, ସରପଞ୍ଚ ସାଜେନ୍ତୀ କିର୍ସାନୀ, ସମିତିସଭ୍ୟ ବିନୋଦିନୀ ସମାର୍ଡୀ, ସମସ୍ତ ୱାର୍ଡସଭ୍ୟ, ନାଏବ ସରପଞ୍ଚ ମନ ଚାଲାଣ, ସିଡିପିଓ ମିନତି ବାଲା ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଗୋପାଳ ମିଞ୍ଜ, ଗ୍ରାମ୍ୟ ଜଳଯୋଗାଣ ଯନ୍ତ୍ରୀ କାହ୍ନୁ ଚରଣ ସେଠୀ ଓ ଡାକ୍ତର ବିଶ୍ୱନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ଚିତଲପୁଟ ଗ୍ରାମ ମରଣଯନ୍ତା ରାସ୍ତା ତୁରନ୍ତ ନିର୍ମାଣ କରିବାକୁ ଅଭିଯୋଗ କରିଥିଲେ। ବାହିରିପଡ଼ା ସ୍କୁଲ ରାସ୍ତା, ପୁରୁଣା ବ୍ଲକ କାର୍ଯ୍ୟାଳୟରୁ ମାଉସୀମା ମନ୍ଦିର ଦାଣ୍ଡ ପ୍ରଶସ୍ତିକରଣ, ଲଙ୍ଗଳା ଭୈରବ ମନ୍ଦିରକୁ ରାସ୍ତା ନିର୍ମାଣ, ସରସ୍ୱତୀ ଓ ବ୍ଲକ ସଦର ମହକୁମାର ରାସ୍ତାଘାଟ ଓ ୭ ସାହିରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରିବାକୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ସମସ୍ତ ଅଭିଯୋଗ ପଞ୍ଜୀକୃତ କରାଯାଇଛି। ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାଗୁଡ଼ିକ ସମାଧାନ କରାଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି। ପିଇଓ ଦିବାକର ପୁରୋହିତ ଶିବିର ପରିଚାଳନା କରିଥିଲେ।

## ଶଳାଙ୍କୁ ପିଟିପିଟି ହତ୍ୟା କଲେ ଭିଣୋଇ: ଅଭିଯୁକ୍ତଙ୍କୁ ଧରିଲା ପୁଲିସ

**ଭେଡେନ,୧୭।୩(ସଂଚାର ବ୍ୟୁରୋ):** ବରଗଡ଼ ଜିଲା ଭେଡେନ ଥାନା ଚିଚିଣ୍ଡା ହାଇସ୍କୁଲ ପଡ଼ାରେ ମଙ୍ଗଳବାର ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ସୁଦୀପ ବାଗ(୨୮)ଙ୍କୁ ତାଙ୍କ ଭିଣୋଇ ସାଲନା ଗ୍ରାମର ଶୁକଦେବ ମହାନନ୍ଦ(୫୦) କାଠ ଫାଳିଆରେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ପୋଲିସ ଅଭିଯୁକ୍ତ ଭିଣୋଇଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

## ଫସଲ ଖଳା ସ୍ଥାନ ପରିବର୍ତ୍ତନ ନେଇ ବିଡ଼ିଓଙ୍କୁ ଗ୍ରାମବାସୀଙ୍କ ଗୁହାରି

**ତିର୍ତ୍ତୋଲ,୧୭।୩(ସଂଚାର ବ୍ୟୁରୋ):** ଜନସାଧାରଣଙ୍କ ହିତ ସାଧନ ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ପଞ୍ଚାୟତ ସ୍ତରରେ ଗ୍ରାମସଭା ଆୟୋଜନ କରାଯାଇ ପଞ୍ଚାୟତବାସୀଙ୍କ ମତ ଅନୁସାରେ ସ୍ଥିର କରାଯାଇଥାଏ। ସେଥିରେ ଅନେକ ସମୟରେ କିଛି କୁଚକ୍ରୀ ଙ୍କ ଦ୍ୱାରା ସରକାରୀ ଅଧିକାରୀ ବା କର୍ମଚାରୀ ମାନଙ୍କୁ କରାୟତ କରି ଜନହିତକାରୀ ପ୍ରକଳ୍ପ ଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ସାଧାରଣ ଜନତାଙ୍କୁ ହତାଶ କରାଯାଇଥାଏ। ଅଧିକାଂଶ ସମୟରେ ସରକାରୀ କଳ ର ଏହି ଧୋକା କୁ ସାଧାରଣ ଜନତା ମାନେ ଚୁପଚାପ ସହି ଯାଉଥିବା ବେଳେ କିଛି ସଚେତନ ନାଗରିକ ଏସବୁ ବିରୋଧରେ ସ୍ୱର ଉତ୍ତୋଳନ କରିଥାନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପୋଗରପେଡା ପଞ୍ଚାୟତରେ। ଚାଷୀ ମାନଙ୍କ ନିମନ୍ତେ ତିର୍ତ୍ତୋଲ ତହସିଲଦାରଙ୍କ ତରଫରୁ ଚିଠି ସଂଖ୍ୟା ୩୦୪୬ ତା ୨୭-୯-୨୦୧୯ ଅନୁଯାଇ ପୋଗରୀଆ ଗ୍ରାମ ପ୍ଲଟ ନଂ ୨୧୨ କୁ ଫସଲ ଅମଳ ଖଳା ପ୍ରକଳ୍ପ ନିମନ୍ତେ ସ୍ଥାନ ନିରୂପଣ କରାଯାଇ ବିଡ଼ିଓ ଙ୍କୁ ପ୍ଲଟ ନଂ ଅବଗତ କରାଯାଇଥିଲା। କୌଣସି କାରଣ ବଶତଃ ସେ ସମୟରେ ଏହି ଖଳା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାଇନଥିଲା। ବର୍ତ୍ତମାନ ସେହି ପ୍ରକଳ୍ପ କୁ କିଛି କୁଚକ୍ରୀ ସରକାରୀ କର୍ମଚାରୀ ଙ୍କୁ କରାୟତ କରି ପ୍ଲଟ ନଂ ୨୧୨ ପରିବର୍ତ୍ତେ ୪୮୪ ରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅଗ୍ରସର ହେଉଛନ୍ତି, ଯାହା ଚାଷୀ ମାନଙ୍କୁ ଚିନ୍ତାରେ ପକାଇଛି। ପ୍ଲଟ ନଂ ୨୧୨ ଟି ଚାଷ ଜମି ଗୁଡିକର ନିକଟତର ହୋଇଥିବା ବେଳେ ପ୍ଲଟ ନଂ ୪୮୪ ଚାଷ ଜମି ଠୁ ବହୁ ଦୂରରେ ତେଣୁ ଚାଷୀ ମାନଙ୍କ ହିତ ସାଧନ ନିମନ୍ତେ ଗ୍ରାମର କିଛି ବୁଦ୍ଧିଜୀବୀ ତିର୍ତ୍ତୋଲ ବିଡ଼ିଓ ଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ତିର୍ତ୍ତୋଲ ବିଡ଼ିଓ ଜଣେ ଯୁବ ଏବଂ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ହୋଇଥିବା ନେଇ ତିର୍ତ୍ତୋଲ ଅଞ୍ଚଳ ରେ ଚର୍ଚ୍ଚା ହେଉଥିବା ବେଳେ ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଚାଷୀ ମାନେ ଚାଷୀ ମାନଙ୍କ ଚାହିଦା ଅନୁଯାଇ ବିଡ଼ିଓ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଫସଲ ଅମଳ ଖଳା କୁ ନିର୍ମାଣ ନିମନ୍ତେ ବିଚାର କରିବେ ବୋଲି ଆଶା ରଖିଛନ୍ତି।

## ଚାଷୀ ଆଣିଲେ ବଡ଼ ଅଭିଯୋଗ

**ବଲ୍ଲୀ,୧୭।୩ (ସଂଚାର ବ୍ୟୁରୋ):** ଆନନ୍ଦପୁର କ୍ଷୁଦ୍ରଜଳସେଚନ ଅଧୀନ ପାଇକପାଡ଼ା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନେଇ ଗୁରୁତର ଅନିୟମିତତା ଅଭିଯୋଗ ସାମ୍ନାକୁ ଆସିଛି। ପାଣି ପଞ୍ଚାୟତ ଗଠନରେ ଅଧିକାଂଶ ଚାଷୀମାନଙ୍କୁ ସାମିଲ କରାଯାଇଥିବା ନେଇ ସ୍ଥାନୀୟ ଚାଷୀ ଓ ଗ୍ରାମବାସୀ ଆନନ୍ଦପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ପାଣି ପଞ୍ଚାୟତର କେତେଜଣ ସଦସ୍ୟ ନିଜେ ଚାଷୀ ନୁହଁନ୍ତି, ତଥାପି ସେମାନେ ନାବାର୍ଡ ମଞ୍ଜୁରୀପ୍ରାପ୍ତ ଟେଣ୍ଡର କାମରେ ଜଡ଼ିତ ରହିଛନ୍ତି। ଏହାଦ୍ୱାରା ପ୍ରକଳ୍ପର ଅର୍ଥର ଅପବ୍ୟୟ ହେବା ସହ ଚାଷୀମାନେ ଯଥୋଚିତ ସୁବିଧାରୁ ବଞ୍ଚିତ ହେବାର ଆଶଙ୍କା ପ୍ରକାଶ କରିଛନ୍ତି। ଅଭିଯୋଗ ଭିତ୍ତିରେ ଗଠିତ ପାଣି ପଞ୍ଚାୟତକୁ ତୁରନ୍ତ ରଦ୍ଦ କରାଯାଇ ସ୍ଥାନୀୟ କୃଷକମାନଙ୍କ ସହଭାଗିତାରେ ନୂତନ ପାଣିପଞ୍ଚାୟତ ଗଠନ କରାଯିବା ଲାଗି ଗୌରାଙ୍ଗ ବାରିକ, ପ୍ରତାପ ମାଝିଙ୍କ ସହ ଅନ୍ୟ ଗ୍ରାମବାସୀ ଦାବି କରିଛନ୍ତି।

## ଭେଲିଡେସନ ଆକ୍ଟକୁ ବିରୋଧ
## ମାର୍ଚ୍ଚ ୨୫କୁ କଳା ଦିବସ ଭାବେ ପାଳିବେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ

**ଭଞ୍ଜନଗର,୧୭।୩(ସଂଚାର ବ୍ୟୁରୋ):** ଭଞ୍ଜନଗର ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଆନୁକୂଲ୍ୟରେ ଭଞ୍ଜନଗରଠାରେ ସଂଘ ସଭାପତି ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ କୃତିବାସ ବିଶ୍ୱାଳ, ଅତିଥିଭାବେ ଡ଼. ପୂର୍ଣଚନ୍ଦ୍ର ତ୍ରିପାଠୀ, ଉପସଭାପତି ପର୍ଶୁରାମ ସ୍ୱାଇଁ, ସାଧାରଣ ସମ୍ପାଦକ ଅନୁପମ ବାନାର୍ଜୀ, ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ, ସଦସ୍ୟ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଅମର ବିଳାସ ବେହେରା ଓ ସନ୍ତୋଷ କୁମାର ଜେନା ଯୋଗଦେଇ ସରକାରଙ୍କ ଦ୍ୱାରା ପାରିତ ଭେଲିଡେସନ ଆକ୍ଟ-୨୦୨୫ ର ଆଭିମୁଖ୍ୟ ଓ କଳା ଆଇନର କାର୍ଯ୍ୟ ଧାରାକୁ ବିରୋଧ କରିଥିଲେ । ଆସନ୍ତା ୨୫ ତାରିଖରେ ଏହା ବିରୋଧରେ ନୀରବ ଶୋଭାଯାତ୍ରାରେ ଯାଇ ଉପଜିଲାପାଳଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହାପୂର୍ବରୁ ୭ମ ପେ-କମିଶନ ରିପୋର୍ଟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାରକୁ ଦୃଷ୍ଟି ଦିଆଯାଇଥିବା ବେଳେ ବର୍ତ୍ତମାନର ସରକାର ପେନସନ ଭୋଗୀଙ୍କ ପେନସନ ସଂକୁଚିତ କରି ବିଭାଜନ କରିବା ପାଇଁ ଭେଲିଡେସନ ଆକ୍ଟ କରିଥିବା ଯୋଗୁଁ କ୍ଷୋଭ ପ୍ରକାଶ କରାଯାଇଥିଲା ।

## କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ଦାବୀରେ ଧାରଣା



**ସୁବର୍ଣ୍ଣପୁର,୧୭।୩(ସଂଚାର ବ୍ୟୁରୋ):** ସୋନପୁରର ସର୍ବ ପୁରାତନ ମହାବିଦ୍ୟାଳୟ ସୋନପୁର କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ଦାବୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୨ ଘଣ୍ଟିଆ ଧାରଣା ଦେଇଛି ପୁରାତନ ଛାତ୍ର ସଂଘ ତଥା ଆଲୁମିନୀ ଆସୋସିଏସନ। ଏବଂ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଙ୍କ ଜରିଆରେ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ ୧୯୬୪ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ପୁରାତନ ମହାବିଦ୍ୟାଳୟକୁ ବ୍ୟାପକ ଅବହେଳା ତଥା ସରକାରୀ ମାନ୍ୟତା ପ୍ରଦାନ କରାଯାଇ ନଥିବାରୁ ଆଲୁମିନୀ ସଂଘ ପକ୍ଷରୁ ସରକାରଙ୍କ ପାଖରେ ବାରମ୍ବାର ବିଭିନ୍ନ ଉପାୟରେ ଦାବୀ କରାଯାଇଛି। ବିଭିନ୍ନ ମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସୋନପୁର ଗସ୍ତ ସମୟରେ ମଧ୍ୟ ସାକ୍ଷାତ ଆଲୋଚନା ହୋଇଛି। ସଂଘ ପକ୍ଷରୁ କଲେଜରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ତଥା କଲେଜକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଙ୍କ ନେତୃତ୍ୱରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଙ୍କ ସହ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ସଂଘ ପକ୍ଷରୁ କଲେଜରେ ପିଜି ପାଠ୍ୟକ୍ରମ ଆରମ୍ଭ, ଏକ ଅଡିଟରିୟମ ନିର୍ମାଣ, ଛାତ୍ରୀ ନିବାସ, ଛାତ୍ର ନିବାସ ନିର୍ମାଣ ସହ କଲେଜ କୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଦାବୀ ପତ୍ର ମନ୍ତ୍ରୀଙ୍କ କାର୍ଯ୍ୟାଳୟ ସଚିବାଳୟ ଠାରେ ପ୍ରଦାନ କରାଯାଇଥିଲା। ଉଚ୍ଚ ଶିକ୍ଷାମନ୍ତ୍ରୀ ଏବଂ ଗଣଶିକ୍ଷା ମନ୍ତ୍ରୀ କଲେଜ ର ଭିତ୍ତିଭୂମିର ବିକାଶ ପାଇଁ ପିଜି ପାଠ୍ୟକ୍ରମ ଆରମ୍ଭ ସହ ଛାତ୍ରଛାତ୍ରୀ ହଷ୍ଟେଲ ଏବଂ ଅଡିଟରିୟମ ନିର୍ମାଣ ପାଇଁ ପୂର୍ଣ୍ଣ ସହମତି ପ୍ରଦାନ କରିଥିବା ବେଳେ ସରକାରୀ ମାନ୍ୟତା ପାଇଁ ଯୋଗ୍ୟତା ଭିତ୍ତିରେ ସରକାର ସହୃଦୟତାର ସହ ବିଚାର କରିବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ।

## ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ତାଲିମ



**ସୁବର୍ଣ୍ଣପୁର,୧୭।୩(ସଂଚାର ବ୍ୟୁରୋ):** ଆଇନ ସେବାରେ ନିୟୋଜିତ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନଙ୍କୁ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଜିଲ୍ଲପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲପାଳ ଅଞ୍ଜଳୀନା ପଧାନ, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ର ରେଣୁକା ସୁନା, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଶଙ୍କର୍ଷଣ ପଣ୍ଡା, କିଶୋର ନ୍ୟାୟ ବୋର୍ଡ ର ରଂଜିତା ସାହୁ, ଏ ପି ପି ଧନଞ୍ଜୟ ମିଶ୍ର, ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟ ଧରୁଆ, ପ୍ରୋଗ୍ରାମ ଅଫିସର ସୁଦେଶନା ମେହେର, ଶିଶୁ ମଙ୍ଗଳ କମିଟି ସଭ୍ୟ ଶାନ୍ତନୁ କର୍ଣ୍ଣ, ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର, ଅନୁଷ୍ଠାନ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ, ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଉପରେ ନିଜ ନିଜ ବ୍ୟକ୍ତବ୍ୟ ରଖିଥିଲେ। ତାଲିମ ଦାତା ଭାବେ କନ୍ସଲଷ୍ଟାଣ୍ଟ ଶିଶୁ ସୁରକ୍ଷା ୟୁନିସେଫ, ଶ୍ରୀ ଘାସିରାମ ପଣ୍ଡା ତାଲିମ ପ୍ରଦାନ କରି ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାରେ ଥିବା ସମସ୍ତ ପାରା ଲିଗାଲ ସ୍ୱେଚ୍ଛାସେବୀ ମାନେ ଯୋଗଦାନ କରିଥିବା ବେଳେ, ଶକ୍ତିସଦନ ସୋନପୁର କର୍ମଚାରୀ ଜ୍ୟୋତିମୟୀ ବେହେରା, ସଖୀ ସୋନପୁର ପ୍ରଶାସକ ଅନୁସ୍ମିତା ବେହେରା, କେଶ ୱରକର ସୁକେଶିନୀ ଏକା, ଚାଇଲଡ ହେଲ୍ପ ଲାଇନ ର ରୋଜି ସା ଉପସ୍ଥିତ ଥିବା ବେଳେ ସୁରକ୍ଷା ଅଧିକାରୀ ଅଣ ଅନୁଷ୍ଠାନିକ ଗୌତମ ମହାପାତ୍ର ଧନ୍ୟବାଦ ଅର୍ପପନ କରିଥିବା ବେଳେ ଜିଲ୍ଲା ସୁରକ୍ଷା ବିଭାଗ ସୁବର୍ଣ୍ଣପୁର ର ଜିତେନ୍ଦ୍ର ମଣ୍ଡଳ, ଥବିର କଲ୍ ସେ ପ୍ରଶାନ୍ତ ମହାକୁଡ଼, ରୁଦ୍ରପ୍ରସନ୍ନ ମିଶ୍ର, ମୃତୁଞ୍ଜୟ ସାହୁ, ସ୍ୱାଗତରଜ ମିଶ୍ର, ସରିତା ସୁନା, ମାନିନୀ ମହାନ୍ତି ଓ ଅନିଲ ମହଲା ପ୍ରମୁଖ ଏହି କାର୍ଯ୍ୟକ୍ରକୁ ସହଯୋଗ କରିଥିଲେ ।

## ତିର୍ତ୍ତୋଲ ବିଜେଡିର ମଙ୍ଗ ଧରିବେ କି ବିଜୟ ଶଙ୍କର ?



**ତିର୍ତ୍ତୋଲ,୧୭।୩(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାର ସ୍ରଷ୍ଟା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଷ୍ଣୁ ଦାସ ଙ୍କ ପୁତ୍ର ପୂର୍ବତନ ବିଧାୟକ ବିଜୟ ଶଙ୍କର ଦାସ ଙ୍କ ପୁଣି ତିର୍ତ୍ତୋଲ ବିଜେଡି ମଙ୍ଗ ଧରିବା ନେଇ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ରେ ବିଜେଡ଼ି ଯୁବ ଛାତ୍ର କର୍ମୀ ଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି। ଗତ ରାଜ୍ୟ ସଭା ନିର୍ବାଚନରେ ବିଜେଡି ସୁପ୍ରିମୋ ଙ୍କ କଥାକୁ ହେ ଜ୍ଞାନ କରି ଘୋଡ଼ା ବେପାର ରେ ସାମିଲ୍ ହୋଇଥିବା ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଙ୍କୁ ତିର୍ତ୍ତୋଲ ରେ ପୁରାଇ ଦେବେନି ଓ ଅଣ୍ଡା ମାଡ଼ କରିବେ ବୋଲି ତିର୍ତ୍ତୋଲ ର ତିନିଟି ବ୍ଲକ ର ମହିଳା ଓ ଯୁବ କର୍ମୀ ସୋସିଆଲ ପୋଷ୍ଟିଂ ଘୁରି ବୁଲୁଥିବା ବେଳେ। ଜିଲ୍ଲା ବିଜେଡ଼ି ମୁଣ୍ଡ ଘୋଡ଼ା ବେପାର ପାଇଁ ତଲକୁ କରିଥିବା ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳିଛି। କେବଳ ସେତିକି ନୁହେଁ ଗତକାଲି ରଘୁନାଥପୁର ବ୍ଲକ୍ ରେ ଯୁବ ଛାତ୍ର ବିଜେଡି ତରଫରୁ ବିଜେଡି ବିଧାୟକ ରାମାକାନ୍ତ ଭୋଇ ଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହାକୁ ନେଇ ପୂର୍ବତନ ବିଧାୟକ ବିଜୟ ଶଙ୍କରଙ୍କୁ ତିର୍ତ୍ତୋଲ ବାସୀ ଝୁରୁଥିବା ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଏହି ବାବଦରେ ପୂର୍ବତନ ବିଧାୟକ ବିଜୟ ଶଙ୍କର ଦାସ ଙ୍କୁ ଫୋନ୍ ମାଧ୍ୟମରେ ପଚାରିବାରୁ ସେ କହିଛନ୍ତି ଯେ ବିଜେଡି କଣ ଦାୟିତ୍ୱ ଦେବ ନ ଦେବ ମୁଁ ଜାଣିନି କିନ୍ତୁ ମୁଁ ଯେଉଁଭଳି ଭାବରେ ଲୋକଙ୍କ ସାଥିରେ ଥିଲି ଆଜି ବି ଅଛି ଆପଣ ମାନେ ସୋସିଆଲ ମିଡ଼ିଆ ମଧ୍ୟମ ରେ ନିଶ୍ଚିତ ଜାଣିଥିବେ ଏବଂ ଲୋକଙ୍କ ଭଲ ମନ୍ଦରେ ମୁଁ କିଛି ନ କରିପାରିଲେ ମଧ୍ୟ ତାଙ୍କ ପାଖରେ ଛିଡା ହୋଇଗଲେ ମତେ ଶାନ୍ତି ମିଳେ। ତା ଠାରୁ ବଡ଼ କଥା ମୋ ପାଇଁ କିଛି ନୁହେଁ କହି ଚତୁରତାର ସହିତ କଥାକୁ ଆଡ଼େଇ ଦେଇଥିଲେ। ଦେଖାଯାଇ ଆଗାମୀ ଦିନରେ ବିଜେଡି ତିର୍ତ୍ତୋଲ ର ପାଣିପାଗ କୋଉ ଦିଗରେ ଗତି କରୁଛି।

## ଆରମ୍ଭ ହୋଇ ପାରୁନି ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଯୋଜନାର କାମ

## କାହା ଚାପରେ ବ୍ଲକ ପ୍ରଶାସନ — ଅଞ୍ଚଳରେ ତୀବ୍ର ଅସନ୍ତୋଷ, ବିଜେପି ପକ୍ଷରୁ ଦାବିପତ୍ର



**କନ୍ଧମାଳ,୧୭।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅଞ୍ଚଳରେ "ବିକଶିତ ଗାଁ, ବିକଶିତ ଓଡ଼ିଶା" ଯୋଜନାର ଉନ୍ନୟନ କାର୍ଯ୍ୟ ଆରମ୍ଭ ନ ହୋଇ ପାରିବାକୁ ନେଇ ସାଧାରଣ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନୁମୋଦନ ହେଉଥିବା ସତ୍ତ୍ୱେ କାମ ଆରମ୍ଭ ନ ହେବାକୁ ନେଇ ପ୍ରଶାସନର ଭୂମିକା ଉପରେ ପ୍ରଶ୍ନ ଉଠିଛି। ସୂଚନା ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଖଜୁରୀପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ସମୁଦାୟ ୭୪ଟି ପ୍ରକଳ୍ପ ପାଇଁ ପ୍ରାୟ ୪ କୋଟି ରୁ ଉର୍ଦ୍ଧ୍ୱ ଟଙ୍କାର ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଶୀଘ୍ର ଆରମ୍ଭ କରିବାକୁ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ବିଧାୟକ ଉମା ଚରଣ ମଲିକ ପକ୍ଷରୁ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିବା ସତ୍ତ୍ୱେ କୌଣସି ପ୍ରଗତି ଦେଖାଯାଉ ନାହିଁ। ଏହି ପରିସ୍ଥିତିକୁ ନେଇ "କାହାର ଚାପରେ କାମ ଅଟକିଛି କି?" ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଏହା ପ୍ରତିବାଦରେ ଆଜି ଭାରତୀୟ ଜନତା ପାର୍ଟି ଖଜୁରୀପଡ଼ା ବ୍ଲକ ପକ୍ଷରୁ ମଣ୍ଡଳ ସଭାପତି ରଞ୍ଜନ କୁମାର କହଁର ଓ ବଲସକୁମ୍ପା ମଣ୍ଡଳ ସଭାପତି ଶ୍ରୀନିବାସ ପ୍ରଧାନଙ୍କ ନେତୃତ୍ୱରେ ଏକ ଶହରୁ ଉର୍ଦ୍ଧ୍ୱ କର୍ମୀ ଓ ଜନ ସାଧାରଣ ବିଡ଼ିଓ ଶ୍ରୀ ଶୁଭ ଦତ୍ତାତ୍ରେୟ ବାହିନୀପତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି।

## ରାସ୍ତା ନିର୍ମାଣ କାର୍ଯ୍ୟ ବିଳମ୍ବ



**ଗଞ୍ଜାମ,୧୭।୩(ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ବଟେଶ୍ୱର ପୀଠରୁ ୧୬ନଂ. ଜାତୀୟ ରାଜପଥକୁ ସଂଯୋଗ ନିମନ୍ତେ ନିର୍ମାଣଧୀନ ରାସ୍ତା କାର୍ଯ୍ୟ ବିଳମ୍ବ ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ପର୍ଯ୍ୟଟକମାନଙ୍କ ସମେତ ଯାତାୟତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୩ ଗ୍ରାମର ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ସମସ୍ୟା ନେଇ ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟି ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଅସନ୍ତୋଷ ପ୍ରକାଶ କରାଯିବା ସହ ଏନେଇ ଜିଲାପାଳଙ୍କୁ ଅବଗତ କରାଯିବାକୁ ନିଷ୍ପତି ହୋଇଛି। ପ୍ରତି ସଂକ୍ରାନ୍ତି ଓ ସୋମବାର ବଟେଶ୍ୱର ପୀଠରେ ଭକ୍ତଙ୍କ ଭିଡ଼ ହେଉଛି। ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ରାସ୍ତା ପାର୍ଶ୍ୱରେ ଖୋଳି ପକାଯାଇଥିବାରୁ ଯାନବାହାନ ଯିବା ଆସିବାରେ ସମସ୍ୟା ହେଉଛି। ପ୍ରଶାସନ ପକ୍ଷରୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ୬ଟି ଗ୍ରାମର ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ସୂଚନାଯୋଗ୍ୟ ଯେ ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ରାସ୍ତା ନିର୍ମାଣ ପାଇଁ ଉକ୍ତ ବିଭାଗ ପକ୍ଷରୁ ପ୍ରାୟ ୫ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଣକ ନିର୍ମାଣ କାର୍ଯ୍ୟ ଠିକ ଭାବେ ତ୍ୱରାନ୍ୱିତ କରନାହାନ୍ତି। ଫଳରେ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ବଟେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି।